ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ରବିବାର, ଜାନୁଆରୀ ୪/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, January 4/2026 | Page 14 | ₹ 7.00 | BERHAMPUR
୫୨ଶ ଭାଗ ୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 42 | ମୂଲ୍ୟ ₹୭/-



**ବିସିସିଆଇ ନିର୍ଦ୍ଦେଶରେ ମୁସ୍ତାଫିଜୁରଙ୍କୁ ବିଦା କଲା କେକେଆର୍**

ବିସିସିଆଇ ନିର୍ଦ୍ଦେଶକ୍ରମେ କେକେଆର୍ ଆଇପିଏଲ୍‌ର ୨୦୨୬ ସଂସ୍କରଣ ପୂର୍ବରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ବିଦା କରିଛି।

୧୪

୦୨

**କିମିଆ କରୁଛି ଲୁକ୍**

ତାରା ସୁତାରିଆଙ୍କ ଅଭିନୀତ ଫିଲ୍ମ 'ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍ସ'ର ଫାଷ୍ଟ ଲୁକ୍‌ରେ ତାଙ୍କ ଫଟୋକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରୁଛନ୍ତି।



# ଭେନେଜୁଏଲାରେ ଆମେରିକାର ଏୟାର ଷ୍ଟ୍ରାଇକ୍

- **ରାଷ୍ଟ୍ରପତି ମାଦୁରୋ, ଫାଷ୍ଟ ଲେଡିଙ୍କୁ କାବୁ କରିଛୁ: ଟ୍ରମ୍ପ୍**
- **ଆମେରିକାର ଆକ୍ରମଣକୁ ଅନେକ ଦେଶର ନିନ୍ଦା**

ଦକ୍ଷିଣ ଆମେରିକୀୟ ରାଷ୍ଟ୍ର ଭେନେଜୁଏଲା ଉପରେ ଆମେରିକା ଶନିବାର ବଡ଼ଧରଣର ଆକ୍ରମଣ କରିବା ପରେ ନାଟକୀୟ ଭାବେ ଭୂରାଜନୈତିକ ପରିବର୍ତ୍ତନ ଆସିଛି। ଭେନେଜୁଏଲା ରାଜଧାନୀ କାରାକାସ୍ ସମେତ ଅନ୍ୟ ସହରର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିର୍ଦ୍ଦିଷ୍ଟ ଭାବେ ଆମେରିକୀୟ ଏଲିଟ୍ ଫୋର୍ସ ଏୟାର ଷ୍ଟ୍ରାଇକ୍ କରିଛି। ୨୦୧୩ରୁ କ୍ଷମତାରେ ଥିବା ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଓ ତାଙ୍କ ସ୍ତ୍ରୀ ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକୀୟ ସୈନ୍ୟ କାବୁ କରି ବିମାନରେ ଦେଶ ବାହାରକୁ ନେଇଯାଇଛନ୍ତି। ଦୀର୍ଘ ସମୟ ଧରି ମାଦୁରୋଙ୍କ ବିରୋଧରେ ଦୁର୍ନୀତି, ଡ୍ରଗ୍ସ ଚାଲାଣ ଓ ବେଆଇନ ଭାବେ ସରକାର ଚଳାଇବା ଭଳି ସଙ୍ଗିନ ଅଭିଯୋଗ କରିଆସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚ 'ଟ୍ରୁଥ୍ ସୋସିଆଲ'ରେ ଉପରୋକ୍ତ ବିଷୟ ଘୋଷଣା କରିଛନ୍ତି। ଭେନେଜୁଏଲା ସରକାର ଏହାକୁ ସାମରିକ ଅତିକ୍ରମଣ ଓ ଜାତୀୟ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ନିନ୍ଦା କରିବା ସହ ରାଷ୍ଟ୍ରପତି ଓ ଫାଷ୍ଟ ଲେଡି ଜୀବିତ ଥିବା ସମ୍ପର୍କରେ ଆମେରିକାକୁ ପ୍ରମାଣ ମାଗିଛନ୍ତି। କାରାକାସ୍ ଦେଶବ୍ୟାପୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି। ରୁଷିଆ, ଚାଇନା, ଇରାନ୍, କ୍ୟୁବା, କଲମ୍ବିଆ ସମେତ ବିଭିନ୍ନ ଦେଶ ଆମେରିକାର ଆକ୍ରମଣକୁ ନିନ୍ଦା କରିଛନ୍ତି। ଭେନେଜୁଏଲାର ତୈଳ ସମ୍ପଦକୁ ଲୋଭକରି ଆମେରିକା ଏହି ଏୟାରଷ୍ଟ୍ରାଇକ୍ କରିଥିବା ଅନେକ କହୁଛନ୍ତି।



ଆମେରିକାର ଏୟାରଷ୍ଟ୍ରାଇକ୍ ପରେ କାରାକାସ୍‌ର କୋଠାଗୁଡ଼ିକ ଜଳିଯାଉଛି।

**କାରାକାସ୍/ୱାଶିଂଟନ୍,୩୧ (ରଏଟର୍ସ/ଏ.ପି.)**

ଆମେରିକା ଭେନେଜୁଏଲା ଉପରେ ଜୋର୍‌ଦାର ଆକ୍ରମଣ କରିବା ସହ ଏହାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କୁ ଗିରଫ କରି ଦେଶ ବାହାରକୁ ନେଇଯାଇଛି। ଶନିବାର ଭୋର ସମୟରେ ଏହି ଏୟାର ଷ୍ଟ୍ରାଇକ୍ ହୋଇଛି। କିଛି ମାସ ହେଲା ୱାଶିଂଟନ ମାଦୁରୋଙ୍କ ଉପରେ ଚାପ ପକାଇ ଆସୁଥିଲା। ଏକ ଅସାଧାରଣ ରାତ୍ରିକାଳୀନ ସାମରିକ ଅଭିଯାନ କରାଯାଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆ ଜରିଆରେ ଘୋଷଣା କରିଛନ୍ତି। ଭେନେଜୁଏଲା ରାଜଧାନୀ କାରାକାସ୍ ଉପରେ କମ୍ ଉଚ୍ଚରେ ଯୁଦ୍ଧବିମାନ ପଇଁତରା ମାରିବା ସହ ବହୁସଂଖ୍ୟାରେ ବୋମାମାଡ଼ କରିଥିଲା। ଆମେରିକା ଭେନେଜୁଏଲାର ସାଧାରଣ ନାଗରିକ ଏବଂ ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ ଆକ୍ରମଣ କରିଥିବା ମାଦୁରୋ ସରକାର ଅଭିଯୋଗ କରିଛନ୍ତି। ଏହା ଏକ ଆପରାଧିକ ତଥା ସାମ୍ରାଜ୍ୟବାଦୀ ଆକ୍ରମଣ ବୋଲି ଭେନେଜୁଏଲା ☞ପୃଷ୍ଠା-୪



ନିକୋଲାସ୍ ମାଦୁରୋ



ସିଲିଆ ଫ୍ଲୋରେସ୍

## ଛତିଶଗଡ଼ରେ ଏନ୍‌କାଉଣ୍ଟର: ୧୪ ମାଓବାଦୀ ନିହତ

**ସୁକ୍‌ମା/ବିଜାପୁର/ମାଲକାନଗିରି, ୩୧ (ପି.ଟି./ଦୁର୍ଯୋଧନ ପାତ୍ର)**

ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବାବେଳେ ଏ ଦିଗରେ ଶନିବାର ଭୋର ସମୟରେ ଛତିଶଗଡ଼ ବସ୍ତର ଅଞ୍ଚଳରେ ସୁରକ୍ଷା ବଳକୁ ବଡ଼ ସଫଳତା ମିଳିଛି। ୨ଟି ପୃଥକ୍ ଏନ୍‌କାଉଣ୍ଟରରେ ଅନ୍ୟୂନ ୧୪ ମାଓବାଦୀ ନିହତ ହୋଇଛନ୍ତି। ସୁକ୍‌ମାରେ ୧୨ ଓ ପଡ଼ୋଶୀ ବିଜାପୁର ଜିଲାରେ ଆଉ ୨ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ କ୍ୟାଡରଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଛତିଶଗଡ଼ ପୋଲିସର ଜିଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ଉଭୟ ସ୍ଥାନରେ ତଲାସି ଅଭିଯାନ ଚଳାଇଥିଲେ। ସକାଳ ପ୍ରାୟ ୮ଟାରେ ସୁକ୍‌ମାରେ ଗୁଳି ବିନିମୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା**

## ଆଦିତ୍ୟ ଆଲୁମିନା ରିଫାଇନେରିର ୦.୦୧% ଶେୟାର ଦାବିକଲେ ପ୍ରଭାବିତ ଲୋକେ

**ରାୟଗଡ଼ା, ୩୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ କଂସାରିଗୁଡ଼ା ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଥିବା ଆଦିତ୍ୟ ଆଲୁମିନା ରିଫାଇନେରି କମ୍ପାନୀର ୦.୦୧% ଶେୟାର ଦାବି କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ। ରାୟଗଡ଼ା ଉପଜିଲାପାଳଙ୍କ ସଭାଗୃହରେ ଶନିବାର ଆଦିତ୍ୟ ଆଲୁମିନା ରିଫାଇନେରି କର୍ତ୍ତୃପକ୍ଷ ଓ ପ୍ରଭାବିତ ଅଞ୍ଚଳବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହା ସମେତ ଆଉ କେତେକ ଦାବି କରାଯାଇଛି।

ଉପଜିଲାପାଳ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କାଶୀପୁର ବ୍ଲକ୍ ଅଞ୍ଚଳର ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଟୁଗୁଡ଼ା, କାଡ଼ାପଦରର ଗ୍ରାମବାସୀଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ବୈଠକରେ ପ୍ରଭାବିତ ଅଞ୍ଚଳବାସୀ ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ପିଢ଼ି ସମେତ ଭବିଷ୍ୟତ ପିଢ଼ିର ଆର୍ଥିକ ସୁରକ୍ଷା ପାଇଁ କମ୍ପାନୀରେ ୦.୦୧%ର ଶେୟାର ସେମାନଙ୍କୁ ଦେବାକୁ ଦାବି କରାଯାଇଛି। ତୁରନ୍ତ ଥଇଥାନ ଓ ପାରିପାର୍ଶ୍ୱିକ ବିକାଶ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ କରିବା, ପୁହୁଣ୍ଡି ☞ପୃଷ୍ଠା-୪

**ନୂତନ ନିୟମାବଳୀ ଅନୁସାରେ ଜମିର ବଜାର ଦରଠାରୁ ୪ ଗୁଣା ମୂଲ୍ୟ ଦେବାକୁ ଦାବି**









# ଇରାନ ବିକ୍ଷୋଭ ମୃତ୍ୟୁସଂଖ୍ୟା ୧୦

## ଦଙ୍ଗାକାରୀଙ୍କୁ ସେମାନଙ୍କ ଜାଗାରେ ରହିବାକୁ ହେବ: ଖାମେନେଇ

ଦୁବାଇ,୩।୧

ଇରାନରେ ଦରଦାମ୍‌ର ଆକାଶଛୁଆଁ ବୃଦ୍ଧି ଓ ମୁଦ୍ରାର ଅବମୂଲ୍ୟାୟନକୁ ନେଇ ଦେଶର ସୁପ୍ରିମ ଲିଡର ଆୟାତୋଲା ଖାମେନେଇଙ୍କ ବରଖାସ୍ତ ଦାବିରେ ସପ୍ତାହେ ହେଲା ବିକ୍ଷୋଭ ଜାରି ରହିଛି। ଦେଶର ବିଭିନ୍ନ ସହରକୁ ଆନ୍ଦୋଳନ ବ୍ୟାପିଥିବାବେଳେ ହିଂସାଜନିତ ମୃତ୍ୟୁସଂଖ୍ୟା ଶନିବାର ୧୦ରେ ପହଞ୍ଚିଛି। ଦଙ୍ଗାକାରୀଙ୍କୁ ସେମାନଙ୍କ ଜାଗାରେ ରହିବାକୁ ହେବ ବୋଲି ୮୬ ବର୍ଷୀୟ ଖାମେନେଇ କହିଛନ୍ତି। ତେଣୁ ସେ ବିକ୍ଷୋଭ ଦମନ ପାଇଁ ଆକ୍ରମଣାତ୍ମକ ପଦକ୍ଷେପ ନେବା ନିମନ୍ତେ ସୁରକ୍ଷା ବଳକୁ ସବୁଜ ସଙ୍କେତ ଦେଇପାରନ୍ତି ବୋଲି କୁହାଯାଉଛି। ଶାନ୍ତିପୂର୍ଣ୍ଣ ପ୍ରତିବାଦକାରୀଙ୍କୁ ଇରାନ ଯଦି ହତ୍ୟାକରେ ତେବେ ଆମେରିକା ସେମାନଙ୍କ ସୁରକ୍ଷାରେ ବାହାରିବ ବୋଲି ଶୁକ୍ରବାର ଏହାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ସେଠାରେ ବିକ୍ଷୋଭ ଥମିବା ନାଁ ନେଉନାହିଁ।

# ତୈମୂର କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକ୍ ବାୟୁସେନା

ଇସ୍‌ଲାମାବାଦ,୩।୧(ପି.ଟି.)

ପାକିସ୍ତାନ ବାୟୁସେନା ଶନିବାର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତୈମୂର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଛି। ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୬୦୦ କିଲୋମିଟର ରହିଛି। ଏହି ପରୀକ୍ଷା ପାକିସ୍ତାନର ଜାତୀୟ ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବାରେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେନା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ତୈମୂର ଏୟାରଲଞ୍ଚଡ୍ କ୍ରୁଜ୍ ମିଶାଇଲ ଶତ୍ରୁ ଦେଶ ଓ ସମୁଦ୍ରରେ ଥିବା ଟାର୍ଗେଟକୁ ମୁକାବିଲା କରିବାରେ ସମର୍ଥ। ପାରମ୍ପରିକ ଅସ୍ତ୍ର ନେଇ ଏହା ୬୦୦ କି.ମି. ଦୂରତା ପର୍ଯ୍ୟନ୍ତ ଠିକ୍ ଟାର୍ଗେଟକୁ ଆକ୍ରମଣ କରିପାରିବ। ଆଧୁନିକ ନାଭିଗେଶନ ଏବଂ ଗାଇଡାନ୍ସ ସିଷ୍ଟମ ସହାୟତାରେ ତୈମୂରକୁ ଏଭଳି ଡିଜାଇନ୍ କରାଯାଇଛି, ଯାହା ବହୁତ କମ୍ ଉଚ୍ଚତାରେ ଉଡ଼ି ଶତ୍ରୁ ପକ୍ଷର ଏୟାର ଏବଂ ମିଶାଇଲ ଡିଫେନ୍ସ ସିଷ୍ଟମକୁ ସଫଳତାର ସହ ଅତିକ୍ରମ କରିପାରିବ।

# ୧୨୭ ବର୍ଷ ପରେ ଫେରିଲା ପିପରହୱା ବୁଦ୍ଧ ରତ୍ନ

ନୂଆଦିଲ୍ଲୀ, ୩।୧

ଭଗବାନ ବୁଦ୍ଧଙ୍କ ପ୍ରବର୍ତ୍ତିତ ଜ୍ଞାନ ଓ ମାର୍ଗ ସମସ୍ତ ମାନବଜାତିର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିଛନ୍ତି। ବୁଦ୍ଧଙ୍କ ପବିତ୍ର ଅବଶେଷ କେବଳ କଳାକୃତି ନୁହେଁ, ବରଂ ଭାରତର ପବିତ୍ର ଐତିହ୍ୟର ଅଂଶବିଶେଷ। ୧୮୯୮ରେ ଆବିଷ୍କୃତ ପିପରହୱା ରତ୍ନ ୧୨୭ ବର୍ଷ ପରେ ଭାରତ ଫେରିଥିବାବେଳେ ନୂଆଦିଲ୍ଲୀରେ ଏହାର ପ୍ରଦର୍ଶନ ପାଇଁ ଅନ୍ତର୍ଜାତୀୟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ବୌଦ୍ଧ ବିଦ୍ୱାନ, କୂଟନୀତିଜ୍ଞ ଓ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ରତ୍ନକୁ ଫେରାଇ ଆଣିବାରେ ଅବଦାନ ପାଇଁ ଗୋଦରେଜ୍ ଗ୍ରୁପ୍‌କୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

ଦିଲ୍ଲୀରେ ଆଜି



ସୁପ୍ରିମକୋର୍ଟଙ୍କ ଶୁଣାଣି ପୂର୍ବରୁ ରାସ୍ତାରୁ ବୁଲାକୁକୁର ହଟାଇବାର ପ୍ରତିବାଦରେ କୁକୁରପ୍ରେମୀମାନେ ଶନିବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଇଭି ବ୍ୟାଟେରି ପାଇଁ ଆଧାର ଭଳି ପରିଚୟ ପ୍ରସ୍ତାବ

ନୂଆଦିଲ୍ଲୀ,୩।୧

ବିଦ୍ୟୁତ୍‌ଚାଳିତ ଯାନଗୁଡ଼ିକର ବ୍ୟାଟେରିର ସମ୍ପୂର୍ଣ୍ଣ ଜୀବନକାଳରେ ଏହାର କଞ୍ଚାମାଲଠାରୁ ଉତ୍ପାଦନ, ଉପାଦାନ ଓ ବିକ୍ରି ପର୍ଯ୍ୟନ୍ତ ଚିହ୍ନଟ ସୁନିଶ୍ଚିତ କରିବା ଏବଂ ପୁନଃ ଚକ୍ରଣ ସାମର୍ଥ୍ୟ ବଢ଼ାଇବା ପାଇଁ ସଡ଼କ ପରିବହନ ମନ୍ତ୍ରଣାଳୟ ଆଧାର ଭଳି ଏକ ଅନନ୍ୟ ପରିଚୟ ନମ୍ବର କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରସ୍ତାବ ଦେଇଛି। ମନ୍ତ୍ରଣାଳୟ ପକ୍ଷରୁ ଜାରି ଚିଠା ମାର୍ଗଦର୍ଶିକାରୁ ଏହା ଜଣାପଡ଼ିଛି। ପ୍ରସ୍ତାବିତ ରୂପରେଖ ଅନୁଯାୟୀ, ବ୍ୟାଟେରି ଉତ୍ପାଦନକାରୀ ଏବଂ ଆମଦାନିକାରୀ ବଜାରକୁ ଛାଡୁଥିବା ପ୍ରତ୍ୟେକ ବ୍ୟାଟେରି ଏବଂ ନିଜ ବ୍ୟବହାର ପାଇଁ ପାଖରେ ରଖୁଥିବା ବ୍ୟାଟେରିଗୁଡ଼ିକ ନିମନ୍ତେ ଏକ ୨୧ ସଂଖ୍ୟାବିଶିଷ୍ଟ ବ୍ୟାଟେରି ପ୍ୟାକ୍ ଆଧାର ନମ୍ବର (ବିପିଏଏନ୍) ନିର୍ଦ୍ଦିଷ୍ଟ କରିବାକୁ ହେବ। ସେମାନେ ସରକାରୀ ବିପିଏଏନ୍ ପୋର୍ଟାଲରେ ସମ୍ପୃକ୍ତ ବ୍ୟାଟେରି ପ୍ୟାକ୍ ଡାଇନାମିକ୍ ତଥ୍ୟ ଅପ୍‌ଲୋଡ୍ କରିବେ। ଉକ୍ତ ବିପିଏଏନ୍ ସମସ୍ତେ ଦେଖିପାରିବା ସ୍ଥାନରେ ଏବଂ ସ୍ପଷ୍ଟ ଦୃଶ୍ୟ ହେଉଥିବା ଭଳି ଲେଖିବାକୁ ହେବ। ଏହାକୁ ଏଭଳି ଭାବରେ ସ୍ଥାନିତ କରାଯିବ, ଯେପରି ତାହା ନଷ୍ଟ ହୋଇପାରିବ ନାହିଁ। ରିସାଇକ୍ଲିଂ କିମ୍ବା ପୁନରୁଦ୍ଦେଶ୍ୟରେ ବ୍ୟାଟେରିରେ କୌଣସି ପରିବର୍ତ୍ତନ କରାଗଲେ, ସମ୍ପୃକ୍ତ ଉତ୍ପାଦନକାରୀ କିମ୍ବା ନୂଆ ଉତ୍ପାଦନକାରୀ ବା ଆମଦାନିକାରୀଙ୍କୁ ନୂଆ ବିପିଏଏନ୍ ଜାରି କରିବାକୁ ହେବ। ବ୍ୟାଟେରି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସ୍ଥାୟିତ୍ୱ ଆଣିବା ଲକ୍ଷ୍ୟରେ ମନ୍ତ୍ରଣାଳୟ ଏଭଳି ଗାଇଡ୍‌ଲାଇନ ଆଣିଛି। ଏହାଦ୍ୱାରା ବ୍ୟାଟେରି ପ୍ରଦର୍ଶନ ଓ ପରିବେଶ ପ୍ରଭାବର ଠିକ୍ ଚିହ୍ନଟ ହୋଇପାରିବ।

# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

## ୩ ଦିନ ପୂର୍ବରୁ ନିଆଁ ଲଗାଇ ଦେଇଥିଲେ

ଢାକା/ନୂଆଦିଲ୍ଲୀ,୩।୧(ପି.ଟି.)

ବାଂଲାଦେଶରେ ଗତ କିଛି ସପ୍ତାହ ହେଲା ହିନ୍ଦୁ ଓ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହିଂସାକାଣ୍ଡ ଜାରି ରହିଛି। ୩ ଦିନ ପୂର୍ବରୁ ସେଠାରେ ହିନ୍ଦୁ ବ୍ୟବସାୟୀ ଖୋକନ୍ ଚନ୍ଦ୍ର ଦାସଙ୍କୁ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିବା ସହ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ସେ ନିକଟରେ ଥିବା ଏକ ପୋଖରୀକୁ ଡେଇଁ ପଡ଼ିଥିବାବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣେ ସଂଖ୍ୟାଲଘୁ ନେତା କହିଛନ୍ତି। ବାଂଲାଦେଶରେ ଡିସେମ୍ବରରୁ ଇତିମଧ୍ୟରେ ୫ ଜଣ ହିନ୍ଦୁଙ୍କୁ ହତ୍ୟା କରାଗଲାଣି। ସେଠାର କଠୋରପନ୍ଥୀ ସଂଗଠନଗୁଡ଼ିକ ସଂଖ୍ୟାଲଘୁମାନଙ୍କୁ ଆତଙ୍କ ମଧ୍ୟରେ ରଖିବାକୁ ଉଦ୍ୟମ କରୁଥିବା ସ୍ପଷ୍ଟ ହୋଇଛି ବୋଲି ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ ଖ୍ରୀଷ୍ଟିଆନ୍ ଏକତା ପରିଷଦ ମୁଖପାତ୍ର କାଜୋଲ ଦେବନାଥ କହିଛନ୍ତି।

ଢାକାଠାରୁ ଦକ୍ଷିଣରେ ୧୦୦ କି.ମି.ଦୂରରେ ଅବସ୍ଥିତ ଶାରିଆତପୁର ଜିଲାର କେଉରଭଙ୍ଗା ବଜାର ନିକଟରେ ବୁଧବାର ରାତିରେ ଖୋକନ ତାଙ୍କ


ଖୋକନ୍ ଚନ୍ଦ୍ର ଦାସ

ଔଷଧ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେ ୩ ଦିନ ମୃତ୍ୟୁ ସହ ସଂଘର୍ଷ କରିବା ପରେ ଆଖିବୁଜିଛନ୍ତି। ଆକ୍ରମଣକାରୀ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୧୮ରେ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ। ଡିସେମ୍ବର ୨୩ରେ ଚାଟ୍ଟୋଗ୍ରାମ ନିକଟ ରାଓଜାନଠାରେ ୨ କାତାର ପ୍ରବାସୀ ଶ୍ରମିକଙ୍କ ଘର ଜାଳିଦିଆଯାଇଥିଲା। ୨୪ରେ ଅମ୍ରିତ ମଣ୍ଡଳ ନାମକ ଜଣେ ହିନ୍ଦୁଙ୍କୁ ପିଟି ମାରିଦିଆଯାଇଥିଲା। ୨୦୨୨ ଜନଗଣନା ଅନୁଯାୟୀ, ବାଂଲାଦେଶରେ ୧୩.୧୩ ନିୟୁତ ହିନ୍ଦୁ ଅଛନ୍ତି, ଯାହାକି ଦେଶର ମୋଟ ଲୋକସଂଖ୍ୟାର ୭.୯୫ ପ୍ରତିଶତ।

# ୫ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

## ୨ ଅଭିଯୁକ୍ତଙ୍କୁ ଗୁଳିପାଡ଼ ପରେ ଗିରଫ

ବୁଲନ୍ଦଶହର,୩।୧

ଉତ୍ତରପ୍ରଦେଶରେ ୫ ବର୍ଷର ବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ବଳରାମପୁର ଜିଲାର ରାଜୁ ଏବଂ ଲଖିମପୁର ଖେରି ଜିଲାର ବୀରୁ କାଶ୍ୟପ। ସିକନ୍ଦ୍ରାବାଦ ଥାନା ଅଞ୍ଚଳରେ ସେମାନଙ୍କୁ ପୋଲିସ ଗୁଳି ଚଳାଇବା ପରେ ଆହତ ଅବସ୍ଥାରେ ଗିରଫ କରିଛି। ସେମାନଙ୍କଠାରୁ ବେଆଇନ ଅସ୍ତ୍ର ଏବଂ କାର୍ତ୍ରିଜ୍ ଜବତ ହୋଇଛି। ସିକନ୍ଦ୍ରାବାଦ ଥାନା ଅଞ୍ଚଳର ଏକ ସ୍ଥାନରେ ନାବାଳିକା ଜଣକ ଗୁରୁତର ଅବସ୍ଥାରେ ପଡ଼ିଥିବା ଶୁକ୍ରବାର ରାତିରେ ପୋଲିସ ଖବର ପାଇବା ପରେ ତାଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାବାଳିକାଙ୍କ ବାପା କରିଥିବା ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ନାବାଳିକାର ପରିବାର ରହୁଥିବା ବିଲ୍ଡିଂରେ ଅଭିଯୁକ୍ତ ୨ ଯୁବକ ଭଡ଼ାରେ ରହୁଥିଲେ। ସେମାନେ ବଳାତ୍କାର କରିଥିବା ନାବାଳିକାଙ୍କ ବାପା ଆଶଙ୍କା ବ୍ୟକ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୋଲିସ ୩ଟି ଟିମ୍ ଗଠନ କରିଥିଲା। ସେମାନେ କନୱାର ରୋଡ୍‌ର ଏକ ନିର୍ମାଣାଧୀନ କଲୋନିରେ ଲୁଚିଥିବା ସୂଚନା ପାଇ ପୋଲିସ ଚାରିପଟେ ଘେରିବା ସହ ଗୁଳି ଚଳାଇଥିଲା। ଅଭିଯୁକ୍ତ ରାଜୁ ଏବଂ ବୀରୁଙ୍କ ଗୋଡ଼ରେ ଗୁଳିବାଜି ସେମାନେ ଆହତ ହୋଇଥିଲେ। ପରେ ସେମାନଙ୍କୁ ଗିରଫ କରାଯାଇଛି।

# ‘X’କୁ କେନ୍ଦ୍ରର ଚେତାବନୀ

## ଅଶ୍ଳୀଳ କଣ୍ଟେଣ୍ଟ ନ ହଟାଇଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୩।୧

ଏଆଇ ଆପ୍ ଗ୍ରୋକ୍ ଦ୍ୱାରା ସୃଷ୍ଟ ସମସ୍ତ ଅଶ୍ଳୀଳ ଏବଂ ବେଆଇନ କଣ୍ଟେଣ୍ଟଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ କେନ୍ଦ୍ର ସରକାର ଏଲନ୍ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ‘X’କୁ କହିଛନ୍ତି। ୭୨ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ବିଷୟବସ୍ତୁ ନ ହଟିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ଚେତାବନୀ ଦେଇଛି। ‘X’ର କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ଭିତ୍ତିକ ସେବା ଗ୍ରୋକ୍ ଏବଂ ଅନ୍ୟ ‘X’AI ସେବା ଜରିଆରେ ଏହି ପ୍ଲାଟ୍‌ଫର୍ମ ଅଶ୍ଳୀଳ, ନଗ୍ନ ଏବଂ ଯୌନ ସମ୍ପର୍କିତ କଣ୍ଟେଣ୍ଟକୁ ସ୍ଥାନ ଦିଆଯିବା ସହ ପ୍ରସ୍ତୁତ କିମ୍ବା ଅପ୍‌ଲୋଡ କରାଯାଉଛି। ଏନେଇ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ‘X’ର ମୁଖ୍ୟ କମ୍ପ୍ଲିଆନ୍ସ ଅଫିସରଙ୍କୁ ପତ୍ର ଲେଖି ସୂଚନା ପ୍ରଯୁକ୍ତି ଆଇନ, ୨୦୦୦ ଏବଂ ଆଇଟି ନିୟମାବଳୀ ଅନୁଯାୟୀ, ପ୍ଲାଟ୍‌ଫର୍ମ ଏହାର ବୈଧାନିକ ଦାୟିତ୍ୱ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛି। ତାହା ନ ହେଲେ ଆଇଟି ଆଇନର ଧାରା ୭୯ ଅନୁଯାୟୀ, ପ୍ଲାଟଫର୍ମ ଆଇନଗତ ସୁରକ୍ଷା ଅଧିକାର ହରାଇବ ବୋଲି ମନ୍ତ୍ରଣାଳୟ ସତର୍କ କରିଦେଇଛି। ‘X’ର ଗ୍ରୋକ୍ ଏଆଇ କିଛିଦିନ ପୂର୍ବରୁ ଡିଜିଟାଲ ରୂପରେ ଫଟୋ ଓ ପୋଷାକ ବଦଳାଇ ମହିଳାଙ୍କ ଅଶ୍ଳୀଳ ଫଟୋ ପ୍ରସ୍ତୁତ କରି ଯାଞ୍ଚ ପରିସରକୁ ଆସିଥିଲା। ଏହାକୁ ନେଇ ଶିବସେନା(ୟୁବିଟି) ରାଜ୍ୟ ସଭା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀଙ୍କ ସମେତ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଚତୁର୍ବେଦୀ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।


ପୌଷ ପୂର୍ଣ୍ଣିମା ଏବଂ ମାଘ ମେଳା ଉତ୍ସବ ଆରମ୍ଭ ଅବସରରେ ଶନିବାର ଲୋକେ ପ୍ରୟାଗରାଜସ୍ଥିତ ସଙ୍ଗମରେ ବୁଡ଼ ପକାଉଛନ୍ତି।

# ଉମର ଖଲିଦଙ୍କ ନିରପେକ୍ଷ ବିଚାର ପାଇଁ ପତ୍ର ଲେଖିଲେ ଆମେରିକା ଆଇନ ପ୍ରଣେତା

ନ୍ୟୁୟର୍କ,୩।୧

ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଆକ୍ଟିଭିଷ୍ଟ ଉମର ଖଲିଦଙ୍କ ନିରପେକ୍ଷ ଓ ଠିକ୍‌ସମୟରେ ବିଚାର ସୁନିଶ୍ଚିତ କରିବା ପାଇଁ ଆମେରିକାର ୮ ଜଣ ଆଇନ ପ୍ରଣେତା ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ଜିମ୍ ମାକ୍‌ଗଭର୍ନ ଏବଂ ଜାମି ରସ୍କିନ୍ ଅଛନ୍ତି। ୨୦୨୦ ଫେବୃଆରୀ ଦିଲ୍ଲୀ ଦଙ୍ଗା ସହ ସମ୍ପୃକ୍ତି ଅଭିଯୋଗରେ ଖଲିଦଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୀର୍ଘଦିନ ଧରି ବିଚାର ବିଭାଗୀୟ ହାଜତରେ ରଖାଯାଇଥିବାରୁ ସେମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଦିଲ୍ଲୀ ଦଙ୍ଗାରେ ୫୩ ଜଣଙ୍କ ମୃତ୍ୟୁ ଘଟିବା ସହ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏନେଇ ଖଲିଦ ଓ ଅନ୍ୟମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ) ଏବଂ ଭାରତୀୟ ପେନାଲ କୋଡ୍‌ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଖଲିଦଙ୍କୁ ଦିଲ୍ଲୀ ଦଙ୍ଗାର ମାଷ୍ଟରମାଇଣ୍ଡ ଦର୍ଶାଯାଇଛି।

# ୧୦ରୁ କଂଗ୍ରେସର ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ସଂଗ୍ରାମ


ଖବରଦାତା ସମ୍ମିଳନୀରେ ଜୟରାମ ରମେଶ ଏବଂ କେ.ସି. ବେଣୁଗୋପାଳ।

ନୂଆଦିଲ୍ଲୀ,୩।୧(ପି.ଟି.)

କେନ୍ଦ୍ର ସରକାର ଆଣିଥିବା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ଆସନ୍ତା ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ‘ଏମ୍‌ଜିଏନ୍‌ଆର୍‌ଇଜିଏ ବଚାଓ ସଂଗ୍ରାମ’ ଚଳାଇବ ବୋଲି ଶନିବାର ଘୋଷଣା କରିଛି। ଏମ୍‌ଜିଏନ୍‌ଆର୍‌ଇଜିଏ ଏକ ଅଧିକାର ଭିତ୍ତିକ ଆଇନ, ଯାହା କାର୍ଯ୍ୟ କରିବାର ଅଧିକାର ପ୍ରଦାନ କରେ, ତାହାକୁ ପୁନର୍ବାର ଲାଗୁ କରିବା ପାଇଁ କଂଗ୍ରେସ ଦାବି କରିଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏବଂ ଜୟରାମ ରମେଶ କହିଛନ୍ତି, ଭିବି ଜି-ରାମ-ଜି ଆଇନ ଜରିଆରେ କେନ୍ଦ୍ର ସରକାର ଏହାକୁ ସମ୍ପୂର୍ଣ୍ଣ କେନ୍ଦ୍ରୀକରଣ କରିବାକୁ ଚାହାନ୍ତି। ନୂଆ ଆଇନରେ ନିଯୁକ୍ତି ଆଉ ଅଧିକାର ହୋଇ ରହିବ ନାହିଁ। ଏହାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯିବ ବୋଲି ସେମାନେ କହିଛନ୍ତି। ନୂଆ ଆଇନକୁ ଇଣ୍ଡିଆ ବ୍ଲକ୍ ଶାସିତ ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିବେ ନାହିଁ କିମ୍ବା ବିରୋଧ କରିବେ ବୋଲି ବେଣୁଗୋପାଳ କହିଛନ୍ତି। ଏନେଇ କଂଗ୍ରେସ ଏହାର ମେଣ୍ଟ ସହଯୋଗୀମାନଙ୍କ ସହ ଆଲୋଚନା କରିବ। ଏହି ଆଇନ ଦେଶର ସଂଘୀୟ ଢାଞ୍ଚା ବିରୋଧରେ ହୋଇଥିବାରୁ କୌଣସି ଭାଜପା ଶାସିତ ରାଜ୍ୟ କାର୍ଯ୍ୟକାରୀ କରିବା ସ୍ଥିତିରେ ନାହାନ୍ତି ବୋଲି ଜୟରାମ କହିଛନ୍ତି। କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଏମ୍‌ଜିଏନ୍‌ଆର୍‌ଇଜିଏ ଉପରେ ଆକ୍ରମଣ ଦେଶର ବହୁକୋଟି ଶ୍ରମିକ ଓ ସେମାନଙ୍କର କାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାର ଉପରେ ଆକ୍ରମଣ। ତାଙ୍କ ଦଳ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଏହାର ଦୃଢ଼ ବିରୋଧ କରିବ ବୋଲି ଖାର୍ଗେ Xରେ ଲେଖିଛନ୍ତି।

# କିମିଆ କରୁଛି ଲୁକ୍

ତାରା ସୁତାରିଆ



**ମୁମ୍ବାଇ:** ବଲିଉଡ୍‌ର ଫ୍ୟାଶନେବଲ୍ ଡିଭା ଭାବେ ତାରା ସୁତାରିଆଙ୍କ ଚର୍ଚ୍ଚା ସବୁବେଳେ ହୋଇଆସିଛି। ବ୍ୟକ୍ତିଗତ ଜୀବନ ହେଉ କି ଅଭିନୟ ଜୀବନ, ତାରା ଲାଇମଲାଇଟ୍‌ରେ ରୁହନ୍ତି। ଏବେ ତାଙ୍କ ହାତରେ ଏକ ବଡ଼ ଫିଲ୍ମ । ତାହା ପୁଣି କେଜିଏଫ୍ ଫେମ୍ ରକିଂ ଷ୍ଟାର ଯଶ୍‌ଙ୍କ ଫିଲ୍ମ ‘ଟକ୍ସିକ୍: ଏ ଫେୟାରୀ ଟେଲ୍ ଫର୍ ଗ୍ରୋନ୍ ଅପ୍‌ସ’।

ଫିଲ୍ମରେ ତାରାଙ୍କ ଫାଷ୍ଟ ଲୁକ୍‌କୁ ନିର୍ମାତା ଶେୟାର କରିଛନ୍ତି। ଏହା ଆସିବା ପରେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଫିଲ୍ମରେ ତାରାଙ୍କ ଚରିତ୍ରର ନାମ ରହିଛି ‘ରେବିକା’। ପୋଷ୍ଟରରେ ତାରା କଳାରଙ୍ଗର ଲେଦର ଆଉଟ୍‌ଫିଟ୍‌ରେ ବନ୍ଧୁକ ଧରିଥିବା ନଜର ଆସୁଛନ୍ତି। ଯିଏ ବି ଫଟୋ ଦେଖୁଛି ଘଡ଼ିଏ ଅଟକିଯାଉଛି।

ବ୍ୟକ୍ତିଗତ ଜୀବନ କହିଲେ, ତାରା ଏବେ ନୂଆ ନୂଆ ପ୍ରେମରେ ପଡ଼ିଛନ୍ତି। ଅଭିନେତା ବୀର ପାହାଡ଼ିଆଙ୍କ ସହ ସମ୍ପର୍କ ଉପରେ ସେ ମୋହର ମାରିଛନ୍ତି। ଅନେକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳୁଛି। ଏପରିକି ତାରା ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଶେୟାର କରିବାକୁ ଦ୍ୱିଧାବୋଧ କରୁନାହାନ୍ତି। ପ୍ରଶଂସକ ଉଭୟଙ୍କ ଯୋଡ଼ିକୁ ବେଶ୍ ପସନ୍ଦ କରୁଛନ୍ତି।

# ଅତିରିକ୍ତ ୧୫୧ ପଦବୀ ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଓଏଏସ୍, ଓଆର୍‌ଏସ୍ ପଦବୀ ଲାଗି ବିଜ୍ଞପ୍ତି ବାହାରି ନ ଥିବାରୁ ବଢ଼ିଥିଲା ଅସନ୍ତୋଷ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

ନିକଟରେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିବା ବେଳେ ଏଥିରେ ଓଏଏସ୍, ଓଆର୍‌ଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିଲା। ଏ ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପକରି ଏହିସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରେ ୧୪ଟି, ଓଡ଼ିଶା ରାଜସ୍ୱ ସେବା(ଓଆର୍‌ଏସ୍)ରେ ୧୧୩ଟି, ଓଡ଼ିଶା ପରିବହନ ସେବା(ଓଟିଏସ୍)ରେ ୧୬ଟି ଓ ଓଡ଼ିଶା ମଙ୍ଗଳ ସେବା (ଓଡ଼ବ୍ଲ୍ୟୁଏସ୍)ରେ ୮ଟି ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବୀ ପାଇଁ ଅନୁରୋଧ କରାଯାଇଛି। ଏହାଦ୍ୱାରା ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବତୀଯୁବକ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରିପାରିବେ। ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି। ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଅଛି ସବୁ ପୂରଣ କରିବାକୁ ଆୟୋଗଗୁଡ଼ିକୁ ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।









# ଚିଲିକା ହ୍ରଦର ପୁନରୁଦ୍ଧାର ପାଇଁ ଖୁବ୍‌ଶୀଘ୍ର ଡିପିଆର୍: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

ଏସିଆ ମହାଦେଶର ସର୍ବବୃହତ୍ କ୍ଷାରୀୟ ହ୍ରଦ ତଥା ରାମସାର ସାଇଟ ଭାବେ ସାରା ବିଶ୍ୱରେ ପରିଚିତ ଥିବା ଚିଲିକା ହ୍ରଦର ଜୈବ ବିବିଧତାର ସୁରକ୍ଷା ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ନେଇ ଏକ ଆଲୋଚନା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀ କହିଛନ୍ତି, ମୁହାଣ ପୋତିହେବା ଯୋଗୁ ଚିଲିକାର ପାଣି ସମୁଦ୍ରକୁ ଠିକ୍ ଭାବେ ଯାଇପାରୁନାହିଁ। ଅନ୍ୟପଟେ ସମୁଦ୍ର ପାଣି ମଧ୍ୟ ଏହା ମଧ୍ୟକୁ ପ୍ରବେଶ କରିପାରୁନାହିଁ। ଫଳରେ ଚିଲିକା ଜଳର କ୍ଷାରୀୟତା ନଷ୍ଟ ହେଉଥିବା ବେଳେ ଜୈବ ବିବିଧତା ସନ୍ତୁଳନ ଠିକ୍ ରହୁନାହିଁ। ଏଥିଯୋଗୁ ବିଭିନ୍ନ ପ୍ରକାର ମାଛ ଏବଂ ସାମୁଦ୍ରିକ ଜୀବ ସଂଖ୍ୟାର ଅନେକ ଫରକ ପରିଲକ୍ଷିତ ହେଉଛି। ତେଣୁ ଚିଲିକା ହ୍ରଦର ପୁନରୁଦ୍ଧାର ଦିଗରେ କାର୍ଯ୍ୟ ଆରମ୍ଭ କରିବା ସହ ତୁରନ୍ତ ସବିଶେଷ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସହ ଡିପିଆର୍ ପ୍ରସ୍ତୁତ ଉପରେ ବିଭାଗୀୟ ଅଧିକାରୀ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆଇଆଇଟି ଚେନ୍ନାଇଙ୍କୁ ପରାମର୍ଶ ଦେଇଛନ୍ତି।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଆଇଆଇଟି ଚେନ୍ନାଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଚିଲିକାର ଅବରୋଧ ହୋଇଥିବା ମୁହାଣ ଖନନ, ଏହାର କ୍ଷାରୀୟତା ବଜାୟ ରଖିବା, ପଙ୍କ ଉଦ୍ଧାରକରି ଜଳଧାରା କ୍ଷମତା ବୃଦ୍ଧି କରିବା, ଜୈବ ବିବିଧତାର ସୁରକ୍ଷା, ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ଏବଂ ଚିଲିକା ଉପରେ ନିର୍ଭରକରି ଜୀବିକା ନିର୍ବାହ କରୁଥିବା ଅଧିବାସୀଙ୍କ ସ୍ୱାର୍ଥରକ୍ଷା ଉପରେ ଆଲୋଚନା ହୋଇଛି। ବୈଠକ ପରେ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସ୍ପଷ୍ଟ ସୂଚନା ଦିଆଯିବା ସହ ଆଗାମୀ କାର୍ଯ୍ୟପନ୍ଥା ନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଆଇଟି ଚେନ୍ନାଇ ପ୍ରଫେସର ନୀଳାଞ୍ଜନ ଶାହା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଗାଜୟ ନନ୍ଦ ଏବଂ ଚିଲିକା ଡିଏଫ୍‌ଓ ଅମ୍ଲାନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରମଣି ନାଏକ ପଞ୍ଚାୟତିରାଜ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

୨୦୧୫ ବ୍ୟାଚ୍ ଆଇଏଏସ୍ ଅଫିସର ଇନ୍ଦ୍ରମଣି ନାଏକଙ୍କୁ ରାଜ୍ୟ ସରକାର ପଞ୍ଚାୟତିରାଜ ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହା ପୂର୍ବରୁ ସେ ପରିବହନ ବିଭାଗର ଅତିରିକ୍ତ କମିଶନର ଭାବେ ଦାୟିତ୍ୱରେ ଥିଲେ। ଏହି ଦାୟିତ୍ୱରୁ ପରିବର୍ତ୍ତନକରି ପଞ୍ଚାୟତିରାଜ ନିର୍ଦ୍ଦେଶ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି।

# ଫେବୃଆରୀ ଯାଏ ବଢ଼ିଲା ଇ-କେୱାଇସି ଅବଧି

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନ ସମସ୍ତ ହିତାଧିକାରୀଙ୍କ ଆଧାରଭିତ୍ତିକ ଇ-କେୱାଇସି କରିବା ପ୍ରକ୍ରିୟାର ଅବଧି ବୃଦ୍ଧି ପାଇଛି। ଏହି ଅବଧିକୁ ରାଜ୍ୟ ସରକାର ଆସନ୍ତା ଫେବୃଆରୀ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ହିତାଧିକାରୀମାନେ ସେମାନଙ୍କ ଆଧାର ସଂଯୁକ୍ତ ଇ-କେୱାଇସି ରାଜ୍ୟର ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) ଅନ୍ତର୍ଗତ ସମସ୍ତ ୧୧, ୭୨୫ ଖାଉଟି ସୁଲଭ ମୂଲ୍ୟ ଦୋକାନ ତଥା ୩୧୪ଟି ବ୍ଲକ୍ ଓ ୬୪ଟି ପୌରାଞ୍ଚଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ରାଶନ କାର୍ଡ ପରିଚାଳନା କେନ୍ଦ୍ରଗୁଡ଼ିକରେ କରିପାରିବେ। ଏତଦ୍‌ବ୍ୟତୀତ କୌଣସି କାରଣବଶତଃ ଅଦ୍ୟାବଧି ଇ-କେୱାଇସି କରି ପାରି ନ ଥିବା ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସର ପିଡିଏସ୍ ସାମଗ୍ରୀ ପୂର୍ବବତ୍ ଆବଣ୍ଟିତ କରାଯାଉଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଇ-କେୱାଇସି ହୋଇ ନ ଥିବା କାରଣରୁ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ କରାଯାଇନାହିଁ। ଆସନ୍ତା ଫେବୃଆରୀ ସୁଦ୍ଧା ନିକଟସ୍ଥ ଖାଉଟି ସୁଲଭ ମୂଲ୍ୟ ଦୋକାନ କିମ୍ବା ରାଶନ କାର୍ଡ ପରିଚାଳନା କେନ୍ଦ୍ରକୁ ଯାଇ ଆଧାର ସଂଯୁକ୍ତ ଇ-କେୱାଇସି କରାଇନେବାକୁ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ବନ୍ଧମୁଣ୍ଡାରେ ମାଲଗାଡ଼ି ଲାଇନଚ୍ୟୁତ

**ରାଉରକେଲା/ବନ୍ଧମୁଣ୍ଡା, ୩।୧ (ସଙ୍ଗୀତା ଜେନା/ସୁବ୍ରତ ଦେ)**

ଦକ୍ଷିଣପୂର୍ବ ରେଳବାଇ ଚକ୍ରଧରପୁର ରେଳମଣ୍ଡଳର ବନ୍ଧମୁଣ୍ଡା ଷ୍ଟେଶନ ନିକଟରେ ଶନିବାର ସକାଳ ୭ଟା ୪୫ରେ ଏକ ମାଲଗାଡ଼ିର ୨ଟି ୱାଗନ୍ ଲାଇନ୍‌ଚ୍ୟୁତ ହୋଇଛି। ଏଥିରେ ମୁମ୍ବାଇ- ହାୱଡ଼ା ରୁଟ୍‌ରେ ରେଳ ଚଳାଚଳ ପ୍ରଭାବିତ ହୋଇଥିଲା। ସକାଳ ସମୟରେ କେବିନ୍ କେ ନିକଟରେ ପୋଷ୍ଟ ୪୦୮/୧୧ଇ ସ୍ଥାନରେ ଏହି ଦୁର୍ଘଟଣା ଘଟିଥିଲା। ଉକ୍ତ ମାଲଗାଡ଼ିଟି ବନ୍ଧମୁଣ୍ଡାର ଏନ୍ ବକ୍ସ ୟାର୍ଡରୁ ବାହାରି ରାଉରକେଲା ଆଡକୁ ଯାଉଥିବା ବେଳେ ହଠାତ୍ ୱାଗନ୍ ଗୁଡ଼ିକ ଲାଇନଚ୍ୟୁତ ହୋଇଥିଲା। ତୁରନ୍ତ ଉକ୍ତ ଅଞ୍ଚଳରେ ରେଳ ଚଳାଚଳ ବନ୍ଦ କରିଦିଆଯାଇଥିଲା। ସୂଚନା ପାଇ ମଣ୍ଡଳର ବରିଷ୍ଠ ଅଧିକାରୀ, ଯନ୍ତ୍ରୀ, କ୍ୟାରେଜ ଓ ୱାଗନ ଶାଖାର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପରେ ମରାମତି ଓ ପୁନର୍ବାସ କାମ ଦ୍ରୁତଗତିରେ କରାଯାଇଥିଲା। ଏବେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି। ବର୍ଷ ଆରମ୍ଭରୁ ଏପରି ଘଟଣା ମଣ୍ଡଳର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରେଳବୋର୍ଡ ପକ୍ଷରୁ ସୁରକ୍ଷା ମାନଦଣ୍ଡ କଡାକାଡି ଭାବେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ମିଳୁଥିଲେ ମଧ୍ୟ ଚକ୍ରଧରପୁର ମଣ୍ଡଳରେ ଦୁର୍ଘଟଣା ଅବ୍ୟାହତ ରହିଛି। ରେଳ ସୁରକ୍ଷା ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବାକୁ ଦାବି ଜୋର ଧରିଛି।




# ପ୍ରମାଣ ଦିଅ, ପାଣ୍ଡିଆନ୍‌ଙ୍କ ବିରୋଧରେ ତଦନ୍ତ ହେବ

## କ୍ରାଇମବ୍ରାଞ୍ଚ ଛାଡ଼ି ସିବିଆଇ ତଦନ୍ତକଲେ ବି କିଛି ହେବନି: ଗଣେଶ୍ୱର

**ଭୁବନେଶ୍ୱର, ୩।୧ (ସୁନିତ୍ ମିଶ୍ର)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟିର ପୂର୍ବତନ ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍‌ଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ କରିପାରେ। ବ୍ରହ୍ମପୁରର ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଅଭିଯୋଗ ଅନୁଯାୟୀ କ୍ରାଇମବ୍ରାଞ୍ଚ ଦେଇଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ଗତ ମାସ ୧୫ ତାରିଖରେ କ୍ରାଇମବ୍ରାଞ୍ଚ ଲେଖିଥିବା ଏକ ଚିଠିରୁ ଏହା ଜଣାପଡ଼ିଛି। ସୁରେନ୍ଦ୍ରଙ୍କୁ ଏକ ଚିଠି କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ବେଳେ ସେଥିରେ ଉଲ୍ଲେଖ କରାଯାଇଛି, ଓଡ଼ିଶାର ରୁଲ୍ସ ଅଫ୍ ବିଜ୍‌ନେସ୍‌ର ୧୯୫୬ ଏବଂ ଅନ୍ୟ ନିୟମର ଉଲ୍ଲଂଘନକରି ପାଣ୍ଡିଆନ୍ ବେଆଇନ ଭାବେ ମିଟିଂ ଆୟୋଜନ କରିଥିଲେ ବୋଲି ଅଭିଯୋଗ ଦେଇଛନ୍ତି। ଆପଣ କରିଥିବା ଅଭିଯୋଗର ଡକ୍ୟୁମେଣ୍ଟ ଏବଂ ବୈଦ୍ୟୁତିକ ରେକର୍ଡ ଆସନ୍ତା ୬ ତାରିଖ ସୁଦ୍ଧା ପ୍ରଦାନକରନ୍ତୁ। ଏହାଛଡ଼ା ଯଦି ଅନ୍ୟ କିଛି ପ୍ରମାଣ ରହିଛି ତାକୁ ମଧ୍ୟ ପ୍ରଦାନ କରାଯାଉ, ଯାହାକୁ ନେଇ ତଦନ୍ତ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।


ତେବେ ଏହି ଘଟଣାକୁ ନେଇ ବିଜେଡି ବିଧାୟକ ତଥା ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, କ୍ରାଇମବ୍ରାଞ୍ଚ ଛାଡ଼ି ସିବିଆଇ ତଦନ୍ତକଲେ ମଧ୍ୟ କିଛି ହେବ ନାହିଁ। ଆକ୍ରୋଶମୂଳକ ଭାବେ ତଦନ୍ତକଲେ କିଛି ହେବନାହିଁ। ସେମାନେ ତଦନ୍ତ ନ କରି କାହିଁକି ଏତେଦିନ ଡେରି କରୁଛନ୍ତି। ସରକାରଙ୍କ ଅନୁମତି ନେଇ ସରକାରୀ ଅଧିକାରୀ ବୁଲିଲେ କିଛି ସମସ୍ୟା ନାହିଁ। ଯିଏ ଚାହିଁଲେ ବି ଅଭିଯୋଗ କରିପାରିବେ ହେଲେ ଏହା ପ୍ରମାଣିତ ହେବା ଦରକାର ବୋଲି ଗଣେଶ୍ୱର କହିଛନ୍ତି।

# ତାଳଚେରରେ ପ୍ରଦୂଷଣସ୍ତର ଉଦ୍‌ବେଗଜନକ

## ବିଭିନ୍ନ ପ୍ରତିବନ୍ଧକ ଲାଗୁ କଲା ଜିଲା ପ୍ରଶାସନ

**ତାଳଚେର, ୩।୧ (ମନୋଜ ନନ୍ଦ)**

ପ୍ରଦୂଷଣରେ ରେକର୍ଡ ଭାଙ୍ଗିଛି କଳା ହୀରାର ସହର ତାଳଚେର। ଦେଶର ୬ ସହରର ଏକ୍ୟୁଆଇ ୩୦୦ ପାର କରି ଅତି ଖରାପ ସ୍ତରରେ ପହଞ୍ଚିଛି। ଏହି ୬ ସହର ମଧ୍ୟରେ ଓଡିଶାର ୪ ସହର ରହିଛି। ଶୁକ୍ରବାର ଏଭଳି ସ୍ଥିତି ରହିଥିଲା ବେଳେ ଶନିବାର ମଧ୍ୟ ତାଳଚେର ପ୍ରଦୂଷଣ ନିୟନ୍ତ୍ରଣରେ ସେପରି ସୁଧାର ଆସିପାରିନାହିଁ। ଏଭଳି ପ୍ରଦୂଷଣ ଫୁସଫୁସ ଉପରେ ଗଭୀର ପ୍ରଭାବ ପକାଉଥିବା ବେଳେ ପ୍ରାତଃ ଭ୍ରମଣରେ ବି ଲୋକେ ଏହାର ଶିକାର ହେଉଛନ୍ତି। ତେବେ ତାଳଚେର ପୌର ପରିଷଦ ଅଞ୍ଚଳରେ ବାୟୁ ଗୁଣବତ୍ତା (ଏଆଇକ୍ୟୁ) ଅତି ଖରାପ ଥିବାରୁ ଏବଂ ଜିଆରଏପି ପର୍ଯ୍ୟାୟ ନିର୍ଦ୍ଦେଶାବଳୀକୁ ବିଚାର କରି, ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩, ଆଦେଶ ନଂ.୧୯ ଅନୁଯାୟୀ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ ତାଳଚେର ପୌର ପରିଷଦ ଅଞ୍ଚଳରେ ଆଗାମୀ ୭ ଦିନ ପାଇଁ ବିଭିନ୍ନ ପ୍ରତିବନ୍ଧକ ଲାଗୁ କରାଯାଇଛି। ପ୍ରତିବନ୍ଧକଗୁଡ଼ିକ ମଧ୍ୟରେ ପ୍ରତିଦିନ ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ନିଷେଧ କରାଯିବା, ପୌର ପରିଷଦ ସୀମା ମଧ୍ୟରେ ଯେକୌଣସି ଭଙ୍ଗା କିମ୍ବା ମାଟି କାମ ନିଷେଧ ହେବା, ପୌର ପରିଷଦ, ଏନ୍‌ଏଚ୍‌ଏଆଇ ଏବଂ ଏମ୍‌ସିଏଲର ସମସ୍ତ ରାସ୍ତାରେ ଦିନକୁ ଅତି କମରେ ୩ ଥର ପାଣି ସିଞ୍ଚନ, ତାଳଚେର ସହର ଭିତରକୁ ଭାରୀ ଟ୍ରକ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ, ଖୋଲା ଅଳିଆ ଜାଳିବା, ଢାବାରେ କୋଇଲା ଜାଳିବା ଏବଂ ଯେକୌଣସି ପ୍ରକାରର ଖୋଲା ନିଆଁ ଲଗାଇବା ସମ୍ପୂର୍ଣ୍ଣ ନିଷେଧ କରାଯିବା, ତାଳଚେର ଉପଜିଲାପାଳ ଏବଂ ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦ୍ୱାରା ଦିନ ସମୟରେ ସମସ୍ତ କୋଇଲା ଏବଂ ପାଉଁଶ ଟ୍ରକ ଚଳାଚଳ ଉପରେ ପୃଥକ କଟକଣା ଜାରି କରାଯିବା, ୧୪୯ ନଂ ଜାତୀୟ ରାଜପଥରେ କୌଣସି ଟ୍ରକକୁ ଆବରଣ/ତାରପୋଲିନ ଘୋଡାଇବା ବିନା ଚଳାଚଳ କରିବାକୁ ଅନୁମତି ନ ଦିଆଯିବା, ଏନ୍‌ଏଚ୍‌ଏଆଇ ଏବଂ ଏନ୍‌ଏଚ୍ ଡିଭିଜନ, ପାଲଲହଡ଼ାର ନିର୍ବାହୀ ଯନ୍ତ୍ରୀ ସେମାନଙ୍କର ସମସ୍ତ ନିର୍ମାଣ ସ୍ଥାନରେ ପାଣି ସିଞ୍ଚନ ନିଶ୍ଚିତ କରିବା ଆଦି ପ୍ରମୁଖ ରହିଛି। ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶକୁ ବିଏନ୍‌ଏସ୍‌ଏସ୍‌ର ଧାରା ୧୬୩(୨) ଅନୁଯାୟୀ ଏକପାକ୍ଷିକ ଭାବରେ ଜାରି କରାଯାଇଛି। ଏହି ଆଦେଶ ବର୍ଦ୍ଧିତ ନ ହେଲେ ୭ ଦିନ ପାଇଁ ବଳବତ୍ତର ରଖିବା, ପୋଲିସ, ପୌରପାଳିକା, ସମସ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ଏବଂ ଆରଟିଓଙ୍କୁ 'କଠୋର ଅନୁପାଳନ ସୁନିଶ୍ଚିତ କରିବାକୁ' ନିର୍ଦ୍ଦେଶ ଦିଆଯାଇଛି, ତାଳଚେରର ସବଡିଭିଜନାଲ ମାଜିଷ୍ଟ୍ରେଟ ନିଶ୍ଚିତ ଭାବେ ପ୍ରତିଦିନ ତଦାରଖ କରିବେ ଏବଂ ଏହି କାର୍ଯ୍ୟାଳୟରେ ପ୍ରତିଦିନ ଅନୁପାଳନ ଦାଖଲ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏବେ ତାଳଚେରରେ ଥଣ୍ଡା, କାଶ ଲାଗି ରହିଥିବା ବେଳେ ରାସ୍ତାରେ ଯା'ଆସ କରିବାବେଳେ ଭୟଙ୍କର ଧୂଳି ଧୂଆଁରେ ନାକ ରୁନ୍ଧି ହୋଇଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତାଳଚେର ଅଞ୍ଚଳର ୮୦ ପ୍ରତିଶତ ଲୋକ ଶ୍ୱାସଜନିତ ରୋଗର ଆକ୍ରାନ୍ତ। ତାଳଚେରର ମାଟି, ପାଣି, ଶେଷରେ ପବନ ଟିକିକ ମଧ୍ୟ ପ୍ରଦୂଷିତ। ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ରାଜ୍ୟ ଓ କେନ୍ଦ୍ର ସରକାର ପାଉଛନ୍ତି। କିନ୍ତୁ ଅଞ୍ଚଳବାସୀ ମୌଳିକ ଅଧିକାରରୁ ବଞ୍ଚିତ। ଲୋକ ପ୍ରଦୂଷଣ ଜ୍ୱାଳାରେ ତ୍ରାହି ତ୍ରାହି ଡାକ ଛାଡୁଥିବା ବେଳେ ଲୋକ ପ୍ରତିନିଧି। ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ଶିଳ୍ପାନୁଷ୍ଠାନ କର୍ତ୍ତୃପକ୍ଷ ଜାଣି ଅଜଣା ଭଳି ନିରବଦ୍ରଷ୍ଟା ସାଜିଛନ୍ତି। ତାଳଚେରରେ ଏବେ ନିର୍ମଳ ପବନ ଟିକିଏ ମିଳିବା ସ୍ୱପ୍ନ ପାଲଟିଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପଥ ଉତ୍ସବ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ସକାଳ ୬ଟା।
- ଆର୍‌କେଏନ୍ ପକ୍ଷରୁ ଗାନ୍ଧୀଜି ଆନିମଲ ୱେଲଫେୟାର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟ ଶାସ୍ତ୍ର ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ କନ୍ତପଡ଼ା ପ୍ରିମିଅର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଶହୀଦ ପଡ଼ିଆ, କନ୍ତପଡ଼ା, ସମୟ: ପୂର୍ବାହ୍ନ ୧୧ଟା୩୦।

## ବାଲେଶ୍ୱର

- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ସକାଳ ୯ଟା।
- ନୂତନ ପଞ୍ଚାୟତ ଅଫିସ ଗୃହ ଉଦ୍‌ଘାଟନ, ସ୍ଥାନ: ବାହାବଳପୁର ରାଜୀବ ଭଜନ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମେଗା ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରୂପସା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୋଡ଼ାଡିହା କମ୍ୟୁନିଟି ସେଣ୍ଟର, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସୂଚନା ଅଧିକାର କର୍ମଶାଳା, ସ୍ଥାନ: ଅସ୍ତିଆ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋଚିକୋଇଲି କଲ୍ୟାଣ ମଣ୍ଡପ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ସବ ଉତ୍ତର ଓଡ଼ିଶା ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଚିଙ୍ଗୁଡିପୁର ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ଚିଙ୍ଗୁଡିପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ବନ୍ଧୁମିଳନ ଓ କବିତା ଆସର, ସ୍ଥାନ: ବୈଦିକ ଯଜ୍ଞ ମଣ୍ଡପ, ଦୋବଲ, ସମୟ: ଅପରାହ୍ନ ୩ଟା ୩୦।
- କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମହରମପୁର ଶିବମନ୍ଦିର, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଦୁର୍ଗାପଡ଼ିଆ, ଅର୍ଜ୍ଜୁନବିନ୍ଧା, ତିହିଡ଼ି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରାଜ୍ୟ ଶିଳ୍ପ ମନ୍ତ୍ରୀଙ୍କ ବଡ଼ବିଲ ଗସ୍ତ, ସ୍ଥାନ: ଆଇଟିଆଇ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା ୪୫।
- ଜଳ ବିଭାଜିକା ମହୋତ୍ସବ, ସ୍ଥାନ: ପାଟଣା ବ୍ଲକ୍ ଚିନାମାଳି ପୋଷି ପଞ୍ଚାୟତ ନୂଆପଡ଼ା ଛକ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଇଣ୍ଡିଆନ ବାଇବାର୍ଥର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ସେଲ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପାଲାକାର ସଂଘ ପକ୍ଷରୁ କୃତଜ୍ଞତା ସଭା, ସ୍ଥାନ: ସଦର ବ୍ଲକ୍ କନଫରେନ୍ସ ହଲ, କେନ୍ଦୁଝର, ସମୟ: ମଧ୍ୟାହ୍ନ ୧୨ଟା।

## ବ୍ରହ୍ମପୁର

- ବିଶ୍ୱ ବ୍ରେଲି ଦିବସ, ସ୍ଥାନ: ଓମ୍ ସାଇ ଗାର୍ଡେନ, ହିଲପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମପୁର ସାହିତ୍ୟ ପରିଷଦର ସମ୍ବର୍ଦ୍ଧନା ସଭା, ସ୍ଥାନ: ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ଗୋଇଲୁଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ମା' ଦଣ୍ଡକାଳୀ ଗଞ୍ଜାମ ଢୋଲିଆ ମହାସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରକାଶମ ହଲ୍, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦୀବ୍ୟଜୀବନ ସଂଘ, ଆଙ୍କୋଲି ଶାଖା, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ଏଡ଼ିୟୁଜେର ବାର୍ଷିକ ବୈଠକ, ସ୍ଥାନ: ମା ବିନିକେୟୀ ଶକ୍ତିପୀଠ , ଆଠମଲ୍ଲିକ, ସମୟ: ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର

- ଆଦିଦେବ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ବିୟୁଟି କଣ୍ଟେଷ୍ଟ, ସ୍ଥାନ: ଶ୍ରମିକ ଭବନ, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ, ସ୍ଥାନ: ସିଦ୍ଧ ମହାପୁରୁଷ ମଠ, ବାରୁଅ, କେନ୍ଦ୍ରାପଡା, ସମୟ: ସକାଳ ୯ଟା ।
- ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କଖାରୁଣୀ, ପଚ୍ଚାମୁଣ୍ଡାଇ, ସମୟ: ସକାଳ ୯ଟା।
- ବାବା ସଙ୍କଟମୋଚନଙ୍କ ବାର୍ଷିକ ମହାଯଜ୍ଞ, ସ୍ଥାନ: ବୀରସ୍ୱତୀ, ଇଚ୍ଛାପୁର, କେନ୍ଦ୍ରାପଡା, ସମୟ: ଅପରାହ୍ନ ୫ଟା ।
- ବାଦିପାଲା ମହୋତ୍ସବ, ସ୍ଥାନ: ମା'ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ଉତ୍କଳ ଜର୍ନାଲିଷ୍ଟ ଆସୋସିଏଶନ ଯାଜପୁର ଶାଖାର ବାର୍ଷିକ ଉତ୍ସବ, ସ୍ଥାନ: ଦାନଗଦି ରୟାଲ ତାଜ୍ ପ୍ୟାଲେସ, ସମୟ: ପୂର୍ବାହ୍ନ ୧୧ଟା।
- ଧର୍ମଶାଳା ମହୋତ୍ସବର ୧୧ତମ ସନ୍ଧ୍ୟାରେ ବି. ପ୍ରାକ୍ ବଲିଉଡ୍ ନାଇଟ୍, ସ୍ଥାନ : ଜାରକାସ୍ଥିତ ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ଜିଲା ସାମ୍ବାଦିକ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ:ଖଣ୍ଡପଡା ଉମାଦେବୀ ମନ୍ଦିର, ସମୟ:ଅପରାହ୍ନ ୧ଟା ।

## ରାୟଗଡ଼ା

- ବଂଶଧାରା ବସନ୍ତ ମହୋତ୍ସବର ମେଗା କ୍ରୀଡା ଉତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଠାକୁରାଣୀ ମନ୍ଦିରରୁ ସେବା ସମାଜ ସମ୍ମୁଖ ଖେଳ ପଡିଆ, ଗୁଣପୁର, ସମୟ: ସକାଳ ୮ଟା।
- ବ୍ରାହ୍ମଣ ସମାଜ ବୈଠକ, ସ୍ଥାନ: ସେବା ସମାଜ ପଡ଼ିଆ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରେସ ଆଣ୍ଡ ମିଡିଆ ୱେଲଫେୟାର ଆସୋସିଏଶନର ବନ୍ଧୁମିଳନ ଓ ବୈଠକ, ସ୍ଥାନ: ହାଲୁଆ ତୋଟା, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଦେଓମାଳୀ ପବ୍ଲିକ ସ୍କୁଲର ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ବେହେରା ଗୁଡ଼ା, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପୁଷ ପରବ ବାଲିଯାତ୍ରା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାତସମିଳୀ ବାଲିଯାତ୍ରା ମଣ୍ଡପ, ନନ୍ଦପୁର, ସମୟ: ଅପରାହ୍ନ ୩ଟା।
- ମା' ଶୀତଳା ଠାକୁରାଣୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ନୂଆଗୁଡ଼ା ଇଉନାଇଟେଡ୍ ସ୍ପୋର୍ଟିଂ କ୍ଲବ୍ ପଡ଼ିଆ, କୋଟପାଡ଼, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ହେପି ଫିଟ ସ୍ପୋର୍ଟସ ଫାଉଣ୍ଡେଶନ ଆୟୋଜିତ ଚତୁର୍ଥ ହାଫ ମାରାଥନ ଶୁଭାରମ୍ଭ, ସ୍ଥାନ : ନେଲସନ ମଣ୍ଡେଲା ଛକ, ସମୟ : ପ୍ରାତଃ ୫ଟା ୩୦ ।
- ଲୋକ ମହୋତ୍ସବ ସମ୍ବଲପୁର-୨୦୨୬ର ପୂଜାର୍ଚ୍ଚନା ଓ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ସମ୍ମୁଖ, ସମୟ : ୯ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ କମିଟିର କୃଷ୍ଣବରଣ କାର୍ଯ୍ୟକ୍ରମ ଓ ପୂଜାର୍ଚ୍ଚନା, ସ୍ଥାନ : ଛତାବର ଗ୍ରାମ, ସମୟ : ସକାଳ ୯ଟା ୩୦ ।
- ଲୋକ ମହୋତ୍ସବ ସମ୍ବଲପୁର ୨୦୨୬ର ଉଦ୍‌ଘାଟନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୫ଟା ୩୦ ।

## ରାଉରକେଲା

- ଏନ୍‌ଆଇଟି ଏଫ୍‌ଟିବିଆଇ ଷ୍ଟାର୍ଟଅପ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨ ଇଣ୍ଡୋ ଜର୍ମାନ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ତ୍ରିଶକ୍ତି ମନ୍ଦିରରେ ଖବରଦାତା ସମ୍ମିଳନୀ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀରାମ କଥା, ସ୍ଥାନ: ପାନପୋଷ ବସ୍ତି ରାମ ମନ୍ଦିର, ସମୟ: ଅପରାହ୍ନ ୩ଟା।
- ଲୋକନାଟକ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ଲୋକନାଟକ ମହୋତ୍ସବ--୨୦୨୬ର ଉଦ୍‌ଘାଟନୀ ସମାରୋହ ଏବଂ ପ୍ରଥମ ନାଟକ ମଞ୍ଚସ୍ଥ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କୋଶଲ ଟାଇମର ସନକ୍ଷତ୍ର ସମାରୋହ, ସ୍ଥାନ:ସ୍ୱାମୀ ଶିବାନନ୍ଦ ଆଶ୍ରମ, ବରଗଡ଼,ସମୟ: ସକାଳ ୯ଟା ୩୦।
- କବିତା ପୁସ୍ତକ ଆଶ୍ଳେଷ ଓ ଆଭା ଉନ୍ମୋଚନ ପର୍ବ, ସ୍ଥାନ: ଗାନ୍ଧୀ ଭବନ ସଭାଗୃହ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ତହସିଲ କାର୍ଯ୍ୟାଳୟ ନୂତନ କୋଠାଘର ନିର୍ମାଣର ଶିଳାନ୍ୟାସ,ସ୍ଥାନ: ନିଶାମଣି ସ୍କୁଲ ପାଖ ପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ବିଜେଡ଼ି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଧନୁଷ ଯାତ୍ରାକୁ ସ୍ୱାଗତ ସମାରୋହ, ସ୍ଥାନ: ଦେବଗଡ଼ ଗୋପାଳଜୀଉ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ଦେବଗଡ, ମଠସାହି ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା୩୦।

## ସୁବର୍ଣ୍ଣପୁର

- ଅଷ୍ଟାଦଶ ମହୁରି ମହୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଥମ ଜୀବନ ଓ ମଙ୍ଗୁଲୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ସୁବଳୟା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ସୁବଳୟା,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରାର୍ଥନା ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ସତ୍‌ସଂଗ ବିହାର ନୂଆପଡ଼ା, ସମୟ: ପ୍ରାତଃ ୫ଟା ୪୪।

## ଝାରସୁଗୁଡ଼ା

- ଜିଲା ମହୋତ୍ସବ ଦୁଲଦୁଲି କାର୍ଯ୍ୟକ୍ରମ, ସ୍ଥାନ:ବିଟିଏମ ପଡିଆ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟି ବହୁତ ଭଲ। ପାରିବାରିକ ପରିସ୍ଥିତି ଶାନ୍ତ ରହିବ। କର୍ମକ୍ଷେତ୍ରର ବିବାଦ ସମାଧାନ କରି ଆଶ୍ୱସ୍ତି ଲାଭ କରିବେ। ପ୍ରତିଦ୍ୱନ୍ଦ୍ୱିତା ଏବଂ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ। ବ୍ୟବସାୟ, ପରିବହନ ଓ ନିର୍ମାଣ କାର୍ଯ୍ୟରେ ସମସ୍ୟାର ସମ୍ମୁଖୀନ ହେବେ। ଅଧସ୍ତନ କର୍ମଚାରୀ ପ୍ରତିବାଦର ସ୍ୱର ଉଠାଇ ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ବୃଷ** ସାହାଯ୍ୟ, ସହଯୋଗ ଓ ପରୋପକାର ପ୍ରବୃତ୍ତି କାରଣରୁ ଲୋକସମ୍ପର୍କ ବୃଦ୍ଧି ପାଇବ। ବୈଷୟିକ ଅଭିବୃଦ୍ଧି ନୂଆ ନୂଆ କାମ କରିବା ସକାଶେ ଉତ୍ସାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରଭୃତି କ୍ଷେତ୍ରରୁ ଲାଭବାନ୍ ହେବେ। ଭୁଲ୍ ବୁଝାମଣା ଓ ଯୁକ୍ତିତର୍କ କାରଣରୁ ପରିବାରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ମିଥୁନ** ଭୂମିପୁତ୍ର ମଙ୍ଗଳଙ୍କ ସୁପ୍ରଭାବରୁ ଜମିଜମା କିଣାବିକା ଦିଗରେ ଆଲୋଚନା କରିପାରନ୍ତି। ପୂର୍ବର କୌଣସି ବିବାଦୀୟ କଥା ପରିସ୍ଥିତିକୁ ସରଗରମ କରି ଦେଇପାରେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଗୁରୁ ସହ ଚନ୍ଦ୍ରଙ୍କ ସଂଯୋଗ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରେ।

**କର୍କଟ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ମାନସିକ ସ୍ଥିତି ମଧ୍ୟ ଭଲ ରହିବ। ବଳହୀନ ରବିଙ୍କ ଯୋଗୁ ପିତାଙ୍କ ସହ ମତପାର୍ଥକ୍ୟ ପାରିବାରିକ ଅଶାନ୍ତିକୁ ଆମନ୍ତ୍ରଣ କରିପାରେ। କେତୁଙ୍କ କୁପ୍ରଭାବରୁ ଧନହାନି ସହ ବନ୍ଧୁଙ୍କ ସହ ବିତର୍କର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ।

**ସିଂହ** ଆଜିର ଯାତ୍ରା ସମୟରେ ବିଜାତୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ ହେବ। ପଦସ୍ଥ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣାରୁ ସୁଯୋଗ ହାତଛଡ଼ା ହୋଇପାରେ। ଆନୁଷ୍ଠାନିକ କାମ, ବାଣିଜ୍ୟ, ପରିବହନରେ ଆଖିଦୃଶିଆ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଲଘୁ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ସାହାଯ୍ୟ, ସହଯୋଗ କାର୍ଯ୍ୟ ହାସଲରେ ସହାୟକ ହେବ। କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ଓ ସାହିତ୍ୟ, କଳା କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିଜନଙ୍କ ସହିତ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଶୁଭଫଳ ପ୍ରଦାନ କରିବ।

**ତୁଳା** କାର୍ଯ୍ୟଦକ୍ଷତା ହେତୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ସହ ସାମାଜିକ ପ୍ରତିଷ୍ଠା ଲାଭ କରିବେ। ଚେଷ୍ଟା କରୁଥିବା କାମ ପାଇଁ ବିଶେଷ ଚିନ୍ତିତ ହେବାକୁ ପଡ଼ିବ ନାହିଁ। ପରିବାରରେ ପରସ୍ପର ମନର ଦୁଃଖ ଓ ଅବସୋସକୁ ପ୍ରକାଶ କରି ନ ପାରି ନୀରବ ରହିବାକୁ ବାଧ ହେବେ। ଜିଦ୍‌ଖୋର ପ୍ରବୃତ୍ତି କେତେକ ସମ୍ଭାବ୍ୟ ସମସ୍ୟାକୁ ନିମନ୍ତ୍ରଣ କରିପାରେ।

**ବିଛା** ଦୈହିକ ସୁସ୍ଥତା ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ଅଭ୍ୟର୍ଥନା ମନୋବଳ ବୃଦ୍ଧିରେ ସହାୟକ ହେବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହମତି କିମ୍ବା ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ କାରବାରରେ ଲାଭବାନ୍ ହେବେ। ଆଇନ ଅଦାଲତ, କଳା ସାହିତ୍ୟରେ ସମସ୍ୟା ସମାଧାନର ଆଶା କରାଯାଇପାରେ।

**ଧନୁ** ଅବହେଳା କାରଣରୁ ପରିବାର, ପରିବହନ ଏବଂ ସାମାଜିକ ସ୍ଥିତି ହ୍ରାସ ପାଇବ। ମନାନ୍ତରଜନିତ ହ୍ରାସ ପାଇଥିବା ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି। ନୀଚ ଜାତିର ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଯାତ୍ରା, ଆଲୋଚନା, ନିର୍ମାଣ, ଚୁକ୍ତିପତ୍ର ପ୍ରଭୃତିରେ ଆଂଶିକ ସଫଳତା ମିଳିବ।

**ମକର** ଦୀର୍ଘଦିନ ହେଲା ଯେଉଁ ଅଭିଳାଷ ରଖିଛନ୍ତି ତାହା ଆଜି ପୂରଣ ହୋଇଯିବ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଅର୍ଥ ସାହାଯ୍ୟ ପାଇବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ବନ୍ଧୁମିଳନରୁ ସାମୟିକ ଖୁସି ରହିପାରନ୍ତି।

**କୁମ୍ଭ** ପଦସ୍ଥ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ଅତ୍ୟଧିକ କର୍ମଜଞ୍ଜାଳ ହେତୁ କଠିନ ଶ୍ରମଜନିତ ମାନସିକ ଚାପ ବୃଦ୍ଧି ପାଇବ। ବ୍ୟବସାୟ , ବାଣିଜ୍ୟ, ପରିବହନ ଏବଂ ଏଜେନ୍‌ସିପ୍ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ। ପ୍ରିୟ ବନ୍ଧୁଙ୍କର ଅଶାଳୀନ ମନ୍ତବ୍ୟ କିମ୍ବା ପକ୍ଷପାତିତାକୁ ନାପସନ୍ଦ କରିବେ।

**ମୀନ** ଆନୁଷଙ୍ଗିକ ସହଯୋଗ ଲାଭ କରି ପୂର୍ବ ସଂକଳ୍ପିତ କାର୍ଯ୍ୟ ସାଧନ କରିପାରିବେ। ପାରିବାରିକ ସ୍ତରରେ ଶତ୍ରୁତାଜନିତ ବିଭିନ୍ନ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ଅସ୍ୱସ୍ତିକର ପରିସ୍ଥିତିରେ ଆତ୍ମୀୟ ଓ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଜାନୁଆରୀ ୪ ତାରିଖ, ବିଶ୍ୱ ବ୍ରେଲ୍ ଦିବସ, ମାଘ କୃଷ୍ଣ ପ୍ରତିପଦା ରବିବାର, ରାଶିନକ୍ଷତ୍ର-ପୁନର୍ବସୁ/ ମିଥୁନ, ଦିବା ଘ.୦୯।୪୩ମି. ଗତେ, କର୍କଟ ଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୯ ଗତେ ଘ. ୦୮।୧୯ ମଧ୍ୟେ, ଘ.୦୧।୧୨ ଗତେ ଘ.୦୩।୦୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୫୫ ଗତେ ଘ.୦୫।୧୬ ମଧ୍ୟେ ରାହୁକାଳ।

## ଛତିଶଗଡ଼ରେ ଏନ୍‌କାଉଣ୍ଟର...

ଆରମ୍ଭ ହୋଇଥିଲା। ସେଠାରୁ ୧୨ ମୃତଦେହ ଠାବ ହୋଇଥିବାବେଳେ ଅପରେଶନ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ। ଅନୁରୂପ ଭାବେ ବିଜାପୁର ଜଙ୍ଗଲରେ ମଧ୍ୟ ଭୋର ୫ଟାରେ ଏକ ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହୋଇଥିଲା। କିଛି ସମୟ ଧରି ଗୁଳି ବିନିମୟ ପରେ ୨ ଆତଙ୍କବାଦୀ ଟଳିପଡ଼ିଥିଲେ। ଉଭୟଙ୍କ ମୃତଦେହ ଠାବ ହୋଇଛି। ବିଜାପୁର ଜଙ୍ଗଲରେ ମଧ୍ୟ ଅପରେଶନ ଜାରି ରହିଛି। ଏନ୍‌କାଉଣ୍ଟର ସ୍ଥଳରୁ ଏକେ-୪୭, ଆଇଏନ୍‌ଏସ୍‌ଏଏସ୍, ସେଲ୍ଫ-ଲୋଡିଂ ରାଇଫଲ୍ସ ସମେତ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅପରେଶନ ଶେଷହେବା ପରେ ଅଧିକ ତଥ୍ୟ ହସ୍ତଗତ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପୋଲିସ କହିଛି, ସୁକ୍‌ମା ଏନ୍‌କାଉଣ୍ଟରରେ ମାଓବାଦୀଙ୍କ କୋଣ୍ଟା ଏରିଆ କମିଟି ଏକପ୍ରକାର ସଫା ହୋଇଯାଇଛି। ଗତବର୍ଷ ଛତିଶଗଡ଼ରେ ହୋଇଥିବା ଅନେକ ଏନ୍‌କାଉଣ୍ଟରରେ ୨୮୫ ମାଓବାଦୀ ନିହତ ହୋଇଥିବାବେଳେ ନୂଆବର୍ଷରେ ଏହା ହେଉଛି ସୁରକ୍ଷା ବଳର ପ୍ରଥମ ଏନ୍‌କାଉଣ୍ଟର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଦିନ ମେଘ, ମେଘ ନୁହେଁ**
**ଅଦିନ କୁଣିଆ, କୁଣିଆ ନୁହେଁ ।**

ସାଧାରଣତଃ ଅକାଳେ ବା ଅଦିନରେ ହେଉଥିବା ମେଘ ସ୍ୱଳ୍ପ ବୃଷ୍ଟି କରି ଛାଡ଼ିଯାଇଥାଏ। ସେହିପରି ଅଦିନରେ ଆସୁଥିବା ଅତିଥି ବା କୁଣିଆ ଅଧିକ ସମୟ ପର୍ଯ୍ୟନ୍ତ ଘରେ ରହି ନ ଥାନ୍ତି ବୋଲି ବିଶ୍ୱାସ କରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ଅନଳ ନଳ**
**ଓଦା କଞ୍ଚା ସବୁ ଜଳ ।**

ନିଆଁ ସବୁକିଛି ପୋଡ଼ିଜାଳି ଦେଇଥାଏ। ନିଆଁ ଯେପରି ଓଦା କଞ୍ଚା କିଛି ମାନି ନ ଥାଏ , ସହିଷ୍ଣୁ ଲୋକଙ୍କ ପକ୍ଷେ କଷ୍ଟ ଏବଂ ସହଜ ମଧ୍ୟରେ ଥିବା ପ୍ରଭେଦର ଗୁରୁତ୍ୱ କିଛି ରହି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ଆଦିତ୍ୟ ଆଲୁମିନା ....



ବୈଠକରେ ରାୟଗଡ଼ା ଉପଜିଲାପାଳ, କମ୍ପାନୀ କର୍ତ୍ତୃପକ୍ଷ ଓ ଜମିହରାମାନେ ଆଲୋଚନା କରୁଛନ୍ତି।

ମୌଜାର ୩୪ ପରିବାର ଓ ନୂଆସାହିକୁ ବିସ୍ଥାପିତ ମାନ୍ୟତା ଦେବା, ୨୦୧୩ ଶିଳ୍ପନୀତି ଅନୁସାରେ ଜମିର ବଜାର ଦରର ୪ ଗୁଣା ମୂଲ୍ୟ ମୂଳ ଜମିମାଲିକଙ୍କୁ ଦେବା, ଅଣତାଲିମ କ୍ଷେତ୍ରରେ ୯୦% ଓ ତାଲିମପ୍ରାପ୍ତ କ୍ଷେତ୍ରରେ ୭୫% ଯୁବତୀଯୁବକଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦେବାକୁ ବିସ୍ଥାପିତ ଓ ପ୍ରଭାବିତ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ଠିକାଦାରଙ୍କୁ ୩୦% କାର୍ଯ୍ୟ ଦେବା, ରପ୍ତାନି କାର୍ଯ୍ୟ ବିସ୍ଥାପିତ ଓ ଜମିହରାଙ୍କୁ ଦେବା, ଉଚ୍ଚଶିକ୍ଷା ପାଇଁ ଇଞ୍ଜିନିୟରିଂ କଲେଜ ଓ ଗୁଣାତ୍ମକ ଚିକିତ୍ସା ସେବା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ସ୍ଥାପନ କରିବାକୁ ଦାବି ହୋଇଛି। କାଡ଼ାମପଦର ଗାଁ ଦେଇ କମ୍ପାନୀର ମାଇନିଂ ରାସ୍ତା ଓ ମାଇନିଂ ବେଲ୍ଟ ଯାଉଥିବା କାରଣରୁ ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପିତ ମାନ୍ୟତା ଦେବା ପାଇଁ ଦାବି କରାଯାଇଛି। ସେହିଭଳି ଆର୍‌ପିଡିଏସିରେ ସ୍ଥାନୀୟ ଅଞ୍ଚଳର ଅଖିଳ ଖୋଡ଼ିଆ, ଗଙ୍ଗାଧର ରାଜ, ରବି ମାଝି ଓ ଲଳିତା ନାଏକଙ୍କୁ ସଦସ୍ୟ କରିବା ସହ କମ୍ପାନୀରେ ଜଣେ ଓଡ଼ିଆ ସିଇଓଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ପୂର୍ବରୁ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କୁ ନିଯୁକ୍ତି ମିଳିଛି। ଆଗାମୀ ଦିନରେ ମଧ୍ୟ ନିଯୁକ୍ତି ଦେବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ଥାପିତଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ବୈଠକରେ ଆଦିତ୍ୟ ଆଲୁମିନା ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ଦୀପକ ମହାନ୍ତି, ସିଏସ୍‌ଆର୍ ଓ ଆର୍‌ଆର୍ ମୁଖ୍ୟ ତନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

ସୂଚନାଥାଉ କି, କଂସାରିଗୁଡ଼ାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଆଦିତ୍ୟ ଆଲୁମିନା ରିଫାଇନେରି କାରଖାନା ପ୍ରତିଷ୍ଠା ନେଇ ୨୦୦୬ରେ କଂସାରିଗୁଡ଼ା, ପୋଡ଼ାପାଡ଼ି, ପୁହୁଣ୍ଡି, ଆଣ୍ଟୁଗୁଡ଼ା, କାଡ଼ାପଦର ଗ୍ରାମର ଜମି ଅଧିଗ୍ରହଣ ହୋଇଥିଲା। ଜମି ମାଲିକଙ୍କୁ ସେହି ସମୟର ଜମି ମୂଲ୍ୟ ଆଧାରରେ କ୍ଷତିପୂରଣ ଦିଆଯାଇଥିଲା। ୨୦୧୪ ନଭେମ୍ବର ୪ରେ ଅନୁଷ୍ଠିତ ଦ୍ୱିତୀୟ ଆର୍‌ପିଡିଏସି ବୈଠକରେ ତତ୍କାଳୀନ ରାଜସ୍ୱ ଆୟୁକ୍ତ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ଓ ତତ୍କାଳୀନ ଲକ୍ଷ୍ମୀପୁର ବିଧାୟକ କାର୍ଯ୍ୟ ତ୍ୱରାନ୍ୱିତକରି କାର୍ଯ୍ୟକ୍ଷମ ପାଇଁ ଆଦିତ୍ୟ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ୨୦୨୩ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା। ୨୦୦୬ ଶିଳ୍ପନୀତି ଏବଂ ୨୦୧୩ ଶିଳ୍ପନୀତି ଅନୁଯାୟୀ ଜମି ଅଧିଗ୍ରହଣର ୫ବର୍ଷ ମଧ୍ୟରେ କମ୍ପାନୀ କାର୍ଯ୍ୟକ୍ଷମ ନ ହେଲେ ଜମିକୁ ମୂଳ ମାଲିକଙ୍କୁ ଫେରାଇ ଦିଆଯିବ ଏବଂ ପୁନଃ ଅଧିଗ୍ରହଣ ହେବା ନିୟମ ରହିଛି। କିନ୍ତୁ କମ୍ପାନୀ ଜମି ଫେରସ୍ତ ପରିବର୍ତ୍ତେ ସେଠାରେ ୨୦୨୩ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। ଜମି ଦେଇ କାମ ନ ଥିବା ଓ ଆର୍ଥିକ କ୍ଷୟକ୍ଷତିର ଶିକାର କାରଣରୁ କମ୍ପାନୀ କାର୍ଯ୍ୟକ୍ଷମକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ନୂତନ ନିୟମାବଳୀ ଅନୁସାରେ କ୍ଷତିପୂରଣ ଦାବି କରିଥିଲେ। ପୁନଃ ଆର୍‌ପିଡିଏସି ବୈଠକ ପାଇଁ ଦାବି ହେଉଥିଲେ ମଧ୍ୟ ଜିଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଗତ ଡିସେମ୍ବରରେ କମ୍ପାନୀ ସମ୍ମୁଖରେ ଜମି ଦେଇଥିବା ଲୋକେ ଧାରଣାରେ ବସିଥିଲେ। ସେହି ସମୟରେ ଉପଜିଲାପାଳ ରମେଶ ଚନ୍ଦ୍ର ଜେନା ଏକ ବୈଠକ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ଭେନେଜୁଏଲାରେ ଆମେରିକାର ...

କହିଛି। ଏହା ବିରୋଧରେ ଜନସାଧାରଣ ରାସ୍ତାକୁ ଓହ୍ଲାଇବାକୁ ସରକାରଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ମାଦୁରୋ ଓ ତାଙ୍କ ସ୍ତ୍ରୀ ତଥା ଭେନେଜୁଏଲାର ଫାଷ୍ଟ ଲେଡି ସିଲିଆ ଫ୍ଲୋରେସ୍‌ଙ୍କୁ ଆମେରିକା ଗିରଫ କରିଥିବା ଦାବି କରୁଥିବାବେଳେ ସେ ଏବେ କେଉଁଠି ତାହା ଜଣାପଡ଼ିନାହିଁ। ତେଣୁ ଏବେ ଦେଶ କିଏ ଚଳାଉଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ କହିଛନ୍ତି, ଭେନେଜୁଏଲା ଆଇନ ଅନୁଯାୟୀ ଉପରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗୁଏଜ୍ କ୍ଷମତା ହାତକୁ ନେବେ। ତେବେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି କି ନାହିଁ, ତାହା ଜଣାପଡ଼ିନାହିଁ। ଗିରଫ ପରେ ମାଦୁରୋ ଏବଂ ଫ୍ଲୋରେସ୍ ବଞ୍ଚିଥିବା ନେଇ ଆମେ ପ୍ରମାଣ ଦାବି କରୁଛୁ ବୋଲି ଉପରାଷ୍ଟ୍ରପତି ରୋଡ୍ରିଗୁଏଜ୍ କହିଛନ୍ତି।

ଆମେରିକା ଆଇନ ଅନୁଯାୟୀ, ଆକ୍ରମଣର ଆଇନଗତ ନିହିତାର୍ଥ ତୁରନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ କହିଛନ୍ତି, ଆମେରିକାରେ ଆପରାଧିକ ମାମଲାର ବିଚାର ପାଇଁ ମାଦୁରୋଙ୍କୁ ଆମେରିକା ସୁରକ୍ଷା ବଳ ଗିରଫ କରିଛି। ତେବେ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ କେଉଁଠିକୁ ନିଆଯାଇଛି, ସେ ନେଇ ହ୍ୱାଇଟ୍ ହାଉସ୍ ନୀରବ ରହିଛି। ନ୍ୟୁୟର୍କର ସଦର୍ନ ଡିଷ୍ଟ୍ରିକ୍ଟ ୨୦୨୦ ମାର୍ଚ୍ଚରେ ମାଦୁରୋଙ୍କ ବିରୋଧରେ ନାର୍କୋ ଟେରୋରିଜମ୍ ଅଭିଯୋଗ ଆଣିଥିଲା।

ଗତ ଶୁକ୍ରବାର ମାଦୁରୋଙ୍କ ଶେଷ ଥର ପାଇଁ କାରାକାସ୍‌ରେ ଚାଇନା ଅଫିସରମାନଙ୍କ ଏକ ପ୍ରତିନିଧି ଦଳ ସହ ବୈଠକ କରୁଥିବା ସରକାରୀ ଟିଭିରେ ଦେଖିବାକୁ ମିଳିଥିଲା। ନୂଆବର୍ଷର ତୃତୀୟ ଦିନରେ କାରାକାସ୍ ଉପରେ ଆମେରିକା ଅନ୍ୟୂନ ୭ଟି ବୋମାମାଡ଼ କରିଛି। ଲୋକମାନେ ଭୟରେ ରାସ୍ତାକୁ ପଳାଇଆସିଥିଲେ। ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିବା ସୋସିଆଲ ମିଡିଆରେ ଲୋକେ ପୋଷ୍ଟ କରିଛନ୍ତି। ୩୦ ମିନିଟ୍‌ର ଏହି ଆକ୍ରମଣରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ଆକ୍ରମଣକୁ ଦୃଷ୍ଟିରେ ରଖି ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଭେନେଜୁଏଲାରେ ଆମେରିକାର ବ୍ୟବସାୟିକ ବିମାନ ଚଳାଚଳକୁ ନିଷେଧ କରିଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଭେନେଜୁଏଲାର ଡ୍ରଗ୍ସ ଉତ୍ପାଦନକାରୀମାନେ ବ୍ୟବହାର କରୁଥିବା ଏକ ଡକିଂ ଅଞ୍ଚଳରେ ମିଶାଇଲ୍ ମାଡ଼ ହୋଇଥିଲା। ଏହି ଆକ୍ରମଣ ପଛରେ ସିଆଇଏ (ଆମେରିକାର କେନ୍ଦ୍ରୀୟ ଗୋଇନ୍ଦା ଏଜେନ୍ସି) ଥିଲା। ସେପ୍ଟେମ୍ବରରେ ଆମେରିକା ଆକ୍ରମଣ ଆରମ୍ଭ କରିବା ପରଠାରୁ ଭେନେଜୁଏଲା ମାଟିରେ ଏହା ପ୍ରଥମ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଥିଲା। ଏହା ପୂର୍ବରୁ କିଛିମାସ ହେଲା ନିଶାଦ୍ରବ୍ୟ ପରିବହନ କରୁଥିବା ବୋଟ୍‌ଗୁଡ଼ିକ ଉପରେ ଆକ୍ରମଣ ଚାଲିଥିବାବେଳେ ଖୁବ୍‌ଶୀଘ୍ର ଭେନେଜୁଏଲା ମାଟିରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେବେ ବୋଲି ଟ୍ରମ୍ପ ଧମକ ଦେଇଥିଲେ। ତେବେ ତାଙ୍କୁ କ୍ଷମତାରୁ ହଟାଇବା ପାଇଁ ଆମେରିକାର ସେନା ଅଭିଯାନ ଏକ ଲୁଚାଛପା ପ୍ରୟାସ ବୋଲି ମାଦୁରୋ ଅଭିଯୋଗ କରିଥିଲେ।

ଭେନେଜୁଏଲା ଉପରେ ଆମେରିକାର ଜୋର୍‌ଦାର ଆକ୍ରମଣ ଏବଂ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରି ଦେଶ ବାହାରକୁ ନେଇଯିବା ଘଟଣାକୁ ନେଇ ବିଭିନ୍ନ ଦେଶ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କଲମ୍ବିଆର ବାମପନ୍ଥୀ ରାଷ୍ଟ୍ରପତି ଗୁଷ୍ଟଭୋ ପେଟ୍ରୋ ଜାତିସଂଘର ଜରୁରୀ ବୈଠକ ଡାକିବାକୁ ଆହ୍ୱାନ ଦେଇଛନ୍ତି। ସେ ଭେନେଜୁଏଲା ସୀମାରେ ସେନା ମୁତୟନ କରିଛନ୍ତି। ଆମେରିକା ଓ ଭେନେଜୁଏଲା ମଧ୍ୟରେ ସୃଷ୍ଟ ସଙ୍କଟର ସମାଧାନ ପାଇଁ ସ୍ପେନ୍ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛି। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ରୁଷିଆ ନିନ୍ଦା କରିଛି। ଆକ୍ରମଣ ପଛରେ କୌଣସି ତର୍କସଙ୍ଗତ ଯଥାର୍ଥତା ନାହିଁ। କୂଟନୀତି ଉପରେ ବୈଚାରିକ ଶତ୍ରୁତା ଲଦିଦିଆଯାଇଥିବା ମସ୍କୋ କହିଛି। ଭେନେଜୁଏଲା ଉପରେ ଆକ୍ରମଣକୁ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କଡ଼ା ନିନ୍ଦା କରିଛି। ଦେଶର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାର ଏହା ଘୋର ଉଲ୍ଲଂଘନ ବୋଲି ଇରାନ କହିଛି।

## ଫୁଟବଲ୍ ମ୍ୟାଚ୍ ସରିବା ପରେ ଉତ୍ତେଜନା

ବ୍ରହ୍ମପୁର:(ସୁବାସ ଚନ୍ଦ୍ର ପାଢ଼ୀ) ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଶନିବାର ରାତିରେ ଫାଇନାଲ ମ୍ୟାଚ ଚାଲିଥିଲା । ପାନ୍ନା ଫୁଟବଲ କ୍ଲବ ଭଞ୍ଜନଗର ସହିତ ବ୍ରହ୍ମପୁରର ପତିତପାବନ ଫୁଟବଲ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଉଭୟ ଦଳ ସମାନ ଗୋଲ କରିଥିବାରୁ ପେନାଲଟି ଶଟ୍ ହୋଇଥିଲା । ଏଥିରେ ଭଞ୍ଜନଗର ୫-୪ ଗୋଲରେ ବିଜୟୀ ହୋଇଥିଲା । ଖେଳ ସରିଥିଲା । ଭଞ୍ଜନଗରକୁ ବିଜୟୀ ଘୋଷଣା କରାଯାଇଥିଲା । ଏହି ସମୟରେ ଦର୍ଶକ ଗ୍ୟାଲେରୀରୁ ଜଣେ ଦର୍ଶକ ଭଞ୍ଜନଗର ଦଳର ଗୋଲ ଦେଇଥିବା ଖେଳାଳିଙ୍କୁ ଧକ୍କା ମାରିଥିଲେ । ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା । ଖବରପାଇ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ପହଞ୍ଚିଥିଲେ ।



**ସଂକ୍ଷେପରେ**

## କଳାହାଣ୍ଡିରୁ ପୁରୀ ଶ୍ରଦ୍ଧାଳୁଙ୍କ ପଦଯାତ୍ରା

କବିସୂର୍ଯ୍ୟନଗର, ୩୧ (କୃପାସିନ୍ଧୁ ସ୍ୱାଇଁ)

ନାମ ସଙ୍କୀର୍ତ୍ତନରେ ବିଶ୍ୱାସ, ଜୀବପ୍ରତି ଦୟା ଓ ପରିବେଶ ସୁରକ୍ଷା ବାର୍ତ୍ତା ନେଇ ୧୪ ଜଣ ଶ୍ରଦ୍ଧାଳୁ କଳାହାଣ୍ଡିରୁ ପୁରୀକୁ ପଦଯାତ୍ରାରେ ବାହାରିଛନ୍ତି । ମଣିଷ ଆଜି ବିପଥଗାମୀ । ନିଜ ସ୍ୱାର୍ଥ ପାଇଁ ପରିବେଶ, ପ୍ରକୃତିର ଅବକ୍ଷୟ ଲାଗି ପଛାଉନାହିଁ । ମୋ ଶେଷ ନିଶ୍ୱାସ ଥିବାଯାଏ ମାନବ ସେବା ମୋର ବ୍ରତ ହେବ ବୋଲି ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ମଞ୍ଜୁଳ ମିଶ୍ରଙ୍କ ନେତୃତ୍ୱରେ ଆସିଥିବା ଏହି ପଦଯାତ୍ରୀ ଦଳର ପଣ୍ଡିତ ମିଶ୍ର କହିଛନ୍ତି । ଗତ ୨୨ ତାରିଖରୁ କଳାହାଣ୍ଡି ଭବାନୀପାଟଣାରୁ ପଦଯାତ୍ରାରେ ବାହାରିଥିବା ଏହି ଦଳ ଦୀର୍ଘ ୪୩୩ କି.ମି. ପଦଯାତ୍ରା କରି ଶ୍ରୀକ୍ଷେତ୍ର ପୁରୀରେ ଆସନ୍ତା ଜାନୁଆରୀ ୧୦ରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି । ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କଠାରେ ମାନବ ଜାତି ଉଦ୍ଦେଶ୍ୟରେ ତିନୋଟି ପ୍ରାର୍ଥନା କରିବେ ବୋଲି ସେମାନେ ଜଣାଇଛନ୍ତି । ସମସ୍ତ ପଦଯାତ୍ରୀଙ୍କ ବୟସାଧିକ ହୋଇଥିଲେ ସୁଦ୍ଧା ମହାପ୍ରଭୁଙ୍କ କୃପାରୁ ରାସ୍ତାରେ କୌଣସି ସମସ୍ୟା ଉପୁଜି ନ ଥିବା ମିଶ୍ର କହିଛନ୍ତି । ଶନିବାର ସନ୍ଧ୍ୟାରେ କବିସୂର୍ଯ୍ୟନଗର ନାରାୟଣପୁର ଶାସନବାସୀ ଧନେଇ ନଦୀଠାରେ ଗିନି, ମୃଦଙ୍ଗ ବଜାଇ ଫୁଲମାଳ ଦେଇ ପଦଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ସେମାନେ ଏଠାରେ ରାତ୍ରିଯାପନ କରି ରବିବାର ପୁଣି ପଦଯାତ୍ରାରେ ବାହିରିବେ। ଏହି ପଦଯାତ୍ରାରେ କମ୍ବୁପାଣି ପରଚ୍ଛା, ତ୍ରିନାଥ ସେଠୀ, ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ଘାସିରାମ ଜେନା, ମଧୁସୂଦନ ବେହେରା, ନଗେନ ମହାରଣା ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସାମିଲ ହୋଇଛନ୍ତି ।

## ସ୍ୱାସ୍ଥ୍ୟ ସେବା ଶିବିରରେ ସାମିଲ ହେଲେ ବିଧାୟକ

ଗୋପାଳପୁର, ୩୧ (ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ କୋଠାରସିଂ ପଞ୍ଚାୟତର ମାଣିକପୁରା ଠାରେ ଶନିବାର କୋଲା ରାମମୂର୍ତ୍ତିଙ୍କ ୧୭ ତମ ଶ୍ରାଦ୍ଧ ଦିବସ ଅବସରରେ କୋଲା ରାମମୂର୍ତ୍ତି ଚାରିଟେବୁଲ ଟ୍ରଷ୍ଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି । ହାଇଦ୍ରାବାଦସ୍ଥିତ ଯଶୋଦା ହସ୍ପିଟାଲର ନିର୍ଦ୍ଦେଶକ ଡ. କେ.ଭେଙ୍କେଟ ରମଣ ଏବଂ କେୟାର ହସ୍ପିଟାଲର ଚର୍ମ ରୋଗ ବିଶେଷଜ୍ଞ ଡ. ପଦ୍ମଶ୍ରୀ ଦୀପ୍ତି ଶିବିରରେ ଯୋଗ ଦେଇ ଆଖ ପାଖ ଅଞ୍ଚଳର ୪ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ବିଭିନ୍ନ ପ୍ରକାର ରୋଗ ଚିକିତ୍ସା ସହିତ ରକ୍ତଚାପ, ମଧୁମେହ ପରୀକ୍ଷା ଇସିଜି ଏବଂ ଚର୍ମ ରୋଗର ଚିକିତ୍ସା କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ରରେ କୋଠାରସିଂ, ମାଣିକପୁର, ଭଲିଆଗଡ଼, ତଡ଼ତଡ଼ାପଲ୍ଲୀ, ଗୋଲନ୍ଥରା, ମନ୍ତ୍ରୀଡ଼ି, ବିଶ୍ୱନାଥପୁରା, ଗୋବିନ୍ଦନଗର ସହିତ ୨୦ରୁ ଊର୍ଦ୍ଧ୍ୱ ଖଣ୍ଡ ଗ୍ରାମର ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହିଶିବିରରେ ମହୁଡା ଫାର୍ମାସିଷ୍ଟ କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । କେ. ଶିବ ଗୋପାଳ, କେ. ପ୍ରେମେଶ୍ୱର ରାଓ, କେ.ଜଗନ୍ନାଥ ରାଓ, କେ.ବାଲ ଗୋପାଳ, କେ. ତେଜେଶ୍ୱର, କେ.ବିବେକ କେ.ଭାଶିଷ୍ଟ, କେ. ଇନ୍ଦ୍ରା, କେ.ଭାଗ୍ୟଲକ୍ଷ୍ମୀ, ଏନ. ରାମନା, ଇ. ଜଗଦେଶ୍ୱରୀ, ଇ. ଏଲ ମୂର୍ତ୍ତି ପ୍ରମୁଖ ସହଯୋଗ କରି ଶିବିରକୁ ପରିଚାଳନା କରିଥିଲେ । କୋଠାରସିଂ ସମିତି ସଭ୍ୟ ଆଶିଷ ରାଉଳ, ପ୍ରଦୀପ କୁମାର ଶତପଥି, ସାମଜିକ କର୍ମୀ ତ୍ରିନାଥ ରେଡ଼ି, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ପ୍ରତିନିଧି ସିଏଚ. ନରେଶ ପ୍ରମୁଖ ଶିବିରରେ ଉପସ୍ଥିତ ରହିଥିଲେ । ସେହିପରି ଗୋଳନ୍ଥରା ଚଟି ସ୍ଥିତ ବିଶ୍ୱନାଥ ଉଚ୍ଚ ଏବଂ ବୈଷୟିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଯୋଗ ଦେଇଥିଲେ । ଡ. ଭେଙ୍କେଟ ଓ ଡ଼ା. ପଦ୍ମଶ୍ରୀ ଦୀପ୍ତି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ହୃତପିଣ୍ଡ ଓ ଫୁସଫୁସ ପୁନଃ ପ୍ରଣାଦେବା ପ୍ରକ୍ରିୟା କିପରି କରାଯାଏ ତାହାର ପ୍ରଶିକ୍ଷଣ ଦେଇଥିଲେ ।

## ସାଇକେଲ ଚୋରକୁ ଧରିଲେ ଲୋକେ

ହିଞ୍ଜିଳିକାଟୁ, ୩୧ (ଦ୍ୱିତୀକୃଷ୍ଣ ପଣ୍ଡା):

କିଛି ଦିନ ଧରି ହିଞ୍ଜିଳିକାଟୁ ଅଞ୍ଚଳରେ ବାରମ୍ବାର ସାଇକେଲ ଚୋରି ହେଉଥିବା ଅଭିଯୋଗ ହେଉଥିଲା । ଶନିବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ରେଗିଡି ସାହିର ଏକ ଘର ସମ୍ମୁଖରୁ ଜଣେ ସାଇକେଲ ଚୋରି କରୁଥିବା ବେଳେ ସାହିବାସିନ୍ଦା ତାଙ୍କୁ କାବୁ କରି ହିଞ୍ଜିଳି ଥାନାକୁ ଖବର ଦେଇଥିଲେ । ପରେ ହିଞ୍ଜିଳି ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା କରୁଛି ।

# ଖୋଲିଲା ମଣ୍ଡି, ହେଉନି ଧାନ ସଂଗ୍ରହ

ଫୁଲବାଣୀ, ୩୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ସରକାର ଗତ ୩୧ ତାରିଖରେ ଧାନ ମଣ୍ଡି ଖୋଲିଛନ୍ତି । ହେଲେ ଆଜି ପର୍ଯ୍ୟନ୍ତ ଧାନ ସଂଗ୍ରହ ହୋଇପାରୁନି। କାରଣ ସରକାର ଆଜି ପର୍ଯ୍ୟନ୍ତ ମିଲର ଠିକ୍ କରି ପାରୁନାହାନ୍ତି । କେବେ ମିଲର ଠିକ୍ ହେବେ ଏବଂ ଚାଷୀ ଧାନ ମଣ୍ଡିରେ ଦେବେ ତାହାକୁ ନେଇ ଏବେ ଚାଷୀ ଚିନ୍ତାରେ ପଡିଛନ୍ତି । ସେପଟେ ଯୋଗାଣ ବିଭାଗ କହୁଛି ଚାଷୀଙ୍କୁ ଟୋକନ ଦିଆ ସରିଛି । ଧାନ ସଂଗ୍ରହ ଆମେ ସୋମବାରରୁ କରିବୁ । ଇତି ମଧ୍ୟରେ ଆମ ପାଖକୁ ମିଲରଙ୍କ ତାଲିକା ଆସିଯିବ। ଏହି ବୃତ୍ତାନ୍ତ ପ୍ରକ୍ରିୟା ମଧ୍ୟରେ ଚାଷୀ ଏକ ପ୍ରକାର ହତାଶ ହୋଇ ପଡିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁସାରେ ଗତ ୩୧ ତାରିଖରେ ବାଲିଗୁଡା ବ୍ଲକ୍ ଲଣ୍ଡାଗାଁରେ ମଣ୍ଡି ଉଦ୍‌ଘାଟିତ ହୋଇଥିଲା । ଚାଷୀମାନେ ସେମାନେ ଧାନ ବିକ୍ରି କରି ଟଙ୍କା ପାଇବେ ବୋଲି ଖୁସିଥିଲେ । କିନ୍ତୁ ସେମାନଙ୍କ ଆଶାରେ ବାଧକ ସାଜିଲା ଧାନ ସଂଗ୍ରହ କରିବାକୁ ଥିବା ମିଲର ସଂସ୍ଥା। ପୂର୍ବ ବର୍ଷ ଯେଉଁ ମିଲରମାନେ ଧାନ ସଂଗ୍ରହ କରିଥିଲେ ସେମାନଙ୍କ ମଧ୍ୟରୁ ଜଣେ ବି ମାନଦଣ୍ଡ ପୂରଣ କରି ପାରି ନାହାନ୍ତି । ଅର୍ଥାତ ୯୦ ପ୍ରତିଶତ ଚାଉଳ ସରକାରଙ୍କୁ ଦେଇପାରି ନାହାନ୍ତି । ଚାଉଳ ମିଲରଙ୍କ ପାଖରେ ଥିବାରୁ ସରକାର କେଉଁ ମିଲରକୁ ଅନୁମତି ଦେବେ ତାହାକୁ ନେଇ ଦ୍ୱନ୍ଦରେ ରହିଛନ୍ତି । ଗଞ୍ଜାମ ଜିଲାର ଶ୍ରୀ ଶ୍ରୀ ଜଗତଜନନୀ ମିଲର ସର୍ବାଧିକ ୮୩ ପ୍ରତିଶତ ଚାଉଳ ଦେଇଥିବା ବେଳେ ସର୍ବନିମ୍ନ ଲକ୍ଷ୍ମୀ ନୃସିଂହ ମିଲର ମାତ୍ର ୫୧ ପ୍ରତିଶତ ଚାଉଳ ପ୍ରଦାନ କରିଛି ।

ଗତବର୍ଷ ଜିଲାର ଟିକାବାଲିରେ ଥିବା ଏକ ମାତ୍ର ମିଲର ମା’ ବରାଳଦେବୀ ୭୮ ହଜାର ୫୧୮ କୁଇଣ୍ଟାଲ ଧାନ ସଂଗ୍ରହ କରିଥିଲା । ଏଥିରୁ ୫୩ ହଜାର ୯୨୬ କୁଇଣ୍ଟାଲ ଚାଉଳ ଦେବାକୁ ଥିବା ବେଳେ ଆଜି ପର୍ଯ୍ୟନ୍ତ ୪୩ ହଜାର ୯୮ କୁଇଣ୍ଟାଲ ଧାନ ଦେଇଛି । ଆହୁରି ୧୦ ହଜାର ୮୨୬ କୁଇଣ୍ଟାଲ ଧାନ ଦେବାକୁ ବାକି ଅଛି । ଯାହା ଆହୁରି ୨୦ ପ୍ରତଶତ । ସେହିପରି ଗଞ୍ଜାମ ଜିଲାର ତ୍ରିଶକ୍ତି ମିଲର ୧୨ ହଜାର ୨୪୮ କୁଇଣ୍ଟାଲ ଧାନ ସଂଗ୍ରହ କରିଥିବା ବେଳେ ୮୩୨୮ କୁଇଣ୍ଟାଲ ଚାଉଳ ଦେବାକୁ ଥିଲା । ଆଜି ପର୍ଯ୍ୟନ୍ତ ୫୨୧୬ କୁଇଂଟାଲ ଦେଇଥିବା ବେଳେ ଆଉ ୩୧୧୨ କୁଇଣ୍ଟାଲ(୩୭%) ବାକି ରହିଛି । ଅନୁରୂପ ଭାବେ ଲକ୍ଷ୍ମୀ ନୃସିଂହ ୪୯ ପ୍ରତଶତ ଏବଂ ଜଗତଜନନୀ ୧୭ ପ୍ରତିଶତ ଚାଉଳ ଦେବାକୁ ବାକି ରହିଛି । ଗତ ବର୍ଷ ଜିଲାରେ ମୋଟ ୧ ଲକ୍ଷ ୧୬ ହଜାର ୨୫୨ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା ।

ଚଳିତ ବର୍ଷ ଜିଲାରେ ୩୮୪୫ ଜଣ ଚାଷୀ ଧାନ ବିକ୍ରୀ କରିବା ପାଇଁ ପଞ୍ଜୀକୃତ ହୋଇଥିଲେ । ବିଭିନ୍ନ କାରଣରୁ ସେମାନଙ୍କ ମଧ୍ୟରୁ ୭୧ ଜଣଙ୍କ ନାମ କଟିବାରୁ ୩୭୭୪ ଜଣ ପଂଜୀକୃତ ଅଛନ୍ତି । ପ୍ରଥମ ଦଫାରେ ୪୪ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ଜିଲାରେ ମୋଟ ୨୩ଟି ଧାନ ମଣ୍ଡି ଖୋଲିବା ଲାଗି ସ୍ଥିର ହୋଇଛି । ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁଙ୍କୁ ପଚାରିବାରୁ ମିଲର ବୃତ୍ତାନ୍ତ ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ । ଆମେ ସୋମବାରରୁ ଚାଷୀଙ୍କ ପାଖରୁ ଧାନ କିଣିବୁ ମିଲର ମାନେ ନିୟମ ମୁତାବକ ଚାଉଳ ଦେଇ ପାରି ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କହିଛନ୍ତି ।

## ଜଳିଗଲା କାର୍-ବୁଲେଟ, ୨ ଭାଇ ଗୁରୁତର

ଫୁଲବାଣୀ, ୩୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ଥାନା ଅନ୍ତର୍ଗତ ଡୁଙ୍ଗୀ ବୁଲାଣିଠାରେ ଶନିବାର ଏକ କାର ଓ ବୁଲେଟ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାର୍ ଏବଂ ବୁଲେଟ ଜଳି ଯାଇଛି। ଦୁର୍ଘଟଣାରେ ୨ଭାଇ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।
ସୂଚନା ଅନୁସାରେ, କଳିଙ୍ଗା ଠାରୁ ଫୁଲବାଣୀ ଅଭିମୁଖେ ଆସୁଥିବା କାର୍‌ଟି ବିପରିତ ଦିଗରୁ ଆସୁଥିବା ବୁଲେଟ ସହ ଧକ୍କା ହୋଇଥିଲା । କାର୍ ଓ ବୁଲେଟରେ ନିଆଁ ଲାଗି ଜଳି ଯାଇଥିଲା । କାରରେ ଥିବା ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ବୁଲେଟରେ ଥିବା ୨ ଭାଇଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଟିକାବାଲି ମେଡିକାଲ ଓ ପରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ୨ ଭାଇ ହେଲେ ଚକାପାଦ ବ୍ଲକର ବି.ବୋପଲମେଣ୍ଡି ପଞ୍ଚାୟତ ବେଡାସୁଗା ଗ୍ରାମର ବଡ ଭାଇ ରଙ୍ଗଲାଲ ଏବଂ ସାନ ଭାଇ ଗୌରାଙ୍ଗ ଚରଣ ନାୟକ। ଏନେଇ ଟିକାବାଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚାଳାଇଛି।

## ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

ଖଲ୍ଲିକୋଟ, ୩୧ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମରୁ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଜବତ କରିବା ସହ ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ନାଭାଲ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ସେ ହେଲେ ଆସିକା ଥାନା ଜଗନ୍ନାଥପଲ୍ଲୀ ଗ୍ରାମର ପପୁ ନାୟକ (୨୮) । ବାଗଲପୁର ଗ୍ରାମର ସିଲୁ ସ୍ୱାଇଁଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ କଂକ୍ରିଟ କଟିଂ ମେସିନ, ଲୁହା ରଡ଼ କଟିଂ ମେସିନ, କଂକ୍ରିଟ ବ୍ରେକର, କଂକ୍ରିଟ ଡ୍ରିଲ ମେସିନ, କାଠ ପ୍ଲାଇ କଟିଂଗ ମେସିନ ଓ ଗୋଟିଏ ଗ୍ରାଇଣ୍ଡର ଚୋରି କରି ନେଇଥିଲା । ଏ ନେଇ ଗତ ମାସ ୨୮ ତାରିଖ ଦିନ ଭେଜିପୁଟ ଫାଣ୍ଡିରେ ସିଲୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ଥାନାରେ ୧୦୭୧/୨୫ ଅନୁଯାୟୀ ମାମଲା ରୁଜୁ କରି ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ଶନିବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଓଏପିଏଫ୍ ପ୍ରଦୀପ ମଲ୍ଲିକ, କନେଷ୍ଟବଳ ବାପୁନା ସ୍ୱାଇଁ, ହୋମଗାର୍ଡ ଦିନେଶ ବେହେରା ପ୍ରମୁଖ ବାଲୁଗାଁ ଥାନା ନାଭାଲ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ପପୁ ନାୟକଙ୍କୁ ଗିରଫ କରିବା ସହ ତା ଠାରୁ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଥିଲେ।

## ସ୍ୱତନ୍ତ୍ର ଶୀତ ଶିବିର ଉଦ୍‌ଯାପିତ


ଅତିଥିମାନଙ୍କ ଗହଣରେ ସ୍ୱେଚ୍ଛାସେବୀ ।

ଆସିକା, ୩୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଜ୍ଞାନ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଖାରିଆ ଓ ଘଟକୁରୀ ଗ୍ରାମରେ ଚାଲିଥିବା ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଛି। କଲେଜ ଭାରପ୍ରାପ୍ତ ଅଧ୍ୟକ୍ଷ ବିଭୁତି ଭୂଷଣ ବେର୍ବାଙ୍କ ଅଧ୍ୟକ୍ଷତାରେ ଖାରିଆ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାରଙ୍ଗଧର ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଦାସ, କଲେଜ ସ୍କାଉଟ ଗାଇଡ ଅଧିକାରୀ ଅଧ୍ୟାପକ ସରୋଜ ପଣ୍ଡା, ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ରାଜେଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେବା ଯୋଜନା ଅଧିକାରୀ ଅଧ୍ୟାପକ ଚିତ୍ରସେନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱେଚ୍ଛାସେବୀ ମାନଙ୍କୁ ସେବା ମାଧ୍ୟମରେ ନିଜର ବ୍ୟକ୍ତିତ୍ୱ ବିକାଶ ଲାଗି ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରିଥିଲେ । ଛାତ୍ରୀଛାତ୍ର ସମସ୍ତ କାର୍ଯ୍ୟରେ ସମୟାନୁବର୍ତ୍ତିତା, ଦାୟିତ୍ୱବୋଧ, ନିୟମିତତା ଏବଂ ଧୈର୍ଯ୍ୟପୂର୍ଣ୍ଣ ହୋଇ ସୁନ୍ଦର ଜୀବନ ଗଢି ତୋଳିବା ଲାଗି ପରାମର୍ଶ ଦେଇଥିଲେ । ୭ଦିନ ବ୍ୟାପୀ ଏହି ଶିବିର ମାଧ୍ୟମରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ବାଲ୍ୟବିବାହ ମୁକ୍ତ ରହିବା, ପରିବେଶକୁ ସ୍ୱଚ୍ଛ ରଖିବା, ଚାରା ରୋପଣ ଆଦି ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ରଶ୍ମିପ୍ରିୟା କାଲ, ଡ. ମାଧୁରୀ ହେମ୍ବ୍ରମ୍, ଯୋଗେଶ୍ୱରୀ ଧାରୁଆ ପ୍ରମୁଖ ଯୋଗଦେଇଥିଲେ ।

## ପୁଷପୂର୍ଣ୍ଣିମାରେ ଖୋଲିଲା ମା’ ବରାଳିନୀଙ୍କ ଦ୍ୱାର

ଜି.ଉଦୟଗିରି, ୩୧ (ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିରେ ଅଧିଷ୍ଠାତ୍ରୀ ଦେବୀ ମା’ ବରାଳିନୀଙ୍କ ମନ୍ଦିର ଦ୍ୱାର ବର୍ଷ ଯାକରେ କେବଳ ୫ଥର ଖୋଲୁଥିବା ବେଳେ ଶନିବାର ପୁଷପୂର୍ଣ୍ଣିମାରେ ମା’ଦ୍ୱାର ଖୋଲାଯାଇଛି। ଏହି ଦିନ ମା’ଙ୍କ ସ୍ୱତନ୍ତ୍ର ରୀତିନୀତି ସହ ପୂଜାଅର୍ଚ୍ଚନା କରାଯାଇଥାଏ । ଶ୍ରଦ୍ଧାଳୁ ସନ୍ଧ୍ୟା ସମୟରେ ମା’ଙ୍କୁ ଦର୍ଶନ କରିବାକୁ ଆସି ପୂଜା ଅର୍ଚ୍ଚନା କରିଥାନ୍ତି। ଏଥି ପାଇଁ ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଆଖପାଖରୁ ଭକ୍ତଙ୍କ ଗହଳି ଲାଗିରହିଛି। ଅନ୍ୟ ଦିନ ମାନଙ୍କରେ ମା’ଙ୍କ ଦ୍ୱାର ବନ୍ଦ ରହୁଥିବା ଯୋଗୁ ଶ୍ରଦ୍ଧାଳୁ ବାହାରେ ପୂଜାର୍ଚ୍ଚନା କରିଥାନ୍ତି।

## ପୌଷପୂର୍ଣ୍ଣିମାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନା ବେଶ

ଜି.ଉଦୟଗିରି, ୩୧ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ପୌଷପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସୁନା ବେଶ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।ସ୍ଥାନୀୟ ମନ୍ଦିର ପୂଜକ ଅଚ୍ୟୁତାନନ୍ଦ ପଣ୍ଡା ମହାପ୍ରଭୁ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର,ଭଉଣୀ ସୁଭଦ୍ରାଙ୍କୁ ବିଭିନ୍ନ ଅଳଙ୍କାର ସହ ସୁନା ବେଶରେ ସୁସଜ୍ଜିତ କରିଥିଲେ। ଏହି ଅବସରରେ ମା’ ଲକ୍ଷ୍ମୀଙ୍କୁ ମଧ୍ୟ ସୁନା ଅଳଙ୍କାର ପିନ୍ଧେଇ ସୁନା ବେଶରେ ସଜ୍ଜିତ କରାଯାଇଥିଲା। ପୁଷପୂର୍ଣ୍ଣିମାର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାଳୁ ଚରଣ ପଣ୍ଡା,ଚନ୍ଦ୍ର ଶେଖର ପଣ୍ଡା ,ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିବା ବେଳେ ମନ୍ଦିର ପରିଚାଳନା କମିଟି ସଭାପତି ସମୀର କୁମାର ପାଢୀ,କୋଷାଧ୍ୟକ୍ଷ ଗଣେଶ୍ୱର ପାଢ଼ୀ,ସଭ୍ୟ ହେମନ୍ତ ପାଣିଗ୍ରାହୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶନିବାର ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ନିମନ୍ତେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଦିନକୁ ଦିନ ଫେରିବାଲାଙ୍କ ବଢୁଛି ଉପଦ୍ରବ
### ଦିନରେ ବେପାରୀ ସନ୍ଧ୍ୟାରେ ଲୁଟ ପାଇଁ ଯୋଜନା

ଦାରିଙ୍ଗବାଡ଼ି, ୩୧ (ଅରୁଣ ସାହୁ)

ଦାରିଙ୍ଗବାଡି ଅଞ୍ଚଳରେ ମାଳମାଳ ବୁଲା ବିକାଳି ବୁଲୁଛନ୍ତି। ସେମାନଙ୍କ ଗତିବିଧି ଉପରେ ପୋଲିସର ନଜର ପଡୁ ନ ଥିବା ଓ ଦିନରେ ବୁଲା ବିକାଳି ଓ ସନ୍ଧ୍ୟା ହେଲେ ଲୋକଙ୍କୁ ଲୁଟ ପାଇଁ ଟାର୍ଗେଟ କରୁଛନ୍ତି। ସେ ମଧ୍ୟ ନାଟକୀୟ ଢଙ୍ଗରେ କରାଯାଉଥିବା ଓ ଲୋକମାନେ ପୋଲିସକୁ ସୂଚନା ଦେବାବେଳେ ଘଟଣା ସ୍ଥଳରୁ ବାଇକରେ ଫେରାର ହୋଇଯାଇଥିବା ଘଟଣା ଜୋରଦାର ଚର୍ଚ୍ଚା ଧରିଛି। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଦାରିଙ୍ଗବାଡ଼ି ୪ ଛକ ଜନଗହଳି ସ୍ଥାନ ଭିଡ଼ରେ ୨ ଜଣ ବାହାର ରାଜ୍ୟର ବୁଲା ବିକାଳି ନିଜ ଭଙ୍ଗା ଦଦରା ବାଇକକୁ ରଖି କିଛି ଦୂରରେ ଲୁଚି ଦେଖନ୍ତି। ସେମାନେ ଅନ୍ୟ ଏକ ବାଇକକୁ ଏମିତି ନିଜ ବାଇକଟି ରଖିଥିଲେ ଅନ୍ୟ ଭଦ୍ର ବ୍ୟକ୍ତିଟି ନିଜ ବାଇକ ବାହାର କରିବା ବେଳେ ତାଙ୍କ ବାଇକଟି ପଡ଼ିଯିବ ଓ ସେ ଭଦ୍ର ଲୋକ ବାଇକ ବାଲାଙ୍କୁ ପଛରେ ପିଛା କରି ବାଇକ ବାଲାଙ୍କୁ ଅଟକାଇ ତାଙ୍କ ଭାଙ୍ଗିଦେଇଛ କହି ଧମକାଇ ଅର୍ଥ ଆଦାୟ କରୁଛନ୍ତି। ଏଭଳି ସନ୍ଧ୍ୟାରେ ଘଟିବାରୁ ବାଇକରେ ଥିବା ଭଦ୍ର ଲୋକ କହିଲେ ମୁଁ ଉକ୍ତ ବାଇକ ପକାଇନାହିଁ। ୨ ଜଣଙ୍କୁ ପୁଣି ବାଟରୁ ବୁଦ୍ଧି ଖଟାଇ ସେହି ସ୍ଥାନକୁ ଫେରିବାକୁ ଉକ୍ତ ଫେରିବାଲାଙ୍କୁ କହି ୪ଛକକୁ ଫେରାଇ ଆଣି ଭଦ୍ର ଲୋକ ଜଣଙ୍କ ପୋଲିସକୁ ଫୋନ କରାଇଥିଲେ। ଏହି ସମୟରେ ସେ ୨ ଫେରିବାଲା ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନଙ୍କ ଫେରାର ଘଟଣାକୁ ନେଇ ଅଞ୍ଚଳରେ ସେମାନଙ୍କ ସମ୍ପର୍କରେ ଅନେକ ଆଲୋଚନା ଜୋର ଧରିଛି। ସେମାନେ କୁଆଡେ ଅନ୍ୟ ରାଜ୍ୟ କିମ୍ବା ଦେଶର ଲୋକ ହୋଇଥାଇପାରନ୍ତି ବୋଲି ସନ୍ଦେହ ବୃଦ୍ଧି ପାଇଛି। ପୋଲିସ ଏଭଳି ବୁଲା ବିକାଳିଙ୍କ ନଜର ରଖିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରେ କୁହାଯାଉଛି।

## ଧାନମଣ୍ଡି ଉଦ୍‌ଘାଟିତ

ଦିଗପହଣ୍ଡି, ୩୧ (ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ସାହସପୁର ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମ୍ପାଦକ ନାରାୟଣ ରାଉଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆସିକା ଏମ୍‌ପି ପ୍ରତିନିଧି ବିଜୟ ସ୍ୱାଇଁ, ସମବାୟ ସମିତି ସଭାପତି ଏ.କୈଳାସ ପାତ୍ର, ସାହସପୁର ପଞ୍ଚାୟତ ସରପଞ୍ଚ ସୁଶାନ୍ତ ସେଠୀ, ରୁଦ୍ରୁଙ୍ଗପୁର ପଞ୍ଚାୟତ ସରପଞ୍ଚ ଜାଗିଲି ସେଠୀ, ବଜାର ନିୟନ୍ତ୍ରିତ କମିଟି ଅଧିକାରୀ ପ୍ରିୟଙ୍କା ପ୍ରଧାନ, ସନୋଜ ବିଷୋୟୀ, ଡାଟା ଏଣ୍ଟ୍ରି ଅପରେଟର ଅନିଲ ରାଉଳ, ମିଲର ରାମଚନ୍ଦ୍ର ସାହୁ, ସାମାଜିକ କର୍ମୀ ଗଦାଧର ସ୍ୱାଇଁ, ଚିନ୍ମୟ ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମ୍ପାଦକ ଗୋପାଳକୃଷ୍ଣ ଜେନାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଧାନମଣ୍ଡିକୁ ଉଦଘାଟନ କରିଥିଲେ। ସମବାୟ ସଭାପତି ନିରଞ୍ଜନ ପ୍ରଧାନ, ଡିଇଓ ସିଦ୍ଧ ନାଥ ବିଷୋୟୀ, ମିଲର କୈଳାସ ଚନ୍ଦ୍ର ପଣ୍ଡା, ଗୋପୀଚାନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ମଦ କାରବାର ବନ୍ଦ କରିବାକୁ ଦାବି



ଦାରିଙ୍ଗବାଡ଼ି, ୩୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା କିରିକୁଟି ପଞ୍ଚାୟତ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇଛି। ଅଞ୍ଚଳରେ ଶାନ୍ତି ଫେରିବା ପାଇଁ ଚାଲିଥିବା ନିଶା କାରବାରକୁ ବନ୍ଦ କରାଯିବା ଆବଶ୍ୟକ ବୋଲି କିରିକୁଟି ଗ୍ରାମରେ ବୈଠକ କରି ଏ ସମ୍ପର୍କରେ ଦାରିଙ୍ଗବାଡ଼ି ଥାନା ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ କିଟିକୁଟି ଅଞ୍ଚଳରେ ଅବାଧରେ ଚାଲିଥିବା ମଦ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଅଞ୍ଚଳରେ ନିଶା କାରବାର ବନ୍ଦ କରିବାକୁ ନିବେଦନ କରାଯାଇଛି। ଏନେଇ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଆଇଆଇଆସି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ୪୬୮ ଚାଷୀଙ୍କଠାରୁ କିଣାଗଲାଣି ୧୯ହଜାର ୮୧୧ କୁଇଣ୍ଟାଲ ଧାନ

ଛତ୍ରପୁର, ୩୧ (ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲାରେ ଡିସେମ୍ବର ୨୩ରୁ ଧାନ କିଣା ପ୍ରକ୍ରିୟା ଚାଲୁ ରହିଛି । ଏଯାବତ ୪୬୮ ଜଣ ଚାଷୀଙ୍କଠାରୁ ୧୯ହଜାର ୮୧୧ କୁଇଣ୍ଟାଲ ଧାନ କ୍ରୟ ହେଲାଣି ବୋଲି ଜିଲା ଯୋଗାଣ ବିଭାଗ ପ୍ରକାଶ କରିଛି । ଧାନ ବିକ୍ରି କରିଥିବା ୧୨୮ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧କୋଟି ୩୫ ଲକ୍ଷ ୨୮ ହଜାର ୫୫୩ ଟଙ୍କା ଯାଇଥିବା ବିଭାଗ ସୂଚନା ଦେଇଛି । ଜିଲାକୁ ଏଯାବତ୍ ୮୭ ହଜାର ୫୯୨ ଜଣ ଚାଷୀଙ୍କ ଟୋକନ ଆସିଛି। ଏବେ ସୁଦ୍ଧା ସନ୍ଦିଗ୍ଧ ପ୍ଲଟର ସାଟେଲାଇଟ୍ ସର୍ଭେ ଜାରି ରହିଛି । ସର୍ଭେ ସବୁ ସରିବା ପରେ ଟୋକନ ମଧ୍ୟ ଆସିବ। ଅନ୍ୟ ପକ୍ଷରେ ଜିଲାରେ ୨୦୨୫/୨୬ ବର୍ଷରେ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲାଇଟ ସର୍ଭେ ପରେ ୧ ଲକ୍ଷ ୫୪ ହଜାର ୫୫୩ ଜଣ ସକ୍ରିୟ ଚାଷୀ ରହିଛନ୍ତି । ସର୍ଭେ ପରେ ଆହୁରି ଅନେକ ଚାଷୀ କଟିବେ । ଜିଲାରେ ଏଯାଏ ୧୪୫ଟି ଧାନ ମଣ୍ଡି ଖୋଲିଛି। ଆଗାମୀ ଦିନରେ ଅନ୍ୟ ସବୁ ମଣ୍ଡି ଖୋଲିବ । ଚଳିତବର୍ଷ ଧାନ କିଣା ପାଇଁ ୬୪ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଟାର୍ଗେଟ୍ ଆସିଛି । ଜିଲାରେ ୨୦୨୪/୨୫ ବର୍ଷରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲାଇଟ ସର୍ଭେ ପରେ ୧ ଲକ୍ଷ ୪୪ ହଜାର ୬୮୪ ଜଣ ଚାଷୀ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଥିଲେ । ୬୦ ଲକ୍ଷ ୨୩ ହଜାର ୫୯୮ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଆସିଥିବା ବେଳେ ୧ ଲକ୍ଷ ୩୯ ହଜାର ୮୮୪ ଜଣ ଚାଷୀଙ୍କଠାରୁ ୫୮ ଲକ୍ଷ ୮୦ ହଜାର ୮୫୪ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜିଲା ଯୋଗାଣ ବିଭାଗ କହିଛି । ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ୨୩ଟି ତହସିଲ ଅଧୀନ ୨୭୫୪ ଗାଁର ୨ ଲକ୍ଷ ୩୩ ହଜାର ୪୩୮ ସନ୍ଦିଗ୍ଧ ପ୍ଲଟର ସର୍ଭେ କାର୍ଯ୍ୟ ଜାରି ରହିଛି ।

## ଭଲିବଲ ଟୁର୍ନାମେଣ୍ଟ, ଫାଇନାଲରେ ଗୁମ୍ମା ଟିମ୍



ଦିଗପହଣ୍ଡି, ୩୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ମିନି ଷ୍ଟାଡିୟମରେ ସ୍ୱର୍ଗତ ବି.ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ର ୬ଷ୍ଠ ଦିବସ ଶନିବାର ୨ ୟ ସେମି ଫାଇନାଲ ମ୍ୟାଚ୍‌ରେ ଗଜପତି ଜିଲାର ଗୁମ୍ମା ଗ୍ରାମ ଭଲିବଲ ଟିମ୍ ପ୍ରତିପକ୍ଷ ଡେଙ୍ଗାପଦର ଭଲିବଲ ଟିମ୍‌କୁ ସମୁଦାୟ ୫ ମ୍ୟାଚ୍ ମଧ୍ୟରୁ କ୍ରମାଗତ ୩ ଟି ମ୍ୟାଚ୍‌ରେ ପରାଜିତ କରି ପରବର୍ତ୍ତୀ ଫାଇନାଲ ମ୍ୟାଚ୍‌କୁ ପ୍ରବେଶ କରିଛି। ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ର ୬ଷ୍ଠ ଦିବସ ସେମି ଫାଇନାଲ ମ୍ୟାଚ୍‌କୁ ବ୍ରହ୍ମପୁରର ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ ଅର୍ଜ୍ଜୁ . ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜିତ ମ୍ୟାଚ୍ କାର୍ଯ୍ୟକ୍ରମରେ ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାକୁଡ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ. ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ନାୟକ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ଡେଙ୍ଗାପଦର ଭଲିବଲ ଟିମ୍‌ର ଶ୍ରେଷ୍ଠ ଖେଳାଳି କୁଶ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇ ଅନ୍ୟତମ ଅତିଥି ଆୟୋଜକ କମିଟି ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ସଦସ୍ୟ ହୃଦୟ ନନ୍ଦ, ସମୀର ପଣ୍ଡା, ସନାତନ ରେଡ୍ଡୀ, ନରେନ୍ଦ୍ର ସାହୁ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସହ ସଭ୍ୟ ମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଶାନ୍ତି କମିଟି ବୈଠକ ପରେ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ବାଟଫିଟିଲା

ପାରଳାଖେମୁଣ୍ଡି, ୩୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଅନ୍ତର୍ଗତ ବିବାଦୀୟ ଚନ୍ଦନଖଳା ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଛି। ଶନିବାର ଏନେଇ ଗୋଷାଣି ବିଡିଓଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ଶାନ୍ତି କମିଟି ବୈଠକ ହୋଇଥିଲା । ଏଥିରେ ଉଭୟ ଚନ୍ଦନଖଳା ଏବଂ ପାଟିକୋଟା ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଚନ୍ଦନଖଳା ରାସ୍ତା ଗତ ୩୦ ବର୍ଷ ତଳେ ନିର୍ମାଣ ହୋଇଥିଲେ ହେଁ ମାତ୍ର ୭୦୦ ମିଟର ଅଣଓସାରିଆ ତଥା ମାଟି ରାସ୍ତା ଜମି ବିବାଦ ଯୋଗୁ ରାସ୍ତା ନିର୍ମାଣ ନ ହୋଇ ବିବାଦୀୟ ହୋଇପଡିଥିଲା। ଏହିରାସ୍ତା ଉପରେ ଉଭୟ ଗୋଷାଣି ଓ ଗୁମ୍ମା ବ୍ଲକର ବହୁ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଏହି ୭୦୦ ମିଟର ରାସ୍ତା ଶୋଚନୀୟ ହୋଇପଡି ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିଲା। ରାସ୍ତା ନିର୍ମାଣ ପାଇଁ ଉଭୟ ବ୍ଲକବାସୀ ବାରମ୍ବାର ଦାବି କରି ଆସୁଥିଲେ। ଗତ ୨୦୨୪ ନିର୍ବାଚନ ସମୟରେ ଭୋଟ ବର୍ଜନ ନିଷ୍ପତ୍ତି ନେବା ସହ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ । ଜିଲାପାଳ ଓ ବିଭିନ୍ନ ଅଧିକାରୀଙ୍କୁ ଜଣାଇ ମଧ୍ୟ ସମାଧାନର ବାଟ ବାହାରି ପାରୁ ନ ଥିଲା । ଡିସେମ୍ବର ୨୦ରେ ଗ୍ରାମବାସୀ ୩୨୬-ଏ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ସେସମୟରେ ପ୍ରଶାସନର ପ୍ରତିଶ୍ରୁତି ଗ୍ରାମବାସୀଙ୍କୁ ଆନ୍ଦୋଳନରୁ ନିବୃତ୍ତ କରିଥିଲା। ଏହି ଅନୁସାରେ ଶନିବାର ଉଭୟ ଗ୍ରାମର ବାସିନ୍ଦାଙ୍କ ଉପସ୍ଥିତିରେ ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ବସିଥିଲା। ଏଥିରେ ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ମଲ୍ଲିକ ଓ ପିଇଓ ଅଶୋକ ପାତ୍ରଙ୍କ ସହ ଉପଲଡା ସମିତିସଭ୍ୟ ବି.ଧନଞ୍ଜୟ ଉପସ୍ଥିତ ରହି ଆଲୋଚନା କରିଥିଲେ। ବ୍ଲକ ଅଧ୍ୟକ୍ଷ ବୀରରାଜୁ ଉଭୟ ରାସ୍ତା ଓ କେନାଲ ସମସ୍ତଙ୍କ ପାଇଁ ଆବଶ୍ୟକ। ଏଥିପାଇଁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ବୈଠକରେ ପାରଳାଖେମୁଣ୍ଡି ଉପଜିଲାପାଳ ଅନୁପ ପଣ୍ଡା ଫୋନ ମାଧ୍ୟମରେ ଆଲୋଚନା କରି ଯେଉଁ ମାଟି ରାସ୍ତା ରହିଛି ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ଉନ୍ନତିକରଣ କରାଯିବ ବୋଲି କହିଥିଲେ। ଏଥିରେ ଚନ୍ଦନଖଳା ଓ ପାଟିକୋଟାବାସୀ ସହମତି ପ୍ରକାଶ କରିଥିଲେ। ପାଟିକୋଟା ଗ୍ରାମାଞ୍ଚଳର ୩୦୦ ଏକର ଚାଷ ଜମିପାଇଁ ଜଳସେଚନ ଲାଗି ଯେଉଁ କେନାଲ ନିର୍ମାଣ ଦାବି ରହିଛି ସେନେଇ କ୍ଷୁଦ୍ର ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଛନ୍ତି। ଅନୁମୋଦନ ପାଇଁ ଏହା ସରକାରଙ୍କ ନିକଟକୁ ପଠାଯାଇଛି। ଅନୁମୋଦନ ପରେ ସରକାରୀ ଓ ବେସରକାରୀ ଜମି ଚିହ୍ନଟ ହେବ ଏବଂ ବେସରକାରୀ ଜମି ଅଧିଗ୍ରହଣ କରାଯିବ। ଏହା ସମୟ ସାପେକ୍ଷ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ମଲ୍ଲିକ ଆଲୋଚନା ବେଳେ କହିଥିଲେ । ବିଡିଓ ପଟ୍ଟନାୟକ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ କରାଯିବ ବୋଲି କହିଥିଲେ।

"ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା

# ଦୁଇ ଶକ୍ତିର ପ୍ରତିଦ୍ୱନ୍ଦ୍ୱିତା



ଆକାର ପଟେଲ

୨୦୨୬ରେ ଆମ ଯୁଗର ଦୁଇ ବୃହତ୍ ଶକ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧର ଶେଷଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେରିକା ବିଶ୍ୱବ୍ୟାପୀ ପ୍ରାଧାନ୍ୟ ବିସ୍ତାର କରିଆସିଛି। ଏହି ପ୍ରାଧାନ୍ୟ ଏବେ ଶେଷ ହେବାକୁ ଯାଉଥିବା ମନେ ହେଉଛି। ୨୦୦୦ରେ ଆମେରିକା ବିଶ୍ୱ ବାଣିଜ୍ୟ ଉପରେ ରାଜତ୍ୱ କରିଥିଲା। ହେଲେ ଏବେ ଚାଇନା ୧୫୦ରୁ ଅଧିକ ଦେଶ ସହ ବାଣିଜ୍ୟିକ ଅଂଶୀଦାର ହୋଇଛି। ହେଲେ ନୂତନ ଭାରତ ବେଜିଂ ସହିତ ସମ୍ପର୍କ ସ୍ଥାପନ କରିବାକୁ ଅନିଚ୍ଛୁକ; କିନ୍ତୁ ଅନ୍ୟ ଦେଶ ତୁଳନାରେ ଅଧିକ ଆମଦାନୀ କରିବାକୁ ବାଧ୍ୟ ହେଉଛି। ବୈଶ୍ୱିକ ବାଣିଜ୍ୟ ଯୁଦ୍ଧରେ ବିଜୟୀ ହେବା ଚାଇନା ପାଇଁ ଲାଭଦାୟକ ହୋଇଛି ଏବଂ ୨୫ ବର୍ଷ ପୂର୍ବେ ଆମେରିକା ଏହି ସ୍ତରରେ ପହଞ୍ଚିପାରି ନ ଥିଲା। ଟ୍ରେଡ୍ ସର୍ପଲସ(ଆମଦାନୀ ସାମଗ୍ରୀ ମୂଲ୍ୟଠାରୁ ରପ୍ତାନି ମୂଲ୍ୟ ଅଧିକ ରହେ)ରେ ଚାଇନା ପ୍ରତିଦିନ ୩ ବିଲିୟନ ଡଲାର ପାଉଛି, ଯାହା ଆଶ୍ଚର୍ଯ୍ୟଜନକ। ୨୦୨୫ ପାଇଁ ଏହା ୧.୧ ଟ୍ରିଲିୟନ ଡଲାର ହୋଇଛି। ସେହି ଗତିବିଧି ଜାରି ରହିଲେ ଚଳିତ ବର୍ଷ ଏହା ବୃଦ୍ଧି ପାଇବ। ୨୦୨୦ରେ ଚାଇନା ୧୦ ଲକ୍ଷ କାର ରପ୍ତାନି କରିଥିଲା ଏବଂ ତା'ପର ପାଞ୍ଚ ବର୍ଷରେ ଏହି ସଂଖ୍ୟା ୭୦ ଲକ୍ଷରେ ପହଞ୍ଚିଛି। ଏହି କାରଗୁଡ଼ିକ ଉନ୍ନତ ଏବଂ ଶସ୍ତା ହେଉଥିବାରୁ ବିଶ୍ୱ ସ୍ତରରେ ଆହୁରି ଅଧିକ ଗ୍ରହଣୀୟ ହେଉଛି। ଅକ୍ଷୟଶକ୍ତି, ସୌର ଏବଂ ପବନ ଶକ୍ତି ଉତ୍ପାଦନ କରୁଥିବା ଉପକରଣ ତିଆରି କରିବାରେ ଚାଇନା ସବୁଠୁ ଆଗରେ ରହିଛି। ବିଶ୍ୱର ପ୍ରାୟ ୭୦% ବୈଦ୍ୟୁତିକ ଯାନର ବ୍ୟାଟେରି ଚାଇନାରେ ତିଆରି ହୁଏ। ଏହା ବିଶ୍ୱର ଅଧା କିମ୍ବା ତା'ଠାରୁ ଅଧିକ ଇସ୍ପାତ, ଆଲୁମିନିୟମ ଏବଂ ସିମେଣ୍ଟ ପ୍ରସ୍ତୁତ କରେ। ବିଶ୍ୱରେ ବ୍ୟବହୃତ ପ୍ରାୟ ତିନି ଚତୁର୍ଥାଂଶ ଡ୍ରୋନ ଚାଇନାର। ବିଶ୍ୱର ଅଧାରୁ ଅଧିକ ଜାହାଜ ଚାଇନା ନିର୍ମିତ। ବିଶେଷକରି ଏଲ୍ଏନ୍ଜି ଟ୍ୟାଙ୍କର୍, କ୍ରୁଜ ଓ ବଡ଼ ସାମରିକ ଜାହାଜ ଏବଂ ସାମଗ୍ରୀ ବହନ କରୁଥିବା କଣ୍ଟେନର ଜାହାଜ ବର୍ତ୍ତମାନ ଚାଇନାରେ ନିର୍ମାଣ କରାଯାଉଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଶାସନରେ, ଆମେରିକା ଟାରିଫ୍ ଲଗାଇ ବିଶ୍ୱକୁ ଦେଇଥିବା ଧମକକୁ ଚାଇନା ପ୍ରତିରୋଧ କରି ସଫଳ ହୋଇଥିଲାବେଳେ ନୂତନ ଭାରତ ସମେତ ଅଧିକାଂଶ ଦେଶ ଟ୍ରମ୍ପଙ୍କ କଥା ଅନୁସାରେ ଶୁଳ୍କ ଦେଇଛନ୍ତି। ଟ୍ରମ୍ପ ତାଙ୍କ ଟାରିଫ୍ ବୃଦ୍ଧିରୁ ପଛକୁ ହଟିଗଲେ ମଧ୍ୟ ଆମେରିକାର ପ୍ରତିରକ୍ଷା ଶିଳ୍ପ ପାଇଁ ଚୁମ୍ବକ ଏବଂ ସାମଗ୍ରୀ ଚାଇନାରୁ ଆଣିବାକୁ ପଡୁଛି, ଯାହା ବିନା କ୍ଷେପଣାସ୍ତ୍ର ଏବଂ ଜେଟ ତିଆରି ଅସମ୍ଭବ। କିଛି ସପ୍ତାହ ପୂର୍ବରୁ ଚାଇନାକୁ ରପ୍ତାନି ହେଉଥିବା ନିଭିଡିଆ କମ୍ପାନୀ ଉଚ୍ଚମାନର ଚିପ୍ସ ରପ୍ତାନି କଟକଣାକୁ ସହଜ କରିଥିଲେ ମଧ୍ୟ ଶି ଜିନ୍‌ପିଙ୍ଗ କହିଥିଲେ ଯେ ଚାଇନା ସେଗୁଡ଼ିକୁ କିଣିବ ନାହିଁ ଏବଂ ତା'ଠାରୁ କମ୍ ମାନର ହେଉ ପଛେ ତାହା ନିଜେ ତିଆରି କରିବ। ଗତ ମାସରେ ଏକ ରିପୋର୍ଟ ଆସିଥିଲା, ଚିପ୍ସ ପାଇଁ ଲିଥିଓଗ୍ରାଫି ପାଉ ନ ଥିଲେ ମଧ୍ୟ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚାଇନା ସଫଳତା ହାସଲ କରିଛି। ସାଧାରଣତଃ ଧାରଣା ରହିଛି ଯେ ଯଦି କିଛି ଉତ୍ପାଦନରେ ଜଟିଳତା ଯେତେ ଥାଉନା କାହିଁକି ଚାଇନା ତାହା କରିପାରିବ। ବାଣିଜ୍ୟିକ ବିମାନ ପାଇଁ ମଧ୍ୟ ସମାନ କଥା ପ୍ରଯୁଜ୍ୟ। ଛଅ ଦଶନ୍ଧିରୁ ଅଧିକ ସମୟ ଧରି ଆମେରିକାରେ ବୋଇଂ ଏବଂ ୟୁରୋପରେ ଏୟାରବସ ଥିବାବେଳେ ଚାଇନା ଗତବର୍ଷ ଏହାର ବାଣିଜ୍ୟିକ ଜେଟ ଚାଲୁ କରିଥିଲା ଏବଂ ୨୦୨୬ରେ ଏହାକୁ ବ୍ୟାପକ କରିବା ଆମେ ଦେଖିବୁ। ଚାଇନା କିଛି ମାସ ପୂର୍ବରୁ ଏହାର ପ୍ରଥମ ସ୍ୱଦେଶୀ ତଥା ଉଚ୍ଚମାନର ବିମାନ ବାହକ ଜାହାଜକୁ ନିୟୋଜିତ କରିଥିଲା ଏବଂ ଚଳିତବର୍ଷ ଏହା ପ୍ରଥମ ପରମାଣୁ ଶକ୍ତିସଂପନ୍ନ ବିମାନ ନିର୍ମାଣ କରିବ। ଏକ ଆମେରିକୀୟ ପ୍ରତିରକ୍ଷା ରିପୋର୍ଟରେ କୁହାଯାଇଛି ଯେ ୧୦ ବର୍ଷ ମଧ୍ୟରେ ଚାଇନା ପାଖରେ ପ୍ରାୟ ସମାନ ସଂଖ୍ୟକ ବାହକ ଯୁଦ୍ଧ ବିମାନ ରହିବ, ଯାହା ଏବେ ଆମେରିକା ପାଖରେ (୧୧ଟି) ଅଛି। ୨୦୨୫ରେ ଚାଇନା ଯୁଦ୍ଧ ବିମାନ ପ୍ରଦର୍ଶନ କଲା, ଯାହା ପୁରୁଣା ଆମେରିକୀୟ ବିମାନ ଅପେକ୍ଷା ଉନ୍ନତ ଥିଲା।

ବିଶ୍ୱର ପ୍ରତିଭାମାନେ ଆମେରିକାକୁ ଚାଲିଯାଇଥିବାରୁ ଆମେରିକାର ପ୍ରାଧାନ୍ୟ ମୁଖ୍ୟତଃ ବଢ଼ିଛି। ଏହି ଧାରା ଭାରତୀୟ ବିଶେଷକରି ମଧ୍ୟବିତ୍ତ ବର୍ଗଙ୍କ ପାଇଁ କିଛି ସୁବିଧା ଆଣି ଦେଇଥିଲା। ହେଲେ ଏଚ୍‌ୱାନବି ପ୍ରୋଗ୍ରାମ ଦେୟ ଏବଂ ଆମେରିକା ବିଶ୍ୱବିଦ୍ୟାଳୟଗୁଡ଼ିକର ସମସ୍ୟା ସହ ଟ୍ରମ୍ପଙ୍କ ନୀତିଗୁଡ଼ିକ ଏହାକୁ ଶେଷ କରିଦେଇଛି। ଭାରତ ପରି ଚାଇନା କେବେ ବି ପ୍ରବାସୀଙ୍କୁ ସ୍ୱାଗତ କରିନାହିଁ। କିନ୍ତୁ ଏହା ଏହାର ସମାନତା ସହିତ ଆରାମଦାୟକ ଏବଂ ଶିଳ୍ପ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର କରି ବିଭିନ୍ନ ସମସ୍ୟା ଦୂର କରିଛି। ୨୦୧୮ରେ ଚାଇନା ପ୍ରଥମେ ଅନୁଭବ କରିଥିଲା ଯେ ଆମେରିକା ହେଉଛି ତାହାର ପ୍ରତିଦ୍ୱନ୍ଦ୍ୱୀ। ସ୍ଥିତିକୁ ପରଖି ପରବର୍ତ୍ତୀ ସାତ ବର୍ଷରେ ନିଜକୁ କିଭଳି ପ୍ରସ୍ତୁତ କରିବ ତାହା ଆକଳନ କରିଥିଲା। ଏକ ମାତ୍ର ଦେଶ ଭାବେ ସେ ଏହା କରିଛି। ଏକ ବର୍ଷ ପୂର୍ବେ ଟ୍ରମ୍ପ କ୍ଷମତାକୁ ଫେରିବା ବେଳକୁ ଚାଇନା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଥିଲା ଏବଂ ଏବେ ତାକୁ ରୋକିବା ଅସମ୍ଭବ। ଏହା ମୁଖ୍ୟତଃ ଆତ୍ମନିର୍ଭରଶୀଳ ହେବାପାଇଁ ସେହି ସମୟ ବିତାଇଥିଲା। ଚାଇନା ଏତେ କମ୍ ସମୟ ମଧ୍ୟରେ ହାସଲ କରିପାରିଲା ଯେ ବର୍ତ୍ତମାନ ସାରା ବିଶ୍ୱ ଏହା ଉପରେ ନିର୍ଭରଶୀଳ। ଆମେରିକା ଆପଣାଇଥିବା ପଥକୁ ମୁକାବିଲା କରି ଏହା ହାସଲ କରିଛି। ଏହା ସରକାରଙ୍କ ଦାୟିତ୍ୱ ବୃଦ୍ଧି କରି କର୍ପୋରେଟଗୁଡ଼ିକର ବ୍ୟୟ ରୋକିବାରେ ସଫଳ ହୋଇଛି। ସବୁଠାରୁ ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ପ୍ରତ୍ୟାଖ୍ୟାନ କରି ନିଜସ୍ୱ ପ୍ରଯୁକ୍ତିବିଦ୍ୟା ପ୍ରସ୍ତୁତ କରିବାକୁ ପସନ୍ଦ କରିଛି। ବ୍ୟାଙ୍କଗୁଡ଼ିକ ରିୟଲ ଇଷ୍ଟେଟକୁ ଋଣ ଦେବା ପାଇଁ ଚାଇନା ବନ୍ଦ କରିବା ସହ ଶିଳ୍ପକୁ ପାଣ୍ଠି ଯୋଗାଇବାକୁ ବାଧ୍ୟ କରିଛି। ସମସ୍ତ ଯୋଜନା ଏବଂ କାର୍ଯ୍ୟାନ୍ୱୟନ ଚାଇନାକୁ ଏବେ ଏହି ସ୍ଥାନରେ ପହଞ୍ଚାଇଛି। ତେବେ ଆମେରିକାର ପ୍ରଭୁତ୍ୱ ବିସ୍ତାର ପ୍ରତି ଆହ୍ୱାନ ରହିଛି। ଏଠାରେ ବୟସ୍କଙ୍କ ସଂଖ୍ୟାରେ ବୃଦ୍ଧି ହେଉଛି, ବିଶ୍ୱ ପାଇଁ ନିଜ ଦ୍ୱାର ବନ୍ଦ କରିଦେଉଛି ଏବଂ ଧୀରେ ଧୀରେ ପଛରେ ପଡ଼ିଯାଉଛି। ବୃହତ୍ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଚଳିତବର୍ଷ ଏହି ଦୁଇ ଆଧୁନିକ ଶକ୍ତି ମଧ୍ୟରେ କ'ଣ ନୂତନ ବିକାଶ ଆସିବ ତାହା ଦେଖିବା ଆକର୍ଷଣୀୟ ହେବ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 7 | |
| | 6 | | 2 | | | | 1 | 5 |
| | 5 | | | | | 2 | | |
| 7 | | 4 | | | | | | |
| | | | 7 | | 6 | | | |
| | | 3 | | | | | 2 | 8 |
| | | | 5 | 3 | | 1 | | 9 |
| 5 | | | 1 | 4 | 7 | | | |
| | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 2 | 3 | 1 | 7 | 8 | 5 | 9 |
| 5 | 3 | 7 | 6 | 8 | 9 | 4 | 1 | 2 |
| 1 | 8 | 9 | 5 | 2 | 4 | 3 | 7 | 6 |
| 3 | 7 | 1 | 2 | 9 | 8 | 5 | 6 | 4 |
| 9 | 6 | 8 | 4 | 5 | 1 | 2 | 3 | 7 |
| 4 | 2 | 5 | 7 | 3 | 6 | 1 | 9 | 8 |
| 8 | 1 | 4 | 9 | 7 | 3 | 6 | 2 | 5 |
| 7 | 5 | 3 | 8 | 6 | 2 | 9 | 4 | 1 |
| 2 | 9 | 6 | 1 | 4 | 5 | 7 | 8 | 3 |

ଗତକାଲିର ଉତ୍ତର

# ବିତର୍କରେ ଆରାବଳୀ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବିଶ୍ୱର ସର୍ବ ପୁରାତନ ପର୍ବତମାଳା ମଧ୍ୟରେ ଆରାବଳୀ ଅନ୍ୟତମ। ଭାରତର ଉତ୍ତର-ପଶ୍ଚିମରେ ଅବସ୍ଥିତ ଗୁଜରାଟ, ରାଜସ୍ଥାନ, ହରିୟାଣା ଏବଂ ଦିଲ୍ଲୀ ରାଜ୍ୟର ଭୌଗୋଳିକ ସୀମା ମଧ୍ୟରେ ପ୍ରାୟ ୬୭୦-୮୦୦ କି.ମି. ସୁଦୀର୍ଘ ଅଞ୍ଚଳରେ ଏହା ପରିବ୍ୟାପ୍ତ। ପର୍ବତମାଳାର ସର୍ବୋଚ୍ଚ ଗିରିଶୃଙ୍ଗ ୧୭୨୨ ମିଟର ଉଚ୍ଚତା ବିଶିଷ୍ଟ ଗୁରୁ ଶିଖର ରାଜସ୍ଥାନରେ ଅବସ୍ଥିତ। ଏହି ପାହାଡ଼ ସମୂହର ମନୋରମ ସୌନ୍ଦର୍ଯ୍ୟ ସନ୍ନିବେଶ ରହିଛି ଏହାର ଦୁର୍ଗମ ଭୂଦୃଶ୍ୟ, ସମୃଦ୍ଧ ଜୈବ ବିବିଧତା ଏବଂ ଗଭୀର ସାଂସ୍କୃତିକ ଐତିହ୍ୟରେ, ଯାହା ସବୁଜିମା ପରିପୂର୍ଣ୍ଣ ଉପତ୍ୟକା; କୁମ୍ଭଲଗଡ଼, ଆମ୍ବର ପରି ଚମତ୍କାର, ପ୍ରସ୍ତର ଆଚ୍ଛାଦିତ ଶିଖର ଓ ପ୍ରାଚୀନ ଦୁର୍ଗ; ମାଉଣ୍ଟ ଆବୁ ପରି ଶୈଳନିବାସ ଏବଂ ଦିଲୱା ଜୈନ ମନ୍ଦିର ପରି ଆଧ୍ୟାତ୍ମିକ ସ୍ଥଳୀ ସହ ଶାନ୍ତ, ସ୍ନିଗ୍ଧ ବାତାବରଣ ପ୍ରଦାନକରେ। ପାହାଡ଼ିଆ ପରିବେଶରେ ଯାଦୁକରୀ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ପ୍ରକୃତିପ୍ରେମୀଙ୍କ ନିମନ୍ତେ ଉପଭୋଗ୍ୟ ହୋଇଥାଏ। ଦିଲ୍ଲୀ-ଏନ୍‌ସିଆର୍ ପରି ଅଞ୍ଚଳରେ ଆରାବଳୀର ସବୁଜିମା 'ସବୁଜ ଫୁସ୍‌ଫୁସ୍' ଭାବରେ କାର୍ଯ୍ୟକରେ, ବାୟୁ ଗୁଣବତ୍ତାକୁ ଉନ୍ନତକରେ ଏବଂ ପରିବେଶୀୟ ସନ୍ତୁଳନ ବଜାୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଭୂମିକା ନିର୍ବାହ କରେ। ଏହି ପାର୍ବତ୍ୟାଞ୍ଚଳ ଭୂତଳ ଜଳର ପୁନଃ ଭରଣାକୁ ସମର୍ଥନକରେ, ଆଞ୍ଚଳିକ ଜଳବାୟୁକୁ ନିୟନ୍ତ୍ରଣକରେ ତଥା ବିବିଧ ଉଦ୍ଭିଦ ଓ ବନ୍ୟପ୍ରାଣୀଙ୍କୁ ବାସସ୍ଥଳୀ ପ୍ରଦାନ କରେ। ଏହାର ପ୍ରାଚୀନତା ଏବଂ ସାମଗ୍ରିକ ଗୁରୁତ୍ୱ ସତ୍ତ୍ୱେ ବର୍ଦ୍ଧିତ ଖଣି ଉତ୍ତୋଳନ, ଜଙ୍ଗଲ ଅବକ୍ଷୟ, ସହରୀକରଣ, ପରିବେଶଗତ ଆଇନର ଦୁର୍ବଳ କାର୍ଯ୍ୟକାରିତା ତଥା ନୀତିଗତ ବିବାଦର ପରିଣାମରେ ସମ୍ପ୍ରତି ଆରାବଳୀ ଏକ ପ୍ରମୁଖ ପରିବେଶଜନିତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ପର୍ବତମାଳାର ସୁରକ୍ଷା ବନାମ ଅର୍ଥନୈତିକ ବିକାଶ ଉପରେ ବିତର୍କ କ୍ରମଶଃ ତୀବ୍ର ବିବାଦର ସୂତ୍ରପାତ ଘଟିଛି।

ତେବେ ପରିବେଶ ଦୃଷ୍ଟିରୁ ସମ୍ବେଦନଶୀଳ ଆରାବଳୀ ଅଞ୍ଚଳରେ ମୁଖ୍ୟତଃ ପଥର, ମାର୍ବଲ, କ୍ୱାର୍ଜାଇଟ, ତମ୍ବା, ଚୂନ ପଥର ଏବଂ ଅନ୍ୟାନ୍ୟ ଖଣିଜ ପଦାର୍ଥ ନିମନ୍ତେ ବ୍ୟାପକ ଖଣି ଖନନ ବୃଦ୍ଧି ପାଉଛି। ରାଷ୍ଟ୍ରର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଏବଂ ସହରାଞ୍ଚଳ ପ୍ରସାରଣ ସହ ବିଶେଷକରି ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦର ନିକଟବର୍ତ୍ତୀ ଅଞ୍ଚଳରେ ଖଣି ଖନନ ତୀବ୍ର ହୋଇଚାଲିଛି। ଏପରି କାର୍ଯ୍ୟକଳାପ ଜଙ୍ଗଲ ଅବକ୍ଷୟ, ବନ୍ୟପ୍ରାଣୀ ବାସସ୍ଥଳୀର ବିନଷ୍ଟ, ମୃତ୍ତିକାର ଅବନତି ଏବଂ ଭୂତଳଜଳ ହ୍ରାସର କାରଣ ପାଲଟିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଏବଂ ପରିବେଶଗତ ନିୟମସବୁ ଜାରି ସତ୍ତ୍ୱେ ରାଜନୈତିକ ପ୍ରଭାବ, ଅର୍ଥନୈତିକ ସ୍ୱାର୍ଥ ଏବଂ ଆଇନର ଦୁର୍ବଳ କାର୍ଯ୍ୟକାରିତା କେତେକ ସ୍ଥାନରେ ବେଆଇନ ଖଣି ଖନନକୁ ସମର୍ଥନ ଯୋଗାଉଛି। ପରିବେଶୀୟ ଅବକ୍ଷୟର ପ୍ରତିକ୍ରିୟାରେ ଭାରତର ଉଚ୍ଚତମ ନ୍ୟାୟାଳୟ ଆରାବଳୀର ସୁରକ୍ଷା ନିମନ୍ତେ ଅନେକ ଥର ହସ୍ତକ୍ଷେପ କରିଛନ୍ତି। ନ୍ୟାୟାଳୟ



ହରିୟାଣା ଏବଂ ରାଜସ୍ଥାନର ପର୍ବତମାଳାର କିଛି ଅଂଶରେ, ବିଶେଷକରି ଜଙ୍ଗଲ ଜମି ଭାବରେ ବର୍ଗୀକୃତ ଅଞ୍ଚଳରେ, ୨୦୦୨ ମସିହାରେ ଖଣି ଖନନ ଉପରେ ନିଷେଧାଦେଶ ଜାରି କରିଥିଲେ। ମାତ୍ର ସରକାରଙ୍କ 'ଜଙ୍ଗଲ' ଉପରେ ପ୍ରଦତ୍ତ ପରିଭାଷାରୁ ଏକ ପ୍ରମୁଖ ସମସ୍ୟା ଉପୁଜିଲା। ଆରାବଳୀର ଅନେକ ଅଞ୍ଚଳ ସରକାରୀ ରେକର୍ଡରେ ଜଙ୍ଗଲ ଭାବରେ ଲିପିବଦ୍ଧ ହୋଇ ନ ଥିଲା, ଯଦିଓ ସେଗୁଡ଼ିକ ପରିସଂସ୍ଥୀୟ ଦୃଷ୍ଟିକୋଣରୁ ଜଙ୍ଗଲ ହିଁ ଥିଲା। ଏପରି ସଂଜ୍ଞା ନିର୍ଦ୍ଧାରଣ ଅନେକ ଅଞ୍ଚଳରେ ଆଇନଗତ ଭାବରେ ଖଣି ଏବଂ ନିର୍ମାଣ କାର୍ଯ୍ୟ ଜାରି ରଖିବାକୁ ଅନୁମତି ପ୍ରଦାନ କରିଛି, ଯାହା ଆରାବଳୀ ସଂରକ୍ଷଣ ପ୍ରୟାସକୁ ଦୁର୍ବଳ କରିଛି।

ବିବାଦର ଅନ୍ୟ ଏକ ପ୍ରମୁଖ ଦିଗ ହେଉଛି ସହରୀକରଣ ବୃଦ୍ଧି ଏବଂ ରିଏଲ ଇଷ୍ଟେଟ ବ୍ୟବସାୟର ପ୍ରସାର। ସହରଗୁଡ଼ିକ ବିସ୍ତାରିତ ହେବା ସହ ବିଶେଷକରି ଜାତୀୟ ରାଜଧାନୀ କ୍ଷେତ୍ର (ଏନ୍‌ସିଆର୍) ଅଞ୍ଚଳରେ ଆରାବଳୀର ବିଶାଳ ଅଂଶକୁ ଗୃହ ପ୍ରକଳ୍ପ, ରାସ୍ତାଘାଟ ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ ନିର୍ମାଣ ଉଦ୍ଦେଶ୍ୟରେ ସଫା କରାଯାଇଛି। ସମାଲୋଚକମାନେ ଯୁକ୍ତି ବାଢ଼ନ୍ତି ଯେ ରାଜ୍ୟ ସରକାରମାନେ ଘରୋଇ ନିର୍ମାଣକାରୀଙ୍କୁ ସମର୍ଥନଦେବା ଲକ୍ଷ୍ୟରେ ପରିବେଶଗତ ଆଇନକୁ ଦୁର୍ବଳ କରିଛନ୍ତି। ପରିବେଶବିତ୍‌ଙ୍କ ମତ ହେଉଛି, ଏହା ନିକଟବର୍ତ୍ତୀ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ, ଜଳ କ୍ଲିଷ୍ଟତା ଏବଂ ଜଳବାୟୁ ସମସ୍ୟାକୁ ଗମ୍ଭୀର କରୁଛି। ସାମ୍ପ୍ରତିକ ସମୟରେ, ନୂତନ ଭୂମି-ବ୍ୟବହାର ନୀତି ଅଧୀନରେ ଆରାବଳୀକୁ ପୁନଃ ପରିଭାଷିତ କରିବା ଏବଂ କେତେକ ନିର୍ମାଣ ପ୍ରକଳ୍ପକୁ ପରିବେଶୀୟ ମଞ୍ଜୁରୀରୁ ମୁକ୍ତ କରିବା ଭଳି ପ୍ରସ୍ତାବ ବିବାଦକୁ ତୀବ୍ର କରୁଛି। ଏହି ପରିପ୍ରେକ୍ଷୀରେ ସଂରକ୍ଷଣବାଦୀମାନେ ଆଶଙ୍କା ପ୍ରକଟ କରୁଛନ୍ତି ଯେ ଏପରି ନୀତି ଅଧିକ ଧ୍ୱଂସସାଧନକୁ ବୈଧତା ପ୍ରଦାନ କରିବ। ଅନ୍ୟପକ୍ଷରେ ସରକାର ଏବଂ ନିର୍ମାଣକାରୀ ସଂସ୍ଥାଗୁଡ଼ିକର ମତାମତ ହେଉଛି ଯେ ବିକାଶ ପ୍ରକ୍ରିୟାରେ ପ୍ରତିବନ୍ଧକ ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ଏବଂ ଭିତ୍ତିଭୂମି ନିର୍ମାଣରେ କ୍ଷତି ପହଞ୍ଚାଇବ। ନିକଟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆରାବଳୀ ପାହାଡ଼ ସବୁର ଉଚ୍ଚତାର ନୂତନ ସଂଜ୍ଞା ୧୦୦ ମିଟରରୁ ଊର୍ଦ୍ଧ୍ୱ ରଖିବାର ପ୍ରସ୍ତାବକୁ ସର୍ବୋଚ୍ଚ ନ୍ୟାୟାଳୟ ଗ୍ରହଣ କରିଛନ୍ତି। ମାତ୍ର ନ୍ୟାୟାଳୟଙ୍କ ଦ୍ୱାରା ୨୦୦୨ରୁ ସ୍ଥାପିତ କେନ୍ଦ୍ରୀୟ ସଶକ୍ତ କମିଟି ଗୁରୁତ୍ୱ ଆରୋପ କରିଛି, ଭାରତର ଜଙ୍ଗଲ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ସଂଜ୍ଞାକୁ ଆରାବଳୀର ଛୋଟବଡ଼ ପାହାଡ଼ସମୂହ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଗ୍ରହଣ କରାଯିବା ବାଞ୍ଛନୀୟ। କୋର୍ଟ ନିଯୁକ୍ତ ଆମିକସ୍ କ୍ୟୁରି ମନ୍ତ୍ରଣାଳୟର ୧୦୦ ମିଟର ସଂଜ୍ଞାକୁ ଅନୁପଯୁକ୍ତ କହି ବିରୋଧ କରିଛନ୍ତି। ଏବେ ସୁପ୍ରିମକୋର୍ଟ ନିଜ ନିଷ୍ପତ୍ତି ସ୍ଥଗିତ ରଖି ପ୍ରସଙ୍ଗର ପୁନର୍ବିଚାର ପାଇଁ ଘୋଷଣା କରିଛନ୍ତି।

ଉଲ୍ଲେଖନୀୟ ଯେ ବୈଜ୍ଞାନିକ, ପରିବେଶ କର୍ମୀ ଏବଂ ନାଗରିକ ସମାଜ ସଙ୍ଗଠନଗୁଡ଼ିକ ଆରାବଳୀ ପୁନରୁଦ୍ଧାରର ଗୁରୁତ୍ୱ ବିଷୟରେ ନିରନ୍ତର ସଚେତନତା ବୃଦ୍ଧି କରିଆସୁଛନ୍ତି। ବନୀକରଣର ପ୍ରସାରଣ, ଅବୈଧ ଖଣିଖାଦାନକୁ ନିଷିଦ୍ଧକରିବା, ବନ୍ୟପ୍ରାଣୀ ଚଲାପଥକୁ ସୁରକ୍ଷା ଦେବା ଏବଂ ସହନୀୟ ଭୂମି-ବ୍ୟବହାର ଯୋଜନା ଭଳି ପଦକ୍ଷେପ ଗ୍ରହଣ ନିମନ୍ତେ ପରାମର୍ଶ ଦିଆଯାଇଛି। ପାହାଡ଼ର ୧୦୦ ମିଟର ବ୍ୟାଖ୍ୟାନକୁ ନେଇ ପରିବେଶବିତ୍ ଆଶଙ୍କା ପ୍ରକଟ କରିଛନ୍ତି ଯେ ଏହାଦ୍ୱାରା କମ୍ ଉଚ୍ଚତାର ପାହାଡ଼ମାନେ ଆଇନଗତ ସୁରକ୍ଷା ହରାଇବେ ଏବଂ ଅଧିକ ଖଣି ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ପଥ ଉନ୍ମୁକ୍ତ ହେବ। କିଛି ରାଜ୍ୟ ସରକାର ଏବଂ ବେସରକାରୀ ସଂସ୍ଥା ବୃକ୍ଷରୋପଣ ଅଭିଯାନ ଏବଂ ପରିବେଶ ପୁନରୁଦ୍ଧାର ପ୍ରକଳ୍ପ ଆରମ୍ଭ କରିଛନ୍ତି ସତ, କିନ୍ତୁ ଘଟୁଥିବା କ୍ଷୟକ୍ଷତିର ପରିମାଣ ତୁଳନାରେ ଏହି ପ୍ରୟାସଗୁଡ଼ିକ ସୀମିତ। ଅବଶ୍ୟ ନିକଟରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଅଭୟବାଣୀ ଶୁଣାଇଛନ୍ତି ଯେ ପର୍ବତମାଳାର ସମୁଦାୟ ୧ ଲକ୍ଷ ୪୭ ହଜାର ବର୍ଗ କି.ମି. ଆୟତନ ମଧ୍ୟରୁ ମାତ୍ର ୨%ରୁ କମ୍ ଅଞ୍ଚଳରେ ଖଣିଜ ଖନନ କାର୍ଯ୍ୟ ସମ୍ପାଦିତ ହେଉଛି ଏବଂ ଅଧିକ ଖଣି ନିମନ୍ତେ ଅନୁମତି ପ୍ରଦାନ କରାଯିବ ନାହିଁ। ଅନ୍ୟପକ୍ଷରେ ଏହି ପର୍ବତମାଳାର ପୁନରୁଦ୍ଧାର ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଆରାବଳୀ ଗ୍ରୀନ୍ ୱାଲ୍ ଇନିସିଏଟିଭ' ପ୍ରକଳ୍ପ ହେଉଛି ଏକ ପ୍ରମୁଖ ପଦକ୍ଷେପ, ଯାହା ସମ୍ପୃକ୍ତ ରାଜ୍ୟଗୁଡ଼ିକରେ, ପୋରବନ୍ଦରରୁ ପାନିପଥ ପର୍ଯ୍ୟନ୍ତ, ୧,୪୦୦ କି.ମି. ଲମ୍ବ ଏବଂ ୫ କି.ମି. ଚଉଡ଼ାର ସବୁଜ ବଳୟ ସୃଷ୍ଟିର ଲକ୍ଷ୍ୟ ରଖେ। ଆଫ୍ରିକାର ମହାନ୍ 'ଗ୍ରେଟ୍ ଗ୍ରୀନ୍ ୱାଲ' ଦ୍ୱାରା ଅନୁପ୍ରାଣିତ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ମରୁଭୂମିକରଣକୁ ରୋକିବା, ମୃତ୍ତିକା ସ୍ୱାସ୍ଥ୍ୟକୁ ଉନ୍ନତ କରିବା, ବାୟୁ ପ୍ରଦୂଷଣ ହ୍ରାସ କରିବା ଏବଂ ସ୍ଥାନୀୟ ଜାତିର ବୃକ୍ଷରୋପଣ ଏବଂ ଜଳ ସଂରକ୍ଷଣକରି ଜୈବ ବିବିଧତାକୁ ସମୃଦ୍ଧ କରିବା। ପ୍ରଧାନମନ୍ତ୍ରୀ ମଧ୍ୟ ୨୦୨୫ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ତାଙ୍କ ଘୋଷିତ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନକୁ ଏହି ପ୍ରକଳ୍ପ ସହ ସଂଯୁକ୍ତ କରିଛନ୍ତି।

ପରିଶେଷରେ ଆରାବଳୀ ବିବାଦ କେବଳ ଏକ ପର୍ବତମାଳାକୁ ନେଇ ନୁହେଁ, ବରଂ ନିରନ୍ତର ବିକାଶ ଏବଂ ପରିବେଶଗତ ଦାୟିତ୍ୱ ପ୍ରସଙ୍ଗ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଆରାବଳୀକୁ ସୁରକ୍ଷା ପ୍ରଦାନ, ବିଶେଷ ରୂପେ ଉତ୍ତର ଭାରତ ନିମନ୍ତେ ପରିବେଶଗତ ସନ୍ତୁଳନ, ଜଳବାୟୁ ସ୍ଥିରତା ଏବଂ ସାଧାରଣ ସ୍ୱାସ୍ଥ୍ୟରକ୍ଷା ପରିପ୍ରେକ୍ଷୀରେ ଅତ୍ୟନ୍ତ ଜରୁରୀ। ବିକାଶ ଯେପରି ଅପରିବର୍ତ୍ତନୀୟ ପରିବେଶ କ୍ଷତିସାଧନର ମୂଲ୍ୟରେ ନ ଘଟେ, ସେଥିପାଇଁ ଦୃଢ଼ ଆଇନ, ଜଙ୍ଗଲ ଜମିର ସ୍ପଷ୍ଟ ପରିଭାଷା, କଠୋର ପ୍ରବର୍ତ୍ତନ ଏବଂ ଜନସଚେତନତା ଏକାନ୍ତ ଅପରିହାର୍ଯ୍ୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ:୯୪୩୭୦୭୬୧୦୦**

# ଭାରତୀୟ ବଂଶୋଦ୍ଭବ ଡେମ୍‌ହୁଡ୍

କୌଣସି ଏକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରିଟେନ୍ ପକ୍ଷରୁ ନାଇଟ୍‌ହୁଡ୍ ଉପାଧିରେ ଜଣଙ୍କୁ ଭୂଷିତ କରାଯାଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ସାମରିକ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କୁ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତାହା ବ୍ୟାପକତା ଲାଭ କରି ଅନ୍ୟମାନଙ୍କୁ ପ୍ରଦାନ କରାଯାଉଛି। ନାଇଟ୍‌ହୁଡ୍‌ର ମହିଳା ସମକକ୍ଷ ସମ୍ମାନ ଭାବେ ଡେମ୍‌ହୁଡ୍ ପ୍ରଦାନ କରାଯାଉଛି। ଡେମ୍ ଅର୍ଥାତ୍ ସମ୍ଭ୍ରାନ୍ତ ମହିଳା। ସେହି ଅନୁଯାୟୀ ଯିଏ ଏହି ସମ୍ମାନରେ ସମ୍ମାନିତ ହୋଇଥାଆନ୍ତି ସେ ଡେମ୍‌ହୁଡ୍ ଉପାଧି ପାଇଥାଆନ୍ତି। ନିକଟରେ ଭାରତୀୟ ବଂଶୋଦ୍ଭବ ମୀରା ସାୟଲ ସାହିତ୍ୟ ଓ ଅଭିନୟ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ବ୍ରିଟେନ୍‌ର ମର୍ଯ୍ୟାଦାଜନକ ସମ୍ମାନ ତାଲିକାରେ ନିଜ ନାମ ରଖିପାରିଛନ୍ତି। ଅଭିନେତ୍ରୀ, କମେଡିଆନ୍ ଓ ଲେଖିକା ମୀରା ବ୍ରିଟେନ୍ ରାଜାଙ୍କ ଏହି ନୂଆ ବର୍ଷ ସମ୍ମାନରେ ସମ୍ମାନିତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

୬୪ ବର୍ଷୀୟା ମୀରା ବ୍ରିଟିଶ ଏସିଆନ୍ କମେଡି ଯଥା 'ଗୁଡ୍‌ନେସ୍ ଗ୍ରେସିଅସ୍ ମି' ଏବଂ 'ଦି କୁମାରସ୍ ଏଟ୍ ନଂ ୪୨' ରଚନା କରିବା ସହ ଅଭିନୟ ପାଇଁ ସର୍ବାଧିକ ପରିଚିତି ହାସଲ କରିଛନ୍ତି। ଏଥିସହିତ ବଦାନ୍ୟ କାର୍ଯ୍ୟରେ ତାଙ୍କ ଯୋଗଦାନ ଓ ସେବା ପାଇଁ ଏଭଳି ସମ୍ମାନ ପାଇପାରିଛନ୍ତି। ସୂଚନା ଦିଆଯାଇପାରେ ଯେ, ମୀରା ପୂର୍ବରୁ ୧୯୯୭ରେ ରାଣୀଙ୍କ ନୂଆ ବର୍ଷ ସମ୍ମାନରେ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର ସଦସ୍ୟ (ଏମ୍‌ବିଇ) ହୋଇଥିଲେ ଏବଂ ୨୦୧୫ରେ କମାଣ୍ଡର୍ ଅଫ୍ ଅର୍ଡର ଅଫ୍ ଦି ବ୍ରିଟିଶ ଏମ୍ପାୟାର (ସିବିଇ) ହୋଇଥିଲେ। ସେ ୧୯୬୧ରେ ଓଲଭରହାମ୍ପଟନ୍‌ରେ ଭାରତୀୟ ପଞ୍ଜାବୀ ମାତାପିତାଙ୍କ ଠାରୁ ଜନ୍ମଲାଭ କରିଥିଲେ। ତାଙ୍କ ପରିବାର ନୂଆଦିଲ୍ଲୀରୁ ବ୍ରିଟେନ୍‌କୁ ଚାଲିଯାଇଥିଲେ। ମୀରାଙ୍କ ପଢ଼ା ୱାଲସାଲ୍ କୁଇନ୍ ମେରିଜ୍ ହାଇସ୍କୁଲରେ ହୋଇଥିଲା। ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରେ ଇଂଲିଶ୍ ସାହିତ୍ୟ ଓ ନାଟକରେ ଡିଗ୍ରୀ କରୁଥିବା ସମୟରେ ସେ 'ୱାନ୍ ଅଫ୍ ଅସ୍' ନାଟକର ସହ-ରଚୟିତା ଥିଲେ। ଅଭିନୟ ଲକ୍ଷ୍ୟରେ ଜଣେ ଏସୀୟ ଝିଅ କିଭଳି ଘରୁ ପଳାଇଯାଉଛି ତାହା ଉପରେ ନାଟକ ପର୍ଯ୍ୟବସିତ ଥିଲା। ସେ ଏହି ନାଟକକୁ ନ୍ୟାଶନାଲ ଷ୍ଟୁଡେଣ୍ଟ ଡ୍ରାମା ଫେଷ୍ଟିଭାଲରେ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ପରେ ତାହା ଏଡିନବର୍ଗ ଇଣ୍ଟରନ୍ୟାଶନାଲ ଫେଷ୍ଟିଭାଲରେ ଅଭିନୀତ ହେବା ଲାଗି ମନୋନୀତ ହୋଇଥିଲା। ସୌଭାଗ୍ୟକୁ ସେଠାରେ ମୀରାଙ୍କ ଅଭିନୟ ଉଚ୍ଚକୋଟୀର ହେବାରୁ ସେ ପୁରସ୍କୃତ ହୋଇଥିଲେ। ତା' ପରେ ସେ ଲେଖା ଓ ନାଟକରେ ମଜ୍ଜିଯାଇଥିଲେ। ସ୍ନାତକ ଡିଗ୍ରୀ ପରେ ନାଟକକୁ କ୍ୟାରିୟର ଭାବେ ନେଇ ସେ ୧୯୮୭ ରେ ଲିଭରପୁଲ୍ ରୟାଲ କୋର୍ଟ ଥିଏଟରରେ କାମ କଲେ। ସେଠାରେ ସେ କ୍ୟାରିଲ ଚର୍ଚ୍ଚିଲ୍‌ଙ୍କ ନାଟକ 'ସିରିୟସ ମନି'ରେ ଜାସିଣ୍ଟା କଣ୍ଡର୍ ଭୂମିକାରେ ଅଭିନୟ କରିଥିଲେ।

**ବ୍ୟକ୍ତିତ୍ୱ**



ମୀରା ସାୟଲ

୧୯୯୩ରେ ସେ କମେଡି-ଡ୍ରାମା ଫିଲ୍ମ 'ଭାଜି ଅନ୍ ଦ ବିଚ୍'ର ଚିତ୍ରନାଟ୍ୟ ଲେଖିଥିଲେ ଓ ଦୁଇ ବର୍ଷ ପରେ 'ଚ୍ୟାନେଲ ୪'ର ରୋମାଣ୍ଟିକ୍ କମେଡି ଫିଲ୍ମ 'ବିଉଟିଫୁଲ ଥିଙ୍ଗ୍'ରେ ଅଭିନୟ କରିଥିଲେ। ସେ ୧୯୯୦ରେ ବିବିସିରେ ଯୋଗ ଦେଇ ନିଜର ଉତ୍କର୍ଷ ପ୍ରତିପାଦନ କରିବାରୁ ତାଙ୍କୁ ଅଭିନୟ କରିବା ଲାଗି ବହୁ ସୁଯୋଗ ମିଳିଥିଲା। ସେଠାରେ ସେ ବ୍ରଡକାଷ୍ଟର୍ସ ସ୍କେଚ କମେଡି 'ଗୁଡ୍‌ନେସ୍ ଗ୍ରେସିୟସ୍ ମି' ଟିମ୍‌ରେ ସାମିଲ ହୋଇ ପ୍ରସିଦ୍ଧି ଅର୍ଜନ କରିଥିଲେ। ମୀରା ୧୯୯୬ରେ ଏହି ଶୋ' ପାଇଁ ମୁଖ୍ୟ ଲେଖିକା ଓ ଅଭିନେତ୍ରୀ ଥିଲେ ଏବଂ ୨୦୦୨ରେ ଆଣ୍ଡ୍ରୁ ଲୟଡ୍ ୱେବର୍ସଙ୍କ 'ବମ୍ବେ ଡ୍ରିମ୍ସ'ରେ ସହ-ରଚୟିତା ହୋଇ ବଲିଉଡ୍‌କୁ ପାଶ୍ଚାତ୍ୟ ମନୋରଞ୍ଜନରେ ସ୍ଥାନ ଦେଇଥିଲେ। ଡେମ୍ ମୀରା ନିଜର ପ୍ରଶଂସିତ କାର୍ଯ୍ୟରେ ପ୍ରାୟତଃ ନିଜର ଭାରତୀୟ ଐତିହ୍ୟ ଓ ସଂସ୍କୃତିକୁ ସନ୍ନିବେଶିତ କରି ଉଭୟ ଲେଖା ଓ ଅଭିନୟରେ ଏକ ସ୍ୱତନ୍ତ୍ର ପଦଚିହ୍ନ ସୃଷ୍ଟି କରିଛନ୍ତି। ୨୦୦୮ରେ ମୀରା ବିବିସିର 'ବିଉଟିଫୁଲ୍ ପିପୁଲ'ଠାରୁ ଆରମ୍ଭ କରି ଚର୍ଚ୍ଚିତ ଫିଲ୍ମ 'ପାଡିଂଟନ୍ ୨' (୨୦୧୭), 'ନାଟିଭିଟି ରକ୍ସ!' (୨୦୧୮), ୟେଷ୍ଟରଡେ (୨୦୧୯) ଏବଂ ସମ୍ପ୍ରତି 'ଟିନ୍‌ସେଲ ଟାଉନ୍' (୨୦୨୫)ରେ ଅଭିନୟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୭ ମସିହାରେ ସେ ରୟାଲ ସୋସାଇଟି ଅଫ୍ ଲିଟରେଚର ଫେଲୋ ଏବଂ ୨୦୨୩ରେ ସେ ବାଫ୍ଟା ଫେଲୋଶିପ୍ ପୁରସ୍କାର ପାଇଥିଲେ। ସେ ତିନୋଟି ଉପନ୍ୟାସ ଲେଖିଛନ୍ତି। ତାଙ୍କ ପ୍ରଥମ ଉପନ୍ୟାସ 'ଅନିତା ଆଣ୍ଡ୍ ମି' (୧୯୯୬) ତାଙ୍କୁ ବେଟି ଟ୍ରାସ୍କ ପୁରସ୍କାର ଜିତାଇଥିଲା। ଅନ୍ୟ ଉପନ୍ୟାସ 'ଲାଇଫ୍ ଇଜ୍ ନଟ୍ ଅଲ୍ ହା ହା ହୀ ହୀ' (୧୯୯୯) ଏବଂ 'ଦ ହାଉସ୍ ଅଫ୍ ହିଡେନ୍ ମଦର୍ସ' (୨୦୧୫) ସମୀକ୍ଷକଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲା।

କେବଳ ଲେଖା କିମ୍ବା ଅଭିନୟ ନୁହେଁ, ସାମାଜିକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରି ଆସିଛନ୍ତି। ୨୦୧୨ରେ ନିଜ ପିତାଙ୍କର ଡିମେନ୍ସିଆ ରୋଗ ବିଷୟରେ ଜଣାପଡ଼ିବା ପରେ ଦାତବ୍ୟ ସଂସ୍ଥାରୁ ସେ ବହୁ ସାହାଯ୍ୟ ପାଇଥିଲେ। ତେଣୁ ୨୦୧୩ରେ ଶିଖିବା ଅକ୍ଷମତା ଏବଂ ଅଟିଜମ୍ ଥିବା ଇହୁଦୀ ଶିଶୁ, ଯୁବକ ଓ ପ୍ରାପ୍ତବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଦାତବ୍ୟ ସଂସ୍ଥା 'କିସାରୋନ୍' ସହ ନିଜକୁ ସାମିଲ କରିଥିଲେ।

ମୀରାଙ୍କ ବ୍ୟକ୍ତିଗତ ଜୀବନ କହିଲେ ୧୯୮୯ରେ ସାମ୍ବାଦିକ ଶେଖର ଭାଟିଆଙ୍କୁ ବିବାହ କରିଥିଲେ। କିନ୍ତୁ ୨୦୦୨ରେ ସେମାନଙ୍କ ବିବାହ ବିଚ୍ଛେଦ ହୋଇଥିଲା। ସେମାନଙ୍କର ଝିଅ ମିଲି ଭାଟିଆ ରୟାଲ କୋର୍ଟ ଥିଏଟରର ଆସୋସିଏଟ୍ ଡାଇରେକ୍ଟର ଅଛନ୍ତି। ୨୦୦୫ ଜାନୁଆରୀରେ ମୀରା ନିଜର ଘନିଷ୍ଠ ସହଯୋଗୀ ସଞ୍ଜୀବ ଭାସ୍କରଙ୍କୁ ବିବାହ କରିଥିଲେ, ଯିଏ 'ଦ କୁମାର୍ସ ଏଟ୍ ନଂ ୪୨'ରେ ତାଙ୍କର ନାତି ଚରିତ୍ରରେ ଅଭିନୟ କରିଥିଲେ। ଏହି ବିବାହରୁ ତାଙ୍କର ପୁଅଟିଏ ଅଛି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆମେରିକାରୁ ଚାକିରି ଛାଡ଼ି ପୁଣେର ଇଞ୍ଜିନିୟର ରାହୁଲ ପଶ୍ଚିମଘାଟ ପର୍ବତମାଳା ଆଖପାଖର ଅନେକ ଗାଁରେ ବୋରୱେଲଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି। ଫଳରେ ଜଳ ସମସ୍ୟା ଆଉ ନାହିଁ, ଲୋକେ ପ୍ରଚୁର ପାଣି ପାଇପାରୁଛନ୍ତି। ଚାଷ ମଧ୍ୟ ସୁରୁଖୁରୁରେ ଚାଲୁଛି। କେବଳ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳ ନୁହେଁ ଅନ୍ୟ ସବୁ ରାଜ୍ୟରେ ଏଯାବତ ସେ ୪୦୦ରୁ ଊର୍ଦ୍ଧ୍ୱ ବୋରୱେଲ ମରାମତି କରିସାରିଲେଣି। ନୂଆ ବୋରୱେଲ କରିବାରେ ଯେତିକି ଖର୍ଚ୍ଚ ଲାଗୁଛି ତାହାଠାରୁ ବହୁତ କମ୍ ଖର୍ଚ୍ଚରେ ପୁନରୁଦ୍ଧାର ହୋଇପାରୁଛି। କେବଳ ଭାରତ ନୁହେଁ, ଦକ୍ଷିଣ ଆଫ୍ରିକାରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ବୋରୱେଲର ପୁନରୁଦ୍ଧାର ରୋବୋ ସାହାଯ୍ୟରେ କରାଯାଉଛି। 'ରୋହିଣୀ ନିଲେକାନି ଆର୍ଗ୍ୟାମ ଫାଉଣ୍ଡେସନ' ଦ୍ୱାରା ସେ ଏହି କାର୍ଯ୍ୟ କରୁଛନ୍ତି। ଆମେରିକାରୁ ଫେରିବା ପରେ ଚାଷ କରିବା ସମୟରେ ସେ ତାଙ୍କ ଅଞ୍ଚଳର ଜଳାଭାବ ସ୍ଥିତି ଦେଖି ତାହା ଦୂର କରିବା ସକାଶେ ଯୋଜନା ପ୍ରସ୍ତୁତ କରିଥିଲେ। ରାହୁଲ ମଧ୍ୟ ଦେଶର ହାଇଡ୍ରୋଲୋଜିଷ୍ଟମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୪ ଜାନୁଆରୀ ୧୯୭୭

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଧଉଳିଠାରେ ଅନ୍ତଃସ୍ଥଳୀୟ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ ମଧୁର ଜଳଜ ବିଜ୍ଞାନ ଅନୁସନ୍ଧାନ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ କରିଛନ୍ତି।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରବୀଣ କଂଗ୍ରେସ ନେତା ଅଜିତ ପ୍ରସାଦ ଜୈନଙ୍କ ୭୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କାଶବନ କହେ, ବାରେ
ଭୁଲିଯାଅ ପଥ ଆରେ
ରହିଯାଅ ସାବଧାନ ପାନ୍ଥ !
ଧରାରେ ଖେଳୁଛି ଛବି କାନ୍ତ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶାରଳା ମନ୍ଦିରରେ ଶୃଙ୍ଖଳା ରହୁ

ମହାଶୟ,

ଜଗତ୍‌ସିଂହପୁର ଜିଲାର କନକପୁରଠାରେ ମା' ଶାରଳା ଠାକୁରାଣୀଙ୍କ ମନ୍ଦିର। ପ୍ରତିଦିନ ହଜାର ହଜାର ଲୋକ ମା'ଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। କେତେକ ରାଉଳ ଅଛନ୍ତି ଯାତ୍ରୀମାନଙ୍କଠାରୁ ଦକ୍ଷିଣା ନେଲାବେଳେ ଏଭଳି ଜୁଲମ କରୁଛନ୍ତି ଲୋକେ ଆଉ ମନ୍ଦିରକୁ ଯିବେ ନାହିଁ ବୋଲି ସେଠାରେ ରୋକ୍‌ଠୋକ୍ କହି ଦେଉଛନ୍ତି। ଭକ୍ତମାନଙ୍କର ଭାବାବେଗକୁ ସେମାନେ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ଏହାକୁ ଛୋଟ କଥା ନ ଭାବି ସରକାର ଭକ୍ତମାନଙ୍କର ସୁବିଧା ଲାଗି ଭୋଗ ଓ ଶାଢ଼ିଚଢ଼ା ଇତ୍ୟାଦି ଲାଗି ଏକ ରେଟ୍‌ଚାର୍ଟ ସିଂହଦ୍ୱାର ନିକଟରେ ଲଗାନ୍ତୁ ଏବଂ ଏକ କାଉଣ୍ଟରର ବ୍ୟବସ୍ଥା କରି ଅର୍ଥ ଆଦାୟ କରି ଟିକେଟଟିଏ ଦେବାର ବ୍ୟବସ୍ଥା କରନ୍ତୁ, ଭକ୍ତମାନେ ସେହି ଟିକେଟ ଦେଖାଇ ମନ୍ଦିରରେ ପୂଜା କରାଇ ଆସନ୍ତୁ। ଏହାଦ୍ୱାରା ଶୃଙ୍ଖଳା ରକ୍ଷା ହୋଇପାରିବ। ତାହା ନ ହେଲେ ରାଉଳମାନେ ସର୍ବ ସମକ୍ଷରେ ପାଟିତୁଣ୍ଡ କରି ଅର୍ଥ ଆଦାୟ କରୁଛନ୍ତି ଏବଂ କେତେକ ରାଉଳ ଏହାକୁ ସମର୍ଥନ କଲାବେଳେ ଆଉ କେତେକ ଏହାକୁ ନାପସନ୍ଦ କରୁଛନ୍ତି। ଅନେକ ଭକ୍ତ ଶୋଷଣର ଶିକାର ହୋଇ ବୀତସ୍ପୃହ ହୋଇଯାଉଛନ୍ତି। ରାଉଳମାନଙ୍କୁ ଏରିଆ ବାଣ୍ଟି ଦିଆଯାଇଥିବାରୁ ଅନ୍ୟ ରାଉଳ ତାଙ୍କର ଭୋଗ କିମ୍ବା ପୂଜା କରିପାରୁ ନାହାନ୍ତି। ସରକାର ଏ ସମ୍ପର୍କରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ଏବଂ ବିଶ୍ୱାସ।

**-ଅକ୍ଷୟ କୁମାର ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଲାବାରର 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' ଉନ୍ମୋଚିତ



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଚନ୍ଦ୍ରଶେଖରପୁର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। (ଫଟୋ- ବିକାଶ ନାୟକ)

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଚନ୍ଦ୍ରଶେଖରପୁର ଷ୍ଟୋରରେ 'ବ୍ରାଇଡ୍ସ ଅଫ୍ ଇଣ୍ଡିଆ' କଲେକ୍ସନର ଉନ୍ମୋଚନ କରାଯାଇଛି। ସ୍ୱତନ୍ତ୍ର ଶୈଳୀ ଗଢ଼ା ଯାଇଥିବା ସୁନା ଓ ହୀରା ଗହଣା ଏହି କଲେକ୍ସନରେ ଅନ୍ତର୍ଭୁକ୍ତ ରହିଛି। ବିବାହ ଋତୁକୁ ଦୃଷ୍ଟିରେ ରଖି ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ଗୁଞ୍ଜନ ମେକ୍ଅପ୍ ଷ୍ଟୁଡିଓ ଆଣ୍ଡ ଷ୍ଟାଇଲିଂ ଆଟେଲୋଏରର ଫାଉଣ୍ଡର ପଦ୍ମିନୀ ପୁରୋହିତ ଯୋଗଦେଇଥିଲେ। ଏହି ଅବସରରେ ମଡେଲମାନେ ମାଲାବାରର ସ୍ୱତନ୍ତ୍ର ଗହଣା କଲେକ୍ସନ ସହିତ ୬ ପ୍ରକାର ବିବାହ ପରମ୍ପରାକୁ ପ୍ରଦର୍ଶନ କରିଥିଲେ। ଓଡ଼ିଆ, ବଙ୍ଗାଳୀ, ମରାଠୀ, ପଞ୍ଜାବୀ, ଗୁଜରାଟୀ ଏବଂ ଖ୍ରୀଷ୍ଟିଆନ୍ ପରମ୍ପରାର ଆଭୂଷଣ ପରିଧାନକରି ମଡେଲମାନେ ର୍ୟାମ୍ପ ୱାକ୍ କରିଥିଲେ, ଯାହାକି ଗ୍ରାହକମାନଙ୍କ ମନକୁ ଛୁଇଁଥିଲା। କାର୍ଯ୍ୟକ୍ରମରେ ଶୋ'ରୁମ୍ ମ୍ୟାନେଜର ଗୌରୀଶଙ୍କର ଆଚାର୍ଯ୍ୟ, ସିଦ୍ଧେଶ୍ୱର ରଥ ପ୍ରମୁଖ ଉପସ୍ଥିତ ଥିଲେ। ମାଲାବାରର ଚେୟାରମ୍ୟାନ ଏମ୍‌ପି ଅହମ୍ମଦ କହିଛନ୍ତି, ପ୍ରତି ବର୍ଷ ଏହି କ୍ୟାମ୍ପେନ ମାଧ୍ୟମରେ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟବର୍ତ୍ତୀ ହୋଇପାରିଥିବାରୁ ଉତ୍ସାହିତ ଅଛୁ। ସୂଚନା ଥାଉକି, ସାରା ଦେଶରେ ମାଲାବାରର ୧୫ତମ ସଂସ୍କରଣର ଶୁଭାରମ୍ଭ ଅବସରରେ ୨୨ କନ୍ୟା ଓ ୧୦ ସେଲିବ୍ରିଟିଙ୍କୁ ଏକତ୍ରିତ କରାଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ଆଲିଆ ଭଟ୍ଟ, କରୀନା କପୁର ଖାନ, ଏନ୍‌ଟିଆର, କାର୍ଥୀ, ଅନିଲ କପୁର, ଶ୍ରୀନିଧି ସେଟ୍ଟୀ , ରୁକ୍ମିଣୀ ମିତ୍ର, ପ୍ରାର୍ଥନା ବେହେରେ ଏବଂ ମାନସୀ ପାରେଖ ଏହି କ୍ୟାମ୍ପେନର ଅଂଶ ହୋଇଛନ୍ତି। ଏହାସହ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ଘୋଷଣା କରାଯାଇଛି। ଡାଇମଣ୍ଡ ଭାଲ୍ୟୁ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଛି।

# ଏସି, କିଚେନ୍ ଆପ୍ଲାଏନ୍ସର ଦରବୃଦ୍ଧି ଆଶଙ୍କା

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

୨୦୨୬ରେ ଏୟାର କଣ୍ଡିଶନରଠାରୁ ଆରମ୍ଭ କରି ରୋଷେଇ ଘର ଉପକରଣ ପର୍ଯ୍ୟନ୍ତ ସବୁଥିରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ଶିଳ୍ପ ସାମଗ୍ରୀର ବୃଦ୍ଧି ସାଧାରଣ ଗ୍ରାହକଙ୍କ ପକେଟକୁ ପ୍ରଭାବିତ କରିପାରେ। ଅନେକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ତମ୍ବା ଓ ଅନ୍ୟାନ୍ୟ ଧାତୁଗୁଡ଼ିକର ମୂଲ୍ୟ ଆଶାଠାରୁ ଅଧିକ ହୋଇଥିବାରୁ ଅନେକ ନିର୍ମାତା ସେମାନଙ୍କର ଇନ୍‌ପୁଟ ଖର୍ଚ୍ଚ ବୃଦ୍ଧି କରିଛନ୍ତି ଏବଂ ଏହି ବୋଝକୁ ଆହୁରି ବହନ କରିବାକୁ ଅସମର୍ଥ, ଯାହା ଫଳରେ ଏସି, କିଚେନ୍ ଆପ୍ଲାଏନ୍ସ, ବାଥ ଫିଟିଂ ଏବଂ ରୋଷେଇ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇପାରେ। ଅନ୍ତର୍ଜାତୀୟ ବଜାରରେ ଆଲୁମିନିୟମ ମୂଲ୍ୟ ଟନ ପ୍ରତି ୩,୦୦୦ ଡଲାର ଅତିକ୍ରମ କରିଛି, ଯାହା ତିନି ବର୍ଷ ମଧ୍ୟରେ ସର୍ବାଧିକ। ତମ୍ବା ମୂଲ୍ୟ ଟନ ପ୍ରତି ୧୨,୦୦୦ ଡଲାର ସର୍ବକାଳୀନ ସର୍ବାଧିକ ମୂଲ୍ୟ ଅତିକ୍ରମ କରିଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ତମ୍ବା ମୂଲ୍ୟ ସମ୍ପ୍ରତି ୧,୩୦୦ ଟଙ୍କା ପ୍ରତି କିଲୋଗ୍ରାମରେ ପହଞ୍ଚିଛି। ଅନେକ ନିର୍ମାତା ମାର୍ଜିନ ବଜାୟ ରଖିବା ପାଇଁ ମୂଲ୍ୟ ୫ରୁ ୮% ବୃଦ୍ଧି କରିବାକୁ ଯୋଜନା କରୁଛନ୍ତି। ଆର୍ଥିକ ବର୍ଷ ଆରମ୍ଭରୁ ତମ୍ବା-ଆଧାରିତ ଧାତୁ, ପିତ୍ତଳର ମୂଲ୍ୟ ଦୁଇ ଅଙ୍କ ବୃଦ୍ଧି ପାଇଥିବାରୁ ବାଥୱେର୍ କମ୍ପାନୀଗୁଡ଼ିକ ମଧ୍ୟ ଚାପର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଯୋଗାଣ ବାଧା ମଧ୍ୟରେ ତମ୍ବା ୨୦୦୯ ପରଠାରୁ ସର୍ବାଧିକ ବାର୍ଷିକ ବୃଦ୍ଧି ପାଇଛି।

# 'ପ୍ରଗତି'ର ରୌପ୍ୟ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୩।୧**


ପ୍ରଗତିର ରୌପ୍ୟ ଜୟନ୍ତୀ ପାଳନ ଉତ୍ସବରେ ଅତିଥିମାନେ ସ୍ମରଣିକା 'ସିଲ୍‌ଭର ସ୍ପାର୍କ' ଉନ୍ମୋଚନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ପ୍ରଗତି କମ୍ପାନୀର ରୌପ୍ୟ ଜୟନ୍ତୀ ସମାରୋହ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବୈଶିଷ୍ଟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୁଗ୍ଧ ସଂଗ୍ରହ କ୍ଷେତ୍ରରେ ପ୍ରଗତିର ଅବଦାନ ଉପରେ ଆଲୋକପାତ କରିଥିଲେ। ଯେକୌଣସି କାର୍ଯ୍ୟ କରନ୍ତୁ ସ୍ୱଚ୍ଛ ମନ ଓ କଠୋର ପରିଶ୍ରମ ସଫଳତା ଆଣିଦିଏ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଶିଳ୍ପ ନିର୍ଦ୍ଦେଶକ ଅବୋଲି ନର୍ଭାଣେ ଯୋଗଦେଇ କହିଥିଲେ, ଏକ କ୍ଷୁଦ୍ରଶିଳ୍ପ କିପରି ବୃହତ୍ ଶିଳ୍ପରେ ପରିଣତ ହୋଇପାରେ ପ୍ରଗତି ତା'ର ଉଦାହରଣ । ଅନୁଷ୍ଠାନର ଉପଦେଷ୍ଟା କ୍ୟାପ୍‌ଟେନ ନିର୍ମଳ ଚନ୍ଦ୍ର ରାଉତ ଓ ପଶୁପତି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ କୁମାର ରାଉତ ପ୍ରଗତି ଯାତ୍ରାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଯୋଗଦେଇଥିବାବେଳେ ଅସୀମା ପଣ୍ଡା ଓ ତାଙ୍କ ଟିମ୍‌ର ସଙ୍ଗୀତ ପରିବେଷଣ ଚିତ୍ତାକର୍ଷକ ରହିଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଏବଂ ବ୍ୟବସାୟୀଙ୍କ ସହଯୋଗୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ନଭେମ୍ବରରେ ଜିଓର ୧ ଲକ୍ଷ ୮୫ ହଜାର ନୂଆ ଗ୍ରାହକ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ରିଲାଏନ୍ସ ଜିଓ ନଭେମ୍ବର ମାସରେ ୱାୟାରଲେସ, ୱାୟାରଲାଇନ ଏବଂ ଫିକ୍ସଡ ୱାୟାରଲେସ ଆକ୍ସେସ (ଏଫ୍‌ଡବ୍ଲୁଏ) କ୍ଷେତ୍ରରେ ସର୍ବାଧିକ ୧ ଲକ୍ଷ ୮୫ ହଜାର ନୂତନ ଗ୍ରାହକ ଯୋଡ଼ିଛି। ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ ଉପଭୋକ୍ତା ତଥ୍ୟ ଅନୁଯାୟୀ, ରିଲାଏନ୍ସ ଜିଓ ନଭେମ୍ବର ମାସରେ ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୫୯ ହଜାରରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୫୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ନଭେମ୍ବର ମାସରେ ଜିଓ ଓଡ଼ିଶାରେ ୧.୫୯ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ସମାନ ସମୟରେ ୧୦୦୦୦ରୁ ଅଧିକ ମୋବାଇଲ ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି।

# ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବିରୋଧରେ ଆନ୍ଦୋଳନ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**




ଦୀର୍ଘଦିନ ଧରି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ପଡ଼ିରହିଥିବା ଦାବିଗୁଡ଼ିକୁ ପୂରଣ ପାଇଁ ବିଭିନ୍ନ ମାଧ୍ୟମରେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ତାହାର ସମାଧାନ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ଧ୍ୟାନ ଦେଉ ନ ଥିବା ଅଭିଯୋଗରେ ଏଆଇଆର୍‌ଆର୍‌ବିଡବ୍ଲ୍ୟୁଏସ୍ ଓଡ଼ିଶା ଶାଖାର କର୍ମକର୍ତ୍ତା ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅନ୍ୟାୟକୁ ପ୍ରତିବାଦକରି ଓ ନ୍ୟାଯ୍ୟ ଦାବିଗୁଡ଼ିକୁ ପୂରଣ ପାଇଁ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୁପ୍ରିମକୋର୍ଟଙ୍କ ଏସ୍‌ଏଲ୍‌ପି କେସ୍ ନଂ ୩୯୨୮/୨୦୧୨ ଓ ସିପି ୧୭୯୮/୨୦୧୮ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କମ୍ପ୍ୟୁଟର ଇନ୍‌କ୍ରିମେଣ୍ଟ ଓ ମୂଳ ପେନ୍‌ସନର ବକେୟା ପ୍ରଦାନ କରିବାର ଆଦେଶ ଥିଲେ ମଧ୍ୟ ତାହା ସମସ୍ତ କ୍ଷେତ୍ରରେ ଅନୁପାଳନ କରାଯାଇନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ୨୦୨୮ ଏପ୍ରିଲଠାରୁ ସମସ୍ତ ବକେୟା ପ୍ରଦାନ କରିବାକୁ ଦାବି କରାଯାଇଛି। କମ୍ପ୍ୟୁଟର ଇନ୍‌କ୍ରିମେଣ୍ଟର ବକେୟା ପ୍ରଦାନ ବାବଦକୁ କଟା ଯାଇଥିବା ଅଧିକ ଇନକମ୍ ଟ୍ୟାକ୍ସ ତୁରନ୍ତ ସୁଧ ସହ ଫେରସ୍ତ ଏବଂ କମ୍ପୁଟର୍ ଇନକ୍ରିମେଣ୍ଟ ଲାଗୁ ପରେ ବର୍ଦ୍ଧିତ ପେନ୍‌ସନ ଉପରେ ଗ୍ରାଚ୍ୟୁଇଟି, କମୁଟେସନ ଓ ଏକ୍ସଗ୍ରାସିଆ ପ୍ରଦାନ କରିବା ପାଇଁ ମଧ୍ୟ ଦାବି କରାଯାଉଛି। ପେନ୍‌ସନଧାରୀଙ୍କ ମୃତ୍ୟୁପରେ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ତୁରନ୍ତ ଫାମିଲି ପେନ୍‌ସନ ପ୍ରଦାନ କରାଯାଉ । ଯଦି ଦାବିଗୁଡ଼ିକ ତୁରନ୍ତ ପୂରଣ ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ପୋଷଣ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଘର ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ପଣ୍ଡା ଚେତାବନୀ ଦେଇଛନ୍ତି।

# ଡିସେମ୍ବର ସୁଦ୍ଧା ୨୪.୮୮ ମିଲିଅନ ଟନ୍ ଲୌହ ଧାତୁ ଉତ୍ପାଦନ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**



ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଖଣିଜ ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି କରିଛି। ଡିସେମ୍ବର ୩୧ ପର୍ଯ୍ୟନ୍ତ ଲୁହାପଥର ଉତ୍ପାଦନ ୨୪.୮୮ ମିଲିଅନ ଟନ୍ (ଏମ୍‌ଟି)ରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷ ବା ୨୦୨୪-୨୫ ବର୍ଷର ଡିସେମ୍ବର ସୁଦ୍ଧା ହୋଇଥିବା ଉତ୍ପାଦନକୁ ଅତିକ୍ରମ କରିଛି । ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଅଧୀନ ଓଏମ୍‌ସି ୨୦୨୫ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୁଦାୟ ୨୯.୦୩ ମିଲିଅନ ଟନ୍ (ଲୁହାପଥର, କ୍ରୋମ, ବକ୍ସାଇଟ ଓ ଅନ୍ୟାନ୍ୟ) ଖଣିଜ ଉତ୍ପାଦନ କରିଛି। ଏହି ଦୃଢ଼ କାର୍ଯ୍ୟଦକ୍ଷତା ଓଏମ୍‌ସିକୁ ଦେଶର ଅଗ୍ରଣୀ ମାଇନିଂ କମ୍ପାନୀଗୁଡ଼ିକ ମଧ୍ୟରେ ନିଜ ସ୍ଥାନକୁ ସୁଦୃଢ଼ କରିବା ସହ ଆର୍ଥିକ ବର୍ଷ ୨୦୨୫-୨୬ ରେ ନୂତନ ଉତ୍ପାଦନ ମାଇଲଷ୍ଟୋନ ସୃଷ୍ଟି ପାଇଁ ସହାୟକ ହେବ । ଆର୍ଥିକ ବର୍ଷ ୨୦୨୫-୨୬ର ତୃତୀୟ ତ୍ରୈମାସରେ ଓଏମ୍‌ସିର କାର୍ଯ୍ୟଦକ୍ଷତା ଏହି ଊର୍ଦ୍ଧ୍ୱଗାମୀ ଧାରାକୁ ଆହୁରି ସ୍ପଷ୍ଟ କରିଛି। ତୃତୀୟ ତ୍ରୈମାସରେ କର୍ପୋରେଶନ ସମୁଦାୟ ୧୨.୯୪ ମିଲିଅନ ଟନ ଖଣିଜ ଉତ୍ପାଦନ କରିଛି, ଯାହା ଆର୍ଥିକ ବର୍ଷ ୨୦୨୪-୨୫ର ତୃତୀୟ ତ୍ରୈମାସରେ (୯.୮୪ ମିଲିଅନ ଟନ୍) ତୁଳନାରେ ପ୍ରାୟ ୩୧.୫% ବୃଦ୍ଧି । ୨୦୨୫-୨୬ର ତୃତୀୟ ତ୍ରୈମାସରେ ଉତ୍ପାଦନରେ ୧୧.୨୩ ମିଲିଅନ ଟନ୍ ଲୁହା ପଥର, ୦.୪୯ ମିଲିଅନ ଟନ୍ କ୍ରୋମ୍, ୧.୧୫ ମିଲିଅନ ଟନ୍ ବକ୍ସାଇଟ ଓ ୦.୦୭ ମିଲିଅନ ଟନ୍ ଅନ୍ୟାନ୍ୟ ଖଣିଜ ରହିଛି ।

# ୪ ଟ୍ରେନ୍ ବାତିଲ, ୩ର ଗତିପଥ ପରିବର୍ତ୍ତନ

**ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)**

ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର- ସରଳା ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ୪ ଟ୍ରେନ୍ ବାତିଲ କରାଯାଇଥିବାବେଳେ ୩ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୫୮୨୧୩ ଟିଟଲାଗଡ଼-ବିଳାସପୁର ପାସେଞ୍ଜର (ଜେସିଓ) ଓ ୫୮୨୧୮ ରାୟପୁର-ଟିଟିଲାଗଡ଼ ପାସେଞ୍ଜର (ଜେସିଓ) ରବିବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ୫୮୨୧୪ ବିଳାସପୁର-ଟିଟିଲାଗଡ଼ ପାସେଞ୍ଜର (ଜେସିଓ) ଓ ୫୮୨୧୭ ଟିଟିଲାଗଡ଼-ରାୟପୁର ପାସେଞ୍ଜର (ଜେସିଓ) ମଧ୍ୟ ୫ ତାରିଖ ପର୍ଯ୍ୟନ୍ତ ବାତିଲ ରହିବ। ଅନ୍ୟପଟେ ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ (ଜେସିଓ) ୬ ତାରିଖ ପର୍ଯ୍ୟନ୍ତ ସରଳା-ସମ୍ବଲପୁର-ସମ୍ବଲପୁର ସିଟି ରୁଟ୍ ପରିବର୍ତ୍ତେ ସରଳା-ସମ୍ବଲପୁର ସିଟି ରୁଟ୍ ଦେଇ ଚଳାଚଳ କରିବ । ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ (ଜେସିଓ) ୬ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସିଟି-ସମ୍ବଲପୁର-ସରଳା ରୁଟ୍ ପରିବର୍ତ୍ତେ ସମ୍ବଲପୁର ସିଟି-ସରଳା ରୁଟ୍ ଦେଇ ଚଳାଚଳ କରିବ । ଟ୍ରେନ୍ ନମ୍ବର ୨୦୮୦୭ ବିଶାଖାପାଟଣା-ଅମୃତସର ଏକ୍ସପ୍ରେସ୍ (ଜେସିଓ) ୬ ତାରିଖରେ ସମ୍ବଲପୁର ସିଟି-ସମ୍ବଲପୁର-ସରଳା ପରିବର୍ତ୍ତେସମ୍ବଲପୁର ସିଟି-ସରଳା ରୁଟ୍‌ଦେଇ ଚଳାଚଳ କରିବ।


## ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ, ଜିଲ୍ଲା: ଭଦ୍ରକ

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଭଦ୍ରକ ଅନ୍ତର୍ଗତ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା୦୫।୦୧।୨୦୨୬ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG)ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ।

''ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ।''

| ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ | ଧାନ କ୍ରୟ ଦିବସ |
|---|---|---|---|---|
| ସୋମବାର | ମଙ୍ଗଳବାର | ବୁଧବାର | ଶୁକ୍ରବାର | ଶନିବାର |

ସମୟ: ସକାଳ ୮ଘଟିକାରୁ ଦିବା ୨ ଘଟିକା ମଧ୍ୟରେ ଧାନ ବିକ୍ରୟ କରିପାରିବେ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା - ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ ''ଏ'' ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

### :ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା:

| କ୍ର.ନଂ. | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |

ଚଳିତ ବର୍ଷ ଧାନ କ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କ ମୋବାଇଲ ନମ୍ବର (SMS) ଜରିଆରେ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରିମ ଟୋକନ) ପ୍ରେରଣ କରାଯିବ, ଯାହାକି ୩୦ ଦିନ ବୈଧ ରହିବ। ଅଗ୍ରିମ ଟୋକନ ପାଇଲା ପରେ ସମ୍ପୃକ୍ତ କ୍ରୟକାରୀ ପ୍ରାଥମିକ କୃଷି ସମବାୟ ସମିତି (PACS) ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ। ଚଳିତ ବର୍ଷ ଟୋକନରେ ଦିଆଯାଇଥିବା ଦିନ ଓ ପରିମାଣର ଧାନ ନେଇ ଆସିଥିବା ଚାଷୀମାନଙ୍କଠାରୁ କ୍ରମାନ୍ୱୟ (FIFO) ରେ ଧାନ କ୍ରୟ କରାଯିବ। ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଚାଷୀ ଭାଇମାନଙ୍କୁ ଅନୁରୋଧ।

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ଏବଂ ପ୍ରାପ୍ତ ହୋଇଥିବା ଟୋକନ ଆଣିବେ। ରେଜିଷ୍ଟ୍ରିଭୁକ୍ତ ଚାଷୀ ଭାଇଭଉଣୀମାନେ ତାଙ୍କର ପଞ୍ଜୀକୃତ ହୋଇଥିବା ମୋ. ନଂ.ରୁ ଟୋଲ୍ ଫ୍ରି ନଂ. 1967 ଡାଏଲ କରି ତାଙ୍କର ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ, ଟୋକନର ସ୍ଥିତି ଏବଂ ଦେୟର ସ୍ଥିତି ପରିମାଣ ଜାଣିପାରିବେ।

**I.V.R.S. ପଦ୍ଧତିରେ :-**

୫ ନମ୍ବର ଚୟନ କଲେ ଯାଞ୍ଚକୃତ (Verified) ହୋଇଥିବା ଜମିର ପରିମାଣ ଜାଣିପାରିବେ।
୬ ନମ୍ବର ଚୟନ କଲେ ଟୋକନର ସ୍ଥିତି ଜାଣିପାରିବେ।
୭ ନମ୍ବର ଚୟନ କଲେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଦେୟର ସ୍ଥିତି ଜାଣିପାରିବେ।

ସ୍ୱା./- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

ସ୍ୱା./- ଉପଜିଲ୍ଲାପାଳ ଭଦ୍ରକ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-42, ତା.22.12.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ଅଧୀନରେ ବାମୁର, ବଇଣ୍ଡା, ଅତାବିରା, ଡୁଙ୍ଗୁରୁପାଲି, ଲୋଇସିଂହା, ସଇଁତଲା, ଥେରୁବାଲି, ବିଷମ କଟକ, ଲାଞ୍ଜିଗଡ଼ ରୋଡ୍ ଏବଂ ନରଲା ରୋଡ୍ ରେଳ ଷ୍ଟେସନ ଠାରେ CIBs ଏବଂ TIBsର ବ୍ୟବସ୍ଥା। କାର୍ଯ୍ୟର ପରିସର: (1) ବାମୁରର ପ୍ଲାଟଫର୍ମ 1 ଏବଂ 2, ବଇଣ୍ଡାର ପ୍ଲାଟଫର୍ମ 1 ଏବଂ 2, ଅତାବିରାର ପ୍ଲାଟଫର୍ମ 1 ଏବଂ 2, ଡୁଙ୍ଗୁରୁପାଲିର ପ୍ଲାଟଫର୍ମ 1, 2 ଏବଂ 3, ସଇଁତଲାର ପ୍ଲାଟଫର୍ମ 1 ଏବଂ 2, ଥେରୁବାଲିର ପ୍ଲାଟଫର୍ମ 1, 2 ଏବଂ 3, ଡୁଙ୍ଗୁରୁପାଲିର ପ୍ଲାଟଫର୍ମ 1, 2 ଏବଂ 3, ଲାଞ୍ଜିଗଡ଼ ରୋଡ଼ର ପ୍ଲାଟଫର୍ମ 1 ଏବଂ 2 ଓ ନରଲା ରୋଡ଼ର ପ୍ଲାଟଫର୍ମ 1, 2, 3 ଏବଂ 4 ଠାରେ CIBs (2) ବାମୁର, ବଇଣ୍ଡା, ଅତାବିରା, ଡୁଙ୍ଗୁରୁପାଲି, ଲୋଇସିଂହା, ସଇଁତଲା, ଥେରୁବାଲି, ବିଷମ କଟକ, ଲାଞ୍ଜିଗଡ଼ ରୋଡ୍ ଏବଂ ନରଲା ରୋଡ୍ ରେଳ ଷ୍ଟେସନ ଠାରେ TIBs

**ଟେଣ୍ଡର ମୂଲ୍ୟ (₹):** 5,65,99,991.60, ବିଡ୍ ସିକ୍ୟୁରିଟି (₹) : 4,33,000.00।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 19.01.2026 ରିଖ 1100 ଘଟିକାରେ

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସିବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ସମ୍ବଲପୁର
PR-965/Q/25-26



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 63/ET/SBP/ENGG/2025-26, ତା.26.12.2025ରିଖ

(1) ଇ-ଟେଣ୍ଡର ସଂ. 63-eT-DENC-SBP-25

**କାର୍ଯ୍ୟର ନାମ :** ପ୍ଲାଟଫର୍ମ-1ରେ ପୁରୁଷ / ମହିଳା ହାଜତ, ମହିଳାମାନଙ୍କର ବସ୍ତ୍ର ବଦଳାଇବା କକ୍ଷ, ମାଲଖାନା, CCTV କକ୍ଷ, ଇତ୍ୟାଦି ସହିତ ବଲାଙ୍ଗୀର ରେଳ ଷ୍ଟେସନରେ ଗୋଟିଏ ଷ୍ଟାଣ୍ଡାର୍ଡ RPF ପୋଷ୍ଟ ବିଲ୍ଡିଂର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1,26,04,152.36, ବିଡ୍ ସିକ୍ୟୁରିଟୀ : ₹ 2,13,100/-

(2) ଇ-ଟେଣ୍ଡର ସଂ. 64-eT-DENC-SBP-25

**କାର୍ଯ୍ୟର ନାମ :** ପ୍ଲାଟଫର୍ମ-1ରେ ପୁରୁଷ / ମହିଳା ହାଜତ, ମହିଳାମାନଙ୍କର ବସ୍ତ୍ର ବଦଳାଇବା କକ୍ଷ, ମାଲଖାନା, CCTV କକ୍ଷ, ଇତ୍ୟାଦି ସହିତ ବରଗଡ଼ ରୋଡ଼ ରେଳ ଷ୍ଟେସନରେ ଗୋଟିଏ GRP ଆଉଟ୍ ପୋଷ୍ଟ ବିଲ୍ଡିଂ ଏବଂ ଷ୍ଟାଣ୍ଡାର୍ଡ RPF ପୋଷ୍ଟ ବିଲ୍ଡିଂର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 2,15,61,223.39, ବିଡ୍ ସିକ୍ୟୁରିଟୀ : ₹ 2,57,900/-

**କାର୍ଯ୍ୟ ଶେଷ ହେବା ଅବଧି :** 10 (ଦଶ) ମାସ (କ୍ରମ ସଂ. 1 ପାଇଁ) ଏବଂ 12 (ବାର) ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 19.01.2026, 1500 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-970/Q/25-26



## PANCHAYAT SAMITI OFFICE, PHULBANI

Tel : (06842)253671, E-Mail : ori-bphulbani@nic.in

### TENDER CALL NOTICE

No.15//Date.03.01.2026

The Block Development Officer, Phulbani, District-Kandhamal on behalf of Governor of Odisha invites sealed tender in single cover system for the construction of works as detailed in the table, from the class of eligible contractors as mentioned in column-5 (five) registered with the state governments and Contractors of equivalent Grades/class registered with central Government/ MES Railways to be eventually drawn up in PWD P-1 Agreement form, for execution of culverts/Buildings i.e. civil works. The proof of registration from the appropriate authority shall be enclosed along with the BID. If successful, the bidder who has not registered under state government has to register under the state government has to register under the state PWD in the appropriate class of eligibility before signing of the agreement. The bidders may submit bids for the following work.

| Sl. No. | Name of the work | Approx vale of work (in Rs.) | Period of completion | Class of contractor | Bid Security @1% | Cost of BID document | Scheme |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of CDPO Office Building | 21,82,112/- | 6 (Six) calendar Month | B & C | 22,000/- | 5000/- | WCDMS |

**SCHEDULE :-**

| | |
|---|---|
| Place & date of Receipt of Tender Papers by Bidders | Sale of Bid documents starts From Dt.03.01.26 at 10 A.M. and close on Dt.17.01.26 up to 5.30 P.M. (in working days & working hours) at panchayat Samiti, Phulbani |
| | Can be downloaded from www.kandhamal.odisha.gov.in from dt.03.01.26 at 10.00 A.M. and close on dated 17.01.26 up to 5.30 P.M. |
| | Bid document shall be received by this agency up to 1.00 P.M on date 19.01.26 through Registered Post/Speed Post only |
| Place & date of opening of Tender papers | Dated 19.01.2026 at 4.00 P.M. in the office of the Block Development Officer, Panchayat Samiti Office, Phulbani |

Sd./- Block Development Officer
Panchayat Samiti, Phulbani



## ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ଆଇନଗତ ସମାଧାନ ପାଇଁ ଏକ ଦେଶବ୍ୟାପୀ ଅଭିଯାନ - ଦେଶ ନିମନ୍ତେ ''ମଧ୍ୟସ୍ଥତା ୨.୦''

No. W-55: ''ମଧ୍ୟସ୍ଥତା'' ହେଉଛି ମାମଲାର ପରିସମାପ୍ତି ନିମନ୍ତେ ଆଇନ ଅନୁମୋଦିତ ଏକ ବିକଳ୍ପ ପଦ୍ଧତି। ଉଭୟପକ୍ଷଙ୍କ ସହମତିରେ ବା ଅଦାଲତଙ୍କର ନିର୍ଦ୍ଦେଶରେ ମଧ୍ୟସ୍ଥତା ଦ୍ୱାରା ବିଚାରାଧୀନ ମାମଲାର ସମାଧାନ ହୋଇଥାଏ ଓ ମାମଲାର ଅନ୍ତ ଘଟିଥାଏ। ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତିଠାରୁ ସନ୍ତୋଷଜନକ ଫଳ ଏହି ବିକଳ୍ପ ପଦ୍ଧତି ମାଧ୍ୟମରେ ଶୀଘ୍ର ମିଳିଥାଏ। ଏହି ବିକଳ୍ପ ପଦ୍ଧତିରେ ପକ୍ଷମାନେ ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ବା ଆଇନ ପରାମର୍ଶଦାତାମାନେ ସକ୍ରିୟ ଭାଗ ନେଇ ସେମାନଙ୍କର ପକ୍ଷ ରଖିପାରିବେ ଓ ମାମଲା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବେ। ମାମଲାର ଚୂଡ଼ାନ୍ତ ଫଳର ରୂପରେଖ ଉଭୟ ପକ୍ଷଙ୍କ ସହମତିରେ ନିର୍ଣ୍ଣୟ କରାଯାଇପାରିବ।

ଏହି ପଦ୍ଧତି ଦ୍ୱାରା ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ଅଦାଲତରେ ବିରାଧୀନ ବିଭିନ୍ନ ପ୍ରକାରର ମାମଲା ଯଥା:-

- ଘରୋଇ ହିଂସା ଓ ଯୌତୁକ ନିର୍ଯ୍ୟାତନା (ଧାରା ୪୯୮A/IPC/୮୫ BNS) ସମେତ ସମସ୍ତ ପାରିବାରିକ ବିବାଦ।
- ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ।
- ଚେକ୍ ବାଉନ୍ସ ମାମଲା
- ଉଚ୍ଛେଦ ମାମଲା
- ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା
- ବାଣିଜ୍ୟିକ ଅଦାଲତରେ ଥିବା ମାମଲା
- ରଫାଯୋଗ୍ୟ ଫୌଜଦାରି ମାମଲା
- ଶ୍ରମିକ ଅଧିନିୟମ ସମ୍ପର୍କୀୟ ମାମଲା
- ଚୁକ୍ତି ଅଧିନିୟମ ସମ୍ପର୍କୀୟ ମାମଲା
- ସମ୍ପତ୍ତି ବଣ୍ଟନ ବିବାଦ
- ଭୂ-ଅଧିଗ୍ରହଣଜନିତ ମାମଲା
- ଖାଉଟି ଅଦାଲତରେ ଥିବା ବିବାଦ

ଓ ଉପଯୁକ୍ତ ଅନ୍ୟାନ୍ୟ ଦେୱାନୀ ମାମଲାଗୁଡ଼ିକର ପରିସମାପ୍ତି କରାଯାଇପାରିବ।

ମଧ୍ୟସ୍ଥତା ଦ୍ୱାରା ମାମଲାର ପରିସମାପ୍ତି ପାଇଁ ସମଗ୍ର ଦେଶରେ ପୁନର୍ବାର ଅଭିଯାନ ଚାଲୁଅଛି। ଯାହାକି **ଦେଶ ନିମନ୍ତେ ''ମଧ୍ୟସ୍ଥତା ୨.୦''** ନାମରେ ନାମିତ ହୋଇଛି। ଏହି ଅଭିଯାନ ୦୨।୦୧।୨୦୨୬ ତାରିଖଠାରୁ ଆରମ୍ଭ ହୋଇଛି। ମାମଲାରେ ପକ୍ଷଭୁକ୍ତ ବ୍ୟକ୍ତି ବା ସଂସ୍ଥା ଏହାର ସୁଯୋଗ ନେଇ ନିଜ ମାମଲାର ପରିସମାପ୍ତି ପାଇଁ ସମ୍ପୃକ୍ତ ଅଦାଲତ କିମ୍ବା ନିକଟସ୍ଥ ଆଇନ ସେବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ।

ଅଧିକ ବିବରଣୀ ପାଇଁ ଦେୟ ମୁକ୍ତ ନମ୍ବର - ୧୫୧୦୦ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
**ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ**
**ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ**
**ଯୋଗାଯୋଗ: ୯୪୩୮୫୬୮୫୮୬**
e-mail ID: **oslsa1997@gmail.com**

OIPR-18008/11/0026/2526

## ସଂକ୍ଷେପରେ

### ଡା. କଂଗ୍ରେସ ପ୍ରଧାନଙ୍କୁ ଭେଟେରାନ ଆଚିଭର ଆୱାର୍ଡ

କବିସୂର୍ଯ୍ୟନଗର,୩।୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ନିଃଶୁଳ୍କ ଚିକିତ୍ସା, ସମାଜସେବା, ତ୍ୟାଗ, ସମର୍ପଣ ପାଇଁ ଡା. କଂଗ୍ରେସ ପ୍ରଧାନଙ୍କୁ ଭେଟେରାନ ଆଚିଭର ଆୱାର୍ଡରେ ସମ୍ମାନିତ କରାଯାଇଛି। ଅବସର ପରେ ସମସ୍ତ ସେବା ନିବୃତ୍ତ ସୈନିକ କର୍ମଚାରୀଙ୍କୁ ସେ ସେବା ଯୋଗାଇ ଦେବାକୁ ଅବସରପ୍ରାପ୍ତ ସୈନିକଙ୍କୁ ନେଇ ସେ ସୈନିକ ସଂଘ ଗଠନ କରିଛନ୍ତି। ସେହି ସଂଘର ସଭାପତି ରୂପେ ସେବା ନିବୃତ୍ତ ସୈନିକମାନେ ପ୍ରଧାନଙ୍କୁ ସଭାପତି ଭାବେ ଚୟନ କରିଛନ୍ତି। ଏହି ପରିପେକ୍ଷୀରେ ନୂଆଦିଲ୍ଲୀରେ ଆୟୋଜିତ ଅବସରପ୍ରାପ୍ତ ଅଫିସରମାନଙ୍କ ସେମିନାରରେ ପ୍ରଧାନଙ୍କୁ ଭେଟେରାନ ଆଚିଭର ସମ୍ମାନରେ ସମ୍ମାନିତ କରାଯାଇଛି। ରାଷ୍ଟ୍ର ନିର୍ମାଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ସମାଜିକ କର୍ମୀ ଜି. ଶମ୍ଭୁଲିଙ୍ଗମ ଅଚାରୀ, ଚାଷୀନେତା କୈଳାସ ସିଂ, ଅବସରପ୍ରାପ୍ତ ସୈନିକ ସଦାନନ୍ଦ ମାଝୀ ଏବଂ ଅନ୍ୟମାନେ ତାଙ୍କୁ ଶୁଭେଚ୍ଛା ଓ ସମ୍ମାନ ଜଣାଇଛନ୍ତି।

### ଆର୍‌ଆଇଙ୍କ ବିରୋଧରେ ଲାଞ୍ଚ, ଦୁର୍ବ୍ୟବହାର ଅଭିଯୋଗ

#### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଗଞ୍ଜାମ,୩।୧ (ଅନାଥ ତରାଇ)

ଗଞ୍ଜାମ ତହସିଲ ରାଜସ୍ୱ ପ୍ରଶାସନର ସ୍ୱଚ୍ଛତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସନ୍ତୋଷପୁର ଗ୍ରାମ ପଞ୍ଚାୟତର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସନ୍ତୋଷୀ ନାୟକଙ୍କ ବିରୋଧରେ ଲାଞ୍ଚ କାରବାର ଓ ଜନସାଧାରଣଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ପଞ୍ଚାୟତବାସୀ ଶନିବାର ଏକ ଦାବିପତ୍ର ମାଧ୍ୟମରେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ଦାବିପତ୍ରକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡାଙ୍କୁ ପଞ୍ଚାୟତବାସୀ ପ୍ରଦାନ କରିଛନ୍ତି। ଏନେଇ ଗଞ୍ଜାମ ତହସିଲଦାରଙ୍କୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ପୂର୍ବରୁ ପଞ୍ଚାୟତବାସୀ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ କହିଛନ୍ତି। ଅଭିଯୋଗ ଅନୁଯାୟୀ ଜାତି, ଆୟ, ବାସିନ୍ଦା ପ୍ରମାଣପତ୍ର ଓ ଜମି ମ୍ୟୁଟେଶନ୍ ଭଳି ମୌଳିକ ସରକାରୀ ସେବା ପାଇଁ ଆର୍‌ଆଇ ଖୋଲାଖୋଲି ଭାବେ ଲାଞ୍ଚ ଦାବି କରୁଥିବା ଅଭିଯୋଗ ହୋଇଛି। ଅର୍ଥ ଦେବାକୁ ଅସମର୍ଥ ହେଲେ କାର୍ଯ୍ୟରେ ବିଳମ୍ବ କରିବା ସହ ନାଗରିକମାନଙ୍କୁ, ବିଶେଷକରି ମହିଳା ଓ ବୟସ୍କଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହି ଦୁର୍ନୀତିଗ୍ରସ୍ତ ଅଭ୍ୟାସ ଯୋଗୁ ଗରିବ ଓ ଅସହାୟ ଲୋକମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ କବିତା ସାହୁ କହିଛନ୍ତି ଯେ, ଆମେ ବହୁବାର ସ୍ଥାନୀୟସ୍ତରରେ ଗୁହାରି କରିଛୁ, କିନ୍ତୁ କୌଣସି ସୁଫଳ ମିଳିନାହିଁ। ଗ୍ରାମବାସୀମାନେ ନାୟକଙ୍କୁ ତୁରନ୍ତ ବଦଳି କରିବା ସହ ତାଙ୍କ ବିରୋଧରେ ଉଚ୍ଚସ୍ତରୀୟ ତଦନ୍ତ ଓ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ସୁନାପଲିରେ ଧାନମଣ୍ଡି ଉଦ୍‌ଘାଟିତ ଏସ୍‌ଏଚ୍‌ଜିଙ୍କୁ ଗୁରୁତ୍ୱ, ଅନୁପସ୍ଥିତ ରହିଲେ ବ୍ଲକ ଅଧ୍ୟକ୍ଷ

କବିସୂର୍ଯ୍ୟନଗର, ୩।୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା ସୁନାପଲ୍ଲୀ ପଞ୍ଚାୟତରେ ଧାନ ମଣ୍ଡି ଉଦ୍‌ଘାଟିଛି। ଏନେଇ ହୋଇଥିବା କାର୍ଯ୍ୟକ୍ରମରେ ଅନେକଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ ପାଢ଼ୀଙ୍କ ସମେତ କେତେକ ପଞ୍ଚାୟତର ନେତା କର୍ମୀ ଓ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଫଳକରେ ନାମ ଥିବା କବିସୂର୍ଯ୍ୟନଗର ବ୍ଲକ୍ ଭାରପ୍ରାପ୍ତ ଅଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ଉଦ୍‌ଘାଟିତ ଧାନମଣ୍ଡିରେ ସୋସାଇଟି ସିଧାସଳଖ ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଗୋଟିଏ ନିର୍ଦ୍ଦିଷ୍ଟ ଏସ୍‌ଏଚ୍‌ଜି ଦ୍ୱାରା ଧାନ ସଂଗ୍ରହ ପାଇଁ ସ୍ଥିର ହୋଇଥିବାରୁ ଏନେଇ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ସୋସାଇଟି ଚାଷୀଙ୍କଠାରୁ ଧାନ ସଂଗ୍ରହ କଲେ ଅଧିକାରୀ ଏବଂ ଅନ୍ୟମାନଙ୍କ ଲାଭ କମ ହେଉଥିବାରୁ ଏସ୍‌ଏଚ୍‌ଜି ଦ୍ୱାରା କଟନିଛଟନୀ କରି ଚାଷୀଙ୍କୁ ଅଧିକ ଶୋଷଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଅଭିଯୋଗ ହେଉଛି। ଏଥିପ୍ରତ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଘୁମୁସର ବନଖଣ୍ଡରେ ୭ ପର୍ଯ୍ୟନ୍ତ ବାଘ ଗଣନା

ଭଞ୍ଜନଗର,୩।୧ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅଧୀନ ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡ, ବଉଦ , ବ୍ରହ୍ମପୁର ଓ ବାଲିଗୁଡା ବନଖଣ୍ଡରେ ଶୁକ୍ରବାରଠାରୁ ବାଘ ଗଣନା ଆରମ୍ଭ ହୋଇଛି। ଏହା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପରେ ଯେଉଁ ଅଞ୍ଚଳରେ ବାଘ ଥିବା କିଛିଟା ପ୍ରମାଣ ମିଳିବ ସେଠାରେ ଟ୍ରାପ କ୍ୟାମେରା ଏକ ମାସ ପର୍ଯ୍ୟନ୍ତ ଲାଗିବ। ଏନେଇ ଚୂଡାନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯିବ। ବର୍ତ୍ତମାନ ଚାଲିଥିବା ପ୍ରଥମ ପର୍ଯ୍ୟାୟର ଗଣନା କର୍ମଚାରୀମାନେ ୩ ଦିନ ୫ କି.ମି. ପର୍ଯ୍ୟନ୍ତ ଚାଲି ଚାଲି ସର୍ଭେ କରିବେ। ପରେ ଆଉ ୩ ଦିନ ବାଘର ପାଦ ଚିହ୍ନ ମଳ ସମେତ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏହି ସମୟରେ ହାତୀ, ଗୟଳ ସମେତ ଅନ୍ୟାନ୍ୟ ପ୍ରାଣୀ ମଧ୍ୟ ଗଣତି ହେବେ। ଯେଉଁ ଅଞ୍ଚଳରେ ଉକ୍ତ ପ୍ରାଣୀମାନେ ରହୁଛନ୍ତି ସେଠାରେ କେଉଁ ସବୁ ଗଛ ଅଛି ତାହାର ରିପୋର୍ଟ ପ୍ରସ୍ତୁତ କରାଯିବ। ଗଣନାର ଦୈନନ୍ଦିନ ରିପୋର୍ଟ ଅନ୍‌ଲାଇନରେ ପୋର୍ଟାଲରେ ଅପଲୋଡ଼ ହେବ। ପୂର୍ବରୁ ବ୍ରହ୍ମପୁର ଆର୍‌ସିସିଏଫ୍ ଅଧୀନରେ ଥିବା ଫୁଲବାଣୀ ଓ ପାରଳାଖେମୁଣ୍ଡି ବନଖଣ୍ଡରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ନଭେମ୍ବର ୧୫ରୁ ୨୧ ମଧ୍ୟରେ ବାଘ ଗଣନା ହୋଇଥିଲା। ବଳକା ବନଖଣ୍ଡଗୁଡ଼ିକରେ ପୋର୍ଟାଲରେ ତ୍ରୁଟି ହେତୁ ବିଳମ୍ବ ହୋଇଛି। ପୋର୍ଟାଲକୁ ସଜଡ଼ାଯିବା ପରେ ଶୁକ୍ରବାରଠାରୁ ଗଣନା ଆରମ୍ଭ ହୋଇଛି। ପ୍ରତି ୪ ବର୍ଷକୁ ଥରେ ଦେଶରେ ବାଘ ଗଣନା ହେଉଛି। ଏହି ଅନୁସାରେ ଚଳିତ ବର୍ଷ ଦେଶରେ ବାଘ ଗଣନା ପ୍ରକ୍ରିୟା ଆରମ୍ଭ ହୋଇ ଚାଲିଛି। ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ବିଭିନ୍ନ ବନଖଣ୍ଡରେ ବାଘ ଗଣନା ନଭେମ୍ବର ୧୫ରୁ ୨୧ ତାରିଖ ମଧ୍ୟରେ ହେବାର ଥିଲା। ମାତ୍ର ପୋର୍ଟାଲ ତ୍ରୁଟି ଯୋଗୁ ତାହାକୁ କେତେକ ବନଖଣ୍ଡରେ ସ୍ଥଗିତ ରଖାଯାଇ ଏବେ ଆରମ୍ଭ ହୋଇଛି। ଏଥିପାଇଁ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ୭୪ଟି ଟିମ ଗଠନ ହୋଇଛି । ଏସିଏଫ ବିବେକ ଦାସ, ବିମଳ ପ୍ରସାଦ ପ୍ରଧାନ, ରେଞ୍ଜର ବିଦ୍ୟାଧର ସାହୁ, ପୃଥ୍ୱୀରାଜ ତତ୍ତ୍ୱାବଧାନରେ ଗଣନା ପ୍ରକ୍ରିୟା ଚାଲିଛି। ଗଣତି ପୂର୍ବରୁ ନଭେମ୍ବରରେ କର୍ମଚାରୀ ତାଲିମ ନେଇଥିଲେ। କର୍ମଚାରୀମାନେ ବାଘ ଗଣନା ସମୟରେ ଜଙ୍ଗଲରେ ଟ୍ରାପ କ୍ୟାମେରା ଲଗାଇବେ। ପଗମାର୍କ ଓ ମଳ ନିଶାନ ବିଶ୍ଳେଷଣ କରିବେ। ଏଥିସହ ଜିନେଟିକ ଅନୁଶୀଳନ ଓ ସାଟେଲାଇଟ ଡାଟା ମଧ୍ୟ ମ୍ୟାପିଂ କରିବେ। ଏହି ଗଣନା ପରେ ସରକାର ଦେଶରେ ବାଘ ସଂରକ୍ଷଣ ନୀତି ନିର୍ଦ୍ଧାଣ ଲାଗି ପଦକ୍ଷେପ ଗ୍ରହଣ କରିବେ।



ବାଘ ଗଣନାରେ ସାମିଲ ହୋଇଥିବା କର୍ମଚାରୀ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରୋଗୀ ସେବା ଠପ୍



ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ।

ପାରଳାଖେମୁଣ୍ଡି,୩।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବା ଠପ ହୋଇପଡିଛି । ଏଠାରେ ଡାକ୍ତର ନାହାନ୍ତି କି ଫାର୍ମାସିଷ୍ଟ ନାହାନ୍ତି। କେବଳ ଜଣେ ଆୟୁଷ ଡାକ୍ତର ଚିକିତ୍ସା କରୁଛନ୍ତି। ଏଲୋପଥି ଚିକିତ୍ସା ସମ୍ପୂର୍ଣ୍ଣ ବନ୍ଦ ରହିଛି। କିଛି ବର୍ଷ ତଳେ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ଏଠାରେ କାମଚଳା ଭାବେ ନିଯୁକ୍ତି ମିଳିଥିଲା। ତେବେ ସେ କିଛି ମାସ ତଳେ କାର୍ଯ୍ୟରୁ ଅବସର ନେଇଛନ୍ତି । ତାଙ୍କ ପୂର୍ବରୁ ଏଠାରେ ଜଣେ ଫାର୍ମାସିଷ୍ଟ ଥିଲେ। ସେ ଅବସର ନେବା ପରେ ତାଙ୍କ ସ୍ଥାନରେ କାହାରିକୁ ଏଯାଏ ନିଯୁକ୍ତି ମିଳିନାହିଁ। ଉଭୟ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ସ୍ଥାନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିଯୁକ୍ତି ନ କରିବା ଫଳରେ ଏବେ ରୋଗୀସେବା ସମ୍ପୂର୍ଣ୍ଣ ଠପ୍ ହୋଇପଡିଛି । ଦିନ ଥିଲା ଗାରାବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳରେ ରୋଗୀସେବା ପାଇଁ ଖ୍ୟାତି ରହିଥିଲା । ଏହି ଗାରାବନ୍ଧ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଗୋଷାଣି ବ୍ଲକର ୫ରୁ ଉର୍ଦ୍ଧ ପଞ୍ଚାୟତ ସମେତ ରାୟଗଡ ବ୍ଲକର ୩ରୁ ଅଧିକ ପଞ୍ଚାୟତର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି । ଡାକ୍ତର, ଫାର୍ମାସିଷ୍ଟ କେହି ନ ଥିବାରୁ ସାମାନ୍ୟ ଜ୍ୱର କି ମୁଣ୍ଡବ୍ୟଥା ହେଲେ ଲୋକେ ଔଷଧ ଟିକେ ପାଇପାରୁନାହାନ୍ତି। ସେମାନେ ଏଥିପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଏଠାରେ ଡାକ୍ତରଙ୍କ ଓ ଫାର୍ମାସିଷ୍ଟ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତୁରନ୍ତ ଧାନ କ୍ରୟ ନ ହେଲେ ଆନ୍ଦୋଳନ

ପାରଳାଖେମୁଣ୍ଡି,୩।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଧାନମଣ୍ଡି ନାମକୁ ମାତ୍ର ଖୋଲାଯାଇଛି । ଡିସେମ୍ବର ୩୦ ତାରିଖରେ ଆନୁଷ୍ଠାନିକ ଭାବେ ଧାନମଣ୍ଡି ଖୋଲାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ଜିଲାରେ ଖରିଫ ଧାନ କ୍ରୟରେ ବହୁ ଉପୁଜୁଥିବା ଦେଖିବାକୁ ମିଳୁଛି। ୨୦୨୪ ଖରିଫ ଧାନକ୍ରୟ ବେଳେ ଚାଷୀ ବହୁ ସମସ୍ୟା ଭୋଗିଥିଲେ। ତେବେ ୨୦୨୫ ଖରିଫ ଧାନ କ୍ରୟରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ମଣ୍ଡି ଉଦ୍‌ଘାଟନ ବେଳେ ପ୍ରଶାସନ କହିଥିଲା। ତାହା ଏବେ ମିଛ ପ୍ରମାଣିତ ହୋଇଛି। ଜାନୁୟାରୀ ପ୍ରଥମାର୍ଦ୍ଧରେ ଧାନ ବିକ୍ରି କରି ମକର ସଂକ୍ରାନ୍ତି ବା ପର୍ବପର୍ବାଣି ପାଳିବା, ଘରର ଆର୍ଥିକ ବୋଝକୁ ହାଲୁକା କରିବା, ଋଣ ପରିଶୋଧ କରିବାକୁ ଆଶା ରଖିଥିବା ଚାଷୀର ଆଶା ଧୂଳିସାତ ହୋଇଛି। ଏପର୍ଯ୍ୟନ୍ତ ମିଲରଙ୍କ ସହିତ ପ୍ରଶାସନ ଚୁକ୍ତି ନାମା କରିପାରନି। ପ୍ରାଥମିକ କୃଷି ସମବାୟ ସମିତ ସମ୍ପାଦକମାନଙ୍କ ଆଭ୍ୟନ୍ତରୀଣ ସମସ୍ୟା ମଧ୍ୟ ଦୂର ହୋଇପାରିନି। ଫଳରେ ମଣ୍ଡିରେ ଧାନ ବିକିବାକୁ ଚାଷୀ ଖଳାରେ ଧାନ ରଖି ଜଗି ବସିଛି ବୋଲି ଚାଷୀନେତା ଗଣେଷ ପଣ୍ଡା, ପ୍ରତାପ ସାହୁ, ମୁନା ପରିଚ୍ଛା କହିଛନ୍ତି। ଗୋଷାଣି ବ୍ଲକର ବଡ଼ନୀଳାପୁର, ଉତ୍ତରସେଲ୍ଲି, ଜଙ୍ଗଲପାଡୁ, ଇଂଲିଶପେଣ୍ଟ, ଗୁରାଣ୍ଡି, ମହାଦେବପୁର, ଶରଧାପୁର ଆଦି ଗ୍ରାମାଞ୍ଚଳରେ ବାରହା ଉପଦ୍ରବ ଚାଷୀଙ୍କ ଚିନ୍ତା ବଢାଇ ଦେଇଛି। କେତେ ଜଣ ଚାଷୀଙ୍କୁ ଧାନବିକ୍ରି ପାଇଁ ମ୍ୟାସେଜ ଆସିଥିଲେ ମଧ୍ୟ ମିଲର ଧାନକ୍ରୟ କରୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ କହିଛନ୍ତି, ପୂର୍ବବର୍ଷ ଭଳି ଜିଲାରେ ଧାନକ୍ରୟରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରଶାସନ କୌଣସି ବ୍ୟବସ୍ଥା ନ କରି ଧାନମଣ୍ଡି ଖୋଲିବାରୁ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ମଣ୍ଡିରେ ଚାଷୀ ଧାନ କ୍ରୟ ପାଇଁ ତୁରନ୍ତ ବ୍ୟବସ୍ଥା ନ ହେଲେ ଆନ୍ଦୋଳନ ହେବ ବୋଲି ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ଉପ ଜିଲାପାଳ ଅନୁପ ପଣ୍ଡା କହିଛନ୍ତି, ଗଜପତି ଜିଲାରେ ବର୍ତ୍ତମାନ ସୁଦ୍ଧା ୧୦ ହଜାର ୩ଶହ ଚାଷୀଙ୍କ ଟୋକାନ ବାହାରିଛି। ବର୍ତ୍ତମାନ ସୁଦ୍ଧା ୫୪ ମିଲରଙ୍କ ମଧ୍ୟରୁ ୪୦ ମିଲର ଧାନ ସଂଗ୍ରହ ପାଇଁ ସହମତି ଜଣାଇଛନ୍ତି। ବ୍ୟାଙ୍କରେ ମଧ୍ୟ ଅର୍ଥ ସିକ୍ୟୁରିଟି ଡିପୋଜିଟ୍ ସରିଛି। ଆସନ୍ତା ସୋମବାର ସୁଦ୍ଧା ସମସ୍ତ ମିଲର ଧାନ କ୍ରୟ ଲାଗି ପ୍ରସ୍ତୁତ ହୋଇଯିବେ ବୋଲି ପଣ୍ଡା କହିଛନ୍ତି।

### ହତ୍ୟା ଉଦ୍ୟମ ମାମଲାରେ ଜଣେ ଗିରଫ

ଗୋପାଳପୁର,୩।୧ (ନବୀନ ରାଜ ଆଚାରୀ)

ଗୋପାଳପୁର ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ମୁହାଁ ହୋଉଛି। ଆରୁଆପଲ୍ଲୀ ଗ୍ରାମରେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଶନିବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗଞ୍ଜୁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରଣା(୫୩)। ଏହି ଥାନା ଅଧିନସ୍ଥ ଗଞ୍ଜୁ ଗ୍ରାମର କୃଷ୍ଣ ରଣା, ପୂର୍ଣ୍ଣ ଚନ୍ଦ୍ର ରଣା ଓ କେଶବ ରଣା କୌଣସି କାମ ପାଇଁ ଶୁକ୍ରବାର ବାହାରକୁ ଯାଇଥିଲେ। କାମ ସାରି କୃଷ୍ଣ, ପୂର୍ଣ୍ଣ ଓ କେଶବ ଗ୍ରାମକୁ ଫେରୁଥିବା ବେଳେ ଆରୁଆପଲୀ ଗ୍ରାମ ନିକଟରେ କୌଣସି କଥାକୁ ନେଇ କୃଷ୍ଣ ଓ ପୂର୍ଣ୍ଣଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ପୂର୍ଣ୍ଣ ରାଗି ଯାଇ କୃଷ୍ଣଙ୍କ ମୁଣ୍ଡକୁ ଖଣ୍ଡାରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ କୃଷ୍ଣଙ୍କ ପରିବାର ଲୋକ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ଥାନା କେଶ୍ ନଂ. ୩/୨୬ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଶନିବାର ପୂର୍ଣ୍ଣ ଗ୍ରାମରେ ଥିବା ବେଳେ ଖବର ପାଇ କାବୁ କରିଥିଲା। ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି।

### ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଖଜୁରିପଡ଼ା,୩।୧ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅଞ୍ଚଳରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛର ଟାର୍ଗେଟରେ ଡ୍ରୋନ୍ କ୍ୟାମେରା ସବୁ ତଥ୍ୟ ଦେଉଛି। ଯାହା ଫଳରେ ଗଞ୍ଜେଇ ଲାଗିଥିବା ଜାଗାରେ ସହଜେ ପହଞ୍ଚି ପାରୁଛି ପୋଲିସ। ଏବେ ପୋଲିସ ଏବଂ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ବେଆଇନ ଗଞ୍ଜେଇ ଗଛ ଉପରେ ଚଢ଼ାଉ କରାଯାଉଛି। ଶନିବାର ଆରପାଜୁ ପଞ୍ଚାୟତର ସେରାଗୁଡ଼, ଦରଡ଼ା ଜଙ୍ଗଲରେ ଲାଗିଥିବା ବେଆଇନ ଗଞ୍ଜେଇ ଗଛ ପୋଲିସ୍ କାଟି ନଷ୍ଟ କରିଛି। ଏନେଇ ଥାନାରେ ୧/୨୬ ମାମଲା ରୁଜୁ କରାଯାଇ ଥିବା ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ କହିଛନ୍ତି।

# ପରିବେଶ ନ୍ୟାୟଜନିତ ସଚେତନତା

ପୁରୁଷୋତ୍ତମପୁର,୩।୧ (ସବିତା ମଶ୍ର)

ପୁରୁଷୋତ୍ତମପୁର ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନସେବା ପ୍ରାଧିକରଣ କମିଟି ପକ୍ଷରୁ ସିତାରାମପୁର ଆଗ୍ରାହରମ ପ୍ରାଥମିକ ବିଦ୍ୟାଳୟ ପରରିଷରରେ ଶନିବାର ପରିବେଶିକ ନ୍ୟାୟଜନିତ ସଚେତନତା କାର୍ଯକ୍ରମ ଅଧ୍ୟକ୍ଷ ସିନିୟର ସିଭିଲଜଜ୍ ତଥା ଆସିଷ୍ଟାଣ୍ଟ ସେଶନଜଜ୍ ଶରତ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜେଏମ୍‌ଏଫ୍‌ସିର ବିଚାରପତି ଅନନ୍ୟାଅପର୍ମିତା, ଓକିଲସଂଘ ସଭାପତି କୃଷ୍ଣଚନ୍ଦ୍ର ଗୌଡ, ସମ୍ପାଦକ ରବିନ୍ଦ୍ର ସାହୁ, ଶିକ୍ଷକ ସନ୍ତୋଷ ମିଶ୍ର, ଶିକ୍ଷୟିତ୍ରୀ ସରିତା ବେହେରା, ଓକିଲ ରବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ସାହୁ , ସଦାଶିବ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଚାରପତି ଦ୍ୱୟ କିପରି ପରିବେଶର ସୁରକ୍ଷା ହୋଇପାରିବ, ପରିବେଶକୁ କଲୁଶିତକରିବା ଆଇନଗତ ଅପରାଧ କହି ଗଛ ଲଗାଇବା ପରିସ୍କାର ପରଚ୍ଛନତା ରଖିବା ଆଦି ବିଭିନ୍ନ ପରାମର୍ଶମାନ ଦେଇ ସଚେତନ କରିଥିଲେ। ଏହାକୁ କୋର୍ଟର କର୍ମଚାରୀମାନେ ପରିଚାଳନା କରିଥିଲେ।

# ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ



ପାରାୟଣରେ ଉପସ୍ଥିତ ସାଧୁସନ୍ଥମାନେ।

ବୁଗୁଡା,୩।୧ (କାଳିଚରଣ ଦାଶ)

ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ବୁଗୁଡ଼ା ବ୍ଲକ୍ କରଚୁଲି ଗ୍ରାମରେ ଶ୍ରୀରାମ ଚରିତ ମାନସ ନବାହ୍ନ ପରାୟଣ ଓ ପ୍ରବଚନ ମହାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। କରଚୁଲି ମଠାଧୀଶ ସତ୍ୟାନନ୍ଦ ଗିରିଙ୍କ ମାର୍ଗଦର୍ଶନରେ ସମସ୍ତ କାର୍ଯ୍ୟ ହେଉଥିବା ବେଳେ ପୁରୋହିତ ଶିଶିର ଦାସଙ୍କ ଦ୍ୱାରା ପ୍ରାତଃକାଳୀନ ପୂଜନ ଓ ଗହଙ୍ଗୁ ମଠାଧୀଶ ରାଘବାନନ୍ଦ ଦାସଙ୍କ ଦ୍ୱାରା ପାରାୟଣ ଅନୁଷ୍ଠିତ ହେଉଛି। ସନ୍ଧ୍ୟା ସମୟରେ ହନୁମାନ ଚାଳିଶା ପାଠ, ଭଜନ ସମାରୋହ ଓ ପ୍ରବଚନ କାର୍ଯ୍ୟକ୍ରମ ନବ ଦିନାତ୍ମକବ୍ୟାପୀ ଚାଲିଛି। ପ୍ରବଚକ ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ, ପଣ୍ଡିତ ଗୋପାଳ ରାଜଗୁରୁ ଓ ପୂଜ୍ୟ ସନ୍ଥ ସନ୍ତୋଷ ଚୈତନ୍ୟ ବ୍ରହ୍ମଚାରୀଙ୍କ ଦ୍ୱାରା ରାମଚରିତ ମହିମା ସମ୍ପର୍କରେ ପ୍ରବଚନ ପ୍ରଦାନ କରାଯାଉଛି। ଏଥିରେ ରାମଚରିତ ମାନସ ସମିତିର ପୂର୍ବତନ ସଭାପତି ବିଜୟ ପାତ୍ର, ସମ୍ପାଦକ ଅଭିମନ୍ୟୁ ପ୍ରଧାନ ଓ କୋଷାଧ୍ୟକ୍ଷ ରଜନୀକାନ୍ତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୧୯୯୩ ମସିହାରୁ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି।

# ବଟେଶ୍ୱର ରାସ୍ତା ନିର୍ମାଣରେ ବିଳମ୍ବ ନେଇ ବଢୁଛି ଅସନ୍ତୋଷ

ଗଞ୍ଜାମ,୩।୧ (ବିଦ୍ୟାଧର ସାହୁ)–

ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଦ ପଞ୍ଚାୟତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠକୁ ସଂଯୋଗ ରାସ୍ତା ନାହିଁ। ଏହି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଗୁରୁବାର ନୂତନ ବର୍ଷରେ ବଟେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେଇଥିଲା। ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳି ପକାଯାଇଥିବାରୁ ଗାଡିମୋଟର ଯାତାୟାତରେ ଲୋକେ ଅସୁବିଧା ଭୋଗୁଛନ୍ତି। ରାସ୍ତା ଖୋଳି ପକାଇ ଏହାକୁ ଶେଷ କରିବାରେ ଠିକାଦାର ତତ୍ପରତା ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ବର୍ତ୍ତମାନ ପିକନିକ ଋତୁ ଯୋଗୁ ବଟେଶ୍ୱର ପୀଠରେ ଭିଡ ରହୁଥିବାରୁ ରାସ୍ତା ଯୋଗୁ ପର୍ଯ୍ୟଟକମାନେ ହଇରାଣ ହେଉଛନ୍ତି। ସୂଚନାଯୋଗ୍ୟ, ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୫ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିର୍ମାଣ କାର୍ଯ୍ୟ ଠିକ ଭାବେ କରୁ ନ ଥିବାରୁ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ଅଭିଯୋଗ କରିଛି। ରାସ୍ତା କାର୍ଯ୍ୟ ଶୀଘ୍ର ଶେଷ ନ ହେଲେ ଜିଲାପାଳ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଯିବ ବୋଲି ମନ୍ଦିର ପରିଚାଳନା କମିଟି ସୂଚନା ଦେଇଛି।


ବଟେଶ୍ୱର ପୀଠକୁ ନିର୍ମାଣ ହୋଇଥିବା ରାସ୍ତା ।

# ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ୨ ଶିକ୍ଷକଙ୍କ ଅବସର ଗ୍ରହଣ

ବେଲଗୁଣ୍ଠା,୩।୧ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍‌ରେ ଶନିବାର କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ୨ ଜଣ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ବେଲଗୁଣ୍ଠା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଆହ୍ୱାନ କ୍ରମେ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପାମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ରୂପେ ଅବସର ଗ୍ରହଣ କରୁଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦଚନ୍ଦ୍ର ପାଢୀ, ବାଲିଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟ ବିଷୋୟୀ, ବିରିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ବେହେରା, ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରତିଭା ରଥ, କିରାଣୀ ପ୍ରଶାନ୍ତ ସାହୁ, ଜନାର୍ଦ୍ଦନ ପରିଚ୍ଛା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଶିକ୍ଷାଧିକାରିଣୀ ଶ୍ରୀମତୀ ରଥ ସମସ୍ତ ଅବସରପ୍ରାପ୍ତ ଶିକ୍ଷକ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ସୁଧୀରକାନ୍ତ ତ୍ରିପାଠୀ, ଛାୟାକାନ୍ତ ମହାପାତ୍ର ଏବଂ ଶିକ୍ଷକ ଆକୁଳ ସାହୁ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶିଶିର ସ୍ୱାଇଁ ସଂଯୋଜନା କରିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସେଠୀ, ମନୋଜ ପଟ୍ଟନାୟକ, ଉପସଭାପତି ଶଲ୍ୟ ସିଅ, ସଂଗଠନ ସମ୍ପାଦକ ଆକୁଳ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ରଞ୍ଜିତ୍ କୁମାର ସାହୁ, ଜିତେନ୍ଦ୍ର ସାହୁ, ସୁକାନ୍ତ ନାୟକ, କାଳୁ ଚରଣ ଗୌଡ଼, ଅନନ୍ତ ସେଠୀ, ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ଝାପଲ ମାରାଣ୍ଡି, ନିକୁଞ୍ଜ ନାୟକ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଧାନ ସଂଗ୍ରହ କ୍ଷେତ୍ରରେ ଅଖା ସମସ୍ୟା, ଜିଲାପାଳଙ୍କୁ ସ୍ମାରକପତ୍ର

ଦିଗପହଣ୍ଡି,୩।୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ୍ ଅଞ୍ଚଳରେ ଖରିଫ ଧାନ ସଂଗ୍ରହ କ୍ଷେତ୍ରରେ ଅଖା ସମସ୍ୟା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଚଳିତବର୍ଷ ଦିଗପହଣ୍ଡି ବ୍ଲକ୍‌ରେ ୧୪ ହଜାର ୫୭୫ ହେକ୍ଟର ଜମିରେ ଖରିଫ ଧାନଚାଷ କରାଯାଇଥିଲା। ସମୁଦାୟ ୨୩ ଟି ପ୍ରାଥମିକ ସେବାସମବାୟ ସମିତିରେ ୯୬୮୭ ଚାଷୀ ମଣ୍ଡିକୁ ଧାନ ଦେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କେବଳ ଝୋଟ ଅଖାରେ ମଣ୍ଡିକୁ ଧାନ ଆଣିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବାରୁ ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଗତବର୍ଷ ଭଳି ଚଳିତବର୍ଷ ଚାଷୀ ପ୍ରାୟ ୧ ମାସ ପୂର୍ବରୁ ଧାନ ଅମଳ କରି ମଣ୍ଡିକୁ ନେବା ପାଇଁ ପ୍ଲାଷ୍ଟିକ ଅଖାରେ ଧାନ ଭର୍ତ୍ତି କରି ଖଳାରେ ରଖିଛି। ଝୋଟ ଅଖା ସମ୍ପର୍କରେ ଚାଷୀଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନାହିଁ। ଏନେଇ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ହସ୍ତକ୍ଷେପ କରିବାକୁ ଚାଷୀ ରବୀନ୍ଦ୍ର ପ୍ରଧାନ, ଚନ୍ଦ୍ରଶେଖର ରଣା, ସୁରେନ୍ଦ୍ର ରଣା, ଶଙ୍କର ପଟ୍ଟନାୟକ, ବିଶ୍ୱନାଥ ଡାକୁଆ, ତାରିଣୀ ଡାକୁଆ, ରତ୍ନପର୍ଣ୍ଣା ପ୍ରଧାନ, ବିପ୍ଳବ ମିଶ୍ର, ଅମୂଲ୍ୟ ରଣା, ଏମ.ବାଇନାଥ, ଗୌରଚନ୍ଦ୍ର ବିଷୋୟୀ ପ୍ରମୁଖ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାଇଛନ୍ତି। ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସଭାଗୃହ ପରିସରରେ ଗତ ୧୬ ତାରିଖରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଆୟୋଜିତ ଏହି ବୈଠକରେ ଝୋଟ ଅଖାରେ ଚାଷୀଙ୍କୁ ଧାନ ଦେବାକୁ କୁହାଯାଇନଥିଲା ବୋଲି ଚାଷୀ ଅଭିଯୋଗ କରିଛନ୍ତି। ସେବା ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଖୋଲା ଯାଇଥିବା ମଣ୍ଡିରେ ଚଳିତବର୍ଷ ୨ ଲକ୍ଷ ୪୬ ହଜାର କୁଇଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରାଯିବାକୁ ଥିବାବେଳେ ରେଜିଷ୍ଟ୍ରିଭୁକ୍ତ ସମୁଦାୟ ମିଲର ୨ ଲକ୍ଷ ୫୯ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ଟାର୍ଗେଟ ଆସିଥିବା ନେଇ ବ୍ଲକ୍ ମାର୍କେଟିଂ ଇନ୍ସପେକ୍ଟର ବ୍ରଜେଶ ରୟ ସୂଚନା ଦେଇଛନ୍ତି। ଅନ୍ୟପଟେ ମଣ୍ଡି ପରିଚାଳନା ଓ ବ୍ୟବସ୍ଥିତ ଢଙ୍ଗରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ପ୍ରଶାସନ ପକ୍ଷରୁ ବୈଠକ ପରେ ବୈଠକ ହୋଇଥିଲେ ମଧ୍ୟ ସୀମାନ୍ତ ଆନ୍ଧ୍ରପ୍ରଦେଶର ଧାନ ବ୍ୟବସାୟୀ ମାନେ ଦିଗପହଣ୍ଡି, ଚିକିଟି, ପାତ୍ରପୁର, ଆସିକା, ସାନଖେମୁଣ୍ଡି, ଶେରଗଡ଼ ବ୍ଲକ ଅଧିନ ବିଭିନ୍ନ ଗାଁ କୁ ଆସି ଚାଷୀଙ୍କୁ ପ୍ରଲୋଭନ ଦେଖାଇ ଶାଗମାଛ ଦରରେ ଧାନ କିଣି ନେଉଥିବା ଦେଖିବାକୁ ମିଳିଛି। ଧାନ ଦଲାଲ ମାନେ କ୍ୱିଣ୍ଟାଲ ପ୍ରତି ୧୫ ଶହ ରୁ ଆରମ୍ଭକରି ସ୍ଥଳ ବିଶେଷରେ ୧୬ ଶହ ଟଙ୍କାରେ ଚାଷୀଙ୍କ ଠାରୁ ଧାନ କିଣି ନେଉଛନ୍ତି। ଧାନ ଚାଲାଣକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଆନ୍ଧ୍ର– ଓଡ଼ିଶା ସୀମାନ୍ତରେ ସିସି କ୍ୟାମେରା ଲଗାଯାଇଥିଲେ ମଧ୍ୟ କିଛି ଗଳାବାଟ ଦେଇ ଆନ୍ଧ୍ର ରୁ ଟ୍ରକ୍ ଓଡ଼ିଶା ମଧ୍ୟକୁ ଆସି ଅନାୟାସରେ ଧାନ ବୋହି ନେଉଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ବୃନ୍ଦ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



**ବ୍ୟବସାୟୀଙ୍କୁ ବିକ୍ରି ନିମନ୍ତେ ଧାନ ବସ୍ତା ଲୋଡ଼ିଂ ହେଉଛି**

# ହୋଟେଲରେ ଜୁଆଖେଳ, ୧୦ ଗିରଫ

**■ ଟଏଲେଟ୍ ଫ୍ଲସ୍‌ରୁ ୮ଲକ୍ଷ ୧୪ଶହ ଟଙ୍କା ଉଦ୍ଧାର**

**■ ୨ ବାଇକ୍ ଜବତ କଲା ପୋଲିସ**



ଶୌଚାଳୟ ଫ୍ଲସ୍‌ରୁ ଜବତ ଓଦା ଟଙ୍କାକୁ ଶୁଖାଯାଉଛି।

ସମ୍ବଲପୁର,୩।୧(ପ୍ରମୋଦ ବହିଦାର)

ସମ୍ବଲପୁର ଭିଏସ୍ଏସ୍ ମାର୍ଗସ୍ଥିତ ହୋଟେଲ ଉପହାର ପ୍ୟାଲେସରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପ୍ରାୟ ୮ ଲକ୍ଷ ୧୪ ଶହ ଟଙ୍କା ଜବତ ହୋଇଛି। ଏହାସହ ୨ଟି ବାଇକ୍ ଏବଂ ୭ଟି ମୋବାଇଲକୁ ଧନୁପାଲି ଥାନା ପୋଲିସ ଜବତ କରିଛି। ଏଥିସହ ଉକ୍ତ ହୋଟେଲର ଜଣେ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଅପରପକ୍ଷରେ ହୋଟେଲ ମ୍ୟାନେଜର ଫେରାର ହୋଇଯାଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଶନିବାର ପଶ୍ଚିମ ଓଡ଼ିଶାର ଅନ୍ୟତମ ଗଣପର୍ବ ପୁଷପୁନି(ପୌଷ ପୂର୍ଣ୍ଣିମା) ଅବସରରେ ହୋଟେଲ୍ ଉପହାର ପ୍ୟାଲେସ୍‌ର ରୁମ୍ ନମ୍ବର ୧୦୫ରେ ଜୁଆଖେଳ ଚାଲିଥିଲା। ଖବର ପାଇ ଧନୁପାଲି ଥାନା ପୋଲିସ ଅପରାହ୍ନରେ ଉକ୍ତ ହୋଟେଲ୍‌ରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଜୁଆଖେଳରେ ସମ୍ପୃକ୍ତ ବ୍ୟକ୍ତିମାନେ ରୁମ୍‌ରେ ଥିବା ଶୌଚାଳୟ ଫ୍ଲସ୍‌ରେ ଖେଳରେ ବ୍ୟବହୃତ ଟଙ୍କାକୁ ଲୁଚାଇ ଦେଇଥିଲେ। ଅପରପକ୍ଷରେ ପୋଲିସ ଉକ୍ତ ରୁମ୍‌ରେ ତନତନ କରି ଯାଞ୍ଚ ବେଳେ ଶୌଚାଳୟ ଫ୍ଲସ୍‌ରେ ଲୁକ୍କାୟିତ ଅବସ୍ଥାରେ ଥିବା ଲକ୍ଷାଧିକ ଟଙ୍କାକୁ ଜବତ କରିଥିଲା। ପୋଲିସ ଅଟକ ବ୍ୟକ୍ତିମାନଙ୍କୁ ପଚରାଉଚରା କରୁଛି। ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ହୋଟେଲ ମାଲିକ ଗୋପକୃଷ୍ଣ ସାମନ୍ତରାୟ କହିଛନ୍ତି, ତାଙ୍କ ହୋଟେଲ୍ ରୁମ୍‌ରେ ଜୁଆଖେଳ ଚାଲିଥିବା ନେଇ ସେ ଆଦୌ ଜାଣି ନ ଥିଲେ। ୩ ଜଣ ବ୍ୟକ୍ତି ଆସି ଏଠାରେ ରୁମ ବୁକ୍ କରିଥିଲେ। ଏପରିକି ରୁମ୍ ସର୍ଭିସ ଜରିଆରେ ଖାଇବା ଅର୍ଡର ମଧ୍ୟ କରିଥିଲେ। ତେବେ ସେହି ରୁମକୁ ୯ ଜଣ କିଭଳି ଆସିଲେ ସେ ସମ୍ପର୍କରେ ମଧ୍ୟ ସେ ଆଦୌ ଜାଣିନାହାନ୍ତି ବୋଲି କହିଛନ୍ତି । ଏସ୍‌ଡିପିଓ ତୋଫାନ ବାଗ୍ କହିଛନ୍ତି, ଶୌଚାଳୟ ଫ୍ଲସରୁ ଜବତ ଟଙ୍କାସବୁ ଓଦା ହୋଇ ଯାଇଥିଲା। ସେଗୁଡ଼ିକୁ ଗଣତି ପରେ ତାହା ୮ ଲକ୍ଷ ୧୪ ଶହ ଟଙ୍କା ବୋଲି ଜଣାପଡ଼ିଥିବା ସେ କହିଛନ୍ତି। ସେହିପରି ଜୁଆଖେଳରେ ହୋଟେଲ ମାଲିକଙ୍କ ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ବାଗ୍ କହିଛନ୍ତି। ଧନୁପାଲି ଥାନା ଆଇଆଇସି ଆଦିତ୍ୟ ମହାକୁଡ଼ଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ହୋଟେଲ୍‌ରେ ଚଢ଼ାଉ କରିଥିଲା।

# ପଥର ଖଣିରେ ବିସ୍ଫୋରଣ: ୪ ମୃତ୍ୟୁ ଚର୍ଚ୍ଚା

ଢେଙ୍କାନାଳ,୩।୧ (ରତନ ନାୟାର)



ଢେଙ୍କାନାଳ ଜିଲା ଓଡ଼ାପଡ଼ା ତହସିଲ ମୋଟଙ୍ଗା ଥାନା ବଦାଲୋ ନିକଟସ୍ଥ ଗୋପାଳପୁରଠାରେ ଥିବା ପଥର ଖଣିରେ ଶନିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏଥିରେ ୪ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ଚର୍ଚ୍ଚା ଜୋର୍ ଧରିଥିବା ବେଳେ ସରକାରୀ ସ୍ତରରେ ଏ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଇନାହିଁ। ବିସ୍ଫୋରଣରେ ମୃତାହତଙ୍କୁ ନେଇ ଠିକ୍ ତଥ୍ୟ ବର୍ତ୍ତମାନ ସୁଦ୍ଧା ମିଳିପାରିନାହିଁ । ଖବରପାଇ ଓଡ଼ାପଡ଼ା ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିଛି । ରାତି ହୋଇଯାଇଥିବାରୁ ଏହି ଘଟଣାକୁ ନେଇ ତଦନ୍ତରେ ବାଧାପ୍ରାପ୍ତ ହୋଇଛି । ୬ଜଣ ଶ୍ରମିକ ବ୍ଲାଷ୍ଟିଂ ସମୟରେ ପଥର ଖଣିରେ କାମ କରୁଥିବା ବେଳେ ଭାଇବ୍ରେଟର ଲଗାଇ ବ୍ଲାଷ୍ଟିଂ କରାଯାଉଥିବା ବେଳେ ସେମାନଙ୍କ ଉପରେ ମାଟି ଖସିପଡ଼ିବାରୁ ଏଭଳି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଏହି ଘଟଣା ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେବାରେ ଲାଗିଛି । ଏ ସଂକ୍ରାନ୍ତରେ ଓଡ଼ାପଡ଼ା ତହସିଲଦାର ମନୋଜ ମାଝୀ କହିଛନ୍ତି, ଅତିରିକ୍ତ ତହସିଲଦାରଙ୍କ ସମେତ ମୋଟଙ୍ଗା ଥାନା ଅଧିକାରୀ ଦୀପକ ଲେଙ୍କା ଓ ପୋଲିସ ସମସ୍ତେ ମିଶି ଘଟଣାସ୍ଥଳ ନିକଟରେ ପହଞ୍ଚିଥିବା ବେଳେ ରାତି ହୋଇଯାଇଥିବାରୁ ଅନ୍ଧାରରେ ମୋବାଇଲ ଲାଇଟ୍ ଲଗାଇ ତଦନ୍ତ କରିବା କଷ୍ଟକର ହୋଇପଡିଛି। ଘଟଣା ସମ୍ପର୍କରେ ଏସ୍‌ପି ଅଭିନବ ସୋନକର କହିଛନ୍ତି, ଖବରପାଇ ମୋଟଙ୍ଗା ଥାନା ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି । ରାତି ହୋଇଯିବାରୁ ଛାନଭିନରେ ସମସ୍ୟା ଉପୁଜିଛି । ବର୍ତ୍ତମାନ ସୁଦ୍ଧା ଘଟଣା ସମ୍ପର୍କରେ ତଥ୍ୟ ଅସ୍ପଷ୍ଟ ରହିଛି । ସୂଚନା ମିଳିଲେ ଆମେ ଜଣାଇବୁ। କିଛି ଶ୍ରମିକ ମାଟିତଳେ ଫସିରହିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନାରୁ ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରୁ ଖବର ପାଇବା ପରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ଏ ସମ୍ପର୍କରେ ତଦନ୍ତ କରିବା ପାଇଁ ଜିଲାପାଳ, ଏସ୍‌ପି ଓ ଉପଜିଲାପାଳଙ୍କୁ କହିଛନ୍ତି।

# ୧୮୦ ଗ୍ରାମ୍ ବ୍ରାଉନସୁଗାର, ସ୍କୁଟି ଜବତ

**ଗ୍ରାହକ ସାଜି ମାଡ଼ିବସିଲେ ଅଧିକାରୀ, ୨ ଗିରଫ**

ନୀଳଗିରି, ୩।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଚୋରାମଦ କାରବାର ଠାରୁ ଆରମ୍ଭ କରି ବ୍ରାଉନସୁଗାର କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଶନିବାର ନୀଳଗିରି ଅବକାରୀ ବିଭାଗର ୨ ଅଧିକାରୀ ଗ୍ରାହକ ସାଜି ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କଠାରୁ ୧୮୦ ଗ୍ରାମ୍ ଓଜନର ବ୍ରାଉନସୁଗାର୍, ଗୋଟିଏ ସ୍କୁଟି ଜବତ କରାଯାଇଛି।

ସୂଚନା ଅନୁଯାୟୀ ନୀଳଗିରି ଅବକାରୀ ବିଭାଗ ଇନ୍‌ସ୍ପେକ୍ଟର କେଶବଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଔପଦା କଲେଜଛକ ନିକଟରେ ଚଢ଼ାଉ କରିଥିଲେ। ଅବକାରୀ ଅଧିକାରୀମାନେ ଗ୍ରାହକ ସାଜି ଅଭିଯୁକ୍ତଙ୍କ ସହ ଜିନିଷ କିଣିବା ପାଇଁ ବାହାନା କରିଥିଲେ। ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୧୮୦ ଗ୍ରାମର ଓଜନର ବ୍ରାଉନସୁଗାର୍ ସହ ଏକ ଓଲା ବ୍ୟାଟେରୀ ଗାଡ଼ି ନମ୍ବର (ଓଡ଼ି୦୧ଏୟୁ -୦୨୪୨) ଜବତ କରିଥିଲେ। ଏନେଇ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନଂ. ୨୬୯/୨୫-୨୬) ରୁଜୁ କରି ୨ ଅଭିଯୁକ୍ତ ଔପଦା ଅଞ୍ଚଳର ରାଜୀବ ପାତ୍ର ଓ ଶୁଭମ ଦଳେଇଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ନୀଳଗିରି ଅବକାରୀ ଅଧିକାରୀ ମନୋଜ କୁମାର ସାହୁ, କନଷ୍ଟେବଲ ତପନ ମଲ୍ଲିକ, ସନ୍ତୋଷ କୁମାର ବେହେରା ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ଥିଲେ।

# ରାସ୍ତାରେ ଗଳା କାଟି ଯୁବକଙ୍କୁ ହତ୍ୟା

ମଥୁରାନଗରୀ,୩।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ସହର ଉତ୍ସବମୁଖର ଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଘୁଲିପାଲି ରାସ୍ତାରେ ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ମୃତକ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ. ୧୮ ବାନ୍ଧୁଟିକ୍ରାର ଚନ୍ଦନ ରାଉତ(୨୫)। ଶନିବାର ସକାଳୁ ବରଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି। ଅନ୍ୟପଟେ ଏହି ଘଟଣାରେ ପୋଲିସ ଏକ କାର ଜବତ କରିବା ସହ ୩ ସନ୍ଦିଗ୍ଧଙ୍କୁ ଟାଉନ ଥାନାକୁ ଆଣି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ଅନ୍ୟ ଦିନ ଭଳି ଶୁକ୍ରବାର ଚନ୍ଦନ ଧନୁଯାତ୍ରା ମହୋତ୍ସବ ଦେଖିବା ପାଇଁ ଘରୁ ବାହାରିଥିଲେ। ହେଲେ ସେ ଆଉ ଘରକୁ ଫେରି ନ ଥିଲେ। ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ଚନ୍ଦନଙ୍କୁ ହତ୍ୟା କରି ମୃତଦେହକୁ ରାସ୍ତା ଉପରେ ପକାଇ ଦୁର୍ବୃତ୍ତମାନେ ଖସି ପଳାଇଥିବା ନେଇ ପରିବାର ଲୋକେ ଖବର ପାଇଥିଲେ। ଖବର ପାଇ ମୃତକଙ୍କ ବାପା ଶରତ ରାଉତ ଏବଂ ପଡ଼ୋଶୀ ରାତାରାତି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଚନ୍ଦନଙ୍କ ଗଳା କାଟି ହତ୍ୟା କରାଯାଇଥିବା ଦେଖିବାକୁ ପାଇଥିଲେ ବୋଲି ମୃତକଙ୍କ ବାପା କହିଛନ୍ତି। ଖବର ପାଇ ବରଗଡ଼ ଏସ୍‌ପି ପି.ଏସ୍. ମୀନାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ ଆରମ୍ଭ କରିଥିଲେ। ଶନିବାର ସକାଳେ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ ସହିତ ପୋଲିସ ତନାଘନା ଚଳାଇଥିଲା।

# କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା

**ଅଭିଯୁକ୍ତ ପୁଅ ଗିରଫ**

କୁଆଁରମୁଣ୍ଡା,୩।୧(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବାରାବାଂଶ ହାଦ୍ରାଟୋଲିରେ ଶୁକ୍ରବାର ରାତି ପ୍ରାୟ ୯ଟାରେ କାଠଫାଳିଆରେ ପିଟି ବାପାଙ୍କୁ ହତ୍ୟା କରିଛନ୍ତି ପୁଅ। ଏହି ଘଟଣାରେ ବୀରମିତ୍ରପୁର ପୋଲିସ ଶନିବାର ଅଭିଯୁକ୍ତ ପୁଅ ସ୍ୱରାଜ କୁଜୁର(୨୮)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ନଂ. ୬/୨୬ ରୁଜୁ ହୋଇଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି। ହତ୍ୟାରେ ବ୍ୟବହୃତ କାଠଫାଳିଆକୁ ପୋଲିସ ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ମଦ୍ୟପାନକୁ କେନ୍ଦ୍ରକରି ସମରା କୁଜୁର(୫୫)ଙ୍କ ସହ ସ୍ୱରାଜଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ କାଠଫାଳିଆରେ ପିଟି ସେ ବାପାଙ୍କୁ ହତ୍ୟା କରିଥିବା ଥାନାରେ ସ୍ୱୀକାର କରିଥିବା ଆଇଆଇସି ନାଗ ସୂଚନା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# 'ଆମ ବସ୍' ଧକ୍କାରେ ଚାପିହୋଇଗଲେ ଅଟୋ ଡ୍ରାଇଭର




**ଘଟଣାସ୍ଥଳରେ ଡ୍ରାଇଭର ମୃତ, ୨ଗୁରୁତର**

**■ ଗୋଟିଏ ଦିନରେ ରୂପାଲୀ ଛକରେ ୨ ଦୁର୍ଘଟଣା**

**■ ମୃତକଙ୍କ ପରିବାରକୁ ୨ଲକ୍ଷ କ୍ଷତିପୂରଣ ଦେଲା କ୍ରୁଟ୍**

**■ ଶହୀଦ ନଗର ଦେଇ ବନ୍ଦ ରହିଥିଲା ଆମ ବସ୍ ଚଳାଚଳ**

ଭୁବନେଶ୍ୱର,୩।୧(ତ୍ରିନାଥ ମହାନ୍ତି)

ରାଜଧାନୀରେ ଗଡୁଥିବା 'ଆମ ବସ୍' ସାଜିଛି ଲୌହ ଦାନବ। ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଶନିବାର ରାଜଧାନୀର ରୂପାଲୀ ଛକରେ ୨ଟି ଦୁର୍ଘଟଣା ଘଟିଛି। ସକାଳେ ରୂପାଲୀ ଛକରେ ଆମ ବସ୍ ଧକ୍କାରେ ଜଣଙ୍କ ଜୀବନ ଯାଇଛି। ଟ୍ରାଫିକ୍ ସିଗ୍‌ନାଲରେ ଛିଡ଼ା ହୋଇଥିବା ଏକ ଅଟୋକୁ ପଛରୁ ଆମ ବସ୍ ଧକ୍କା ଦେଇଥିଲା। ଫଳରେ ଆଗରେ ଛିଡ଼ାହୋଇଥିବା ସ୍କୁଲ ବସ୍ ପଛରେ ଅଟୋଟି ଚାପିହୋଇଯାଇଥିଲା। ଘଟଣାସ୍ଥଳରେ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ଅଟୋ ଡ୍ରାଇଭର ହେଲେ ଯାଜପୁର ଜିଲା ବିଞ୍ଝାରପୁରର ବିଷ୍ଣୁଚରଣ ପାତ୍ର। ଅନୁଗୋଳର ଛାତ୍ରୀ ନମିତା ପ୍ରଧାନ ଏବଂ ରମଣି ନାୟକ ଗୁରୁତର ଆହତ ହୋଇଥିଲେ। ନମିତାଙ୍କ ମୁଣ୍ଡ ମାଡ଼ ହୋଇଥିବାରୁ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ରମଣୀ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଗାଡ଼ି ଚାବି ନେଇ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଫେରାର ଡ୍ରାଇଭରଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି। ଦୁର୍ଘଟଣା ପରେ ରୂପାଲୀ ଛକରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଲୋକ ତାତିଲା ପରେ ରାସ୍ତାରୋକୋ କରିବା ସହ କ୍ରୁଟ୍ ଅଧିକାରୀଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ଖବରପାଇ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ତେବେ ପରେ ଅପରାହ୍ନ ସାଢ଼େ ୪ଟା ସମୟରେ ସେହି ରୂପାଲୀ ଛକରେ ଆଉ ଏକ 'ଆମ ବସ' ଧକ୍କାରେ ଜଣେ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ଆହତ ରାକେଶଙ୍କୁ ତୁରନ୍ତ ହସ୍ପିଟାଲକୁ ପଠାଯାଇଥିଲା। ସକାଳେ ଦୁର୍ଘଟଣା ଘଟାଇ ଜଣଙ୍କ ଜୀବନ ନେଇଥିବାରୁ ଲୋକେ ପୁଣି ତାତିଥିଲେ। 'ଆମ ବସ୍'ରୁ ଡ୍ରାଇଭରଙ୍କୁ ଘୋଷାଡ଼ି ଆଣି ତଳେ ପକାଇ ପିଟିଥିଲେ। ଠିକ୍ ସମୟରେ ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କ କବଳରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲେ। ପୋଲିସ ୨ଟି ଦୁର୍ଘଟଣା ମାମଲା ରୁଜୁ କରି 'ଆମ ବସ୍' ଦୁଇଟିକୁ ଅଟକ ରଖି ତଦନ୍ତ କରୁଛି। ଅପରାହ୍ନରେ ଏକ ଘଣ୍ଟା ଧରି ରାସ୍ତାରୋକୋ ହୋଇଥିବାବେଳେ ସକାଳେ ୩ ଘଣ୍ଟା ରାସ୍ତାରୋକୋ କରାଯାଇଥିଲ। ଫଳରେ ରାମ ମନ୍ଦିର ପର୍ଯ୍ୟନ୍ତ ବହୁ ଗାଡ଼ି ଅଟକି ରହିଥିଲା। ବଡ଼ କଥାହେଲା ଲୋକେ ଉତ୍ତେଜିତ ଥିବାରୁ ରାତି ପର୍ଯ୍ୟନ୍ତ 'ଶହୀଦନଗର ଦେଇ କୌଣସି ଆମ ବସ୍ ଯାତାୟାତ କରି ନ ଥିଲା। ଏହି ଦୁର୍ଘଟଣା ପରେ କ୍ରୁଟ୍ ପକ୍ଷରୁ ମୃତକଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଥିବାବେଳେ ଆହତଙ୍କୁ ୫୦ ହଜାର ଦେବାକୁ ଘୋଷଣା କରିଛି। କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ, ୫ ବର୍ଷର ଡ୍ରାଇଭିଂ ଅଭିଜ୍ଞତା ଏବଂ ଟ୍ରେନିଂ ଦିଆଯାଇ ଗାଡ଼ି ଚଳାଇବାକୁ ଦିଆଯାଉଛି। ତେଣୁ ଏଭଳି ଦୁର୍ଘଟଣା ଯେପରି ଭବିଷ୍ୟତରେ ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ, ଶନିବାର ସକାଳ ସାଢ଼େ ୧୦ ସମୟରେ ରୂପାଲୀ ଛକ ଦେଇ ୩୨ ନମ୍ବର ରୁଟ୍‌ରେ ଯାଉଥିଲା ଆମ ବସ୍। ଏହି ବସ୍ ଲିଙ୍ଗରାଜରୁ ବରମୁଣ୍ଡା ଯାଉଥିଲା। ରୂପାଲୀ ଛକରେ ସିଗ୍‌ନାଲ ବନ୍ଦ ହେବା ପରେ ଏକ ସ୍କୁଲ ବସ୍ ଅଟକି ରହିଥିଲା। ଏହା ପଛକୁ ଅଟୋଟି ଆସି ରହିଥିଲା। ହେଲେ ଦ୍ରୁତଗତିରେ ଆସୁଥିବା ଆମ ବସ୍ ପଛରୁ ଅଟୋକୁ ଧକ୍କା ଦେଇଥିଲା। ଅଟୋଟି ସ୍କୁଲ ବସ୍ ପଛରେ ଚାପିହୋଇ ଚୂରମାର ହୋଇଯାଇଥିଲା। ଫଳରେ ଅଟୋରେ ବସିଥିବା ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅଟୋ ପଛରେ ବସିଥିବା ୨ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ।

୨୦୧୯ରେ ଟ୍ୱିନ୍‌ସିଟି ବାସିନ୍ଦାଙ୍କ ଗମନାଗମନ ପାଇଁ ରାଜ୍ୟ ସରକାର ମୋ ବସ୍ ସେବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଆମ ବସ୍ ସେବା ନାମରେ ପରିବର୍ତ୍ତନ ହୋଇଛି। ସହର ମଧ୍ୟରେ ମୋ ବସ୍‌ର ବେଗ ଘଣ୍ଟା ପ୍ରତି ସର୍ବାଧିକ ୪୦ କି.ମି. ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଅନେକ ସମୟରେ ରାଜଧାନୀରେ ଗଡୁଥିବା ଏହି ବସ୍‌କୁ ଡ୍ରାଇଭରମାନେ ଦ୍ରୁତଗତିରେ ଚଳାଉଛନ୍ତି। ଫଳରେ ଅନେକଥର ଦୁର୍ଘଟଣା ଖବର ସାମ୍ନାକୁ ଆସୁଛି। ଗତ ୩ ବର୍ଷରେ ଆମ ବସ୍ ଧକ୍କାରେ ୩୨ ଜଣଙ୍କ ଜୀବନ ଯାଇଥିବାବେଳେ ୧୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି।




ଜାନୁଆରୀ ପହିଲାରୁ
ପୂର୍ବ ତଟ ରେଳପଥ ଦ୍ୱାରା
**ନୂତନ ସମୟ ସାରଣୀ 2026**
(ସମୟ ପରିବର୍ତ୍ତନର ମୁଖ୍ୟ ବୈଶିଷ୍ଟ୍ୟ)

**ନୂତନ ଟ୍ରେନ୍ ପ୍ରଚଳନ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଚଳାଚଳ ଦିବସ | କାର୍ଯ୍ୟକାରୀ ହେବା ତାରିଖ |
|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | 05.10.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | 06.10.2025 |
| 3 | 18311 | ସମ୍ବଲପୁର - ବୌଦ୍ଧ | ସାପ୍ତାହିକ | 22.06.2025 |
| 4 | 18312 | ବୌଦ୍ଧ - ସମ୍ବଲପୁର | ସାପ୍ତାହିକ | 24.06.2025 |
| 5 | 18313 | ବୌଦ୍ଧ - ଭୁବନେଶ୍ୱର ନୂଆ | ସାପ୍ତାହିକ | 23.06.2025 |
| 6 | 18314 | ଭୁବନେଶ୍ୱର ନୂଆ - ବୌଦ୍ଧ | ସାପ୍ତାହିକ | 23.06.2025 |

**ଟ୍ରେନ୍‌ଗୁଡ଼ିକର ସଂପ୍ରସାରଣ**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ସଂପ୍ରସାରିତ ସ୍ଥାନ | w.e.f |
|---|---|---|---|---|
| 1 | 12871 | ହାଓଡ଼ା - ଟିଟିଲାଗଡ଼ | ଜୁନାଗଡ଼ ରୋଡ୍ | ପରେ ସୂଚିତ କରାଯିବ |
| 2 | 12872 | ଟିଟିଲାଗଡ଼ - ହାଓଡ଼ା | ଜୁନାଗଡ଼ ରୋଡ୍ | |
| 3 | 58305 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 4 | 58306 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 5 | 58307 | ବଲାଙ୍ଗୀର - ସୋନପୁର | ପୁରୁଣାକଟକ | 23.06.2025 |
| 6 | 58308 | ସୋନପୁର - ବଲାଙ୍ଗୀର | ପୁରୁଣାକଟକ | 23.06.2025 |
| 7 | 12893 | ଭୁବନେଶ୍ୱର - ସୋନପୁର | ପୁରୁଣାକଟକ | 23.06.2025 |
| 8 | 12894 | ସୋନପୁର - ଭୁବନେଶ୍ୱର | ପୁରୁଣାକଟକ | 24.06.2025 |
| 9 | 22820 | ବିଶାଖାପାଟଣା - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 12.05.2025 |
| 10 | 22819 | ଭୁବନେଶ୍ୱର - ବିଶାଖାପାଟଣା | ଭୁବନେଶ୍ୱର ନୂଆ | 12.05.2025 |
| 11 | 17015 | ଭୁବନେଶ୍ୱର - ସିକନ୍ଦରାବାଦ | ଭୁବନେଶ୍ୱର ନୂଆ | 12.05.2025 |
| 12 | 17016 | ସିକନ୍ଦରାବାଦ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |
| 13 | 11020 | ଭୁବନେଶ୍ୱର - CSMT ମୁମ୍ବାଇ | ଭୁବନେଶ୍ୱର ନୂଆ | 12.05.2025 |
| 14 | 11019 | CSMT ମୁମ୍ବାଇ - ଭୁବନେଶ୍ୱର | ଭୁବନେଶ୍ୱର ନୂଆ | 11.05.2025 |

**ଟ୍ରେନ୍‌ଗୁଡ଼ିକର ଚଳାଚଳରେ ବୃଦ୍ଧି**

| କ୍ରମ ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|---|
| 1 | 19021 | ଉଧନା ଜଂ - ବ୍ରହ୍ମପୁର | ସାପ୍ତାହିକ | ସପ୍ତାହକୁ ତିନିଥର | 19.11.2025 |
| 2 | 19022 | ବ୍ରହ୍ମପୁର - ଉଧନା ଜଂ | ସାପ୍ତାହିକ | ସପ୍ତାହକୁ ତିନିଥର | 20.11.2025 |

**ଟ୍ରେନ୍‌ଗୁଡ଼ିକର ଚଳାଚଳ ଦିବସରେ ପରିବର୍ତ୍ତନ**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ଚଳାଚଳ ଦିବସ | ନୂତନ ଚଳାଚଳ ଦିବସ | w.e.f |
|---|---|---|---|---|
| 20707 | ସିକନ୍ଦରାବାଦ - ବିଶାଖାପାଟଣା | ଗୁରୁବାର ବ୍ୟତୀତ | ସୋମବାର ବ୍ୟତୀତ | 02.12.25 |
| 20708 | ବିଶାଖାପାଟଣା - ସିକନ୍ଦରାବାଦ | | | 02.12.25 |
| 20835 | ରାଉରକେଲା - ପୁରୀ | ଶନିବାର ବ୍ୟତୀତ | ମଙ୍ଗଳବାର ବ୍ୟତୀତ | 03.06.25 |
| 20836 | ପୁରୀ - ରାଉରକେଲା | | | 03.06.25 |

**ଟ୍ରେନ୍‌ଗୁଡ଼ିକର ଗତିରେ ବୃଦ୍ଧି (w.e.f. 01.01.2026)**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ TOR | ନୂତନ TOR | କମିଥିବା ସମୟ ମିନିଟରେ |
|---|---|---|---|---|
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 13 ଘ. 20 ମି. | 12 ଘ. 55 ମି. | 25 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 13 ଘ. 30 ମି. | 12 ଘ. 55 ମି. | 35 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 35 ଘ. 15 ମି. | 35 ଘ. 10 ମି. | 05 |
| 18451 | ହାଟିଆ - ପୁରୀ | 09 ଘ. 35 ମି. | 09 ଘ. 30 ମି. | 05 |
| 18529 | ଦୁର୍ଗ - ବିଶାଖାପାଟଣା | 13 ଘ. 30 ମି. | 13 ଘ. 10 ମି. | 20 |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ୍ | 08 ଘ. 05 ମି. | 07 ଘ. 50 ମି. | 15 |
| 12819 | ଭୁବନେଶ୍ୱର - ଆନନ୍ଦ ବିହାର ଟର୍ମିନାଲ | 27 ଘ. 20 ମି. | 27 ଘ. 18 ମି. | 02 |
| 68413 | ତାଳଚେର - ପୁରୀ | 05 ଘ. 45 ମି. | 05 ଘ. 20 ମି. | 25 |
| 12846 | SMVT ବେଙ୍ଗାଲୁରୁ - ଭୁବନେଶ୍ୱର | 25 ଘ. 50 ମି. | 25 ଘ. 45 ମି. | 05 |
| 18573 | ବିଶାଖାପାଟଣା - ଭଗତ କୀ କୋଠି | 38 ଘ. 10 ମି. | 38 ଘ. | 10 |

**ଟ୍ରେନ୍ ସମୟ ପରିବର୍ତ୍ତନ (w.e.f 01.01.2026)**

| ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ପୂର୍ବ ସମୟ | | ନୂତନ ସମୟ | |
|---|---|---|---|---|---|
| | | ପ୍ରସ୍ଥାନ (ଗନ୍ତବ୍ୟ ଷ୍ଟେସନରେ) | ଆଗମନ (ପ୍ରାରମ୍ଭିକ ଷ୍ଟେସନ ଠାରୁ) | ପ୍ରସ୍ଥାନ | ଆଗମନ |
| 58303 | ସମ୍ବଲପୁର - ଜୁନାଗଡ଼ ରୋଡ୍ | 0645 | 1450 | 0700 | 1450 |
| 18422 | ସୋନପୁର - ପୁରୀ | 1910 | 0635 | 1900 | 0640 |
| 18302 | ରାୟଗଡ଼ା - ସମ୍ବଲପୁର | 1320 | 1935 | 1320 | 1945 |
| 18304 | ପୁରୀ - ସମ୍ବଲପୁର | 1545 | 2240 | 1545 | 2255 |
| 18516 | କିରଣ୍ଡୁଲ - ବିଶାଖାପାଟଣା | 1630 | 0340 | 1600 | 0340 |
| 18517 | କୋରବା - ବିଶାଖାପାଟଣା | 1610 | 0640 | 1610 | 0645 |
| 22809 | ପାରାଦୀପ - ବିଶାଖାପାଟଣା | 2215 | 0800 | 2215 | 0815 |
| 22853 | ଶାଲିମାର - ବିଶାଖାପାଟଣା | 1815 | 0800 | 1815 | 0815 |
| 22873 | ଦିଘା - ବିଶାଖାପାଟଣା | 1705 | 0800 | 1705 | 0815 |
| 18529 | ଦୁର୍ଗ - ବିଶାଖାପାଟଣା | 1833 | 1030 | 1833 | 1005 |
| 20804 | ଗାନ୍ଧୀଧାମ ଜଂ - ବିଶାଖାପାଟଣା | 2305 | 1020 | 2305 | 1015 |
| 58503 | ଭବାନିପାଟଣା - ବିଶାଖାପାଟଣା | 0115 | 1010 | 0115 | 1020 |
| 18574 | ଭଗତ କୀ କୋଠି - ବିଶାଖାପାଟଣା | 2040 | 1005 | 2040 | 1030 |
| 18524 | ବାରାଣାସୀ - ବିଶାଖାପାଟଣା | 1500 | 1930 | 1500 | 1945 |
| 12806 | ଲିଙ୍ଗମପାଲି - ବିଶାଖାପାଟଣା | 0615 | 1945 | 0655 | 1950 |
| 58502 | କିରଣ୍ଡୁଲ - ବିଶାଖାପାଟଣା | 0600 | 2045 | 0600 | 2100 |
| 58505 | ଗୁଣୁପୁର - ବିଶାଖାପାଟଣା | 1430 | 2100 | 1430 | 2110 |
| 18005 | ହାଓଡ଼ା - ଜଗଦଲପୁର | 2210 | 2200 | 2210 | 2230 |
| 18447 | ଭୁବନେଶ୍ୱର - ଜଗଦଲପୁର | 1935 | 1115 | 1935 | 1215 |
| 12805 | ବିଶାଖାପାଟଣା - ଲିଙ୍ଗମପାଲି | 0620 | 1940 | 0620 | 1915 |
| 58538 | ବିଶାଖାପାଟଣା - କୋରାପୁଟ | 0630 | 1530 | 0645 | 1545 |
| 58501 | ବିଶାଖାପାଟଣା - କିରଣ୍ଡୁଲ | 0645 | 2045 | 0700 | 2100 |
| 67289 | ବିଶାଖାପାଟଣା - ପଲାସା | 0750 | 1300 | 0745 | 1300 |
| 18448 | ଜଗଦଲପୁର - ଭୁବନେଶ୍ୱର | 1630 | 0820 | 1600 | 0820 |
| 17244 | ରାୟଗଡ଼ା - ଗୁଣ୍ଟୁର | 1530 | 0450 | 1500 | 0450 |

**ରେକ୍ ଗୁଡ଼ିକୁ LHB ରେକ୍‌ରେ ରୂପାନ୍ତରିତ ହୋଇଥିବା ଟ୍ରେନ**

| କ୍ର.ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|
| 1 | 12892 | ପୁରୀ - ବାଙ୍ଗିରିପୋଷି | 29.04.2025 |
| 2 | 12891 | ବାଙ୍ଗିରିପୋଷି - ପୁରୀ | 29.04.2025 |
| 3 | 20837 | ଭୁବନେଶ୍ୱର - ଜୁନାଗଡ଼ ରୋଡ୍ | 25.08.2025 |
| 4 | 20838 | ଜୁନାଗଡ଼ ରୋଡ୍ - ଭୁବନେଶ୍ୱର | 25.08.2025 |

**ପରିବର୍ତ୍ତନ ହୋଇଥିବା ଟ୍ରେନ୍ ନଂ**

| କ୍ର.ନଂ. | ପୂର୍ବ ଟ୍ରେନ୍ ନଂ. | ନୂତନ ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | w.e.f |
|---|---|---|---|---|
| 1 | 12892 | 18402 | ପୁରୀ - ବାଙ୍ଗିରିପୋଷି | 01.02.2026 |
| 2 | 12891 | 18401 | ବାଙ୍ଗିରିପୋଷି - ପୁରୀ | 01.02.2026 |

**ଟ୍ରେନ୍‌ଗୁଡ଼ିକର ଅତିରିକ୍ତ ଷ୍ଟପେଜ୍**

| କ୍ର. ନଂ. | ଟ୍ରେନ୍ ନଂ. | ପ୍ରାରମ୍ଭିକ ଷ୍ଟେସନରୁ - ଅନ୍ତିମ ଷ୍ଟେସନ | ଅତିରିକ୍ତ ଷ୍ଟପେଜ୍ | w.e.f |
|---|---|---|---|---|
| 1 | 18005 | ହାଓଡ଼ା - ଜଗଦଲପୁର | ଲୋଇସିଂହା | 19.11.2025 |
| 2 | 18006 | ଜଗଦଲପୁର - ହାଓଡ଼ା | ଲୋଇସିଂହା | 19.11.2025 |
| 3 | 13351 | ଧାନବାଦ - ଆଲେପି | ନରଲା ରୋଡ୍ | 04.03.2025 |
| 4 | 13352 | ଆଲେପି - ଧାନବାଦ | ନରଲା ରୋଡ୍ | 03.03.2025 |
| 5 | 18423 | ଭୁବନେଶ୍ୱର - ଦଶପଲ୍ଲା | ବୋଲଗଡ଼ ଟାଉନ | 20.01.2025 |
| 6 | 18424 | ଦଶପଲ୍ଲା - ଭୁବନେଶ୍ୱର | ବୋଲଗଡ଼ ଟାଉନ | 21.01.2025 |
| 7 | 68449 | ପୁରୀ - ଦଶପଲ୍ଲା | ସାନପଦର | 20.01.2025 |
| 8 | 68450 | ଦଶପଲ୍ଲା - ପୁରୀ | ସାନପଦର | 21.01.2025 |
| 9 | 68443 | ଭଦ୍ରକ - ଦଶପଲ୍ଲା | ସାନପଦର | 21.01.2025 |
| 10 | 68444 | ଦଶପଲ୍ଲା - ଭଦ୍ରକ | ସାନପଦର | 20.01.2025 |
| 11 | 68429 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 21.01.2025 |
| 12 | 68430 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 20.01.2025 |
| 13 | 18423 | ଭୁବନେଶ୍ୱର - ଦଶପଲ୍ଲା | ସାନପଦର | 20.01.2025 |
| 14 | 18424 | ଦଶପଲ୍ଲା - ଭୁବନେଶ୍ୱର | ସାନପଦର | 21.01.2025 |
| 15 | 68429 | ଭୁବନେଶ୍ୱର - ଦଶପଲ୍ଲା | ତରାବୋଇ | 17.09.2025 |
| 16 | 68430 | ଦଶପଲ୍ଲା - ଭୁବନେଶ୍ୱର | ତରାବୋଇ | 17.09.2025 |
| 17 | 68449 | ପୁରୀ - ଦଶପଲ୍ଲା | ତରାବୋଇ | 17.09.2025 |
| 18 | 68450 | ଦଶପଲ୍ଲା - ପୁରୀ | ତରାବୋଇ | 17.09.2025 |
| 19 | 18423 | ଭୁବନେଶ୍ୱର - ଦଶପଲ୍ଲା | ତରାବୋଇ | 17.09.2025 |
| 20 | 18424 | ଦଶପଲ୍ଲା - ଭୁବନେଶ୍ୱର | ତରାବୋଇ | 17.09.2025 |
| 21 | 68443 | ଭଦ୍ରକ - ଦଶପଲ୍ଲା | ତରାବୋଇ | 17.09.2025 |
| 22 | 68444 | ଦଶପଲ୍ଲା - ଭଦ୍ରକ | ତରାବୋଇ | 17.09.2025 |
| 23 | 12896 | ପୁରୀ - ଶାଲିମାର | ସାକ୍ଷୀଗୋପାଳ | 21.08.2025 |
| 24 | 12895 | ଶାଲିମାର - ପୁରୀ | ସାକ୍ଷୀଗୋପାଳ | 15.08.2025 |
| 25 | 15639 | ପୁରୀ - କାମାକ୍ଷା | ସାକ୍ଷୀଗୋପାଳ | 19.08.2025 |
| 26 | 15640 | କାମାକ୍ଷା - ପୁରୀ | ସାକ୍ଷୀଗୋପାଳ | 19.08.2025 |
| 27 | 18449 | ପୁରୀ - ପଟନା ଜଂ | ସାକ୍ଷୀଗୋପାଳ | 18.08.2025 |
| 28 | 18450 | ପଟନା ଜଂ - ପୁରୀ | ସାକ୍ଷୀଗୋପାଳ | 21.08.2025 |
| 29 | 20807 | ବିଶାଖାପାଟଣା - ଅମୃତସର ଜଂ | ନରାଜ ମାର୍ଥାପୁର | 15.08.2025 |
| 30 | 20808 | ଅମୃତସର ଜଂ - ବିଶାଖାପାଟଣା | ନରାଜ ମାର୍ଥାପୁର | 15.08.2025 |
| 31 | 12837 | ହାଓଡ଼ା - ପୁରୀ | ମଞ୍ଚେଶ୍ୱର | 15.08.2025 |
| 32 | 12838 | ପୁରୀ - ହାଓଡ଼ା | ମଞ୍ଚେଶ୍ୱର | 15.08.2025 |
| 33 | 20823 | ପୁରୀ - ଆଜମେର ଜଂ | ମଞ୍ଚେଶ୍ୱର | 15.08.2025 |
| 34 | 20824 | ଆଜମେର ଜଂ - ପୁରୀ | ମଞ୍ଚେଶ୍ୱର | 16.08.2025 |
| 35 | 18447 | ଭୁବନେଶ୍ୱର - ଜଗଦଲପୁର | ଭୁଷଣ୍ଡପୁର | 15.08.2025 |
| 36 | 18448 | ଜଗଦଲପୁର - ଭୁବନେଶ୍ୱର | ଭୁଷଣ୍ଡପୁର | 14.08.2025 |
| 37 | 20861 | ପୁରୀ - ଅହମଦାବାଦ ଜଂ | ବଇଣ୍ଡା | 20.08.2025 |
| 38 | 20862 | ଅହମଦାବାଦ ଜଂ - ପୁରୀ | ବଇଣ୍ଡା | 17.08.2025 |
| 39 | 18425 | ପୁରୀ - ଦୁର୍ଗ | ବଇଣ୍ଡା | 15.08.2025 |
| 40 | 18426 | ଦୁର୍ଗ - ପୁରୀ | ବଇଣ୍ଡା | 15.08.2025 |
| 41 | 12807 | ବିଶାଖାପାଟଣା - ହଜରତ ନିଜାମୁଦିନ | ଥେରୁବାଲି | 16.08.2025 |
| 42 | 12808 | ହଜରତ ନିଜାମୁଦିନ - ବିଶାଖାପାଟଣା | ଥେରୁବାଲି | 15.08.2025 |
| 43 | 13351 | ଧାନବାଦ - ଆଲେପି | ଥେରୁବାଲି | 15.08.2025 |
| 44 | 13352 | ଆଲେପି - ଧାନବାଦ | ଥେରୁବାଲି | 15.08.2025 |
| 45 | 17481 | ବିଳାସପୁର ଜଂ - ତିରୁପତି | ଆମ୍ଭୋଦଳା | 16.08.2025 |
| 46 | 17482 | ତିରୁପତି - ବିଳାସପୁର ଜଂ | ଆମ୍ଭୋଦଳା | 15.08.2025 |
| 47 | 13351 | ଧାନବାଦ - ଆଲେପି | ଆମ୍ଭୋଦଳା | 15.08.2025 |
| 48 | 13352 | ଆଲେପି - ଧାନବାଦ | ଆମ୍ଭୋଦଳା | 15.08.2025 |
| 49 | 18518 | ବିଶାଖାପାଟଣା - କୋରବା | ମୁରିବାହାଲ | 15.08.2025 |
| 50 | 18517 | କୋରବା - ବିଶାଖାପାଟଣା | ମୁରିବାହାଲ | 15.08.2025 |
| 51 | 18301 | ସମ୍ବଲପୁର - ରାୟଗଡ଼ା | ଦେଓଗାଁ ରୋଡ୍ | 16.04.2025 |
| 52 | 18302 | ରାୟଗଡ଼ା - ସମ୍ବଲପୁର | ଦେଓଗାଁ ରୋଡ୍ | 16.04.2025 |
| 53 | 22827 | ପୁରୀ - ଆଜମେର ଜଂ | ତାଳଚେର ରୋଡ୍ | 04.01.2026 |
| 54 | 22828 | ଆଜମେର ଜଂ - ପୁରୀ | ତାଳଚେର ରୋଡ୍ | 06.01.2026 |
| 55 | 12837 | ହାଓଡ଼ା - ପୁରୀ | ନିର୍ଗୁଣ୍ଡୀ | 01.01.2026 |
| 56 | 12838 | ପୁରୀ - ହାଓଡ଼ା | ନିର୍ଗୁଣ୍ଡୀ | 01.01.2026 |

**ପ୍ରମୁଖ ଷ୍ଟେସନରେ ଟ୍ରେନ୍ ଚଳାଚଳ ସମୟର ପରିବର୍ତ୍ତନ**

12145 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ସାପ୍ତାହିକ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1830 | 1850 |
| ବଲାଙ୍ଗୀର | 1940 | 1945 |
| ବରଗଡ଼ | 2035 | 2037 |
| ସମ୍ବଲପୁର | 2120 | 2130 |
| ଅନୁଗୁଳ | 0125 | 0127 |
| ତାଳଚେର | 0145 | 0205 |
| କଟକ | 0330 | 0335 |
| ଭୁବନେଶ୍ୱର | 0410 | 0415 |
| ଖୋର୍ଦ୍ଧା ରୋଡ୍ | 0425 | 0430 |

12879 (ଲୋକମାନ୍ୟ ତିଲକ ଟର୍ମିନସ - ଭୁବନେଶ୍ୱର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

18005 (ହାଓଡ଼ା - ଜଗଦଲପୁର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0850 | 0900 |
| ରାୟଗଡ଼ା | 1510 | 1535 |
| କୋରାପୁଟ | 1915 | 1940 |
| ଜଗଦଲପୁର | 2230 | - |

18529 (ଦୁର୍ଗ - ବିଶାଖାପାଟଣା) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0010 | 0020 |
| ସିଙ୍ଗାପୁର ରୋଡ୍ | 0453 | 0455 |
| ରାୟଗଡ଼ା | 0520 | 0530 |
| ପାର୍ବତୀପୁରମ | 0625 | 0630 |
| ବୋବିଲି | 0655 | 0700 |
| କୋତ୍ତଭଲସା | 0830 | 0832 |
| ଶିମହାଚଳମ | 0926 | 0928 |
| ବିଶାଖାପାଟଣା | 1005 | - |

18451 (ହାଟିଆ - ପୁରୀ) ତପସ୍ୱିନୀ ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 2205 | 2225 |
| ଅନୁଗୁଳ | 0134 | 0136 |
| ତାଳଚେର | 0150 | 0210 |
| କଟକ | 0345 | 0350 |
| ଭୁବନେଶ୍ୱର | 0430 | 0440 |
| ଖୋର୍ଦ୍ଧା ରୋଡ୍ | 0500 | 0505 |
| ପୁରୀ | 0655 | - |

22865 (ଲୋକମାନ୍ୟ ତିଲକ ଟର୍ମିନସ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 0010 | 0030 |
| ଅନୁଗୁଳ | 0314 | 0316 |
| କଟକ | 0545 | 0550 |

13351 (ଧାନବାଦ - ଆଲେପି ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 0120 | 0130 |

20807 (ବିଶାଖାପାଟଣା - ଅମୃତସର) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ସମ୍ବଲପୁର | 1250 | 1310 |

20862 (ଅହମଦାବାଦ - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ଟିଟିଲାଗଡ଼ | 1935 | 1955 |
| ବଲାଙ୍ଗୀର | 2045 | 2050 |
| ବରଗଡ଼ | 2143 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

18422 (ସୋନପୁର - ପୁରୀ) ଏକ୍ସପ୍ରେସ

| ଷ୍ଟେସନ୍ | ଆଗମନ | ପ୍ରସ୍ଥାନ |
|---|---|---|
| ବଲାଙ୍ଗୀର | 2030 | 2050 |
| ବରଗଡ଼ | 2140 | 2145 |
| ହୀରାକୁଦ | 2223 | 2225 |
| ସମ୍ବଲପୁର | 2245 | 2255 |
| ରେଢାଖୋଲ | 0010 | 0012 |
| ବଇଣ୍ଡା | 0208 | 0210 |

ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ କରନ୍ତୁ 139
- ସୁରକ୍ଷା ସମ୍ବନ୍ଧୀୟ
- ଡାକ୍ତରୀ ଜରୁରୀକାଳୀନ
- କୋଚ୍ ସଫା କରିବା
- କ୍ୟାଟରିଂ ଅଭିଯୋଗ
- ଭିଜିଲାନ୍ସ ଓ ଦୁର୍ନୀତି ନିବାରଣ
- ପିଏନଆର ସ୍ଥିତି, ଚାଲୁଥିବା ସ୍ଥିତି ଇତ୍ୟାଦି
- ଟ୍ରେନ୍ ଭିତରେ ଅଭିଯୋଗ

/@EASTCOASTRailway1 | /@EastCoastRail

D-9/25-26

## ସଂକ୍ଷେପରେ

### ‘ଘୁମୁସରର ସ୍ୱର’ର ସାହିତ୍ୟ ଆସର

ବାଲିପଦର,୩।୧(ବିଶିକେଶନ ସ୍ୱାଇଁ)

ବୁଗୁଡ଼ା ବ୍ଲକ କରବୁଲି ବ୍ୟାଘ୍ରାମ୍ବରୀ ମଠରେ ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ‘ଘୁମୁସରର ସ୍ୱର’ ପକ୍ଷରୁ ୧୫୭ତମ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ସଭାପତି ତଥା ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବି.ପ୍ରକାଶ ଚନ୍ଦ୍ର ପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ମଠ ମହନ୍ତ ମହାରାଜ ସତ୍ୟାନନ୍ଦ ଗିରୀ, ସମ୍ମାନିତ ଅତିଥି ଭାବେ ଗହଙ୍ଗୁ ମଠ ମହନ୍ତ ରାଘବାନନ୍ଦ ଦାସ ମହାରାଜ ଓ ଅନ୍ୟତମ ଅତିଥି ଭାବେ ଜି. ରାଜେଶ୍ୱର ପାତ୍ର, ଡ. ବ୍ରଜ କିଶୋର ପାଢ଼ୀ, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା, ଅଧ୍ୟାପକ ଦେବାଶିଷ ସ୍ୱାଇଁ, ଅଧ୍ୟାପକ ପଞ୍ଚାନନ ପଲାଇ, କବି କୃଷ୍ଣଚନ୍ଦ୍ର ଡାକୁଆ, ସମାଜସେବୀ ପୁର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ, ଖଲି ପରିଡା, କୈଳାସ ଚନ୍ଦ୍ର ପ୍ରଧାନ, କେ. ରାଘବ ପାତ୍ର, ଶ୍ରୀଧର ମିଶ୍ର, ବସନ୍ତ ବିଷୋୟୀ ଯୋଗଦେଇ ଘୁମୁସରର ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ବୀରତ୍ୱର କାହାଣୀ ଆଲୋଚନା କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବରିଷ୍ଠ ସହାୟକ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କୁ ‘ଘୁମୁସରର ସ୍ୱର’ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଠ ପକ୍ଷରୁ ମାନସ ପାରାୟଣ ଉପଲକ୍ଷେ ମାନପତ୍ର ଦେଇ କବି ଓ ଲେଖକ ମାନଙ୍କୁ ସମ୍ମାନିତ କରାଯାଇ ଥିଲା।

### ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ, ୩ ଗିରଫ

ବ୍ରହ୍ମପୁର, ୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବୈଦ୍ୟନାଥପୁର ପୋଲିସ ୩ ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ରାମନଗର ୪ର୍ଥ ଲାଇନର ସନ୍ତୋଷ ଡାକୁଆ(୩୨), ଆଙ୍କୁଲିର ଆଦିତ୍ୟ ସାହୁ(୨୮) ଓ ବଡବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀ ପେଣ୍ଠର ଅଜିତ ପାଣିଗ୍ରାହୀ (୨୮)। ପୋଲିସ ୩ ଅଭିଯୁକ୍ତଙ୍କୁ ମାମଲା ନଂ.୩/୨୬ରେ ଶନିବାର ଗିରଫ କରି କୋର୍ଟଚାଲାଣ କରି ଘଟଣାର ତଦନ୍ତ ଜାରି ରଖିଛି। ଏଥିରେ ଅନ୍ୟ ଯେଉଁ ମାନଙ୍କ ସମ୍ପୃକ୍ତି ଜଣାପଡିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି। ୪ ଛାତ୍ର ବେଲଗାଁ ଥାନା ଅନ୍ତର୍ଗତ ଭାବନ୍ଧର ଅନନ୍ତ ପେଡିନି, ବୈଦ୍ୟନାଥପୁର ଥାନା ଅଶୋକ ନଗରର ବିଜୟ ଡାକୁଆ, ସୁମିତ ମହାରଣା ଓ ଅମର ଜେନା ଆନ୍ଧ୍ରର ସୀମାଞ୍ଚଳ ଦର୍ଶନ ପାଇଁ ଯାଇଥିଲେ। ସେମାନେ ସେଠାରେ ମୁଣ୍ଡନ ପରେ ଦର୍ଶନ ସାରି ଶୁକ୍ରବାର ବ୍ରହ୍ମପୁର ଫେରିଥିଲେ। ଷ୍ଟେସନରୁ ଅନନ୍ତନଗର ରାସ୍ତା ଦେଇ ଆସୁଥିବା ବେଳେ କେତେକ ଯୁବକ ସେମାନଙ୍କୁ ଅଟକାଇଥିଲେ। ଛାତ୍ରମାନେ ଧରିଥିବା ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଅଭିଯୁକ୍ତମାନେ ଏକ ମଦ ବୋତଲରେ ବିଜୟ ଡାକୁଆଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଫାଟିଯାଇଥିଲା। ପରେ ସେମାନେ ସେଠାରୁ ପଳାଇଥିଲେ।

# ଟ୍ରାଫିକ ସମସ୍ୟାରୁ ମୁକ୍ତ ହେବ ବ୍ରହ୍ମପୁର

- ମୁତୟନ ହେବେ ରାତ୍ରିକାଳୀନ ସ୍କ୍ୱାଡ
- ଜାତୀୟ ରାଜପଥରୁ ହଟିବ ଜବରଦଖଲ



ବୈଠକରେ ଉପସ୍ଥିତ ବିଧାୟକ, ମେୟର, ଜିଲାପାଳ ଓ ଅନ୍ୟମାନେ।

ବ୍ରହ୍ମପୁର,୩।୧(ସ୍ମୃତି ରଞ୍ଜନ ମହାଲିକ)

ସହରରେ ଦୀର୍ଘ ଦିନ ଧରି ବିଭିନ୍ନ କାରଣରୁ ଟ୍ରାଫିକ ସମସ୍ୟା ଲାଗି ରହିଛି। ବର୍ତ୍ତମାନ ଏହାର ସମାଧାନ ହେବ। ଏ ନେଇ ଶନିବାର ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର, ବିଡିଏ ଉପାଧ୍ୟକ୍ଷ ତଥା ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବିଡିଏ ସଚିବ ରମେଶ ହାଂସଦା ଓ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍, ଟ୍ରାଫିକ ଥାନାଧିକାରୀ ପଦ୍ମ ଚରଣ ଭଞ୍ଜଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଅନୁପ୍ରବେଶ ରାସ୍ତାରେ ଭାରୀ ଯାନ ଯାତାୟାତ, ସିସି ଟିଭି, ଆବଶ୍ୟକ ଭିତ୍ତିଭୂମି, ଜବରଦଖଲ ଉଚ୍ଛେଦ, ଗେଟ ବଜାର ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପ୍ରସଙ୍ଗ ଓ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ସମ୍ପର୍କରେ ଆଲୋଚନା ହୋଇଥିଲା। ରାତିରେ ସହର ମୁଖ୍ୟ ରାସ୍ତାରେ ମନଇଚ୍ଛା ବସ୍ ପାର୍କିଂ ହେଉଛି। ରାତ୍ରି କାଳୀନ ସ୍କ୍ୱାଡ ମୁତୟନ ପାଇଁ ଆରଟିଓଙ୍କୁ ଅବଗତ କରାଯିବ ଓ ନିୟମ ଉଲଂଘନ କରୁଥିବା ବସ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହର ମଧ୍ୟରେ ଥିବା ଜାତୀୟ ରାଜପଥ ପାର୍ଶ୍ୱରେ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ। ଆବଶ୍ୟକ ମୁତାବକ ପାର୍କିଂ ସ୍ଥଳ ନ ଥିବା କାରଣରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ଏ ନେଇ ଖୋଲା ଜାଗାରେ ପାର୍କିଂ ସ୍ଥଳ ନିର୍ମାଣ ପାଇଁ ସର୍ଭେ ସରିଛି। ଟ୍ରାଫିକ ସମସ୍ୟା ଉପୁଜୁଥିବା ସ୍ଥାନରେ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ସହରରେ ଖାଦ୍ୟ ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ୨ ଫୁଡ ଷ୍ଟ୍ରିଟ ନିର୍ମାଣ କରାଯିବ। ସେଠାରେ ୨୦୦ରୁ ଉର୍ଦ୍ଧ୍ୱ ଦୋକାନ ଗୃହ ରହିବ। ବାହାରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ସେଠାରେ ଥଇଥାନ କରାଯିବ। ଅନ୍ୟପଟେ ଭେଣ୍ଡିଂ ଜୋନରେ ବ୍ୟବସାୟ ପରିବର୍ତ୍ତେ ବାହାରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବ ବୋଲି ବିଡିଏ ଉପାଧ୍ୟକ୍ଷ କହିଛନ୍ତି। ଗେଟ ବଜାର ଫ୍ଲାଏ ଓଭରବ୍ରିଜ ନିର୍ମାଣ ସମୟରେ ସହରରେ ଟ୍ରାଫିକ ସମସ୍ୟା ଉପୁଜୁଛି। ବସ୍ ଚଳାଚଳ ଓ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହାର ସମାଧାନ ପାଇଁ ଫାଷ୍ଟ ଗେଟଠାରେ ଅସ୍ଥାୟୀ ବସ ଷ୍ଟାଣ୍ଡ ନିର୍ମାଣ ସରିଛି। ୨ ସପ୍ତାହ ମଧ୍ୟରେ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ନେଇ ନିଷ୍ପତ୍ତି ହୋଇଛି। ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ଆସ୍କା ଓ ଜୟପୁର ପଟୁ ଆସୁଥିବା ବସ୍ ଗୁଡିକ ରହଣି ପାଇଁ ନିଷ୍ପତ୍ତି ହୋଇଥିବା ବିଧାୟକ କେ.ଅନୀଲ କୁମାର କହିଛନ୍ତି। ସେହିପରି ବାଲୁଙ୍କେଶ୍ୱର ପରିବା ମାର୍କେଟ ଥଇଥାନ, ଗୋସାଣୀ ନୂଆ ଗାଁ ଅଂଚଳରେ ନୂତନ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଯୋଜନା କରାଯାଇଛି। ଅପରାହ୍ନରେ ବସ୍ ମାଲିକ ସଂଘ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟରେ ହୋଇଥିଲା। ଫାଷ୍ଟ ଗେଟ ସ୍ଥିତ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ ହଳଦିଆପଦର ବସ୍‌ଷ୍ଟାଣ୍ଡ ଆସନ୍ତା ୧୪ ତାରିଖ ପରେ କାର୍ଯ୍ୟକ୍ଷମ ହେବ। ପରେ ଆସ୍କା, ବିଗଡହଣ୍ଡି ଓ ଜୟପୁରରୁ ଆସୁଥିବା ବସ୍ ଫାଷ୍ଟ ଗେଟ ବସ୍‌ଷ୍ଟାଣ୍ଡରେ ରହିବ। ଭୁବନେଶ୍ୱର, ଆନ୍ଧ୍ର ଓ ପାରଳାଖେମୁଣ୍ଡି ପଟୁ ଆସୁଥିବା ବସ ହଳଦିଆପଦର ବସ୍‌ଷ୍ଟାଣ୍ଡଠାରେ ରହିବା ନିଷ୍ପତ୍ତି ହୋଇଛି, ଯାହାକୁ ବସ୍ ମାଲିକ ସଂଘ ସହମତି ଜଣାଇଛନ୍ତି। ବୈଠକରେ ଆଞ୍ଚଳିକ ଓ ଏକ୍ସପ୍ରେସ ବସ୍‌ର ସମସ୍ତ ମାଲିକ ଉପସ୍ଥିତ ଥିଲେ।

## ଗାଇବା ଗ୍ରାମରେ ୨ ଗୋଷ୍ଠୀ ମୁହାଁମୁହିଁ

# ବାଇକ୍‌ର ଉଚ୍ଚ ସାଉଣ୍ଡରୁ ଉତ୍ତେଜନା

ଗୁମ୍ମା,୩।୧(ପ୍ରବୀଣ କୁମାର ଲିମା)

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତର ଗାଇବା ଗ୍ରାମରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ୨ ତାରିଖ ରାତି ସାଢେ ୮ଟାରେ ମୁହାଁମୁହିଁ ହୋଇଥିଲେ। ଗାଇବା ଖ୍ରୀଷ୍ଟିଆନ ସାହିରେ ନୂଆବର୍ଷ ପାଳନ ପରେ ଜାନୁଆରୀ ୨ ତାରିଖ ସନ୍ଧ୍ୟାରେ ଗ୍ରାମବାସୀ ଏକତ୍ର ଭୋଜନ କରିଥାନ୍ତି। ଚଳିତବର୍ଷ ମଧ୍ୟ ତାହା ହୋଇଥିଲା। ପ୍ରୀତିଭୋଜନ ସମୟରେ ବୁଲେଟ୍‌ର ସାଉଣ୍ଡକୁ ନେଇ ଖ୍ରୀଷ୍ଟିଆନ ସାହିର କେତେ ଜଣ ଯୁବକ ଓ ଓଡ଼ିଆସାହିର କେତେଜଣ ଯୁବକଙ୍କ ମଧ୍ୟରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିଲା। ଏନେଇ ସୂଚନା ପାଇ ସେରଙ୍ଗ ଥାନା ଅଧିକାରୀ ପ୍ରମୋଦ ଖଣ୍ଡୁଆଳ ଓ ଗାଇବା ଫାଣ୍ଡି ଅଧିକାରୀ ରାମକୃଷ୍ଣ ଦାସ ଘଟଣା ସ୍ଥଳରେ ପହଞ୍ଚି ଏହାକୁ ନିୟନ୍ତ୍ରଣ କରିଥିଲେ। ଜିଲା ଏସ୍‌ପି ଯତୀନ୍ଦ୍ର କୁମାର ପ ଣ୍ଡା ଏବଂ ଏସ୍‌ଡିପିଓ ମାଧବାନନ୍ଦ ନାୟକ ରାତି ସାଢେ ୧୨ଟାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଏସ୍‌ପି ଉଭୟ ଗୋଷ୍ଠୀର ୧୦ ଜଣ ଲେଖାଏ ଭଦ୍ରବ୍ୟକ୍ତିଙ୍କୁ ଗାଇବା ଫାଣ୍ଡିକୁ ଆସିବାକୁ କହିଥିଲେ।

ଶନିବାର ପୂର୍ବାହ୍ନ ୧୧ଟାରେ ଉଭୟ ଗୋଷ୍ଠୀର ୧୦ ଜଣ ଲେଖାଏ ଫାଣ୍ଡିରେ ପହଞ୍ଚିବା ପରେ ଏସ୍‌ଡିପିଓ, ଗୁମ୍ମା ତହସିଲଦାର ସେରଙ୍ଗ ଥାନା ଅଧିକାରୀ, ଗାଇବା ଫାଣ୍ଡି ଅଧିକାରୀ, ଗାଇବା ରାଜସ୍ୱ ନିରୀକ୍ଷକ ବଳରାଜ ସାହାଣୀଙ୍କ ତତ୍ତ୍ୱାବଧାନରେ ଉଭୟ ଗୋଷ୍ଠୀର ଯୁବକଙ୍କୁ ବସାଇ ଗୁମ୍ମା ତହସିଲଦାର ଶରତ ଶବର ସେମାନଙ୍କ ମତ ରଖିବାକୁ କହିଥିଲେ। ଖ୍ରୀଷ୍ଟିଆନ ସାହିର ପାଉଲ ପାଣି ରାସ୍ତା ସମସ୍ୟା ଜଣାଇ ମଦ ବିକ୍ରି ଯୋଗୁ ବିଭିନ୍ନ ସମସ୍ୟା ହେଉଛି ବୋଲି କହିଥିଲେ। ଓଡ଼ିଆ ସାହିର ବିକ୍ରମ ପୂଜାରୀ ଏବଂ ସୁରେଶ ପୂଜାରୀ ଧର୍ମକୁ ନେଇ କୌଣସି ସମସ୍ୟା ନାହିଁ। କେତେ ଜଣ ଯୁବକ ମଦ ପିଇବା ପରେ ସାହି ଭିତରେ ଯେପରି ବାଇକ୍ ଚଲାଇ ଉଚ୍ଚ ସାଉଣ୍ଡ କରି ଦୁର୍ବ୍ୟବହାର କରୁଛନ୍ତି, ତାହା ଚିନ୍ତାଜନକ ବୋଲି କହିଥିଲେ। ଏନେଇ ଏସ୍‌ଡିପିଓ ମାମଲା ରୁଜୁ କରିବାକୁ କହିବା ପରେ ଉଭୟ ଗୋଷ୍ଠୀ କଥା ଆଗକୁ ନ ବଢ଼ାଇ ସମାଧାନ ପାଇଁ ରାଜି ହୋଇଥିଲେ। ଏସ୍‌ଡିପିଓ, ତହସିଲଦାର ଏବଂ ସେରଙ୍ଗ ଥାନା ଅଧିକାରୀ ଉଭୟ ଗୋଷ୍ଠୀକୁ ବସାଇ କେତେକ ଚୁକ୍ତିନାମା କରି ସମସ୍ୟାର ସମାଧାନ କରିଥିଲେ।

# ଭଞ୍ଜନଗର ଉପଜିଲାପାଳଙ୍କ ମଣ୍ଡି ପରିଦର୍ଶନ

## ୩ ନୋଡାଲ ଅଫିସର, ୪ କ୍ୱାଲିଟି ଆନାଲିଶିସଙ୍କୁ କାରଣଦର୍ଶାଅ ନୋଟିସ



ଉପ ଜିଲାପାଳ ମଣ୍ଡି ଯାଞ୍ଚ କରୁଛନ୍ତି ।

ଭଞ୍ଜନଗର,୩।୨ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲାରେ ବର୍ତ୍ତମାନ ମଣ୍ଡି ଗୁଡ଼ିକରେ ଧାନ କିଣା ଚାଲିଛି। କିନ୍ତୁ ମଣ୍ଡି ଗୁଡ଼ିକରେ ନାନା ଅବ୍ୟବସ୍ଥା ହେଉଥିବା ଅଭିଯୋଗ ହେଉଛି। ଏନେଇ ଭଞ୍ଜନଗର ଉପଜିଲାପାଳ ଉମା ଶଙ୍କର ବେହେରାଙ୍କ ପାଖରେ ମଧ୍ୟ ଏକାଧିକ ଅଭିଯୋଗ ପହଞ୍ଚିଥିଲା। ଫଳରେ ଉପଜିଲାପାଳ ଶନିବାର ଅଚାନକ ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକ୍‌ର ୫ଟି ମଣ୍ଡିରେ ପହଞ୍ଚି ଭିତ୍ତିଭୂମି ସମେତ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ମଣ୍ଡି ଗୁଡ଼ିକରେ ନାନା ଅବ୍ୟବସ୍ଥା ଦେଖି ଉପଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ମଣ୍ଡି ପରିଦର୍ଶନ ସମୟରେ ୩ ଜଣ ନୋଡାଲ ଅଫିସର ଓ ୪ ଜଣ କ୍ୱାଲିଟି ଆନାଲିଶିସ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ଉକ୍ତ କର୍ମଚାରୀଙ୍କୁ ତୁରନ୍ତ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଉତ୍ତର ସନ୍ତୋଷ ଜନକ ନ ହେଲେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ। ଭଞ୍ଜନଗର ଉପଖଣ୍ଡର ଆହୁରି ଅନେକ ମଣ୍ଡିରେ ଏହିଭଳି ଅବ୍ୟବସ୍ଥା ଲାଗି ରହିଛି। ବାରମ୍ବାର ଏହିଭଳି ଚଢ଼ାଉର ଆବଶ୍ୟକତା ରହିଛି। ତାହେଲେ ଯାଇ ମଣ୍ଡି ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରିବା ସହ ଚାଷୀ ତାହାର ସୁଫଳ ପାଇପାରିବେ। ଉପଜିଲାପାଳଙ୍କ ଗସ୍ତ ସମୟରେ ଭଞ୍ଜନଗର ତହସିଲଦାର ଅଭିପସା ପଟ୍ଟନାୟକ, ବେଲଗୁଣ୍ଠା ତହସିଲଦାର ଏଆରସିଏସ୍ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଆଗାମୀ ଦିନରେ ଯଦି କୌଣସି ମଣ୍ଡିରେ ଅବ୍ୟବସ୍ଥା ପରିଲକ୍ଷିତ ହୁଏ ତେବେ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଉପଜିଲାପାଳ ପ୍ରଥମେ ଭଞ୍ଜନଗର ବ୍ଲକ୍ ଅନ୍ତର୍ଗତ ବଡକୋଦଣ୍ଡା, ସାନକୋଦଣ୍ଡା ପ୍ୟାକ୍ସ ଓ ଜିଲୁଣ୍ଡି ମା’ ତାରାତାରିଣୀ ଏସଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ମଣ୍ଡି ପରିଦର୍ଶନ କରିଥିଲେ। ପରେ ବେଲଗୁଣ୍ଠା ବ୍ଲକ୍ ଅଧିନ ଗୋବରା ଓ କ୍ଷତ୍ରିୟବରପୁର ମଣ୍ଡି ପରିଦର୍ଶନ କରିଥିଲେ। ଏହି ସମୟରେ ଭଞ୍ଜନଗର ବ୍ଲକ୍‌ର ବଡକୋଦଣ୍ଡା ଏବଂ ବେଲଗୁଣ୍ଠା ବ୍ଲକର ଗୋବରା ଓ କ୍ଷତ୍ରିୟବରପୁର ମଣ୍ଡି ନୋଡାଲ ଅଫିସର ଏବଂ ୪ଟି ମଣ୍ଡିରେ କ୍ୱାଲିଟି ଆନାଲିସିସ ଅନୁପସ୍ଥିତ ଥିଲେ।

## ଆସନ୍ତା ୨୨ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

# ଜିଲାର କଳା ସଂସ୍କୃତିକୁ ଦିଆଯିବ ପ୍ରାଥମିକତା

ବ୍ରହ୍ମପୁର ,୩।୧(ସ୍ମୃତି ରଞ୍ଜନ ମହାଲିକ)

ଆସନ୍ତା ୨୨ରୁ ୨୬ ତାରିଖ ଯାଏଁ ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଶନିବାର ସର୍କିଟ ହାଉସଠାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଅଧ୍ୟକ୍ଷତା କରିଥିଲେ। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହୋତ୍ସବ ୫ଦିନ ପାଳିତ ହେବ। ମହୋତ୍ସବରେ ଝୋଟି, ଆଲୋଚନା ଚକ୍ର, କବିତା ପାଠୋତ୍ସବ, ଭଲିବଲ, ଫୁଟବଲ, ବୋଟ୍ ରେସିଂ ଭଳି ପ୍ରତିଯୋଗିତା ଆୟୋଜିତ ହେବ। ଏଥିସହ ଶାମୁକା ସ୍ମରଣିକା ଉନ୍ମୋଚନ କରାଯିବ। ମହୋତ୍ସବରେ ଗଞ୍ଜାମ ଜିଲାର କଳା ସଂସ୍କୃତିକୁ ପ୍ରାଥମିକତା ଦିଆଯିବ। ତତସହିତ ବିଭିନ୍ନ ଜିଲା , ରାଜ୍ୟ ଓ ଦେଶର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ଓଡିଆ,ତେଲୁଗୁ ଓ ହିନ୍ଦୀ କଣ୍ଠ ଶିଳ୍ପୀ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ପଲିଶ୍ରୀ ମେଳା,ଖାଦ୍ୟ ମେଳା ଏବଂ ବିଭିନ୍ନ ଅନୁଷ୍ଠାନର ମେଳା ପ୍ରଦର୍ଶିତ ହେବ।



ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯିବ। ଜିଲାର ବିଭିନ୍ନ ଶକ୍ତିପୀଠରୁ ମଶାଲ ଶୋଭାଯାତ୍ରା, ପଦଯାତ୍ରା ଓ ସମୁଦ୍ରରେ ଲେଜର ଶୋ ଆୟୋଜନ କରାଯିବ। ବିଭିନ୍ନ କମିଟି ଗଠନ କରି ଏହି ଉତ୍ସବ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ବର୍ଷ ମହୋତ୍ସବକୁ ନୂଆ ରୂପରେ ପାଳନ କରିବା ସହ ଲୋକଙ୍କ ନିମନ୍ତେ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ସ୍ଥଳ ଓ ଆଇନ ଶୃଙ୍ଖଳା ବିଷୟରେ ଆଲୋଚନା କରାଯାଇଥିଲା। ମହୋତ୍ସବରେ ୩୦୦ ଷ୍ଟଲର ଆୟୋଜନ କରାଯିବ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଜିଲାପାଳ ଭି.କୀର୍ତ୍ତି ଭାସନ, ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ୍, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର ସଭ୍ୟା ସଭ୍ୟ ଓ ହୋଟେଲ ସଂଘର ସଭାପତି ଉପସ୍ଥିତ ଥିଲେ ।

### ଓଲଟିଲା ପଇଡ଼ ବୋଝେଇ ପିକଅପ୍

ଗଞ୍ଜାମ,୩।୧(ଅନାଥ ତରାଇ)

୧୬ ନଂ. ଜାତୀୟ ରାଜପଥ ରାଙ୍ଗୁ ଢ଼ାବା ନିକଟରେ ପଇଡ଼ ବୋଝେଇ ପିକଅପ ଭ୍ୟାନ ଓଲଟି ଡ୍ରାଇଭର ଆହତ ହୋଇଥିବା ଜଣାପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମପୁର-ଭୁବନେଶ୍ୱର ଅଭିମୁଖେ ଯାଉଥିବା ପଇଡ଼ ବୋଝେଇ ପିକଅପ ଭ୍ୟାନ (ନଂ. ଏପି ୩୯ଟିଏସ ୨୬୬୫)ର ଆଗ ଟାୟାର ଫାଟିବା ଫଳରେ ଭ୍ୟାନଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଘଟଣା ସ୍ଥଳରେ ଡ୍ରାଇଭର ଜଣଙ୍କ ଆହତ ହୋଇଥିଲେ। ପଇଡ଼ଗୁଡ଼ିକ ଜାତୀୟ ରାଜପଥ ରାସ୍ତା ଉପରେ ବିଛିନ୍ନ ହୋଇପଡ଼ିବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ରମ୍ଭା ଥାନା ଏସଆଇ ଧରିତ୍ରୀ ବିଶ୍ୱାଳ ଓ ପୋଲିସ ଟିମ୍ ଭ୍ୟାନଟିକୁ ଉଦ୍ଧାର କରିଥିଲେ।

### କର୍ମଚାରୀ ଅଭାବରୁ ପ୍ରାଣୀ ସେବା ବ୍ୟାହତ

ଆସିକା, ୩।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଡାକ୍ତର ଓ କର୍ମଚାରୀ ଅଭାବରୁ ପ୍ରାଣୀ ସେବା ବ୍ୟାହାତ ହୋଇଛି । ଆସିକାସ୍ଥିତ ମୁଖ୍ୟ ପ୍ରାଣୀଚିକିତ୍ସାଳୟ ସହ ଆସିକା ବ୍ଲକ୍‌ର ୨୭ଟି ପଞ୍ଚାୟତ ଲାଗି ନଳବଣ୍ଟା, ନିମିନା, ଭେଟନୟୀ, ସିଦ୍ଧନୟୀ, ବାଲିଛାଇ, ଗୁଣ୍ଡପଡା, ହରିଡାପଦର, ବାବନପୁର, ବାଲିସିରା, ଗହଙ୍ଗୁ, ଖୁଙ୍ଗୁଡିଆରେ ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ର ରହିଛି। ତେବେ ଏହି କେନ୍ଦ୍ରମାନଙ୍କରେ ଜଣେ ଲେଖାଏ ପ୍ରାଣୀଧନ ନିରୀକ୍ଷକ ଓ ସହାୟକ ରହିବା ବ୍ୟବସ୍ଥା ଥିଲା ବେଳେ ୪ଜଣ ଡାକ୍ତରଙ୍କ ମଧ୍ୟରୁ ୨ଜଣ ଏବଂ ୧୨ଜଣ ପ୍ରାଣୀ ନିରୀକ୍ଷକଙ୍କ ସ୍ଥାନରେ ୬ଜଣ ରହିଛନ୍ତି। ଆସିକା ପ୍ରାଣୀ ଚିକିତ୍ସାଳୟରୁ ୨୦ରୁ ୨୫ ପ୍ରାଣୀ ଚିକିତ୍ସା ଲାଗି ଆସୁଥିବା ବେଳେ ଭ୍ରାମ୍ୟମାଣ ଚିକିତ୍ସା ଦ୍ୱାରା ଗ୍ରାମାଞ୍ଚଳରେ ପ୍ରାଣୀ ଚିକିତ୍ସା ଜାରି ରହିଛି। ତେବେ ଖାଲି ପଦବୀ ପୂରଣ ପାଇଁ ମତପ୍ରକାଶ ପାଉଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାସ୍କେଟ ବଲ ପୁରୁଷ ଦଳ କଲିକତା ଓ ଫୁଟ୍‌ବଲ ପୁରୁଷ ଦଳର ରାଞ୍ଚି ଗସ୍ତ



ଗସ୍ତ କରିବାକୁ ଥିବା ଖେଳାଳିମାନେ।

ବ୍ରହ୍ମପୁର, ୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଶନିବାର ବାସ୍କେଟ ବଲ ପୁରୁଷ ଦଳ କଲିକତା ଗସ୍ତ କରିଥିବା ବେଳେ ଫୁଟବଲ ପୁରୁଷ ଦଳ ରାଞ୍ଚି ଗସ୍ତ କରିଛନ୍ତି। ବାସ୍କେଟ ବଲ ପୁରୁଷ ଦଳ କଲିକତା ୟୁନିଭରସିଟି ଠାରେ ଚଳିତ ମାସ ୫ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଅନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଭାଗ ନେବେ। ଦଳରେ ଢୁରା ଆର.ଏନ ଡିଗ୍ରୀ କଲେଜର ରାହୁଲ ଭୂୟାଁ,ଏସ.ଦୀପକ ପାତ୍ର, ବିଶନାଥ ଶିସା,ଯୁଗଳ ହିକ୍କା,ଶୁଭମ କୁମାର ନାୟକ,ମନମୟ ଦାସ,ଗୋପାଳପୁର କଲେଜର ଏସ.ଦେବରାଜ,ପାରଳାଖେମୁଣ୍ଡି ଏସ.କେ.ସି ଜି କଲେଜର ଶିବ ପ୍ରସାଦ ତାମରା,ବ୍ରହ୍ମପୁର ସିଟି କଲେଜର ସିଦ୍ଧେଶର ଦଳବେହେରା,ଫିଲିପ ଭୂୟାଁ,ବୁଗୁଡ଼ା ପିପୁଲ୍ସ କଲେଜର ଶରତ ବେହେରା,ଅଜୟ ନାୟକ ରହିଥିବା ବେଳେ ମେନେଜର ଭାବେ ପୋଲସରା ସାଇନ୍ସ କଲେଜର ପି ଇ ଟି ଦୀପକ କୁମାର ସୱାଇଁ,କୋଚ ଭାବେ ବ୍ରହ୍ମପୁରର ଦୀପକ ପାତ୍ର ଦଳରେ ଗସ୍ତ କରିଛନ୍ତି। ସେହିପରି ଫୁଟବଲ ପୁରୁଷ ଦଳ ରାଞ୍ଚି ୟୁନିଭରସିଟି ଠାରେ ଚଳିତ ମାସ ୫ରୁ୧୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପୂର୍ବାଞ୍ଚଳ ଅନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ଭାଗ ନେବେ। ଦଳରେ ସାରଙ୍ଗଗଡ଼ କନ୍ଧମାଳ ମହାବିଦ୍ୟାଳୟର ଦିନେଶ ଚରଣ ପ୍ରଧାନ, ଆଦିରଜ ମଲ୍ଲିକ, ବାବୁନି ମଲ୍ଲିକ, ବାଲିଗୁଡା ଆଦିବାସୀ କଲେଜର ସୁମିତ ରଞ୍ଜନ ପ୍ରଧାନ, ଶରତ ମଲ୍ଲିକ,ଫିରିଙ୍ଗିଆ ପଞ୍ଚାୟତ ଡିଗ୍ରୀ କଲେଜର ଶିକ୍ଷୀ ଚନ୍ଦ୍ର କହଁର,ପାରଳାଖେମୁଣ୍ଡି ଏସ.କେ.ସି ଜି କଲେଜର ଅଙ୍କିତ ବେହେରା, ଭଂଜନଗର କେ.ଏସ.ୟୁ.ବି କଲେଜର ରାଜେଶ ବେହେରା, ଓମ୍ ପ୍ରକାଶ ମହାରଣା, ଓମ ପ୍ରକାଶ ଭଞ୍ଜ, ଏ.ବିନାୟକ, ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟ କାର୍ତ୍ତିକେଶ୍ୱର ପ୍ରଧାନ, ଚନ୍ଦ୍ରେନ୍ଦୁ ଶେଖର ପ୍ରଧାନ, ଫୁଲବାଣୀ ସରକାରୀ କଲେଜର ଅକ୍ଷୟ ଦିଗାଲ,ପଙ୍କଜ କହଁର,ସୁଦୀପ୍ତ କହଁର,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି ବିଭାଗର ଦୀପକ ହେମ୍ବ୍ରମ, ଦାମୋଦର ନାଗ ରହିଛନ୍ତି। ମେନେଜର ଭାବେ ଭଂଜନଗର କେ.ଏସ.ୟୁ.ବି. କଲେଜର ପି.ରମେଶ,କୋଚ ଭାବେ ଫିରିଙ୍ଗିଆ ପଞ୍ଚାୟତ କଲେଜର ପି ଇ ଟି ଏନ.ଶ୍ରୀନିବାସ ରାଓ ଦଳରେ ଗସ୍ତ କରିଛନ୍ତି। କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗିତାଞ୍ଜଳୀ ଦାଶ,କ୍ରୀଡା ପରିଷଦ ସମ୍ପାଦକ ଧ୍ରୁବ ଚରଣ ପଣ୍ଡା, ରାଜେଶ ମହାନ୍ତି ଗୌରୀ ଶଙ୍କର ପାତ୍ର,ଜେ.କାମେଶ୍ୱର ରାଓ, ନବ କିଶୋର ପ୍ରଧାନ,ରଜତ ମିଶ୍ର, ସୁନିତା ପାତ୍ର,ଜଗନ୍ନାଥ ଚୌଧୁରୀ,ପ୍ରଦୀପ କୁମାର ନାୟକ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିରୋଧୀଦଳ ନେତାଙ୍କୁ ଭେଟିଲେ ଛାତ୍ର

ଛତ୍ରପୁର,୩।୧(ଦିଲ୍ଲୀପ ସାମଲ): ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମସ୍ତିଷ୍କ ପକ୍ଷାଘାତ ଛାତ୍ର ସୁଗମ କୁମାର ପାଢ଼ୀ ଭେଟି ଖୁସି ବ୍ୟକ୍ତ କରିଛନ୍ତି। ସେ ଗଞ୍ଜାମ ଜିଲା ଛତ୍ରପୁର ସହର ସତ୍ୟବାଦୀନଗର ଆଇନଜୀବୀ ମନୋଜ ପାଢ଼ୀଙ୍କ ପୁଅ। ସୁଗମ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୭ମ ଶ୍ରେଣୀ ଅଧ୍ୟୟନ କରନ୍ତି। ସେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସାକ୍ଷାତ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ପରିବାର ପକ୍ଷରୁ ତାଙ୍କୁ ଭେଟିବା ନିମନ୍ତେ ଚିଠି ଲେଖାଇଯାଇଥିଲା।

# ମୃତ ଯୁବକଙ୍କ ମିଳିଲା ପରିଚୟ

ବ୍ରହ୍ମପୁର, ୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ (ଜିଆରପି) ଗତ ମାସ ୩୦ ତାରିଖ ସକାଳେ ଗୋଶାଣିନୂଆଗାଁ ସରସ୍ୱତୀ ଶିଶୁମନ୍ଦିର ପଛପଟ ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ତିନିଦିନ ପରେ ମୃତକଙ୍କ ପରିଚୟ ମିଳିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର କିଶୋର ଜେନାଙ୍କ ପୁଅ ଶଙ୍କର ଜେନା (୨୯)। ମୃତ ଯୁବକଙ୍କ ବଡ ଭାଇ ଶିବ ଶଙ୍କର ଜେନା ଜିଆରପି ପୋଲିସ ଉପସ୍ଥିତିରେ ଭାଇଙ୍କୁ ଚିହ୍ନଟ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ନଂ.୧୧୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଆଇଟିଆଇ ଛାତ୍ରଙ୍କ ସମେତ ୨ ଗିରଫ, ନଗଦ ୩.୮ ଲକ୍ଷ, ୪ ବିଦେଶୀ ମୁଦ୍ରା ଜବତ

## ତାଲାବନ୍ଦ ଘରୁ ଟଙ୍କା ଓ ସୁନା ଚୋରି ଘଟଣା

ବ୍ରହ୍ମପୁର, ୩।୧(ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅଞ୍ଚଳ ସାଇ ବିହାର କମିଟି ସହ ସମ୍ପାଦକ ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କ ତାଲାବନ୍ଦ ଘରୁ ୧୦ ଲକ୍ଷ ଟଙ୍କା ୩ ଭରି ସୁନା ଗହଣା ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଚୋରଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଷାଣୀନୂଆଗାଁର ଆଟିଆଇ ଛାତ୍ର କୁମାର ସନ୍ଦୀପ(୨୧), ଗେଟବଜାର ବିଲସାହିର ଦୀପୁନ ସାମଲ(୨୭)। ମାଷ୍ଟରମାଇଣ୍ଡ କୁହାଯାଉଥିବା ଏଚ.ରାମେୟା ଫେରାର ଅଛନ୍ତି। ପୋଲିସ ସିସିଟିଭି ଫୁଟେଜ ଜରିଆରେ ଦୀପୁନଙ୍କୁ ଧରି ଜେରା ପରେ ରାମେୟାଙ୍କ ନେତୃତ୍ୱରେ



ପୋଲିସ ହେପାଜତରେ ଗିରଫ ୨ ଅଭିଯୁକ୍ତ ।

ସେ ଓ ସନ୍ଦୀପ ଉକ୍ତ ଘରୁ ଚୋରି କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ପୋଲିସ ଦୀପୁନ ତାଙ୍କ ଘରେ ଲୁଚାଇ ରଖିଥିବା ୧ଲକ୍ଷ ୯ ହଜାର ଟଙ୍କା ଜବତ କରିଥିଲା। ପରେ ତାଙ୍କରି ବୟାନ ଆଧାରରେ କୁମାର ସନ୍ଦିପଙ୍କୁ କାବୁ କରି ସେ ତାଙ୍କ ଘରେ ଲୁଚାଇ ରଖିଥିବା ପ୍ରାୟ ଦୁଇ ଲକ୍ଷ ଟଙ୍କା ଏଭଳି ୩.୮ ଲକ୍ଷ ଟଙ୍କା ଜବତ କରିଥିଲା। ତଦନ୍ତ ବେଳେ ମାଷ୍ଟରମାଇଣ୍ଡ ରାମେୟା ସହରରେ ବିଭିନ୍ନ ଗ୍ୟାଙ୍ଗ କରି ରାତିରେ ତାଲାବନ୍ଦ ଘର ଟାର୍ଗେଟ କରୁଥିଲେ। ରାମେୟା ଫେରାର ଥିବା ବେଳେ ବଳକା ଟଙ୍କା ଓ ସୁନା ଗହଣା ତାଙ୍କ ପାଖରେ ଥିବା ପୋଲିସ ସନ୍ଦେହ କରୁଛି। ତାଙ୍କୁ ଧରିବା ପରେ ବଳକା ଟଙ୍କା ଓ ସୁନା ଅଳଙ୍କାର ଉଦ୍ଧାର କରାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ପୋଲିସ ଗିରଫ ଅଭିଯୁକ୍ତ ମାନଙ୍କ ନିକଟରୁ ୪ ବିଦେଶୀ ମୁଦ୍ରା ଜବତ କରିଛି। ସେଥି ମଧ୍ୟରେ ଘାନାର ଓ ଆମେରିକାର ଗୋଟାଏ ଲେଖାଏଁ ମୁଦ୍ରା ରହିଥିବା ବେଳେ ସାଉଦି ଆରବର ଦୁଇଟି ମୁଦ୍ରା ରହିଛି। ସେହିପରି ଘଟଣାରେ ବ୍ୟବହୃତ ସ୍କୁଟି ଓ ବାଇକ ଏବଂ ୨ ମୋବାଇଲ ପୋଲିସ ଜବତ କରିଛି। ମାମଲା ନଂ ୩୯୬/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୁଧାଂଶୁ ସାଇ ବିହାରରେ ପରିବାର ସହ ରହି ଏକ ସଂସ୍ଥାରେ କାମ କରୁଥିଲେ। ଗତ ମାସ ୨୪ ବୁଧବାର ସନ୍ଧ୍ୟାରେ ଘରର ତାଲା ପକାଇ ଜୟପୁର ଭଉଣୀଙ୍କ ଘରକୁ ଯାଇଥିଲେ। ଗୁରୁବାର ସକାଳେ ତାଙ୍କ ପଡୋଶୀ ଫୁଲ ତୋଳିବା ପାଇଁ ସେଠାକୁ ଯାଇଥିଲେ। ହେଲେ ଗ୍ରୀଲ ତାଲା ଭଙ୍ଗା ଯାଇଥିବା ଦେଖି ସୁଧାଂଶୁଙ୍କୁ ଫୋନ କରି ଜଣାଇଥିଲେ। ପରେ ତାଙ୍କ ଜ୍ୱାଇଁ ଅରୁଣ ପାଳ ପୋଲିସରେ ଅଭିଯୋଗ କରିଥିଲେ।

# ଦେଖାଦେଲା ବର୍ଷର ପ୍ରଥମ ସୁପରମୁନ୍

ଭୁବନେଶ୍ୱର,୩।୧
(ସୁଚିସ୍ମିତା ସାହୁ)



ପୌଷ ପୂର୍ଣ୍ଣମୀ ଶନବାର ଚଳିତବର୍ଷର ପ୍ରଥମ ସୁପରମୁନ୍ ଆକାଶରେ ଦୃଶ୍ୟମାନ ହୋଇଛି। ଓଡ଼ିଶାବାସୀ ଏହି ବିରଳ ଏବଂ ସୁନ୍ଦର ମହାଜାଗତିକ ଦୃଶ୍ୟ ଖାଲି ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି। ତେବେ ଅପରାହ୍ନ ୪ଟାରୁ ସୁପରମୁନ ଦୃଶ୍ୟମାନ ହୋଇଥିବାବେଳେ କୁହୁଡି ପାଇଁ ରାତିରେ ସେତେ ଉଜ୍ଜ୍ୱଳ ନ ଥିଲା। ଏହି ସମୟରେ ଚନ୍ଦ୍ର ପୃଥିବୀର ପ୍ରାୟ ୩ ଲକ୍ଷ ୬୨ ହଜାର କି.ମି. ନିକଟରେ ରହିଥିଲା।

ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି, ସୁପରମୁନ୍ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେନାହିଁ। ଏହା ସାଧାରଣ ଦିନର ପୂର୍ଣ୍ଣଚନ୍ଦ୍ରଠାରୁ ପ୍ରାୟ ୧୪% ବଡ ସହ ୩୦% ଉଜ୍ଜ୍ୱଳ ଦେଖାଯାଇଥାଏ। ଚଳିତବର୍ଷ ୩ଥର ସୁପରମୁନ ଦେଖିବାର ସୁଯୋଗ ମିଳିବ। ଦ୍ୱିତୀୟ ସୁପରମୁନ ନଭେମ୍ବର ୨୪ ଏବଂ ଶେଷ ସୁପରମୁନ ଡିସେମ୍ବର ୨୩ରେ ଦେଖିବାକୁ ମିଳିବ। 'ସୁପରମୁନ୍' ଶବ୍ଦଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ। ଧୀରେ ଧୀରେ ଏହା ଖୁବ୍ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି। ଚନ୍ଦ୍ର ପୃଥିବୀ ଚାରିପଟେ ପ୍ରାୟ ୨୭.୫ ଦିନରେ ଥରେ ଏକ ଅଣ୍ଡାକୃତି ପଥରେ ବୁଲିଥାଏ। ସବୁଠାରୁ ନିକଟରେ ଥିଲାବେଳେ ଚନ୍ଦ୍ର ଆମଠାରୁ ପ୍ରାୟ ୩.୫୬ ଲକ୍ଷ କିଲୋମିଟର ଦୂରରେ ରହିଥାଏ ଏବଂ ଧୀରେ ଧୀରେ ୪.୦୬ ଲକ୍ଷ କିଲୋମିଟର ଦୂରକୁ ଚାଲିଯାଇଥାଏ। ଜ୍ୟୋତିଷ ରିଚାର୍ଡ ନଲଙ୍କ ପରିଭାଷାରେ ଯଦି ଚନ୍ଦ୍ର ଆମଠାରୁ ୩.୬୩ ଲକ୍ଷ କିଲୋମିଟର ବା ତା'ଠାରୁ ନିକଟରେ ଥିବା ସମୟରେ ଏକ ପୂର୍ଣ୍ଣମୀ ପଡିଥାଏ ତା'ହେଲେ ସେହି ଚନ୍ଦ୍ରକୁ ସୁପରମୁନ କୁହାଯାଏ।

# ୧୫ ସଂସ୍ଥା ନିକଟରେ ୫ ହଜାର କୋଟିର ଜଳକର ବାକି

## ସରକାରଙ୍କ ନିର୍ଦ୍ଦେଶକୁ ଶୁଣୁନାହାନ୍ତି ଖିଲାପୀ ସଂସ୍ଥା

ଯାଜପୁର,୩।୧
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ଖଣି, ଶିଳ୍ପ କାରଖାନା ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୫ଟି ସଂସ୍ଥା ନିକଟରେ ୫,୭୯୩.୮୧୯ କୋଟି ଟଙ୍କା ଜଳକର ବାକି ପଡିଛି। ଏଥିରେ ଫୁଲିଝରୀ ଆର୍ଡେଣ୍ଟ ଷ୍ଟିଲ ଲିଃ ପାଖରେ ସର୍ବାଧିକ ୧୬୮୨.୬୪୬ କୋଟି ଟଙ୍କା, ଝାରସୁଗୁଡା ରେଲୱେ ନିକଟରେ ୧୧୮୪.୭୬୮ କୋଟି ଟଙ୍କା, ଯୋଡ଼ା ଟାଟା ଷ୍ଟିଲ ମାଇନ୍ସ ନିକଟରେ ୮୮୯.୧୨୯ କୋଟି ଟଙ୍କା ପ୍ରଭୃତି ବାକି ରହିଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ପୁଣି ଥରେ ଆବଶ୍ୟକ ତଦନ୍ତ କରି ସବିଶେଷ ରିପୋର୍ଟ ଦାଖଲ କରିବାକୁ ଶନିବାର ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍(ଇଆଇସି) ପ୍ଲାନିଂ ଆଣ୍ଡ୍ ଡିଜାଇନଙ୍କୁ ଅନୁରୋଧ କରାଯାଇଛି। ପୂର୍ବରୁ ଏହି ମର୍ମରେ ମୁଖ୍ୟ ଶାସନ ସଚିବ ୨୪।୬।୨୦୨୫ରେ ଜଳ ସମ୍ପଦ ବିଭାଗକୁ ପତ୍ର ଲେଖିଥିଲେ ହେଁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାବାଦ ଉକ୍ତ ଜଳକର ବାବଦକୁ ଏକାକାଳୀନ ସମାଧାନ (ଓଟିଏସ୍) କରିବାକୁ ୨୦।୩।୨୦୨୫ରେ ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। ଗତ ମେ ମାସ ୩୧ ତାରିଖ ସୁଦ୍ଧା ଏକକାଳୀନ ସମାଧାନ କରିବାକୁ ଜଳ ସମ୍ପଦ ବିଭାଗର ଇଆଇସିଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ତାହା ବି କାର୍ଯ୍ୟକାରୀ ହୋଇ ନ ଥିବାରୁ ଜଳ ସମ୍ପଦ ବିଭାଗ ପକ୍ଷରୁ ପୁଣି ଥରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ରାଜ୍ୟର ବିଭିନ୍ନ ନଦୀନାଳରୁ ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ମାଧ୍ୟମରେ ଶିଳ୍ପ ଓ ଖଣି ସଂସ୍ଥାଗୁଡ଼ିକ ପରିଚାଳନା ପାଇଁ ବହୁ କ୍ୟୁସେକ ପାଣି ଉତ୍ତୋଳନ କରୁଛନ୍ତି। ଏପରିକି ସ୍ଲରି ପାଇପ୍ ଲାଇନ୍ ଜରିଆରେ ଖଣିଜ ପଦାର୍ଥ ପରିବହନ ପାଇଁ ପାଣି ବ୍ୟବହାର କରାଯାଉଛି। ବ୍ରାହ୍ମଣୀ ନଦୀ ପାଣିରେ ଇଡ୍‌କୋ ଗତ ପ୍ରାୟ ୨୫ ବର୍ଷ ହେଲା ବ୍ୟବସାୟ ଚଳାଇ ଆସୁଛି। ଇଡ୍‌କୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ବ୍ରାହ୍ମଣୀରୁ ପାଣି ନେଇ କଳିଙ୍ଗନଗରର ଶିଳ୍ପସଂସ୍ଥାଗୁଡ଼ିକଠାରୁ ମାସିକ ଭାବେ ଜଳକର ଆଦାୟ କରୁଛି। କିନ୍ତୁ କେଉଁ ପରିସ୍ଥିତିରେ ସରକାରଙ୍କୁ ଜଳକର ଦେବାରେ ଇଡ୍‌କୋ ଏବଂ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପଛଘୁଞ୍ଚା ଦେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ କେଉଁ ଅନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛନ୍ତି, ତା'ର ହିସାବ ରଖିବାକୁ ଜଳ ମାପକ ଯନ୍ତ୍ର ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍(ଆଇଓଟି) ଫ୍ଲୋ ମିଟର ବ୍ୟବହାର କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଛି। କିନ୍ତୁ ଗତ ନଭେମ୍ବର ସୁଦ୍ଧା ୬୮ଟିରୁ ମାତ୍ର ୩୩ଟି କମ୍ପାନୀ ଆଇଓଟି ଯନ୍ତ୍ର ସ୍ଥାପନ କରିଥିବାବେଳେ ସେଥିରୁ ମାତ୍ର ୧୫ଟି କମ୍ପାନୀର ଆଇଓଟି ଯନ୍ତ୍ର କାର୍ଯ୍ୟକ୍ଷମ ହୋଇପାରିଛି। ଏନେଇ ବିଭାଗ ପକ୍ଷରୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଉଥିଲେ ହେଁ କେହି ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଖୁବ୍‌ଶୀଘ୍ର ଆଇଓଟି ଯନ୍ତ୍ର ଲଗାଇବା ନିମନ୍ତେ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ଜଳସେଚନ ଡିଭିଜନର ନିର୍ବାହୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ୧୫।୧୧।୨୦୨୫ରେ ନିର୍ଦ୍ଦେଶ ହୋଇଥିଲା। ଏହି ଯନ୍ତ୍ରରେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତାହାର ହିସାବ ଇଣ୍ଟରନେଟ ମାଧ୍ୟମରେ ସୂଚନା ଦେବ।



ମହୋଦଧି ଆଳତିର ବାର୍ଷିକୋତ୍ସବରେ ପୁରୀ ବେଳାଭୂମିଠାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ସମବେତ ସାଧୁସନ୍ନ୍ୟାସୀମାନେ ମହୋଦଧି ଆଳତି କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ୧୨ରେ ସମସ୍ତ ଶିକ୍ଷାନୁଷ୍ଠାନରେ 'ବନ୍ଦେ ମାତରମ୍' ସାମୂହିକ ଗାନ

ଭୁବନେଶ୍ୱର,୩।୧
(ସୌମ୍ୟରଞ୍ଜନ ରାଉତ)

ଭାରତର ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ଜାନୁଆରୀ ୧୨ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସରେ ଛାତ୍ରୀଛାତ୍ରମାନେ ସାମୂହିକ 'ବନ୍ଦେ ମାତରମ୍' ଗାନ କରିବେ। ଏଥିସହ 'ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ' ପାଠ କରାଯିବ। ଏନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ରାଜ୍ୟବ୍ୟାପୀ ବନ୍ଦେ ମାତରମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ରାଜ୍ୟର ସମସ୍ତ ଜିଲାକୁ ୫ଟି ମଣ୍ଡଳରେ ବିଭକ୍ତ କରାଯାଇ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ମଣ୍ଡଳ ସ୍ତରରେ ପ୍ରଶିକ୍ଷଣ ପ୍ରାପ୍ତ ପ୍ରଶିକ୍ଷାର୍ଥୀମାନେ ବ୍ଲକ, ମହାନଗର ନିଗମ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ହେବାକୁ ଥିବା ପରିଷଦ ସ୍ତରୀୟ ବନ୍ଦେ ମାତରମ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇ ଆସିଥିବା ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାନୁଆରୀ ୧୦ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱର, ବ୍ରହ୍ମପୁର ମହାନଗରରେ ମିଶିବ ୬୦ ଗାଁ

- ପ୍ରକାଶ ପାଇଲା ତାଲିକା
- ଲୋକଙ୍କ ସମ୍ମତି ପରେ ସମ୍ପ୍ରସାରଣ ପ୍ରକ୍ରିୟା ଆଗକୁ ବଢ଼ିବ: ମନ୍ତ୍ରୀ

ଭୁବନେଶ୍ୱର, ୩।୧
(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)ର ପରିସୀମା ବୃଦ୍ଧି ପାଇବ। ଭୁବନେଶ୍ୱର ମହାନଗରରେ ୭ଟି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୨୬ଟି ରାଜସ୍ୱ ଗ୍ରାମ ଓ ବ୍ରହ୍ମପୁର ମହାନଗରରେ ୧୨ଟି ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ୩୪ଟି ରାଜସ୍ୱ ଗ୍ରାମ ମିଶିବ। ଏନେଇ ଶନିବାର ଖାରବେଳ ଭବନଠାରେ ଅନୁଷ୍ଠିତ ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉଭୟ ମହାନଗର ନିଗମର ସମ୍ପ୍ରସାରଣ ନିମନ୍ତେ ମିଶ୍ରଣ କରାଯାଇଥିବା ଗ୍ରାମଗୁଡିକର ତାଲିକା ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି, ପ୍ରସ୍ତାବିତ ସମ୍ପ୍ରସାରଣ ନିମନ୍ତେ ସମ୍ପୃକ୍ତ ଗ୍ରାମର ବାସିନ୍ଦାଙ୍କଠାରୁ ମତାମତ ଲୋଡ଼ାଯାଇଛି। ସେମାନଙ୍କ ସମ୍ମତି ପାଇବା ପରେ ସମ୍ପ୍ରସାରଣ ପ୍ରକ୍ରିୟା ଆଗକୁ ବଢ଼ିବ। ଚଳିତ ବର୍ଷ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ସରକାର ଡିସେମ୍ବର ୩୧ ପୂର୍ବରୁ ନୂତନ ଏନ୍‌ଏସି, ପୌରପାଳିକା ଏବଂ ନଗର ନିଗମ ଘୋଷଣା କରିଛନ୍ତି। ସହରାଞ୍ଚଳ ପୁନର୍ଗଠନ ଏକ ନିରନ୍ତର ପ୍ରକ୍ରିୟା ହୋଇଥିବାରୁ ସରକାର ଆଗାମୀ ଦିନରେ ଉପୁଜିଥିବା ସମସ୍ତ ଯଥାର୍ଥ ଏବଂ ପ୍ରାସଙ୍ଗିକ ଦାବି ଉପରେ ବିଚାର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଘୋଷଣା କରାଯାଇଥିବା ତାଲିକା ଅନୁସାରେ, ଭୁବନେଶ୍ୱର ବ୍ଲକ୍‌ର ସିଜୁଆ, ସିଜିପୁଟ, ନାରଗୋଡା, ସହଜପୁର, ତମାଣ୍ଡୋ, ବିଜିପୁର, ଦାସବାଟିଆ, ବାଲିଆପଡା, କାଶିପୁର, ବେଗୁନିଆବରହି, ବଡ଼ଧାନପୁର, ଶିଶୁପାଳଗଡ଼, ମହାଭୋଇଶାସନ, ଜଗନ୍ନାଥପ୍ରସାଦ, ଅନ୍ଧାରୁଆ, ଦାସପୁର, ଚୁନୁକୋଳି, ଗୋଡ଼ିବାରି, ଦୁର୍ଗାପୁରପାଟଣା, ବାସୁଆଘାଇ, କେଶୁରା, କୋରଡ଼କଣ୍ଟା, ବାଙ୍କୁଆଳ, ରଘୁନାଥପୁର, ଲିଙ୍ଗିପୁର ଓ ବାଲିଅନ୍ତା ବ୍ଲକ୍‌ର ଅଣ୍ଡିଲୋ ଗ୍ରାମକୁ ବିଏମ୍‌ସିରେ ମିଶ୍ରଣ ପାଇଁ ଚୟନ କରାଯାଇଛି। ସେହିପରି ବ୍ରହ୍ମପୁର କୁକୁଡାଖଣ୍ଡି ବ୍ଲକ୍‌ର ମହୁଘରହିଲ, ପାଦ୍ରିପଲ୍ଲୀ, ରେଇଝୋଳ, ଆଙ୍କୁଶପୁର, ରତ୍ନପୁର, ଦକ୍ଷିଣପୁର, ଆମ୍ବଗଡ଼, ଗୁଣ୍ଡବନ୍ଧ, ଅନନ୍ତାଇ, ଲଙ୍ଗଳଡାଇ, ସିରିଆପୁର, ଚନ୍ଦନିଆପାହାଡ଼, ସୁକୁଣ୍ଡା, ଲାଠୀ, ବେଣ୍ଡଲିଆ, ଜଗଦଳପୁର, ନିମଖଣ୍ଡ, ଲୋଚାପଡା ଏବଂ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ଡୁରା, ପଥରା, ରାମଚନ୍ଦ୍ରପୁର, ଅରୁଆପଲ୍ଲୀ, ବ୍ରହ୍ମପଲ୍ଲୀ, ଗଉଞ୍ଜୁ, ମିଶ୍ରପଲ୍ଲୀ, ବୁରୁକୁଡି, ଫୁଲଟା, ସାନଖଜୁରିଆ, ଝଡନକୂଳି, ସାତକୁଟୁଣୀ, ଭାବିନୀପୁର, ହଳଦିଆପଦର, ବଡଗୁମୁଳା ଓ ପଲ୍ଲୀଗୁମୁଳା ଗ୍ରାମକୁ ବିଇଏମ୍‌ସିରେ ମିଶ୍ରଣ କରିବା ନେଇ ତାଲିକାଭୁକ୍ତ କରାଯାଇଛି।

# ଭୋଜିକୁ ଯାଇ ଯୁବକଙ୍କ ମୃତ୍ୟୁ

## ଜଙ୍ଗଲରେ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଜୀବନ ଯାଇଥିବା ସନ୍ଦେହ

ମହାକାଳପଡ଼ା,୩।୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ନିତାଇ ମାନ୍ନା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ପୂର୍ବ ସୁନିତି ବୋବାଙ୍ଗଡିହ ଗ୍ରାମ ସଂଲଗ୍ନ ଲୁଣା ହେନ୍ତାଳ ଜଙ୍ଗଲ ନିକଟକୁ ଶୁକ୍ରବାର ରାତିରେ ଭୋଜି କରିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିତାଇ ମାନ୍ନା(୩୫)। ଏ ନେଇ ନିତାଇଙ୍କ ସ୍ତ୍ରୀ ଯମୁନା ମାନ୍ନା ତନ୍ତିଆପାଳ ସାମୁଦ୍ରିକ ଥାନାରେ ଶନିବାର ସ୍ୱାମୀଙ୍କ ମୃତ୍ୟୁକୁ ନେଇ ଲିଖିତ ଅଭିଯୋଗ କରିଛନ୍ତି। ନଂ. ୮/୨୬ରେ ମାମଲା ରୁଜୁ ହୋଇଛି। ଯମୁନା ଅଭିଯୋଗରେ ଦର୍ଶାଇଛନ୍ତି, ମୋ ସ୍ୱାମୀ ବୁଦ୍ଧଦେବ ଗିରିଙ୍କ ମାଛଧରା ବୋଟରେ କାମ କରୁଥିଲେ। ନୂଆବର୍ଷ ଲାଗି ଶୁକ୍ରବାର ଜଙ୍ଗଲ ସଂଲଗ୍ନ ଏକ କୁଡ଼ିଆ ଘରେ ଭୋଜିର ଆୟୋଜନ କରାଯାଇଥିଲା। ମୋ ପୁଅ ଏବଂ ସ୍ୱାମୀ ଭୋଜି ଖାଇବାକୁ ଯାଇଥିଲେ। ପୁଅ ରାତିରେ ଏକା ଘରକୁ ଫେରି ଆସିଥିବା ବେଳେ ତାଙ୍କ ବାପା ନ ଫେରିବାରୁ ମୁଁ ବୁଦ୍ଧଦେବଙ୍କୁ ଫୋନରେ ସ୍ୱାମୀଙ୍କ ସମ୍ପର୍କରେ ପଚାରିଥିଲି। ଭୋଜିଖାଇ ସେ ପରେ ଯିବେ ବୋଲି ବୁଦ୍ଧଦେବ କହିଥିଲେ। କିନ୍ତୁ ସେ ରାତିରେ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ଖୋଜାଖୋଜି କରିବାରୁ ତାଙ୍କ ମୃତଦେହ ଜଙ୍ଗଲରୁ ଉଦ୍ଧାର କରାଯାଇଥିଲା। ସୂଚନାଯୋଗ୍ୟ, ଭୋଜି ହେଉଥିବା ସ୍ଥାନଟି ବୋବାଙ୍ଗଡିହ ଗ୍ରାମ ସଂଲଗ୍ନ ଲୁଣା ହେନ୍ତାଳ ଜଙ୍ଗଲକୁ ଲାଗିଛି। ସେଠାରୁ ଭୋଜି ଖାଇ ନିତାଇ ରାତିରେ ଘରକୁ ଫେରୁଥିବା ବେଳେ ପୂର୍ବରୁ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ମୃତଦେହ ପଡ଼ିଥିବା ସ୍ଥାନରେ ଏକ ବାଇଣ୍ଡିଂ ତାର ବାଡ଼ିରେ ବନ୍ଧାଯାଇ ବିଛା ଯାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଜନ୍ତୁ ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


## OFFICE OF THE EXECUTIVE ENGINEER (AGRIL.), KORAPUT DIVISION, JEYPORE

Email Id- eeagril.koraput@gmail.com

No.2467/Agril Date:30.12.2025

**INVITATIONS FOR BIDS THROUGH e-Procurement**

Bid Identifications No./e-Procurement Notice No.-EE (Agril), Koraput Division, Jeypore-05/2025-26

**No.L-155:** Tenders through e-procurement are invited from reputed Manufacturers/MSME units in single bid system for procurement, supply & installation of different machineries and equipments to the Seed Processing Plant Capacity 1 TPH based on paddy at Govt. Agril. Farm, Umerkote in Nabarangpur District as per the following table.

| | | |
|---|---|---|
| 1. | Name of the Work | Construction of 1 TPH Seed Processing Plant at Govt. Agriculture Farm, Umerkote, Dist. Nabarangpur |
| 2. | Tender Value | Rs.32,03,390/- |
| 3. | Class/ Eligibility | Manufacturer |
| 4. | Bid documents will be available in website | 07.01.2026 at 10.00 AM to 15.01.2026 upto 5.30 P.M. |
| 5. | Original bid documents submission | 07.01.2026 at 10.00 AM to 19.01.2026 upto 5.30 P.M. |
| 6. | Bid Opening Date | Dt.20.01.2026 at 11.00 AM |

The bidders have to participate in ONLINE bidding only. Further details and other terms and conditions can be seen from DTCN in the e-Procurement website **www.tendersorissa.gov.in.**

Sd./- (Er. Satyanarayan Dash)
OIPR-01472/11/0010/2526 EE(Agril), Koraput Division, Jeypore

## OFFICE OF THE REGISTRAR, VIKRAMDEV UNIVERSITY
## NH-26, JEYPORE, DIST: KORAPUT,ODISHA, PIN-764001

www.vikramdevuniversity.ac.in

No. 3288 /VDU/2025 Date 31.12.2025

**ADVERTISEMENT FOR WALK IN INTERVIEW FOR TEMPORARY ENGAGEMENT OF RETIRED ASSISTANT PROFESSORS/ GUEST FACULTIES**

**No.CAD-2901** : A Walk-in-interview will be held as per the following schedule for temporary engagement of **Retired Assistant Professors/ Guest Faculties against the sanctioned posts of Assistant Professors** on honorarium basis in various departments of the Vikram Dev University, Jeypore till filling up of the regular posts. Interested candidates having minimum eligibility should attend the interview with their original certificates and mark sheets of all examinations from H.S.C onwards. The candidates must submit filled in Bio-data in the enclosed proforma with all relevant documents in original and self attested photocopies before the board failing which the applicant will not be allowed to appear the interview. No TA/DA will be paid for attending the interview. For more details the candidate are requested to visit University website: **http://vikramdevuniversity.ac.in**.

The engagement shall be made in accordance with the guidelines issued by the Government of Odisha in the Higher Education Department vide No. HE-UE- POLICY-0020-2023: 4477 /HE and HE- UE-POLICY-0020-2023: 4478/HE dt. 01/02/2024 and UGC, New Delhi.

The applicants are required to attend the office of the VICE-CHANCELLOR, VIKRAM DEV UNIVERSITY, JEYPORE as per the schedule below.

SCHEDULE

| DATE | SUBJECT | TIME | SUBJECT | TIME |
|---|---|---|---|---|
| 07.01.2026 (Thursday) | Sociology & Economics | 10:00 AM Onwards | Odia & English | 02:00 PM Onwards |
| 08.01.2026 (Friday) | Commerce & Sociology | 10:00 AM Onwards | Philosophy & History | 02:00 PM Onwards |
| 09.01.2026 (Monday) | Mathematics & Statistics | 10:00 AM Onwards | Chemistry & Physics | 02:00 PM Onwards |
| 10.01.2026 (Tuesday) | Zoology & Botany | 10:00 AM Onwards | Education & Anthropology | 02:00 PM Onwards |
| 12.01.2026 (Thursday) | Geography | 10:00 AM Onwards | | |

OIPR-11133/11/0017/2526 Sd./- Registrar, Vikramdev University, Jeypore

## NOTIFIED AREA COUNCIL, KHALLIKOTE, GANJAM

E-Mail: nackhallikote@gmail.com, Pin No. - 761030, Tele : 06810 256333(O)

Letter No.2277 Date : 31.12.2025

**QUOTATION CALL NOTICE**

**No.C-1951** : The NAC Khallikote invites quotations for collection of Daily market collection fees for the period of 10.01.2026 to 09.01.2027 from the interested firms / person / NGO / subject to fulfillment of the terms and conditions. The quotation call paper / tender schedule paper for collecting Daily Market Fees details of documents required with terms and conditions shall be available in the office of the undersigned during office hours on working days from 01.01.2026 to 07.01.2026. The lease schedule should be provide on payment as mentioned below. The last date of submission of tender schedule is dated 08.01.2026 Up to 12.30 P.M. The lease document will be opened 08.01.2026 at 02.30P.M. All the lease shall quote their rate inclusive of all taxes etc. complete in the lease schedule and submit the same in the sealed cover within the stipulated date and time. Postal delay beyond the date and time shall not be considerable. The lease should submit the documents along with 50% of the quoted price in shape of DD with 1% as EMD, which is refundable in favour of Executive Officer, NAC, Khallikote payable at Khallikote. After selection the highest bidder should have to pay rest 50% of the total bid amount within 01 months of opening of lease failing which the next lower bidder shall be given preference. The Authority reserves all the right to accept or cancel any or all quotation without assigning any reason thereof.

| Sl. No. | Name of the quotation | Offset Price | Paper Cost |
|---|---|---|---|
| 1 | Daily Market Fees | Rs.49,500/- | Rs.1,000/- |

Sd./- Executive Officer, NAC, Khalikote
OIPR-13110/11/0012/2526

**TENDER CALL NOTICE FOR SUPPLY OF MAHAPRAYAN VEHICLE / DEAD-BODY CARRIER TO BHIMA BHOI MEDICAL COLLEGE AND HOSPITAL, BALANGIR-767002**

**No.E-648 :** Sealed Tender is invited from Organization/Firms/Agencies/ for Short tender call notice for supply of Mahaprayan vehicle / Dead-body carrier to Bhima Bhoi Medical College and Hospital, Balangir -767002. The Tender paper completed in all respect should be submitted separately for the service to the undersigned on or before Dt:27.01.2026 up to 5.00 PM in the Office of the Superintendent, BBMCH, Balangir. The details and terms and conditions can be Downloaded from https://bbmchbalangir.odisha.gov.in, http://balangir.odisha.gov.in & https://dmetodisha.gov.in.

Sd./- Superintendent
Bhima Bhoi Medical College & Hospital, Balangir
OIPR-10141/11/0054/2526

## OFFICE OF THE PANCHAYAT SAMITI, KALYANSINGHPUR

DIST-RAYAGADA, PIN CODE-765016, ODISHA, Email ID: ori-kalyansinghpur@nic.in

**INVITATION FOR BIDS (I.F.B)**
e-Procurement Notice
IDENTIFICATION No.PS-KAL No.02 of 2025-26

Tender Notification No.3605 Dated 29.12.2025

**No.i-448:** The Block Development Officer, Kalyansinghpur, Rayagada invites Percentage Rate bid in Single Cover System in ONLINE MODE for the construction of Gram Panchayat Level Federation (GPLF) Building work (Civil) as detailed in the Detailed Tender Call Notice (D.T.C.N.) from the eligible class of contractors.
1) No. of Works: 02 (Two) No., 2) Estimated Cost: Rs.24.02 lakhs to Rs.24.17 lakhs., 3) Cost of Tender Paper: Rs.6000/- (Rupees Six Thousand) only for each work. 4) Class of Contractor: "D & C" Class. 5) Date of Time of available in website & receipt online: 11.00 Hrs. of 02.01.2026 to 17.00 Hrs. of 16.01.2026. 6) Date of Opening of Tecnical Bid: 11.30 Hrs. of 17.01.2026.
The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in. Any Corrigendum/ Addendum will be displayed in the website https://tendersodisha.gov.in only.

OIPR-19432/11/0005/2526 Sd./- Block Development Officer, Kalyansinghpur

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା ୨୮୮ **ବିଜ୍ଞାପନ** ତା.୨୪.୧୨.୨୦୨୫

**No.CAD-2887**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସେଲ୍ଫ ଫାଇନାନସିଙ୍ଗ ଏଚ୍.ଆଇ.ଜି. ଡୁପ୍ଲେକ୍ସ ଗୃହ ନିର୍ମାଣ ପ୍ରକଳ୍ପ ବରମୁଣ୍ଡା ଭୁବନେଶ୍ୱରରେ ଘର ନଂ.- ଏଚ୍.ଆଇ.ଜି (ଡି)-ସି-୧୦୧ (HIG)(D)-C-101) ଟିକୁ ଶ୍ରୀ ଅରୋବିନ୍ଦ ସାମନ୍ତରାୟ, ପିତା-ଡା. ଦେବେନ୍ଦ୍ର କୁମାର ସାମନ୍ତରାୟ, ସା-ବସନ୍ତମାଳ, ପୋ/ଥା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଅରୋବିନ୍ଦ ସାମନ୍ତରାୟ ଉକ୍ତ ଘରଟିକୁ ଦାନସୂତ୍ର ଆଧାରରେ ଶ୍ରୀ ଦିଗ୍‌ଦର୍ଶକ ସାମନ୍ତରାୟ, ପିତା-ଅନିରୁଦ୍ଧ ସାମନ୍ତରାୟ, ସା-ବସନ୍ତମାଳ, ପୋ/ଥା-ବାଲିପାଟଣା, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/1064/2526

## OFFICE OF THE NOTIFIED AREA COUNCIL KASHINAGAR, GAJAPATI

Ph. & Fax No.06815-284215, e-Mail: kasinagarn.hud@nic.in

Notice No.05/NAC Date:02.01.2026

**e-Procurement Notice**
**BID REFERENCE NO: KNGR/NAC/04/2025-26**

No.C-1967:Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. No. of Works : 12 Nos. (Civil)
2. Bid Value : Rs.2,10,189/- to Rs.15,74,694/-
3. Date and Time of availability of the documents in portal : 03.01.2026 from 10.00 AM to 16.01.2026 upto 5.00 PM.
4. Bids received online shall be opened on : 20.01.2026 at 11.00 A.M.

Sd./- Executive Officer
OIPR-13116/11/0018/2526 N.A.C. Kashinagar, Gajapati

No.CAD-2900

## OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

idco Your power to grow | ODISHA NEW OPPORTUNITIES

Tender Call Notice No- BBSR/ELECT-II/E-367/25-26/3127 Dt 29.12.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work:** Supply, Delivery, Testing & Commissioning of 500 KVA Silent type DG sets for Old age home at Sartaguda, Phulbani, Kandhamala.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/e-34/25-26 | 05.01.2026 at 12.00 Hrs. | 13.01.2026 at 16.00 Hrs. |

Further details can be seen from the e-Procurement Portal, **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

Sd./-Divisional Head (Elect-II)
OIPR-14003/11/0280/2526 IDCO, Bhubaneswar

## GOVERNMENT OF ODISHA
## OFFICE OF THE SUPERINTENDING ENGINEER PHULBANI (R&B) DIVISION, PHULBANI

e-mail:eeplbrb@gmail.com

**CORRIGENDUM NOTICE No.-I**
**Bid Identification No.SE-R&B-PLB-10-2025-26**

No.B-924: The following corrections are hereby made to the Invitation for Bids (IFB) regarding the Bid Identification Number cited above:
1. **Estimated Cost: To be read as Rs.47.23 Lakh in place of Rs.42.87 Lakh**
2. **Availability of Bid Documents: To be read as from Dt.05.01.2026, 10.00 A.M. to Dt.20.01.2026, 5.00 P.M. in Place of Existing schedule.**
3. **Last date of receipt of bids: To be read as Dt.21.01.2026 upto 5.00 P.M. in place of Dt.15.01.2026.**

**Note:**All other terms and conditions of the original Bid Identification No.SE-R&B-PLB-10-2025-26 remain unchanged. Further details can be seen from the website www.tendersodisha.gov.in.

Sd./- Superintending Engineer
Phulbani (R&B) Division
OIPR-34066/11/0007/2526

## OFFICE OF THE CDM & PHO-CUM-DMD, KHORDHA

District Programme Management Unit, National Health Mission

Advt. No.20724 **Corrigendum** Dated:30.12.25

**No.E-644:** In pursuance to the Advertisement No.19151 date 02.12.2025 and Corrigendum Notice No.20336, dt.22.12.2025 published in the daily Odia Newspaper "Samaj" and "Dharitri" on dt.03.12.2025 and dt.24.12.2025 for "Supply of Food Catering Services Under NHM, Khordha" that the Last date of Submission of Tender are hereby extended upto 09.01.2026 by 2.30 PM. The tender will be opened on 09.01.2026 3.30 PM in the Office of the Undersigned. The term and conditions are remain unchanged and same vide above mentioned advertisement.

OIPR-10029/11/0024/2526 Sd./- CDM & PHO, Khordha

## OFFICE OF THE MUNICIPAL COUNCIL, DHENKANAL

Dhenkanal (Odisha), Pin-759001
Tel. No.06762-224401(O), FAX No.06762-223355
E-mail : dhenkanalm.hud@gmail.com

No.4789 Date : 30.12.2025

**Quotation Call notice**

**No.C-1958** : Sealed quotations in the prescribed quotation paper are invited from the registered firm **for "Supplying, fitting and Fixing of Open-Air Gym Equipment and Child play Equipment's with Outdoor Matting (including AMC for three years)"**, The Rate should be quoted inclusive of all taxes, cost conveyance and fixing.

1- The Cost of each Quotation Paper :- Rs. 10,000.00 (Non-Refundable)
2- Start Date of Sale of Quotation paper: - 02.01.2026
3- Last Date of Sale of Quotation paper: - 12.01.2026
4- Last Date of Receipt of Quotation paper :- 12.01.2026 at 5.30 PM
5- Date of Opening of Sealed Quotation :- 13.01.2026 at 11.00 AM

The Quotation will be opened in the presence of the quotationers or their authorized agents. The quotationers should deposit EMD @1% of the total quoted price in shape of Bank Draft/Bankers Cheque drawn **in favour of Executive Officer, Dhenkanal Municipality**. The quotation with enclosures will be received only through Speed Post/ Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the office of Dhenkanal Municipality during the office hours (except holidays) till dt 12.01.2026 (up to 12.30 PM) and can be downloaded from the Dhenkanal website i.e. dhenkanalmunicipality.com.

The authorized reserves the right to reject any or all the quotations without assigning any reason thereof.

Sd./- Executive Officer
OIPR-13146/11/0057/2526 Dhenkanal Municipality

## ODISHA HYDRO POWER CORPORATION LTD.
(A Government of Odisha Undertaking)
## OFFICE OF THE SENIOR GENERAL MANAGER (ELECTRICAL),

Regd.Office: UPPER KOLAB HYDRO ELECTRIC PROJECT BARINIPUT, JEYPORE, KORAPUT, ODISHA, 764006
E-mail: sgmel.ukhep@gmail.com, CIN: U40101OR1995SGC003963

**TENDER CALL NOTICE NO:43/2025-26, Dated 30.12.2025**

**No.CAD-2895:** Sealed Tenders are invited in two part i.e. (i) Techno-Commercial bid and (ii) Price bid in separate sealed envelopes from the Manufacturer/Authorized Dealers/ Reputed supplier/ Channel Partner for supply of the following materials to Upper Kolab Hydro Electric Project, Bariniput.

| Sl. No. | Name of the Work | Cost of Tender Paper (Non-refundable) in Rs. | EMD (Rs.) (Refundable) |
|---|---|---|---|
| 1 | Supply of Printer Cartridges to UKHEP, Bariniput | Rs.2360 (Rs.2000/-+ GST @ 18% | Rs.2900/- in shape of DD/BC (Refundable) |

The sale of Tender Paper will be form : **05.01.2026, 10.00 Hrs. to 17.01 2026 12.00 Hrs.**
The Last date & time of receipt of tender: **17.01.2026, 12.00 Hrs.**
The date and time of opening of tender : **17.01.2026, 12.30 Hrs.**
For details of tender documents, Terms & Conditions and Corrigendum please visit our website www.ohpcltd.com.

Sd./- C&P Head, Upper Kolab HEP,
OIPR-04002/11/0138/2526 OHPC Limited, Bariniput

## OFFICE OF THE ROURKELA MUNICIPAL CORPORATION

Uditnagar, Rourkela, Sundargarh, Pin-769012 Tele.-0661-2500388,
e-mail ID: rourkelamunicipality@gmail.com

No.14 Date : 02.01.2026

**TENDER CALL NOTICE**

**No.C-1969** : Sealed Tenders are invited from intending Supplier/ Firm/ Agency/ Stockiest for Supply of Sanitary Items to Rourkela Municipal Corporation. The rates will be valid for one year and may be extended for another one year depending upon satisfactory performance of the bidder. Procurement will be made in phased manner during the year from time to time as per the requirement. The details of the tender papers/Technical specifications along with term and conditions etc. may be seen from the Website of Rourkela Municipal Corporation i.e. www.rmc.nic.in.
The tender papers to be sent through Speed Post/Registered post/Courier or may be deposited in Tender Box in the Address of **Municipal Commissioner, Rourkela Municipal Corporation, Udit Nagar, Rourkela, Pin-769012**, so that it shall be received by this office on or before 1.00 PM on 15/01/2026. THE TENDERS RECEIVED BEYOND THE PRESCRIBED TIME AND DATE SHALL BE SUMMARILY REJECTED. The tender will be opened in RMC on the same day at__PM in presence of the bidder or their authorized representatives who ever is present. The undersigned reserves the right to accept or reject any of quotations or negotiate with more than one agency without assigning any reason thereof.

Sd./- Commissioner
OIPR-13131/11/0196/2526 Rourkela Municipal Corporation

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ...........................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲୋକଙ୍କ ଘରେ ସ୍ମାର୍ଟମିଟର ଲଗାଇବେ ରାଜ୍ୟ ସରକାର

■ଶକ୍ତି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି

■କାର୍ଯ୍ୟକାରିତା ଓ ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଲା

ଭୁବନେଶ୍ୱର,୩।୧ (ଅନୁରାଧା ମହାରଣା)





ଲୋକଙ୍କ ଘରେ ରାଜ୍ୟ ସରକାର ସ୍ମାର୍ଟ ମିଟର ଲଗାଇବେ। ଏନେଇ ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ରାଜ୍ୟ ସରକାର ୭୩୫କୋଟି ଟଙ୍କାର ଏକକାଳୀନ ଅନୁଦାନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଇ କିଲୋୱାଟ ପର୍ଯ୍ୟନ୍ତ ଥିବା ୮ଲକ୍ଷ ୭୫ହଜାର ମିଟରକୁ ବଦଳାଇ ସ୍ମାର୍ଟ ମିଟର ଲଗାଯିବ। ଏହି ବାବଦକୁ ୩୪୦କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ୨ଲକ୍ଷ ୭୮ହଜାର ୧୦୦ ଉପଭୋକ୍ତା ନୂଆ ସଂଯୋଗରେ ସ୍ମାର୍ଟ ମିଟର ଲଗାଇବା ପାଇଁ ୮୮କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୫ ମାର୍ଚ୍ଚ ପୂର୍ବରୁ ସ୍ମାର୍ଟ ମିଟର ଲଗାଇ ସାରିଥିବା ଉପଭୋକ୍ତାଙ୍କୁ ମିଟର ଭଡ଼ା ବାବଦକୁ ୩୦୭ କୋଟି ଟଙ୍କା ବହନ କରିବେ ସରକାର। ଏହି ସ୍ମାର୍ଟ ମିଟର ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଅଧୀନରେ ରହିବ। ତେବେ ଏହାର କାର୍ଯ୍ୟକାରିତା ଓ ସ୍ୱଚ୍ଛତାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଆରମ୍ଭ ହୋଇଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ବିଦ୍ୟୁତ ଉପଭୋକ୍ତାଙ୍କ ଗୃହରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିବାପରେ ଶକ୍ତିବିଭାଗ ତଦନୁଯାଇ ଏକ ରିଜୋଲ୍ୟୁଶନ ଜାରି କରିଛନ୍ତି। ତେବେ ଆମେ ପୂର୍ବରୁ ଯେଉଁ ୩ ଦିଗ ଉପରେ ଆଶଙ୍କା କରି ପ୍ରସ୍ତାବ ଦେଇଥିଲୁ ତାହାକୁ ଅପରିବର୍ତ୍ତିତ ରଖିଛୁ। ସ୍ମାର୍ଟ ମିଟର ସ୍ଥାପନ ପାଇଁ ଅନ୍ୟ ସମସ୍ତ ରାଜ୍ୟ ନିଜ ରାଜକୋଷରୁ ଅର୍ଥ ଖର୍ଚ୍ଚ କରୁନାହାନ୍ତି, ତେଣୁ ଓଡିଶା କାହିଁକି ଖର୍ଚ୍ଚ କରୁଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଆର୍‌ଡିଏସ୍‌ଏସ୍ ଯୋଜନାରେ ସ୍ମାର୍ଟ ମିଟର ସ୍ଥାପନ ପାଇଁ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ଦେଉଥିବା ବେଳେ ଓଡିଶା କାହିଁକି ତାହାର ଲାଭ ଉଠାଇ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟସବୁ ରାଜ୍ୟରେ ସ୍ମାର୍ଟ ମିଟର ଦକ୍ଷତାକୁ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା ଅଛି। ସେମାନଙ୍କ ବିତରଣ କମ୍ପାନୀଗୁଡ଼ିକୁ ସିଏଜି ଅଡିଟ୍ କରୁଛନ୍ତି। ମାତ୍ର ଓଡିଶାରେ କୌଣସି ଯାଞ୍ଚ ବ୍ୟବସ୍ଥା ନାହିଁ। ଓଡିଶା ବିଦ୍ୟୁତ ବିତରଣ ବ୍ୟବସ୍ଥା ଘରୋଇକରଣ ହୋଇଥିବାରୁ ସିଏଜି ଅଡିଟ୍ ହେଉନାହିଁ। ଓଡ଼ିଶାରେ ସ୍ମାର୍ଟ ମିଟର ଦକ୍ଷତା ଯାଞ୍ଚ ପାଇଁ ଏକ ଯାଞ୍ଚ କମିଟି ଗଠନ କରିବାର ଏକାନ୍ତ ଆବଶ୍ୟକତା ଅଛି। କାରଣ ରିମୋଟ କଣ୍ଟ୍ରୋଲ ମାଧ୍ୟମରେ ସ୍ମାର୍ଟ ମିଟର ରିଡିଂକୁ ବୃଦ୍ଧି କରି ଉପଭୋକ୍ତାଙ୍କୁ ଶୋଷଣ କରାଯାଇ ପାଇବା ଖୁବ୍‌ସମ୍ଭବ। ଏବେ ଉପଭୋକ୍ତାଙ୍କ ଗୃହରେ ଷ୍ଟାଟିକ ମିଟର କାର୍ଯ୍ୟକ୍ଷମ ଅଛି। ତେଣୁ ଷ୍ଟାଟିକ ମିଟରଟିକୁ ବାହାର ନ କରି ତା'ର ତଳେ କିମ୍ବା ପାର୍ଶରେ ସ୍ମାର୍ଟ ମିଟର ସ୍ଥାପନ କରାଯାଉ। ଫଳରେ ଉପଭୋକ୍ତାଟି ନିଜର ମାସିକ ବିଦ୍ୟୁତ୍ ବ୍ୟବହାର ପରିମାଣର ସତ୍ୟତାକୁ ପରଖି ପାରିବ ବୋଲି ସେ କହିଛନ୍ତି।

# ୨ ପେନ୍‌ସନ ନେଉଥିଲେ ଶିକ୍ଷକ

## ତଦନ୍ତ ପାଇଁ ଚିଠି କଲା ରାଜ୍ୟ କୋଷାଗାର

ମୋହନା,୩।୧ (ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକରେ ପୂର୍ବ ସରକାରଙ୍କ ସମୟରେ ବ୍ଲକର ଶିକ୍ଷା ବିଭାଗରେ କାର୍ଯ୍ୟ କରି ଜଣେ ଶିକ୍ଷକ ୨ଟି ପେନ୍‌ସନ୍ ପାଉଥିବା ନଜରକୁ ଆସିଛି। ଏହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏବେ ଏହାର ତଦନ୍ତ ପାଇଁ ରାଜ୍ୟ କୋଷାଗାର ପତ୍ରସଂଖ୍ୟା ୧୨୧୩୧/ ତାରିଖ ୨୦।୧୧।୨୦୨୫ରେ ମୋହନା ବ୍ଲକ ଶିକ୍ଷାଧିକାରୀ ଓ ମୋହନା ବିଡିଓଙ୍କ ନିକଟକୁ ଚିଠି ଲେଖିଛି। ୨୦୧୦ରୁ ବର୍ତ୍ତମାନ ସୁଦ୍ଧା ଦୀର୍ଘ ୧୫ ବର୍ଷ ହେଲା ଜଣେ ଶିକ୍ଷକ ୨ଟି ପେନ୍‌ସନ୍ ହାତେଇଥିଲେ। ଏହା କିପରି କେହି ସେତେବେଳେ ଜାଣି ପାରିଲେନି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନେକ ଶିକ୍ଷକ ଅବସର ନେବା ପରେ ଦୀର୍ଘବର୍ଷ ଧରି ପେନ୍‌ସନ୍ ପାଇବାରୁ ବଞ୍ଚିତ ରହୁଛନ୍ତି । ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହେଉନି। ମାତ୍ର ଜଣେ ଶିକ୍ଷକ ଅବସର ନେବା ପରେ ଗୋଟିଏ ନାମରେ ଦୁଇଟି ପେନସନ ପାଇବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ରାଜ୍ୟରେ ୩୨ଜଣ ଶିକ୍ଷକ ୨୦୧୦ରୁ ଅବସର ନେଇ ସରକାରଙ୍କଠାରୁ ଦୁଇଟି ଲେଖାଏ ପେନସନ ପାଉଥିବା ଏବେ ନଜରକୁ ଆସିଛି। ସେଥିରୁ ଗଜପତି ଜିଲାରୁ ଜଣେ ଶିକ୍ଷକ ରହିଛନ୍ତି । ରାଧାକୃଷ୍ଣ ଆଚାର୍ଯ୍ୟ ନାମକ ଏହି ଶିକ୍ଷକ ଗଜପତି ଜିଲା ମୋହନା ବ୍ଲକ ମୋହନା ପଞ୍ଚାୟତର ବେତାରସିଂ ଗ୍ରାମର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସେ ୩୦।୯।୨୦୧୦ରେ ଅବସର ନେଇଥିଲେ। ପରେ ତତ୍କାଳୀନ ବିଡିଓଙ୍କ ସୁପାରିଶ ପତ୍ର ୩୧୧ ଅନୁସାରେ ୧୪।୨।୨୦୧୧ରୁ ତାଙ୍କର ପେନ୍‌ସନ୍ ଲାଗୁ ହୋଇଥିଲା । ପରେ ସେହି ଶିକ୍ଷକଙ୍କ ନାମରେ ପୁଣି ୧୨।୪।୨୦୧୨ରେ ତତ୍କାଳୀନ ମୋହନା ବିଡିଓଙ୍କ ସୁପାରିସ ପତ୍ର ସଂଖ୍ୟା ୯୪୧ ଅନୁସାରେ ପେନ୍‌ସନ୍ ପ୍ରଦାନ ପାଇଁ ଉଲ୍ଲେଖ ରହିଛି। ଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ନାମରେ ଦୁଇଟି ପେନ୍‌ସନ୍ ୧।୧୦।୨୦୧୦ରୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଛି। ସବୁ ଜାଣି ସୁଦ୍ଧା ଶିକ୍ଷକ ଜଣକ ଦୁଇଟି ପେନ୍‌ସନ୍ ହାତେଇ ଚୁପ ରହିଛନ୍ତି। ଦୀର୍ଘ ୧୫ବର୍ଷ ପରେ ଏହା ଏବେ ପଦାକୁ ଆସିଛି। ଏ ସମ୍ପର୍କରେ ଶିକ୍ଷକ ରାଧାକୃଷ୍ଣଙ୍କୁ ପଚାରିବାରୁ ସେ କହିଛନ୍ତି, ତାଙ୍କ ଅଜାଣତରେ ପେନ୍‌ସନ୍ ଟଙ୍କା ଆସୁଥିଲା। ବର୍ତ୍ତମାନ ଏହା ଯଦି ଜଣାପଡିଛି, ତେବେ ମୋ ପେନ୍‌ସନ୍‌ରୁ ଟଙ୍କା ସରକାର କାଟି ନିଅନ୍ତୁ ବୋଲି ସେ କହିଛନ୍ତ। ମୋହନା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେ କହିଲେ, ସେହି ଶିକ୍ଷକ ଜଣକ ୨ଟି ପେନସନ ପାଉଥିବା ଜଣାପଡିବା ପରେ ଏହାର ତଦନ୍ତ ଚାଲିଛି।

# ନୂଆ ସହର ପାଇଁ ମାଷ୍ଟର ପ୍ଲାନ୍ ଶୀଘ୍ର ସାରିବାକୁ ନିର୍ଦ୍ଦେଶ





ସମୀକ୍ଷା ବୈଠକରେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ, ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଓ ଅନ୍ୟ ଅଧିକାରୀମାନେ।

## ସିଙ୍ଗାପୁର କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା କଲେ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ

ଭୁବନେଶ୍ୱର, ୩।୧ (ବନ୍ଦନା ସେଠୀ)

ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ସମ୍ବନ୍ଧରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମୀକ୍ଷା କରାଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଖାରବେଳ ଭବନଠାରେ ସିଙ୍ଗାପୁର କମ୍ପାନୀ ଶର୍ବଣ ଜୁରଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପିଟିଇ ଲିମିଟେଡ୍ ପ୍ରତିନିଧିମାନଙ୍କ ସହ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ ସଚିବ ବିଡିଏକୁ ସମସ୍ତ ହିତଧାରକଙ୍କ ସହ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାଷ୍ଟର ପ୍ଲାନ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରକଳ୍ପ ଭୁବନେଶ୍ୱରର ସୁସଂଯୋଜିତ, ସୁସ୍ଥିର ଓ ଭବିଷ୍ୟତମୁଖୀ ନଗର ଉନ୍ନୟନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ।

ପ୍ରକଳ୍ପ ଅନୁଯାୟୀ ଭୁବନେଶ୍ୱର ବିକାଶ ଯୋଜନା କ୍ଷେତ୍ର (ବିଡିପିଏ) ମଧ୍ୟରେ ଅବସ୍ଥିତ ଗୋଠପାଟଣା, ମଳିପଡ଼ା ଏବଂ ଦାସପୁର ମୌଜା ଅଞ୍ଚଳକୁ ଆବର୍ତ୍ତିତ କରି ପ୍ରାୟ ୮ଶହ ଏକ ଜମିରେ ନୂତନ ସହର ବିକାଶ କରାଯିବ। ଏହି ପ୍ରସ୍ତାବକୁ ୨୦୨୫ ସେପ୍ଟେମ୍ବର ୧୦ରେ ଆୟୋଜିତ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦନ ମିଳିଥିଲା। ସମ୍ପୃକ୍ତ ସିଙ୍ଗାପୁର କମ୍ପାନୀ ନୂତନ ସହର ମାଷ୍ଟର ପ୍ଲାନର ପ୍ରକଳ୍ପୀକରଣ କରି ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘକାଳୀନ ପର୍ଯ୍ୟାୟରେ ପ୍ରାଥମିକତା ଆଧାରିତ ପ୍ରକଳ୍ପଗୁଡ଼ିକ ଚିହ୍ନଟ କରିବେ। ଏଥିରେ ପ୍ରତ୍ୟେକ ପ୍ରକଳ୍ପର ଉଦ୍ଦେଶ୍ୟ, କାର୍ଯ୍ୟ କ୍ଷେତ୍ର, ସମୟସୀମା ଓ ଆଦର୍ଶ ନଗର ଆକୃତି ସ୍ପଷ୍ଟ କରାଯିବ। ଏହାସହ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ପାଇଁ ତାଙ୍କ ପକ୍ଷରୁ ପ୍ରାଯୁକ୍ତିକ ସହଯୋଗ ଯୋଗାଇ ଦିଆଯିବ। ଏହି ସେବା କ୍ଷେତ୍ରରେ ସମସ୍ତ ନଗର ଆକୃତି ଢାଞ୍ଚା ଓ ମାର୍ଗନିର୍ଦ୍ଦେଶିକା ପ୍ରସ୍ତୁତି ସାମିଲ ରହିଛି। ଏହା ନୂତନ ସହରର ସମଗ୍ର ଭୌଗୋଳିକ ଓ ବିକାଶ ଗଠନକୁ ସ୍ପଷ୍ଟ କରିବ ବୋଲି ସୂଚନା ଦିଆଯାଇଛି। ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଲେ, ୨୦୨୫ ଜାନୁଆରୀ ୧୭ରେ ଭାରତରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ବିଡିଏ ଓ ଶର୍ବଣ ଜୁରଙ୍ଗ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପିଟିଇ ଲିମିଟେଡ୍ ମଧ୍ୟରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହରର ଯୋଜନା ଓ ବିକାଶ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବିସ୍ତୃତ ଆଲୋଚନା ପରେ ନୂତନ ସହର ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ସେବା କ୍ଷେତ୍ରର ଖସଡାକୁ ଅନ୍ତିମ ରୂପ ଦିଆଯାଇଛି ବୋଲି ସେ ମତ ରଖିଥିଲେ।

# ଜଗତ୍‌ସିଂହପୁର ଜିଲା ଖଣି ଅଧିକାରୀ ନିଲମ୍ବିତ

## ନିଲାମଧାରୀ, ମାଫିଆଙ୍କ ସଲାସୁତୁରାରେ ବାଲି ଚୋରାଚାଲାଣ ଘଟଣା

### ଏତଲା ଦେଇଥିଲେ ଉପଜିଲାପାଳ

ଜଗତ୍‌ସିଂହପୁର, ୩।୧ (ପ୍ରମୋଦ କୁମାର ନାୟକ)



ଜିଲା ଖଣି ଅଧିକାରୀ ସତୀଶ କୁମାର ତରାଇ।

ଜଗତ୍‌ସିଂହପୁର ଜିଲାରେ ନିଲାମଧାରୀ, ମାଫିଆ, ଜିଲା ଖଣି ଅଧିକାରୀଙ୍କ ସଲାସୁତୁରାରେ ବାଲି ଚୋରା ଚାଲାଣ ଓ ରାଜସ୍ୱ ହାନି ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା। ଏନେଇ ଗତ ଡିସେମ୍ବର ୧୬ରେ ଜଗତ୍‌ସିଂହପୁର ଜିଲାପାଳ ଜେ. ସୋନାଲ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଜିଲା ଖଣି ଅଧିକାରୀ ସତୀଶ କୁମାର ତରାଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ଲେଖିଥିଲେ। ଏହାର ୧୭ ଦିନ ପରେ ବିଭାଗ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତରାଇଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରିଛି। ଚିଠି ସଂଖ୍ୟା ନଂ.୯୬ରେ ରାଜ୍ୟପାଳଙ୍କ ନିର୍ଦ୍ଦେଶ ଅନୁସାରେ ସରକାରଙ୍କ ଅତିରିକ୍ତ ସଚିବ ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ନିଲମ୍ବନ ଅବଧି ମଧ୍ୟରେ ତରାଇ ମୁଖ୍ୟାଳୟ ମାଇନିଂ ଓ ଜିଓଲୋଜି ନିର୍ଦ୍ଦେଶାଳୟ ଅଧୀନରେ ରହିବେ। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡି ପାରିବେ ନାହିଁ ବୋଲି ସେଥିରେ ଉଲ୍ଲେଖ ରହିଛି। ଏହାର ନକଲ ଭୁବନେଶ୍ୱରସ୍ଥିତ ମାଇନ୍ସ ଆଣ୍ଡ ଜିଓଲୋଜି ନିର୍ଦ୍ଦେଶାଳୟ, ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ମୁଖ୍ୟ ସଚିବଙ୍କ ବ୍ୟକ୍ତିଗତ ସଚିବ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ସଚିବଙ୍କ ବ୍ୟକ୍ତିଗତ ସଚିବ, ଜଗତ୍‌ସିଂହପୁର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଅବଗତି ନିମନ୍ତେ ପଠାଯାଇଛି।

ଜଗତ୍‌ସିଂହପୁର ଜିଲାରେ ବେଆଇନ ବାଲିଘାଟ ସହ ବେଧଡ଼କ ଭାବେ ଓଭରଲୋଡିଂ ବାଲି ବୋଝେଇ ହାଇୱା ଯାତାୟାତ ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏନେଇ ଗତ ନଭେମ୍ବର ୨୫ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହାନଦୀର କିଲିପାଳ ବାଲିଘାଟ ନିକଟରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ବେଳେ ବଡ ଧରଣର ଚଢ଼ାଉ ହୋଇଥିଲା। ଏହି ସମୟରେ ୩ଟି ଏକ୍ସାଭେଟର ସମେତ ୪୬ ବାଲି ବୋଝେଇ ହାଇୱା ଜବତ କରାଯାଇଥିଲା। ସେତେବେଳେ ଏହି ଘଟଣାରେ ୫ ଗାଡ଼ି ଚାଳକ ଓ ଜଣେ ମେକାନିକ ଗିରଫ ହୋଇଥିଲେ। ସେହିପରି ଡିସେମ୍ବର ୧୧ରେ ବିଶେଷ ସୂତ୍ରରୁ ଖବରପାଇ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ପୋଲିସ ସହାୟତାରେ ଏହି ଥାନା ଅନ୍ତର୍ଗତ ଜଇପୁର ବାଲିଘାଟରେ ଚଢ଼ାଉ କରି ୨୨ଟି ହାଇୱା ଜବତ କରିଥିଲେ। ଏହି ସମୟରେ ୩ ଜଣ ଚାଳକଙ୍କୁ କାବୁ କରାଯାଇଥିବାବେଳେ ଅନ୍ୟମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ଏହି ଚଢ଼ାଉବେଳେ ସମ୍ପୃକ୍ତ ଖଣି ଅଧିକାରୀ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ପରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଜିଲା ଖଣି ଅଧିକାରୀ ସତୀଶଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ.୯୯୨/୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସତୀଶ ସେବେଠାରୁ ଆଉ କାର୍ଯ୍ୟରେ ଯୋଗଦେଇ ନାହାନ୍ତି।

# ଦନ୍ତା ଆକ୍ରମଣରେ ସ୍ୱାମୀ ମୃତ, ବର୍ତ୍ତିଗଲେ ସ୍ତ୍ରୀ

ନୀଳଗିରି, ୩।୧ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟର ପାଦଦେଶ ଖୁମକୁଟ ଅଞ୍ଚଳକୁ ଶନିବାର ପୂର୍ବାହ୍ନ ୧୦ଟା ବେଳେ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ଏକ ଦମ୍ପତି ଦନ୍ତା ହାତୀ ହାବୁଡରେ ପଡିଥିଲେ। ଉଭୟେ ଚିତ୍କାର କରି ଭୟରେ ପଳାଇ ଆସୁଥିବା ବେଳେ ଦନ୍ତା ଗୋଡ଼ାଇ ଗୋଡ଼ାଇ ସ୍ୱାମୀଙ୍କୁ ଶୁଣ୍ଢରେ କଚାଡ଼ିବା ସହ ପାଦରେ ମାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଜୀବନ ବିକଳରେ ସେଠାରୁ ଦୌଡି ଆସି ପରିବାରବର୍ଗ ଓ ଗାଁ ଲୋକଙ୍କୁ ଖବର ଦେଇଥିଲେ। କୁଲଡିହା ଅଭୟାରଣ୍ୟରେ ହାତୀଙ୍କ ଏଭଳି ଉପଦ୍ରବରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। ମୃତକ ହେଲେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ଗ୍ରାମର ବୈରାଗୀ ଦେହୁରି(୫୮)। ସ୍ତ୍ରୀ ସୁକାନ୍ତି ଖବର ଦେବା ପରେ ପଞ୍ଚଲିଙ୍ଗେଶ୍ୱର ଗାର୍ଡ ସିଂରାଇ ସିଂ, ବନସୁରକ୍ଷା କର୍ମୀ ଏବଂ ଗ୍ରାମବାସୀଙ୍କ ସହାୟତାରେ ମୃତଦେହକୁ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ଗ୍ରାମବାସୀ ମୃତଦେହ ବ୍ୟବଚ୍ଛେଦ ପାଇଁ ତୁରନ୍ତ ଦାବି କରିଥିଲେ, ମାତ୍ର ସମୟ ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ। ଏନେଇ ନୀଳଗିରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩/୨୬) ରୁଜୁ କରିବା ସହ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଚଳାଇଛି।

# ମାଟି ଅତଡ଼ା ଧସି ଯୁବକ ମୃତ

ପାଟଣା,୩।୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି ଗ୍ରାମ ଦେଇ ଯାଇଥିବା ନେଉଳିଯୋଡି ନାଳରୁ ଶନିବାର ଅପରାହ୍ନରେ ବାଲି ସଂଗ୍ରହ ସମୟରେ ମାଟି ଅତଡ଼ା ଧସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଗ୍ରାମର ନବୀନ ମୁଣ୍ଡା(୨୯)। ସେ ସ୍ତ୍ରୀଙ୍କ ସହ ନାଳରୁ ବାଲି ଖୋଳି ସଂଗ୍ରହ କରୁଥିବା ସମୟରେ ମାଟି ଅତଡା ତାଙ୍କ ଉପରେ ଖସିପଡ଼ି ଚାପିହୋଇ ରହିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ସନ୍ଧ୍ୟାରେ ଉଦ୍ଧାରକରି କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ରାତି ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିବା ଏଏସ୍‌ଆଇ ସୁଜାତା ମହାନ୍ତ କହିଛନ୍ତି।


# Classified Everyday

0674-2580101, 9692975378



MATRIMONIAL

**BRIDE WANTED**


Wanted Brahmin bride, Preferably working/ studying in USA. Boy 5'8", DOB- 2000, USA Citizen, S/W Engineer in USA. Ph: 9437288173. D-3020

Khandayat Boy, 1998, 5'9", B-Tech, Serving Engineer Deloitte, Bhubaneswar. ''SUNASANSAR'', 9937512659. D-3021

Now Matrimonial ads. only on Wednesday & Sunday Book 1 Get 1 FREE

**GROOM WANTED**

Groom for Viswakarma girl, 1998, M.Tech (Mechanical). Serving in LG electronics. Contact: 9825529555. D-2911





5000 Sqft. open space available for rent at Sishupal Garh. Near DSP cement godown on cuttack bypass road. 100mtrs away from main road. Interested parties may contact. Mobile: 7217898214. D-3022

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777





**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

**AFFIDAVIT**

By virtue of an affidavit in the court of Executive Magistrate of Khaira, I declare that in my Aadhaar, Voter I-Card & SBI passbook my name have been mentioned as Kajal Bindhani, W/o.- Manas Bindhani. But in my LIC certificate my name have been recorded as Kumudini Bindhani, W/o.- Manas Bindhani. Both the above name related records belongs to one and same person.

Kajal Bindhani
At/P.O.- Aliha, P.S.- Simulia
D-3018

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

By virtue of an affidavit sworn before Executive Magistrate, Bhubaneswar, Dated- 24.12.2025, I, Choudhury Deepak Kumar Sahoo, Address: D-204, Sai Lifestyle Apartment, Siula, Pipili, 752104 declare that I have changed the name of my daughter from BABY TWO OF INDU to RIYANSHI SAHOO. Henceforth, she shall be known as RIYANSHI SAHOO for all Purpose.

Choudhury Deepak Kumar Sahoo
D-3019

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜି ବିଶ୍ୱ ବ୍ରେଲି ଦିବସ

ଦୃଷ୍ଟିବାଧିତ ବ୍ୟକ୍ତିମାନେ ମଧ୍ୟ ସମାଜର ଏକ ଅଂଶ। ସାଧାରଣ ଲୋକଙ୍କ ଭଳି ସେମାନଙ୍କର ମଧ୍ୟ ସମାଜକୁ ଅବଦାନ ରହିବା ସହିତ ସମାଜରେ ସମ୍ମାନର ସହ ବଞ୍ଚିରହିବା ପାଇଁ ଅଧିକାର ରହିଛି। ଦୃଷ୍ଟିଶକ୍ତି ନ ଥିବାରୁ ସାଧାରଣ ଲୋକଙ୍କ ପରି ସେମାନେ ଅକ୍ଷର ଦେଖିପାରନ୍ତିନାହିଁ। ତେବେ ବ୍ରେଲି ଲିପି ମାଧ୍ୟମରେ ସେମାନେ ଶିକ୍ଷା ଗ୍ରହଣ କରିଥାନ୍ତି; ଯାହାକି ସେମାନଙ୍କୁ ପଢ଼ିବା ଏବଂ ଲେଖିବାରେ ସମର୍ଥ କରାଇଥାଏ। ତେଣୁ ଦୃଷ୍ଟିବାଧିତ ବ୍ୟକ୍ତିଙ୍କ ମାନବାଧିକାର ଏବଂ ବ୍ରେଲି ଲିପିର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଜାନୁଆରୀ ୪କୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଉଛି। ବ୍ରେଲି ଲିପିର ଆବିଷ୍କାରକ ଲୁଇ ବ୍ରେଲ୍‌ଙ୍କ ଜନ୍ମଦିବସ ପାଳନକରିବା ସହ ତାଙ୍କ ଅବଦାନକୁ ମନେପକାଇବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ସଂଯୁକ୍ତ ରାଷ୍ଟ୍ର ମହାସଭା (ୟୁଏନ୍‌ଜିଏ) ପକ୍ଷରୁ ୨୦୧୮ ନଭେମ୍ବରରେ ଜାନୁଆରୀ ୪କୁ ବିଶ୍ୱ ବ୍ରେଲ ଦିବସ ଭାବେ ଘୋଷଣା କରାଯାଇଥିଲା ଏବଂ ୨୦୧୯ରେ ପ୍ରଥମକରି ଏହି ଦିବସ ପାଳନ କରାଯାଇଥିଲା।

–ବନ୍ଦନା ସେଠୀ



# ନୂଆବର୍ଷର ନୂଆ ସଂକଳ୍ପ

# ୱିକେଣ୍ଡ ନିଜ ପାଇଁ

**ବର୍ତ୍ତମାନର ଯୁବପିଢ଼ି ନିଜ ପାଠପଢ଼ା, କ୍ୟାରିୟର ଆଦିକୁ ନେଇ ଏତେ ବ୍ୟସ୍ତ ଯେ, ଏହା ଭିତରେ ଯେମିତି ସେମାନେ ଛନ୍ଦି ହୋଇଯାଉଛନ୍ତି। ଆଉ ପ୍ରତିଦିନର ଏହି ରୁଟିନ୍ ଲାଇଫ୍‌ରେ ରହିବା ବି ଏକ ପ୍ରକାର ଟେନ୍‌ଶନ୍‌ର କାରଣ ସାଜୁଛି। ଯାହାର ନକାରାତ୍ମକ ପ୍ରଭାବ ଉଭୟ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡୁଛି । ଏମିତିରେ ନିଜ ମନ ଓ ଶରୀରକୁ ରିଲାକ୍ସ କରିବାକୁ ଲୋଡ଼ା କିଛି ସମୟ ନିଜ ପାଇଁ, ଯେଉଁଥିପାଇଁ ୱିକେଣ୍ଡ ସବୁଠୁ ବେଷ୍ଟ ଅପ୍ସନ...**

ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ସମୟର ଆବଶ୍ୟକତାରେ ଏତେମାତ୍ରାରେ ଜଡ଼ିତ ହୋଇଯାଉଛନ୍ତି ଯେ, ଏହା ପଛରେ ଧାଉଁ ଧାଉଁ ନିଜ ଖୁସି, ଇଚ୍ଛା, ରୁଚି ଯେ କେତେବେଳେ ପଛରେ ରହିଯାଉଛି ତାହା



ସେମାନଙ୍କୁ ଜଣାପଡୁନି। ହେଲେ ସପ୍ତାହର ୭ ଦିନ କାର୍ଯ୍ୟବ୍ୟସ୍ତତା ଭିତରୁ ଅତିକମ୍‌ରେ ୱିକେଣ୍ଡରେ ନିଜ ପାଇଁ ସମୟ ବାହାର କରିବା ଜରୁରୀ। ଏହାଦ୍ୱାରା ନା କେବଳ ନିଜ ରୁଚିକୁ ବିକଶିତ କରିବାର ସୁଯୋଗ ମିଳିପାରିବ ବରଂ ମାଇଣ୍ଡ ଫ୍ରି ରହିବା ଦ୍ୱାରା ଏହା ଉଭୟ ମାନସିକ ଓ ଶାରୀରିକସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ ...

**ଟ୍ରାଭେଲ୍:** ନୂଆ ନୂଆ ସ୍ଥାନକୁ ବୁଲିଯିବାକୁ କିଏ ବା ଭଲ ନ ପାଏ ! ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ଅନେକେ ଏହି ଖୁସିରୁ ବଞ୍ଚିତ ହୁଅନ୍ତି। ହେଲେ ଏହାଦ୍ୱାରା ଆପଣ ଚାହିଁଲେ ଟାଇମ୍ ମ୍ୟାନେଜ୍‌ମେଣ୍ଟ କରି ସମସ୍ତ କାର୍ଯ୍ୟକୁ ଠିକ୍ ଭାବେ କରିପାରିବେ ଏବଂ ୱିକେଣ୍ଡରେ ଇଚ୍ଛାଥିବା ସ୍ଥାନକୁ ବୁଲିଯାଇପାରିବେ। ଏହାଦ୍ୱାରା କିଛି ସମୟ ପାଇଁ ମନ ପରିବର୍ତ୍ତନ ହେବା ସହ ପ୍ରତିଦିନ ଏକା କାର୍ଯ୍ୟ କରିବାକୁ ନେଇ ବିରକ୍ତି ଭାବନା ମଧ୍ୟ ରହିବ ନାହିଁ।

**ଗେଟ୍ ଟୁଗେଦର:** ୱିକେଣ୍ଡରେ ସମୟ ବାହାର କରି ସାଙ୍ଗସାଥି କିମ୍ବା ବନ୍ଧୁବାନ୍ଧବଙ୍କ ସହ ଦେଖା କରନ୍ତୁ। ଏକାଠି ବୁଲିବା, ମଜାମସ୍ତି କରିବା, ଗପସପ କରି ଖୁସି ମନାଇବା ଓ ଭୋଜି କରି ଖାଇବା ଦ୍ୱାରା ମାନସିକ ଚାପ ଦୂର ହୋଇଥାଏ ଓ ମନ ଖୁସି ରହିଥାଏ।

**ବହି ପଢ଼ନ୍ତୁ କିମ୍ବା ମ୍ୟୁଜିକ୍ ଶୁଣନ୍ତୁ:** ଯେବେ ବିଭିନ୍ନ କାର୍ଯ୍ୟର ବୋଝରେ ମନ ଭାରାକ୍ରାନ୍ତ ହୋଇପଡ଼େ, ସେତେବେଳେ କିଛି ସମୟ ଏକାନ୍ତ ଖୋଜେ। ଆଉ ଏମିତିରେ ମନକୁ ଚିନ୍ତାମୁକ୍ତ ଓ ଖୁସି କରିବା ଲାଗି ଲାଇବ୍ରେରିକୁ ଯାଇ କୌଣସି ଭଲ ବହି ପଢ଼ିପାରିବେ। ଯଦି ଗୀତ ଶୁଣିବା କିମ୍ବା ଫିଲ୍ମ ଦେଖିବା ପସନ୍ଦ, ତେବେ ୱିକେଣ୍ଡରେ ମୁଭି ଦେଖିବାକୁ ଯିବା କିମ୍ବା କୌଣସି ମ୍ୟୁଜିକ୍ ପ୍ରୋଗ୍ରାମ ଯିବା ଆପଣଙ୍କ ପାଇଁ ସବୁଠୁ ଭଲ ଅପ୍ସନ।

**ଭ୍ଲଗ୍ କିମ୍ବା ରିଲ୍ସ:** ଆଜିକାଲି ସୋସିଆଲ୍ ମିଡିଆରେ ଅନେକେ ବେଶ୍ ଆକ୍ଟିଭ୍ ରହୁଛନ୍ତି। ଯଦି ଆପଣଙ୍କର ବି ଏଥିରେ ରୁଚି ରହିଛି, ତେବେ ଆପଣ ଚାହିଁଲେ ୱିକେଣ୍ଡରେ ସମୟ ବାହାର କରି ଭିଡିଓ କରି ଭ୍ଲଗ୍ କିମ୍ବା ଶର୍ଟ୍ସ ଓ ରିଲ୍ସ ପୋଷ୍ଟ କରିପାରିବେ।

**କୁକିଂ:** ଅଧିକାଂଶ ଯୁବତୀଯୁବକ ଟେଷ୍ଟି ଟେଷ୍ଟି ଖାଦ୍ୟ ଖାଇବା ସହ ନୂଆ ନୂଆ ଆଇଟମ୍ ରାନ୍ଧିବାରେ ରୁଚି ରଖନ୍ତି। ହେଲେ ପଢ଼ା ହେଉ ଅବା ଜବ୍‌ରେ ଅନେକେ ଏତେ ବ୍ୟସ୍ତ ରହିଯାଆନ୍ତି ଯେ, ନିଜ ରୁଚିକୁ ସମୟ ଦେଇପାରନ୍ତି ନାହିଁ। ହେଲେ ୱିକେଣ୍ଡରେ ଏଥିପାଇଁ କିଛି ସମୟ ବାହାର କରି ରୋଷେଇ କରି ପରିବାର ସଦସ୍ୟ କିମ୍ବା ସାଙ୍ଗସାଥୀଙ୍କୁ ଖୁଆନ୍ତୁ, ଦେଖିବେ ଆତ୍ମସନ୍ତୋଷ ମିଳିବ।

**ଗାର୍ଡେନିଂ:** ନିଜ ମନକୁ ରିଲାକ୍ସ କରିବା ଲାଗି ଏକ ସୁନ୍ଦର ସବୁଜ ପରିବେଶରେ କିଛି ସମୟ ବିତେଇବାଠୁ ଭଲ ଅପ୍ସନ କ'ଣ ବା ଥାଇପାରେ ! ତେଣୁ କିଛି ସମୟ ବାହାର କରି ପାର୍କରେ ବୁଲନ୍ତୁ। ନିଜ ଘରେ ସୁବିଧା ଥିଲେ ବିଭିନ୍ନ ଫୁଲ, ଫଳ ଆଦି ଲଗାଇ ଯତ୍ନ ନିଅନ୍ତୁ ; ଦେଖିବେ ଏହା ମାନସିକସ୍ତରରେ ସକାରାତ୍ମକ ପ୍ରଭାବ ପକାଇବ।

**ଡାନ୍ସିଂ ଓ ସିଙ୍ଗିଙ୍ଗ୍:** ଯଦି ନୃତ୍ୟ କରିବା କିମ୍ବା ଗୀତ ଗାଇବା ପସନ୍ଦ, ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ସମୟ ମିଳୁନାହିଁ ; ତେବେ ଏଥିପାଇଁ ୱିକେଣ୍ଡକୁ ବାଛନ୍ତୁ। ସୁଯୋଗ ମିଳିଲେ ଏଥିପାଇଁ କୋଚିଂ ନିଅନ୍ତୁ ଏବଂ ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଭାଗ ନିଅନ୍ତୁ। ଦେଖିବେ ଏହାଦ୍ୱାରା ନା କେବଳ ଆପଣଙ୍କ ପ୍ରତିଭାର ପରିପ୍ରକାଶ ହୋଇପାରିବ ବରଂ ଏହା ଆପଣଙ୍କୁ ଟେନ୍‌ଶନ୍ ଫ୍ରି ରଖିବାରେ ବେଶ୍ ସାହାଯ୍ୟ କରିବ।

**ଆର୍ଟ ଆଣ୍ଡ କ୍ରାଫ୍ଟ:** ଚିତ୍ର ଆଙ୍କିବା କିମ୍ବା ବିଭିନ୍ନ କଳାକୃତି ପ୍ରସ୍ତୁତ କରିବା ଦ୍ୱାରା ମଣିଷର ସୃଜନଶୀଳତାକୁ ବୃଦ୍ଧି କରେ। ଏହାଦ୍ୱାରା ଏକାଗ୍ରତା ଏବଂ କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ। ତେଣୁ ଯଦି ଆପଣଙ୍କୁ ଆର୍ଟ ଆଣ୍ଡ କ୍ରାଫ୍ଟ କରିବା ପସନ୍ଦ, ତେବେ ନିଜକୁ ରିଲାକ୍ସ ଓ ଖୁସିରେ ରଖିବା ଲାଗି ୱିକେଣ୍ଡରେ ଏସବୁ ପାଇଁ ନିଶ୍ଚୟ ସମୟ ବାହାର କରନ୍ତୁ।

– ପୌର୍ଣ୍ଣମାସୀ



## ବ୍ୟସ୍ତବହୁଳ ଜୀବନରେ ଖୁସି ଭରିଦେବାର ଲକ୍ଷ୍ୟ: ଗୋ ୱିକେଣ୍ଡ

ବ୍ୟସ୍ତବହୁଳ ଜୀବନରୁ ବାହାରି ୱିକେଣ୍ଡକୁ ମଜାଦାର କରିବା, ନୂଆ ନୂଆ ସ୍ଥାନ ବୁଲିଯିବା, ନୂଆ ଅନୁଭୂତି ସାଉଁଟିବା, ନୂଆ ଜିନିଷ ଶିଖିବା ସହ ଅଧିକରୁ ଅଧିକ ଲୋକଙ୍କ ସହ ବନ୍ଧୁତା ସ୍ଥାପନ କରିବା ପ୍ରତି ଆଗ୍ରହୀ ଯୁବପିଢ଼ିଙ୍କୁ ଖୋଜିବା, ଏକାଠି କରିବା, ଜୀବନର ସର୍ବୋତ୍ତମ ଆନନ୍ଦ ନେବାରେ ସାହାଯ୍ୟ କରିବା ଲକ୍ଷ୍ୟ ନେଇ ନୂଆପଡ଼ା ଜିଲା ଖରିଆର୍‌ରୋଡ୍‌ର ଦୁଇ ଯୁବକ ସହର୍ଷ ପଣ୍ଡା ଏବଂ ଦୁର୍ଗେଶ ସାହୁ ଆରମ୍ଭ କରିଛନ୍ତି 'ଗୋ ୱିକେଣ୍ଡ' ନାମକ ଏକ ନିଆରା ଷ୍ଟାର୍ଟଅପ୍ କମ୍ପାନୀ। ଯେଉଁଥିରେ ତାଙ୍କ ସହିତ ଯୋଡ଼ି ହୋଇଛନ୍ତି ସଂଗ୍ରାମ ମହାପାତ୍ର, ତନିଶା କର, ସୁନିତା ଜେନା ଏବଂ ଗାୟତ୍ରୀ ସାହୁ। ସେମାନେ ପ୍ରତି ସପ୍ତାହରେ ଉତ୍ସାହୀ ଲୋକଙ୍କୁ ନେଇ ଫନ୍ କାଫେ ନାଇଟ୍ସ, ପାର୍କ, କଳାଭୂମି ଆଦି ସ୍ଥାନରେ ଆର୍ଟ, ପୋଟେରି, ପେଣ୍ଟବଲ୍, କ୍ୟାଣ୍ଡେଲ୍ ମେକିଂ ଭଳି ଆର୍ଟ ଆଣ୍ଡ କ୍ରାଫ୍ଟ ୱାର୍କଶପ୍, ମଜାଦାର ସ୍ପୋର୍ଟ୍ସ ଆକ୍ଟିଭିଟି ଭଳି ୨୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। କେବଳ ଏତିକି ନୁହେଁ ବିଭିନ୍ନ ସ୍ଥାନ ବୁଲାଇ ନେବା ଏମିତିକି ଟ୍ରେକିଂ ଭଳି ସୁବିଧା ମଧ୍ୟ ଯୋଗାଇ ଦେଉଥିବାରୁ ଧୀରେ ଧୀରେ ଏଥିପ୍ରତି ଲୋକଙ୍କ ଆଗ୍ରହ ବୃଦ୍ଧି ପାଉଛି। ସହର୍ଷ କୁହନ୍ତି, 'ଦୁର୍ଗେଶ ଏବଂ ମୁଁ ପିଲାବେଳୁ ଏକାଠି ପଢ଼ିଛୁ, ଖେଳିଛୁ ଆଉ କିଛି ନୂଆ କରିବାର ସ୍ୱପ୍ନ ଦେଖିଛୁ। ହେଲେ ପାଠପଢ଼ା ପରେ ଦୁହେଁ କର୍ପୋରେଟ ଚାକିରିରେ ପାଦ ରଖିଲୁ। ପ୍ରତିଦିନ ଅଧିକ କାମ, ଡେଡ୍‌ଲାଇନ୍ ଭିତରେ କାମ ସାରିବାର ଚାପ ଇତ୍ୟାଦି ଭିତରେ କେବଳ ଅପେକ୍ଷା ରହୁଥିଲା ୱିକେଣ୍ଡକୁ। ହେଲେ ଛୁଟିରେ କିଛି ଖାସ୍ ନ ଥିଲା, ବରଂ ମୋବାଇଲ୍ ସ୍କ୍ରୋଲ୍ କରିବାରେ ଏବଂ ସୋମବାର ପାଇଁ ପ୍ରସ୍ତୁତିରେ ସମୟ କଟିଯାଉଥିଲା। କେବଳ ଆମେ ନୁହେଁ ଆମ ଭଳି ଅନେକ ଯୁବତୀଯୁବକ ଏହି ସମାନ ପରିସ୍ଥିତି ଦେଇ ଗତି କରୁଥିବା ଅନୁଭବ କଲୁ। ତେଣୁ ଆମେ ଦୁହେଁ ଦିନେ ଏକାଠି ବସି ଏହି ବ୍ୟସ୍ତବହୁଳ ଲାଇଫ୍‌ଷ୍ଟାଇଲ୍‌ରୁ ବାହାରି ୱିକେଣ୍ଡକୁ ସ୍ପେଶାଲ୍ ଏବଂ ମଜାଦାର କରିବାକୁ ନିଷ୍ପତ୍ତି ନେଲୁ ଏବଂ ସେଇଠି ଜନ୍ମ ନେଇଥିଲା ଆମର 'ଗୋ ୱିକେଣ୍ଡ' ଷ୍ଟାର୍ଟଅପ୍ କରିବାର ସ୍ୱପ୍ନ। ଆମେ ଜବ୍ ଛାଡ଼ି ଏହି ଷ୍ଟାର୍ଟଅପ୍ ଆରମ୍ଭ କଲୁ। ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ ଏବଂ ୱେବ୍‌ସାଇଟ୍ ଦ୍ୱାରା ଲୋକଙ୍କ ପାଖରେ ଏହି ଆଇଡିଆ ପହଞ୍ଚାଇବା ଦ୍ୱାରା ଧୀରେ ଧୀରେ ଆଗ୍ରହୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ଏହି ଷ୍ଟାର୍ଟଅପ୍ ଆମ ପାଇଁ କେବଳ ଏକ ରୋଜଗାରର ମାଧ୍ୟମ ନୁହେଁ, ବରଂ ଏହାଦ୍ୱାରା ଲୋକଙ୍କୁ ଡିଜିଟାଲ୍ ଦୁନିଆରୁ ବାହାର କରି କିଛି ନୂଆ ଶିଖିବାର ସୁଯୋଗ ଦେବା, ବ୍ୟସ୍ତବହୁଳ ଜୀବନରେ ଖୁସି ଭରିଦେବା, ମାନସିକ ଶାନ୍ତି ଦେଇପାରୁଥିବାରୁ ବହୁତ ଖୁସି ଲାଗୁଛି। ଆମେ ପ୍ରଥମେ କେବଳ ଭୁବନେଶ୍ୱରରେ ଏସବୁ ଆରମ୍ଭ କରିଥିଲୁ। ବର୍ତ୍ତମାନ ଆମେ ଲୋକଲୋଚନ ଆଢୁଆଳରେ ରହିଯାଉଥିବା ଓଡ଼ିଶାର ଅନେକ ସୁନ୍ଦର ସ୍ଥାନକୁ ଏକ୍ସପ୍ଲୋର କରିବାର ସୁଯୋଗ ଦେଉଛୁ। ଆଗକୁ ବାହାର ରାଜ୍ୟରେ ମଧ୍ୟ ଏସବୁ କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା ରଖିଛୁ। ସାରା ଭାରତରେ ଆମ ଷ୍ଟାର୍ଟଅପ୍ କେବଳ ଯୁବପିଢ଼ି ନୁହନ୍ତି, ଅଧିକରୁ ଅଧିକ ଲୋକଙ୍କ ୱିକେଣ୍ଡକୁ ମଜାଦାର କରିବା ସହ ନୂଆ ଅନୁଭବ ପାଇଁ ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହୋଇପାରିବ ବୋଲି ଆଶା ରଖିଛୁ।



ଦୁର୍ଗେଶ ସାହୁ ଏବଂ ସହର୍ଷ ପଣ୍ଡା







## ଏ ସପ୍ତାହର ପ୍ରଶ୍ନ ?

୧– ଭେଲୋଡ୍ ବାର୍ଡ ସାଞ୍ଚୁଆରୀ ............ ରାଜ୍ୟରେ ଅବସ୍ଥିତ ?
୨– 'ଦି ୱାନ୍: କ୍ରିକେଟ୍, ମାଇଁ ଲାଇଫ୍ ଆଣ୍ଡ ମୋର୍' କ୍ରିକେଟ୍ ଖେଳାଳି ..........ଙ୍କ ଆତ୍ମଜୀବନୀ ?
୩– ନ୍ୟାଶନାଲ୍ ଫିଲ୍ମ ହେରିଟେଜ୍ ମିଶନ୍ ........... ମିନିଷ୍ଟ୍ରୀ ଦ୍ୱାରା ଆରମ୍ଭ କରାଯାଇଛି ?
୪– ......... ଶନିଗ୍ରହର ସବୁଠୁ ବଡ଼ ଉପଗ୍ରହ ?
୫– ମିନାମିଟୋରି ଆଇସ୍‌ଲାଣ୍ଡ .................. ମହାସାଗରରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ରିଆଙ୍ଗ
୩ ଆମେରିକା
୪ ନରେନ୍ଦ୍ର ମୋଦି
୫ ଅର୍ବିଟାଲ୍

## ଉତ୍ତରଦାତା



ଅନ୍ନଦା ପ୍ରସାଦ ପଟ୍ଟନାୟକ, କଟକ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ମାନସ ପଟ୍ଟନାୟକ, ଭୁବନେଶ୍ୱର



ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

### ସବୁଠୁ ଧନୀ ମନ୍ଦିର



୧. ତିରୁମାଲା ତିରୁପତି ଭେଙ୍କଟେଶ୍ୱର ମନ୍ଦିର.................. ଆନ୍ଧ୍ରପ୍ରଦେଶ
୨. ପଦ୍ମନାଭସ୍ୱାମୀ ମନ୍ଦିର....... କେରଳ
୩. ଗୁରୁଭାୟୁର ଦେଭାସ୍ୱୋମ୍... କେରଳ
୪. ବୈଷ୍ଣୋଦେବୀ ମନ୍ଦିର....... ଜମ୍ମୁ
୫. ଶିରିଡ଼ି ସାଇବାବା ମନ୍ଦିର ... ମହାରାଷ୍ଟ୍ର
୬. ସ୍ୱର୍ଣ୍ଣ ମନ୍ଦିର .............................. ଅମୃତସର
୭. ମୀନାକ୍ଷୀ ମନ୍ଦିର .............................. ମଦୁରାଇ
୮. ସିଦ୍ଧିବିନାୟକ ମନ୍ଦିର .............................. ମୁମ୍ବାଇ
୯. ସୋମନାଥ ମନ୍ଦିର.............................. ଗୁଜରାଟ
୧୦. ଶ୍ରୀଜଗନ୍ନାଥ ମନ୍ଦିର .............................. ଓଡ଼ିଶା

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ–ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଆଲର୍ଟ

# ଛାଡ଼ନ୍ତୁ ନିଶା

**ବର୍ତ୍ତମାନ ନିଶା ସେବନ ଯୋଗୁ ଯୁବାବସ୍ଥାରେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସହ ଅକାଳରେ କେତେକ ଜୀବନ ଚାଲିଯାଉଥିବା ଘଟଣା ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ଏଭଳି ବଦଭ୍ୟାସ ଥିଲେ ନିଜ ଜୀବନକୁ ସୁରକ୍ଷିତ ରଖିବା ଲାଗି ନୂଆବର୍ଷରେ ଏହାକୁ ଛାଡ଼ିବା ଲାଗି ସଂକଳ୍ପ ନେବା ଦରକାର। ଏଥିପାଇଁ କେତୋଟି ଉପାୟ କାମରେ ଆସିପାରେ...**

– ସର୍ବପ୍ରଥମେ କେଉଁ କାରଣ ଯେପରି କାମର ଚାପ, ଖାଇବା ପରେ ଅବା କିଛି ନିର୍ଦ୍ଦିଷ୍ଟ ସାଙ୍ଗସାଥୀଙ୍କ ମେଳରେ ରହିବା ବେଳେ ଆପଣ ଧୂମପାନ କିମ୍ବା ଆଲ୍‌କହଲ୍ ପିଉଛନ୍ତି, ତାହାକୁ ପରିବର୍ତ୍ତନ କରନ୍ତୁ। ପ୍ରଥମେ ପ୍ରଥମେ ଅଭ୍ୟାସ ଛାଡ଼ିବା କଷ୍ଟ ହୋଇଥାଏ, ହେଲେ ଅତ୍ୟଧିକ ଇଚ୍ଛା ହେବା ସମୟରେ ଏକ ଗ୍ଲାସ୍ ପାଣି ପିଅନ୍ତୁ ଏବଂ ଦୀର୍ଘ ନିଃଶ୍ୱାସ ନିଅନ୍ତୁ।

– ନିଶା ଅଭ୍ୟାସ ଛାଡ଼ିବା ବେଳେ ଶରୀରରୁ ନିକୋଟିନ୍ ଏବଂ ଅନ୍ୟ ଟକ୍ସିନ୍ ବାହାର କରିବା ନିହାତି ଜରୁରୀ। ଏଥିପାଇଁ ପ୍ରତିଦିନ ପ୍ରଚୁର ପରିମାଣରେ ପାଣି ପିଇବା ସହ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଯେପରିକି ଅଁଳା, କମଳା ଆଦି ଖାଇବା ଭଲ। ନିକୋଟିନ୍ କମିବା ଯୋଗୁ ହେଉଥିବା ବ୍ୟସ୍ତତା ଦୂର କରିବା ଲାଗି ପାନମଧୁରୀ ଏବଂ ଗୁଜୁରାତି ଚୋବାନ୍ତୁ। ସର୍ବୋପରି ସନ୍ତୁଳିତ ଖାଦ୍ୟ ଖାଇବା ଦ୍ୱାରା ଏହି ନିଶା ସେବନର କ୍ରେଭିଂ କମିଯିବ।

– ପ୍ରାରମ୍ଭିକ ଦିନଗୁଡ଼ିକରେ ମସ୍ତିଷ୍କରେ ଡୋପାମାଇନ୍ ହର୍‌ମୋନ କମିଯାଏ। ଫଳରେ ଚିଡ଼ିଚିଡ଼ା ଲାଗିବା, ଅବସାଦ ଭଳି ଲକ୍ଷଣ ଦେଖାଯାଏ। ତେଣୁ ଏ ସମୟରେ ପ୍ରତିଦିନ ଯୋଗ, ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଏଣ୍ଡୋର୍ଫିନ୍ ନାମକ ହାପି ହର୍‌ମୋନ୍ କ୍ଷରଣ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଚିଡ଼ିଚିଡ଼ା ଲାଗିବା ଭଳି ଲକ୍ଷଣ ଦୂର କରିଥାଏ। ନିଶା ସେବନ ଯୋଗୁ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ଆଦି ଅଧିକ ପ୍ରଭାବିତ ହୋଇଥାଏ। ତେଣୁ ନିଶା ଛାଡ଼ିବା ପରେ ପ୍ରତିଦିନ ୩୦ ମିନିଟ୍ ଚାଲିବା ଅଭ୍ୟାସ କଲେ ଏସବୁ ମଜଭୁତ ହୋଇଥାଏ।

– ଏହିସବୁ ଉପାୟ ଆପଣାଇବା ପରେ ବି ଯଦି ଆଡିକ୍ସନ ଛାଡ଼ିବାରେ ଅସୁବିଧା ହେଉଛି, ତେବେ ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କୁ ନିଜ ନିଶା ଛାଡ଼ିବା ନିଷ୍ପତ୍ତି ବିଷୟରେ ଜଣାନ୍ତୁ, ସେମାନେ ଏଥିପାଇଁ ପ୍ରୋତ୍ସାହିତ କରିବେ। ଆବଶ୍ୟକ ସ୍ଥଳେ କାଉନ୍‌ସିଲରଙ୍କ ସହାୟତା ନିଅନ୍ତୁ କିମ୍ବା ଡାକ୍ତରଙ୍କ ପରାମର୍ଶକ୍ରମେ ନିକୋଟିନ୍ ରିପ୍ଲେସ୍‌ମେଣ୍ଟ ଥେରାପି ନିଅନ୍ତୁ।



## ଜାଣନ୍ତୁ ଦୁନିଆ


# ଟନେଲ୍ ଅଫ୍ ଲଭ୍

**ପୃଥିବୀରେ ଏମିତି ଅନେକ ସୁନ୍ଦର ସୁନ୍ଦର ସ୍ଥାନ ରହିଛି, ଯେଉଁଠାକୁ ବୁଲି ଯିବାକୁ ଅନେକଙ୍କର ଇଚ୍ଛା ଥାଏ। ସେହିଭଳି ଏକ ସୁନ୍ଦର ସ୍ଥାନ ହେଉଛି ଟନେଲ୍ ଅଫ୍ ଲଭ୍। ଗଛ ଦ୍ୱାରା ଆଚ୍ଛାଦିତ ଏହି ସୁନ୍ଦର ରେଲ୍‌ୱେ ଟ୍ରାକ୍ ଏତେ ସୁନ୍ଦର ଯେ, ଯାହାକୁ ଦେଖିବା ଲାଗି ପର୍ଯ୍ୟଟକ ବିଶେଷକରି ଲଭର୍ସ ଏବଂ କପଲ୍‌ମାନଙ୍କ ଭିଡ଼ ଲାଗିଥାଏ। ଜାଣନ୍ତୁ ଏହା ସମ୍ପର୍କରେ...**

– ୟୁକ୍ରେନ୍‌ର କ୍ଲେଭାନ୍ ସହରଠୁ ମାତ୍ର ୭କିମି. ଦୂରରେ ରହିଛି ୩ କିମି. ଲମ୍ବର ଏକ ପ୍ରାଇଭେଟ୍ ରେଲ୍‌ୱେ ଟ୍ରାକ୍। ଏହା ଗଛଗୁଡ଼ିକ ଦ୍ୱାରା ଏଭଳି ଆଚ୍ଛାଦିତ ହୋଇ ରହିଛି ଯେ, ଯାହାକୁ ଦେଖିଲେ ଏକ ଟନେଲ୍‌ର ଭ୍ରମ ସୃଷ୍ଟି ହୁଏ ; ଯେଉଁଥିପାଇଁ ଏହାର ଏପରି ନାମକରଣ କରାଯାଇଛି।

– ବାସ୍ତବରେ ଏହି ପ୍ରାଇଭେଟ୍ ରେଲ୍‌ୱେ ଟ୍ରାକ୍‌କୁ ଏକ ପ୍ଲାଏଉଡ୍ କମ୍ପାନୀକୁ କାଠ ପଠାଇବା ଲାଗି ବ୍ୟବହାର କରାଯାଏ। ଦିନରେ ତିନିଥର ଏଠାରେ ଟ୍ରେନ୍ ଯାତାୟାତ କରୁଥିବା ବେଳେ ଅନ୍ୟ ସମୟରେ ଏହା ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିଥାଏ।

– ଏହି ଟନେଲ୍ ପ୍ରେମୀଯୁଗଳ, ନବବିବାହିତ ଯୋଡ଼ିଙ୍କ ବୁଲିବା ଏବଂ ଫଟୋଶୁଟ୍ କରିବା ଲାଗି ବେଶ୍ ଲୋକପ୍ରିୟ। କେବଳ ଏତିକି ନୁହେଁ, ଏହା ଭିତରେ ହାତ ଧରି ଚାଲିବା ବେଳେ କପଲ୍ ଯେଉଁ ୱିଶ୍ କରିଥାନ୍ତି, ତାହା ପୂର୍ଣ୍ଣ ହୋଇଥାଏ ଏବଂ ଉଭୟଙ୍କ ମଧ୍ୟରେ ଭଲପାଇବା ବଢ଼ିଥାଏ ଓ ସମ୍ପର୍କ ସୁଦୃଢ଼ ହୋଇଥାଏ ବୋଲି ବିଶ୍ୱାସ କରାଯାଉଥିବାରୁ ପ୍ରତିଦିନ ଏଠାକୁ ବହୁ ସଂଖ୍ୟାରେ କପଲ୍ ଆସିଥାନ୍ତି।



– ଏହି ଟନେଲ୍ ବର୍ଷରେ ତିନି ଥର ରଙ୍ଗ ବଦଳାଇଥାଏ। ଅର୍ଥାତ୍ ବସନ୍ତ ଋତୁରେ ଏଠାରେ ସବୁଗଛରେ ପତ୍ର କଅଁଳିଥିବାରୁ ଏହାର ରଙ୍ଗ ସମ୍ପୂର୍ଣ୍ଣ ଗ୍ରୀନ୍ ଦେଖାଯାଇଥାଏ। ଗରମ ଦିନ ଆସିଲେ ପତ୍ର ଶୁଖିବା ସହ ଟନେଲ୍‌ର ରଙ୍ଗ ହାଲୁକା ବ୍ରାଉନ୍ ଦେଖାଯାଉଥିବା ବେଳେ ଶୀତଋତୁରେ ବରଫ ଯୋଗୁ ଏହାର ରଙ୍ଗ ଧଳା ଦେଖାଯାଇଥାଏ। ତେଣୁ ବିଭିନ୍ନ ଋତୁରେ ଏଠାରେ ଅଲଗା ଅଲଗା ବ୍ୟାକ୍‌ଗ୍ରାଉଣ୍ଡରେ ଉଠାଯାଉଥିବା ଫଟୋଗ୍ରାଫ୍ ଦେଖିବାକୁ ବେଶ୍ ଆଟ୍ରାକ୍ଟିଭ୍।



ଧରିତ୍ରୀ DHARITRI 52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ଜାନୁଆରୀ ୪/୨୦୨୬ Bhubaneswar, Sunday, January 4/ 2026




# ସ୍ୱସ୍ତିକଙ୍କ ଶତକ ସତ୍ତ୍ୱେ ଓଡ଼ିଶା ପରାସ୍ତ

**ଅଲୁର, ୩।୧**

ଚଳିତ ବିଜୟ ହଜାରେ ଟ୍ରଫି ଦିନିକିଆ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ସ୍ୱସ୍ତିକ ସାମଲଙ୍କ ଶତକ ସତ୍ତ୍ୱେ ଓଡ଼ିଶା ୪ ଉଇକେଟରେ ହରିୟାଣାଠାରୁ ପରାସ୍ତ ହୋଇଛି। ଚଳିତ ଟୁର୍ନାମେଣ୍ଟରେ ଏହା ଓଡ଼ିଶା ଦଳର ଦ୍ୱିତୀୟ ପରାଜୟ। ଦଳ ଏବେ ୫ ମ୍ୟାଚ୍‌ରୁ ୩ ବିଜୟ ଓ ୨ ପରାଜୟ ଏବଂ ୧୨ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ଦଳକୁ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିବାକୁ ହେଲେ ଗ୍ରୁପ୍‌ର ଟପ୍-୨ ମଧ୍ୟରେ ରହିବାକୁ ପଡ଼ିବ। ଓଡ଼ିଶା ୬ ତାରିଖରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁଜରାଟକୁ ଭେଟିବ। ମ୍ୟାଚ୍‌ରେ ୩ ଉଇକେଟ ନେବା ସହ ଅପରାଜିତ ୧୫୭ ରନର ପାଳି ଖେଳିଥିବା ପାର୍ଥ ଭାଟ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶାକୁ ସ୍ୱସ୍ତିକ ସାମଲ ଓ ଓମ୍ ଟି ମୁଣ୍ଡେ ୭୫ ରନର ଭଲ ଆରମ୍ଭ ପ୍ରଦାନ କରିଥିଲେ। ଏହାପରେ ଦଳ କ୍ରମାଗତ ଓଭରରେ ଓମ୍ (୨୦) ଓ ଆଶୀର୍ବାଦ ସ୍ୱାଇଁ(୦)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ ସ୍ୱସ୍ତିକଙ୍କ ସହ ଗୋବିନ୍ଦ ପୋଦ୍ଦାର ଦାୟିତ୍ୱ ସମ୍ଭାଳିଥିଲେ। ଦୁହେଁ ତୃତୀୟ ଉଇକେଟରେ ୧୦୬ ରନ



ସ୍ୱସ୍ତିକ ସାମଲ

ଯୋଡ଼ିଥିଲେ। ସ୍ୱସ୍ତିକ ଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୦୨ ବଲରେ ୧୦ ଚୌକା ଓ ୩ ଛକା ସହିତ ୧୦୧ ରନ କରିଥିଲେ। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଲିଷ୍ଟ-ଏ' ଶତକ ଥିଲା। ଅଧିନାୟକ ବିପ୍ଲବ ସାମନ୍ତରାୟଙ୍କ ସହ ମିଶି ଦଳୀୟ ସ୍କୋରକୁ ୨୧୯ ରନରେ ପହଞ୍ଚାଇବା ପରେ ପୋଦ୍ଦାର ପାଭିଲିଅନ ଫେରିଥିଲେ। ସେ ୮୨ ବଲରେ ୮ ଚୌକା ଓ ୧ ଛକା ସହ ୭୭ ରନ କରିଥିଲେ। ପ୍ରୟାସ ସିଂ (୫) ଓ ସୌମ୍ୟ ରଞ୍ଜନ ଲେଙ୍କା (୦) କ୍ରମାଗତ ବଲରେ ଆଉଟ୍ ହୋଇଥିଲେ। ଏହାପରେ

**ବିଜୟ ହଜାରେ ଟ୍ରଫି**

ଅଧିନାୟକ ବିପ୍ଲବ ଏକାକୀ ଦଳୀୟ ସ୍କୋରକୁ ୨୮୦ ଅତିକ୍ରମ କରାଇଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ବିପ୍ଲବ ୩୯ ବଲରେ ୨ ଲେଖାଏ ଚୌକା ଓ ଛକା ସହିତ ୪୭ ରନ କରି ୪୮ତମ ଓଭରରେ ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ଦେବବ୍ରତ ପ୍ରଧାନ (୧୫), ସମ୍ବିତ ବରାଳ (୧୨) ଓ ରାଜେଶ ମହାନ୍ତି (୯) ଦଳୀୟ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ଫଳରେ ଓଡ଼ିଶା ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୩୦୫ ରନ କରିଥିଲା। ହରିୟାଣା ପାଇଁ ଅନୁଜ ଠକରାଲ ଓ ପାର୍ଥ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ହରିୟାଣା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୦.୧ ଓଭରରେ ୧୩୩ ରନ ମଧ୍ୟରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ପାର୍ଥ ଓ ଅନୁଜ ଠକରାଲ ଆଟାକିଂ ବ୍ୟାଟିଂ କରି ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ। ଦୁହେଁ ଅବିଭାଜିତ ସପ୍ତମ ଉଇକେଟରେ ୧୧୧ ବଲରେ ୧୭୬ ରନ ଯୋଡ଼ି ଦଳକୁ ଜିତାଇଥିଲେ। ପାର୍ଥ ୧୩୬ ବଲରେ ୧୫୭ (୧୩ ଚୌକା ଓ ୫ ଛକା) ଓ ଅନୁଜ ୪୮ ବଲରେ ୫୯ (୩ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ହରିୟାଣା ୪୮.୪ ଓଭରରେ ୬ ଉଇକେଟ ହରାଇ ୩୦୯ ରନ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୫୦ ଓଭରରେ ୩୦୫/୯(ସ୍ୱସ୍ତିକ ସାମଲ-୧୦୧, ଗୋବିନ୍ଦ ପୋଦ୍ଦାର-୭୭, ବିପ୍ଲବ ସାମନ୍ତରାୟ-୪୭, ପାର୍ଥ ଭାଟ୍ସ-୩/୬୦, ଅନୁଜ ଠକରାଲ-୩/୬୮)। ହରିୟାଣା: ୪୮.୪ ଓଭରରେ ୩୦୯/୬ (ପାର୍ଥ ଭାଟ୍ସ-୧୫୭*, ଅନୁଜ ଠକରାଲ-୫୯*, ବିପ୍ଲବ ସାମନ୍ତରାୟ-୨/୪୮, ଦେବବ୍ରତ ପ୍ରଧାନ-୨/୫୬, ସୌମ୍ୟ ରଞ୍ଜନ ଲେଙ୍କା-୧/୨୩)।



**ଅଗରତାଳା:** ତ୍ରିପୁରାର ଅଗରତାଲାଠାରେ ଚାଲିଥିବା ୬୯ତମ ଜାତୀୟ ସ୍କୁଲ କ୍ରୀଡ଼ା (୧୭ ବର୍ଷରୁ କମ୍ ବାଳକ)ରେ ଉତ୍ତର ପ୍ରଦେଶର ଜଣେ ପ୍ରତିଯୋଗୀ ଯୋଗାସନ ପ୍ରଦର୍ଶନ କରୁଛନ୍ତି।

# ମୁହଁ ଖୋଲିଲା ବିସିସିଆଇ

**ନୂଆଦିଲ୍ଲୀ,୩।୧:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିଷ୍ପତ୍ତି କ୍ରମେ ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜର ରହମାନଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ସିଜନରୁ ରିଲିଜ୍ କରାଯାଇଛି। ତେବେ ଏହି ନିଷ୍ପତ୍ତି କେବଳ ଆଇପିଏଲ୍ ଉପରେ କାର୍ଯ୍ୟକାରୀ ହେବ। ଆସନ୍ତା ଫେବୃଆରୀରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ବାଂଲାଦେଶ ଦଳ ତା'ର ମ୍ୟାଚ୍ ଭାରତରେ ଖେଳିବ କି ନାହିଁ, ତାହା ଉପରେ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନ ଥିବା ବିସିସିଆଇ ମୁଖ୍ୟ ମିଥୁନ ମନହାସ କହିଛନ୍ତି।

ଏହି ନିଷ୍ପତ୍ତି ନିଆଯିବା ପୂର୍ବରୁ ଖୁବ ବିଚାର ବିମର୍ଶ କରାଯାଇଥିଲା। ଏ ସମ୍ପର୍କରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଗଣମାଧ୍ୟମକୁ ଜଣାଇଥିଲେ। ଏହି ନିଷ୍ପତ୍ତି କେବଳ ଆଇପିଏଲ ଲାଗି। ଆମେ ବିଶ୍ୱକପ୍ ସମ୍ପର୍କରେ ଏପର୍ଯ୍ୟନ୍ତ ଆଲୋଚନା କରି ନାହୁଁ। ଆଲୋଚନା ଶେଷ ହେବା ପରେ ଆମ ସବିଶେଷ ତଥ୍ୟ ପ୍ରଦାନ କରିବୁ ବୋଲି ମନହାସ କହିଛନ୍ତି। ବାଂଲାଦେଶରେ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କୁ ଆକ୍ରମଣ କରାଯାଉଥିବାରୁ ଆଇପିଏଲ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦଳରେ ବାଂଲାଦେଶୀ ଖେଳାଳିଙ୍କ ଉପସ୍ଥିତିକୁ ନେଇ ଗତ କିଛି ଦିନ ହେଲା ବିବାଦ ମୁଣ୍ଡ ଟେକି ଥିଲା। ଏଥିଲାଗି ଅନେକ ରାଜନେତା ଓ ଆଧ୍ୟାତ୍ମିକ ଗୁରୁ କେକେଆର ଓ ଏହାର ମାଲିକ ଶାହରୁଖ ଖାନଙ୍କୁ ଦାୟୀ କରାଯାଇଥିଲା।

# ମୁସ୍ତାଫିଜୁରଙ୍କୁ ବିଦାକଲା କେକେଆର

**ଗୁଆହାଟୀ, ୩।୧ (ପି.ଟି.)**

**ଭାରତ-ବାଂଲାଦେଶ ଉତ୍ତେଜନା**

ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ କ୍ରମେ ତିକ୍ତତା ବୃଦ୍ଧି ପାଉଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନିର୍ଦ୍ଦେଶକ୍ରମେ କୋଲକାତା ନାଇଟ ରାଇଡର୍ସ (କେକେଆର)ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୦୨୬ ସଂସ୍କରଣ ପୂର୍ବରୁ ବାଂଲାଦେଶ ପେସର ମୁସ୍ତାଫିଜୁର ରହମନଙ୍କୁ ଦଳରୁ ରିଲିଜ କରିଛି।

କେକେଆର୍ ଏହି ୩୦ ବର୍ଷୀୟ ବାମହାତୀ ବୋଲରଙ୍କୁ ୯.୨୦କୋଟି ଟଙ୍କାରେ କ୍ରୟ କରିଛି, ଯାହାଙ୍କ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ଥିଲା। ଗତମାସରେ ଖେଳାଳି ନିଲାମି ବେଳେ ମୁସ୍ତାଫିଜୁରଙ୍କୁ ନେବା ଲାଗି ଚେନ୍ନାଇ ସୁପର କିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଜୋରଦାର ପ୍ରତିଯୋଗିତା ହୋଇଥିଲା। ଆବଶ୍ୟକ ପଡ଼ିଲେ ଏହି ବାଂଲାଦେଶୀ ଖେଳାଳିଙ୍କ ବଦଳରେ ଅନ୍ୟ ଜଣେ ଖେଳାଳିଙ୍କୁ ନେବା ଲାଗି କେକେଆରକୁ ଅନୁମତି ମିଳିବ ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି।



ଚଳିତବର୍ଷର ଆଇପିଏଲ ମାର୍ଚ୍ଚ ୨୬ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ନିକଟରେ ବାଂଲାଦେଶରେ ଜଣେ ହିନ୍ଦୁଙ୍କୁ ହତ୍ୟା କରାଯିବା ପରେ ସେ ଦେଶରେ ବାସ କରୁଥିବା ସଂଖ୍ୟାଲଘୁଙ୍କ ସୁରକ୍ଷା ନେଇ ଭାରତ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଏହି ପ୍ରସଙ୍ଗରେ କେକେଆର ସହମାଲିକ ତଥା ବଲିଉଡ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ସମାଲୋଚନା କରାଯାଇଛି। ବର୍ତ୍ତମାନର ପରିସ୍ଥିତିରେ ଭାଜପାର କେତେଜଣ ନେତା ଏହି ବୋଲରଙ୍କୁ ଦଳରେ ସାମିଲ କରାଯିବାକୁ ନେଇ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି। ରହମନ ୨୦୧୬ରୁ ଆଇପିଏଲର ୮ଟି ସଂସ୍କରଣରେ ଭାଗ ନେଇଛନ୍ତି। ସେ ମାତ୍ର ୨୦୧୯ ଓ ୨୦୨୦ ଟୁର୍ନାମେଣ୍ଟ ଖେଳିନାହାନ୍ତି। ମୁସ୍ତାଫିଜୁର ଆଇପିଏଲ୍‌ରେ ହାଇଦ୍ରାବାଦ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ଦଳ ତରଫରୁ ଖେଳି ସାରିଛନ୍ତି। ଆଗାମୀ ସଂସ୍କରଣରେ ସେ ୩ଥର ଆଇପିଏଲ ଚାମ୍ପିୟନ କେକେଆର୍ ତରଫରୁ ଖେଳିଥାନ୍ତେ। କେକେଆରର ଏହି ପଦକ୍ଷେପକୁ ନେଇ ମୁସ୍ତାଫିଜୁର କିମ୍ବା ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)ତରଫରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ସୂଚନାଯୋଗ୍ୟ, ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ତିକ୍ତ ସମ୍ପର୍କକୁ ନେଇ ଗତବର୍ଷ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ହ୍ୱାଇଟ ବଲ୍ ସିରିଜକୁ ବାତିଲ କରାଯାଇଥିଲା। ବାଂଲାଦେଶ କ୍ରିକେଟ ବୋର୍ଡ ପକ୍ଷରୁ ଶୁକ୍ରବାର ଏକ ପ୍ରେସ୍ ଇସ୍ତାହାରରେ ଚଳିତବର୍ଷ ସେପ୍ଟେମ୍ବରରେ ଭାରତ ବିପକ୍ଷରେ ଏକ ଘରୋଇ ସିରିଜ ଖେଳାଯିବ ବୋଲି ଘୋଷଣା କରିଥିଲା। ମାତ୍ର ଏନେଇ ବିସିସିଆଇ ପକ୍ଷରୁ କୌଣସି ନିର୍ଭର ପ୍ରତିଶ୍ରୁତି ଦିଆଯାଇ ନ ଥିଲା।

# ହାର୍ଦ୍ଦିକଙ୍କ ବିସ୍ଫୋରକ ଶତକ

**ରାଜକୋଟ,୩।୧(ପି.ଟି.):** ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶନିବାର ବିଦର୍ଭ ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ବରୋଦା ପାଇଁ ୯୩ ବଲରେ ବିସ୍ଫୋରକ ୧୩୩ ରନର ଶତକୀୟ ପାଳି ଖେଳିଛନ୍ତି। ତାଙ୍କ ଇନିଂସରେ ୧୧ ଛକା ଓ ୮ ଚୌକା ସାମିଲ ଥିଲା। ବରୋଦା ୭୧ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିବା ବେଳେ ନଂ-୭ରେ ହାର୍ଦ୍ଦିକ ବ୍ୟାଟିଂ କରିବାକୁ ଓହ୍ଲାଇଥିଲେ। ଆରମ୍ଭରୁ ଧୈର୍ଯ୍ୟର ସହ ଖେଳିଥିବା ହାର୍ଦ୍ଦିକ ୩୯ତମ ଓଭରରେ ବିଦର୍ଭର ବାମହାତୀ ସ୍ପିନର ପାର୍ଥ ରେଖଡେଙ୍କୁ ଲଗାତର ୫ ଛକା ଓ ୧ ଚୌକା ମାରି ୬୮ ବଲରେ ଶତକ ପୂରଣ କରିଥିଲେ। ତାଙ୍କ ପାଳି ଯୋଗୁ ବରୋଦା ୫୦ ଓଭରରେ ୯ ଉଇକେଟ ହରାଇ ୨୯୩ ରନ କରିଥିଲା। ଜବାବରେ ଅମନ ମୋଖଡେଙ୍କ ଅପରାଜିତ ୧୫୦ ରନର ପାଳି ବଳରେ ବିଦର୍ଭ ୪୧.୧ ଓଭରରେ ୧ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା।

# ମହିଳା ହକି ଇଣ୍ଡିଆ ଲିଗ୍: ଏସ୍‌ଜି ପାଇପର୍ସ ବିଜୟୀ

**ରାଞ୍ଚି,୩।୧(ପି.ଟି.)**

ଚଳିତ ମହିଳା ହକି ଇଣ୍ଡିଆ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ଜବରଦସ୍ତ ପ୍ରଦର୍ଶନ ବଳରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବକୁ ୩-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ପାଇପର୍ସ ପୂର୍ବ ଭଳି ଟପ୍‌ରେ ରହିଛି। ବିଜୟୀ ଦଳ ପାଇଁ ଲୋଲା ରିଏରା (୧୩ତମ), ଜ୍ୟୋତି ସିଂ (୧୮ତମ) ଓ ସୁନେଲିତା ଟପ୍ପୋ



ମରଙ୍ଗ ଗୋମ୍‌କେ ଜୟପାଲ ସିଂ ଆଷ୍ଟ୍ରୋ ଟର୍ଫ ହକି ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଜେଏସ୍‌ଡବ୍ଲ୍ୟୁ ସୁର୍‌ମା ହକି କ୍ଲବ (ଧଳା) ଓ ଏସ୍‌ଜି ପାଇପର୍ସ ମ୍ୟାଚରେ ବଲ୍ ପାଇଁ ସଂଘର୍ଷ କରୁଛନ୍ତି ଦୁଇ ଖେଳାଳି ।

(୫୮ତମ) ଗୋଲ କରିଥିବା ବେଳେ ସୁରାମ ଲାଗି ପେନି ସ୍କୁଇବ (୧୨ତମ) ଏକମାତ୍ର ଗୋଲ ଦେଇଥିଲେ।

ସୁରମା ଦଳକୁ ୧୨ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣର (ପିସି)କୁ ପେନି ସ୍କୁଇବ ଗୋଲରେ କନଭର୍ଟ କରିଥିଲେ। ଜବାବରେ ଏସ୍‌ଜି ପାଇପର୍ସ ଦଳ ତୁରନ୍ତ କାଉଣ୍ଟର ଆଟାକ କରି ଲଗାତର ପିସି ଅର୍ଜନ କରିଥିଲା। ୧୩ତମ ମିନିଟ୍‌ରେ ମିଳିଥିବା ୫ମ ପିସିକୁ ଲୋଲା ରିଏରା ଗୋଲରେ କନଭର୍ଟ କରି ସ୍କୋର ଲାଇନକୁ ବରାବର କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟ୍‌ରେ ଜ୍ୟୋତି ସିଂ ଫିଲ୍ଡ ଗୋଲ ବଳରେ ପାଇପର୍ସ ଦଳକୁ ୨-୧ ଗୋଲରେ ଆଗୁଆ କରାଇଥିଲେ। ତୃତୀୟ କ୍ୱାର୍ଟରରେ ପାଇପର୍ସ ଦଳର ଖେଳାଳିମାନେ ସୁଯୋଗ ସୃଷ୍ଟି କରିଥିଲେ। ହେଲେ କେହି ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ମ୍ୟାଚ୍ ଶେଷ ହେବାକୁ ୧୦ ମିନିଟ୍ ଥିବା ବେଳେ ସୁରମା ଗୋଲ କିପରଙ୍କ ବଦଳରେ ଅତିରିକ୍ତ ଖେଳାଳିଙ୍କୁ ପଡ଼ିଆକୁ ଓହ୍ଲାଇଥିଲା। କିନ୍ତୁ ଏହି ନିଷ୍ପତ୍ତି ଦଳ ପାଇଁ ବୁମରାଙ୍ଗ ସାବ୍ୟସ୍ତ ହୋଇଥିଲା। ୫୮ତମ ମିନିଟ୍‌ରେ ଗୋଲ କିପର ନ ଥିବା ବେଳେ ସୁନେଲିତା ଟପ୍ପୋ ଗୋଲ ସ୍କୋର କରିଥିଲେ।

# ଦଳକୁ ଫେରିଲେ ସିରାଜ, ଶ୍ରେୟସ

**ନୂଆଦିଲ୍ଲୀ,୩।୧(ପି.ଟି.)**

ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ସିନିୟର ଫାଷ୍ଟ ବୋଲର ମହମ୍ମଦ ସିରାଜ ଓ ବ୍ୟାଟର ଶ୍ରେୟସ ଆୟାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ଶ୍ରେୟସ ଖେଳିବେ କି ନାହିଁ, ତାହା ଫିଟ୍‌ନେସ କ୍ଲିଅରାନ୍ସ ଉପରେ ନିର୍ଭର କରେ। ଗତ ବର୍ଷ ନଭେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ରେ ପଞ୍ଜାରେ ଆଘାତ ଲାଗିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏଥିଯୋଗୁ ତାଙ୍କୁ ତାଙ୍କ ଫିଟନେସର ପ୍ରମାଣ ଦେବାକୁ ପଡ଼ିବ। ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ଠାରୁ ଫିଟନେସ କ୍ଲିଅରାନ୍ସ ପାଇବା ପାଇଁ ଆସନ୍ତା ୬ ତାରିଖରେ ବିଜୟ ହଜାରେ ଟ୍ରଫିର ଏକ ମ୍ୟାଚ୍ ଖେଳିବେ। ସେ ଉପ ଅଧିନାୟକ ଭାବେ ଦଳକୁ ଫେରିଛନ୍ତି।

ସିରାଜ ଦଳକୁ ଫେରିଥିବା ବେଳେ ତାଙ୍କ ନୂଆ ବଲ ପାର୍ଟନର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି। ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସମ୍ପୂର୍ଣ୍ଣ ୧୦ ଓଭର ବୋଲିଂ କରିବା



୧୫ ଜଣିଆ ଦଳରେ ସ୍ଥାନ ପାଇଥିବା ଭାରତୀୟ ଖେଳାଳି।

ପାଇଁ ସିଓଇଠାରୁ କ୍ଲିନରାନ୍ସ ମିଳିନାହିଁ। ଏଣୁ ତାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସିରିଜ୍‌ର ପ୍ରଥମ ମ୍ୟାଚ୍ ୧୧ ତାରିଖରେ ବରୋଦାରେ ଖେଳାଯିବାକୁ ଥିବା ବେଳେ ପରବର୍ତ୍ତୀ ଦୁଇ ମ୍ୟାଚ୍ ରାଜକୋଟ ଓ ଇନ୍ଦୋରରେ ଯଥାକ୍ରମେ ୧୪ ଓ ୧୮ ତାରିଖରେ ଖେଳାଯିବ।

ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଶତକ ହାସଲ କରିବା ସତ୍ତ୍ୱେ ଋତୁରାଜ ଗାଏକ୍ୱାଡଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଶୁବମନ ଗିଲ ଓ ଶ୍ରେୟସଙ୍କ ଅନୁପସ୍ଥିତି ଯୋଗୁ ତାଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା। ଋତୁରାଜ ରାଇପୁରଠାରେ ନଂ-୪ ପୋଜିଶନରେ ୮୩ ବଲରେ ୧୦୫ ରନର ଇନିଂସ ଖେଳିଥିଲେ। ଦଳରେ ଲୋକେଶ ରାହୁଲଙ୍କ ସହ ଦ୍ୱିତୀୟ ଉଇକେଟକିପର ବ୍ୟାଟର ଭାବେ ରିଷଭ ପନ୍ତଙ୍କୁ ରଖାଯାଇଛି। ସିନିୟର ଖେଳାଳି ଫିଟ୍ ହୋଇ ଦଳକୁ ଫେରିଥିବାରୁ ଗତ ସିରିଜ୍ ଖେଳିଥିବା ତିଲକ ବର୍ମା ଓ ଧ୍ରୁବ ଜୁରେଲଙ୍କୁ ବାଦ୍ ଦିଆଯାଇଛି। ସିରାଜଙ୍କ ସହିତ ହର୍ଷିତ ରାଣା, ଅର୍ଶଦୀପ ସିଂ ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ପେସ ବୋଲିଂ

**ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍**

ବିଭାଗ ସମ୍ଭାଳିବେ। ଭାରତର ଦୁଇ ସୁପରଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲି ଦଳରେ ସ୍ଥାନ ବଜାୟ ରଖିଛନ୍ତି।

**ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ, ରିଷଭ ପନ୍ତ (ଉଇକେଟକିପର), ଶ୍ରେୟସ ଆୟାର (ଉପ ଅଧିନାୟକ), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂ, ଯଶସ୍ୱୀ ଜୟସ୍ୱାଲ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ